

‘ଖଳନାୟକ ରିଟର୍ଣ୍ଣସ୍’ରେ ସଲମାନ୍

▸ପୃଷ୍ଠା ୧୧ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-129 ♦TUESDAY ♦3 NOVEMBER 2026 ♦PAGE-12 ♦₹ 7.00

JEYPORE

♦ବର୍ଷ-୪୪ ♦ସଂଖ୍ୟା-୧୨୯ ♦ମଙ୍ଗଳବାର ♦୩ ନଭେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

କମିଲା ଟ୍ରମ୍ପଙ୍କ ଲୋକପ୍ରିୟତା

୭ ରାଜ୍ୟରୁ ୬ଟିରେ ଡେମୋକ୍ରାଟ୍ ପ୍ରାର୍ଥୀ ଆଗରେ

■ ୱାଶିଂଟନ୍, ୨।୧୧(ଏଜେନ୍ସି): ଆମେରିକାରେ ନଭେମ୍ବର ୩ ତାରିଖରେ ହେବାକୁ ଥିବା ମଧ୍ୟବର୍ତ୍ତୀ ନିର୍ବାଚନ ପୂର୍ବରୁ ରିପବ୍ଲିକାନ୍ ପାର୍ଟି ପାଇଁ ଚିନ୍ତା ବଢ଼ିଛି୫ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଲୋକପ୍ରିୟତା ହ୍ରାସ ଏବଂ ମହଙ୍ଗା ଦରଦାମକୁ ନେଇ ଭୋଟରଙ୍କ ଅସନ୍ତୋଷ ଦଳର ସମର୍ଥନକୁ ପ୍ରଭାବିତ କରୁଥିବା ଏକ ସର୍ଭେରୁ ଜଣାପଡ଼ିଛି। ନ୍ୟୁୟର୍କ ଟାଇମ୍ସ ଓ ସିଏନଏନ୍ ପକ୍ଷରୁ ହୋଇଥିବା ଏହି ସର୍ଭେରେ ରିପବ୍ଲିକାନ୍‌ଙ୍କ ପ୍ରଭାବ ଥିବା ୭ଟି ଗୁରୁତ୍ୱପୂର୍ଣ୍ଣ ରାଜ୍ୟରୁ ୬ଟିରେ ଡେମୋକ୍ରାଟ୍ ପ୍ରାର୍ଥୀ ଆଗୁଆ ଅଛନ୍ତି।



ସର୍ଭେରେ ଆଲାସ୍କା, ଆଇୱା, କାନ୍‌ସାସ୍, ମେନ୍, ମିଚିଗାନ୍, ଓହାଇଓ ଓ ଟେକ୍ସାସ୍‌ର ଭୋଟରଙ୍କ ମତ ନିଆଯାଇଥିଲା। ମିଚିଗାନ୍‌ରେ ଡେମୋକ୍ରାଟ୍ ପ୍ରାର୍ଥୀ ଅବଦୁଲ୍ ଏଲ୍-ସାୟଦ୍‌ଙ୍କୁ ୫୩ ପ୍ରତିଶତ ଓ ରିପବ୍ଲିକାନ୍ ପ୍ରାର୍ଥୀ ମାଇକ୍ ରୋଜର୍ସଙ୍କୁ ୪୨ ପ୍ରତିଶତ ସମର୍ଥନ ମିଳିଛି। ମେନ୍‌ରେ ଟ୍ରୟ ଜ୍ୟାକ୍‌ସନ୍ ୫୧ ପ୍ରତିଶତ ଓ ସୁଜାନ୍ କଲିନ୍ସ ୪୫ ପ୍ରତିଶତ ସମର୍ଥନ ପାଇଛନ୍ତି। ଟେକ୍ସାସ୍‌ରେ ଜେମ୍ସ ତାଲାରିକୋ ୫୦ ପ୍ରତିଶତ ଓ କେନ୍ ପାକ୍ସଟନ୍ ୪୩ ପ୍ରତିଶତ ସମର୍ଥନ ପାଇଥିବା ବେଳେ କାନ୍‌ସାସ୍‌ରେ ଆଡାମ୍ ହାମିଲଟନ୍ ୪୯ ଓ ରୋଜର୍ ମାର୍ଶାଲ୍ ୪୪ ପ୍ରତିଶତ ସମର୍ଥନ ପାଇଛନ୍ତି। ଓହାଇଓରେ ଶେରଡ୍ ବ୍ରାଉନ୍ ୪୯ ଓ ଜନ୍ ହଷ୍ଟେଡ୍ ୪୪ ପ୍ରତିଶତ ଏବଂ ଆଲାସ୍କାରେ ମେରି ପେଲଟୋଲା ୪୮ ଓ ଡାନ୍ ସୁଲିଭାନ୍ ୪୬ ପ୍ରତିଶତ ସମର୍ଥନ ▸ପୃଷ୍ଠା-୭

ଦିଲ୍ଲୀରେ ପ୍ରଦୂଷଣ ସ୍ଥିତି ସଙ୍ଗୀନ

ସଡ଼କ ଉପରକୁ ଆସିବନି ଛଅ ବର୍ଷର ପୁରୁଣା ଗାଡ଼ି

■ ନୂଆଦିଲ୍ଲୀ, ୨।୧୧ (ଏଜେନ୍ସି): ଦିଲ୍ଲୀରେ ବାୟୁ ପ୍ରଦୂଷଣ ସ୍ଥିତି ସଙ୍ଗିନ ହେବାକୁ ଲାଗିଛି। ଏର ମୁକାବିଲା ଲାଗି ଗତକାଲିଠାରୁ ଶୀତକାଳୀନ କଟକଣା ଲାଗୁ ହୋଇଛି। ୬ ବର୍ଷର ପୁରୁଣା ଗାଡ଼ିକୁ ଦିଲ୍ଲୀ ଭିତରକୁ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି। ପ୍ରଥମ ଦିନରେ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନା ଓ ପରିବେଶ କ୍ଷତିପୂରଣ ବାବଦରେ ମୋଟ ୬୮.୪ ଲକ୍ଷ ଟଙ୍କା ଆଦାୟ କରାଯାଇଛି।

ଦିଲ୍ଲୀ ସରକାରଙ୍କ କଟକଣା ଅନୁଯାୟୀ, ଦିଲ୍ଲୀ ବାହାରୁ ଆସୁଥିବା ବିଏସ୍-୬ ମାନକଠାରୁ କମ୍ ଯୋଗ୍ୟତା ଥିବା ଯାନବାହନର ପ୍ରବେଶ ଉପରେ କଟକଣା ଲଗାଯାଇଛି୫ ରବିବାର ମୋଟ ୧୪,୯୩୦ଟି ଗାଡ଼ି ଯାଞ୍ଚ ହୋଇଥିବା ବେଳେ ୧୫୩୯ଟି ଗାଡ଼ିକୁ ଦିଲ୍ଲୀ ସୀମାରୁ ଫେରାଇ ଦିଆଯାଇଛି। ଏହାସହ ୧୨୭ଟି ଚାଲାଣ କଟାଯିବା ସହ ୬୨ଟି ଗାଡ଼ି ଜବତ ହୋଇଛି। ବୈଧ ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର ନଥିବା ୫୬୬ଟି ଗାଡ଼ିରୁ ୫୬.୬ ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଛି। ନିର୍ମାଣସ୍ଥଳରେ ପ୍ରଦୂଷଣ ନିୟମ ଉଲ୍ଲଂଘନ ପାଇଁ ୯.୮ ଲକ୍ଷ ଟଙ୍କା ପରିବେଶ କ୍ଷତିପୂରଣ ଲଗାଯାଇଛି। ପ୍ରଶାସନ ପକ୍ଷରୁ ▸ପୃଷ୍ଠା-୭



ସୀମାରୁ ଫେରିଲା ୧୫୩୯ ଗାଡ଼ି, ୬୨ଟି ଯାନ ଜବତ

ପ୍ରଥମ ଦିନରେ ୬୮.୪ ଲକ୍ଷ ଜରିମାନା

‘ମୁରାସୁ’ ହେବ ପ୍ରଭାବହୀନ

ଓଡ଼ିଶା ଉପରୁ ଅରେଞ୍ଜ ଆଲର୍ଟ ହଟାଇଲା ଆଇଏମ୍‌ଡି

ଦୁଇ ଦିନ କୋହଲା ପାଗ, କାଁ ଭାଁ ବର୍ଷା

ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ଭାରୀ ବର୍ଷା



■ ଭୁବନେଶ୍ୱର, ୨।୧୧ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଭୀଷଣ ବାତ୍ୟା "ମୁରାସୁ' ବର୍ତ୍ତମାନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ରହିଛି। ସୋମବାର ରାତି ୮ଟା ସୁଦ୍ଧା ଏହା ଘଣ୍ଟା ପ୍ରତି ୧୦ କିମି ବେଗରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଆଗକୁ ବଢ଼ୁଛି। ଏଭଳି ସ୍ଥିତି ଜାରି ରହିବା ସହ ସୋମବାର ରାତି ୧୧ଟାରୁ ଭୋର୍ ୪ଟା ମଧ୍ୟରେ ଏହା ଏକ ଭୀଷଣ ବାତ୍ୟା ରୂପରେ ଆନ୍ଧ୍ରପ୍ରଦେଶ ଉପକୂଳର ନେଲୋର ଓ ନରସାପୁର ମଧ୍ୟବର୍ତ୍ତୀ ଅଞ୍ଚଳ ଓଙ୍ଗୋଲ୍‌ର ଦକ୍ଷିଣ ପାର୍ଶ୍ୱରେ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ରହିଛି। ବାତ୍ୟା ସ୍ଥଳଭାଗ ଅତିକ୍ରମ କରିବା ସମୟରେ ପବନର ବେଗ ଘଣ୍ଟା ପ୍ରତି ୧୦୦ରୁ ୧୧୦ କିମି ଓ ଝଟ୍‌କା ପବନ ୧୨୦ କିମି ପର୍ଯ୍ୟନ୍ତ ପହଞ୍ଚିପାରେ।

ସ୍ଥଳଭାଗ ଅତିକ୍ରମ କରିବା ପରେ ବାତ୍ୟାଟି ଧୀରେ ଧୀରେ ଦୁର୍ବଳ ହେବାର ସମ୍ଭାବନା ରହିଛି। ତେବେ ବାତ୍ୟାର ସିଧାସଳଖ ପ୍ରଭାବ ଓଡ଼ିଶା ▸ପୃଷ୍ଠା-୭

ପୁଣି ବର୍ଷାରେ ଭିଜିଲା ଗଞ୍ଜାମ

■ ବ୍ରହ୍ମପୁର, ୨।୧୧ (ସମିସ): ବାତ୍ୟା ଅର୍ଣ୍ଣବର ବିଭୀଷିକାରୁ ଗଞ୍ଜାମ ଜିଲ୍ଲାବାସୀ ମୁକୁଳି ନ ଥିବା ବେଳେ ପୁଣି ବର୍ଷା ବିପତ୍ତି ଚିନ୍ତା ବଢ଼ାଇଛି। ବିଶେଷକରି ବନ୍ୟାରେ ଚାଷଜମି ଜଳମଗ୍ନ ହେବା ସହ ଫସଲ ନଷ୍ଟ ହୋଇଛି। ଏବେ ଲଗାତାର ବର୍ଷା ଚାଷୀଙ୍କ ଦୁର୍ଦ୍ଦଶାକୁ ଆହୁରି ବଢ଼ାଇ ଦେଇଛି। ସୋମବାର ଜିଲ୍ଲାର ବିଭିନ୍ନ ବର୍ଷା ମାପକ କେନ୍ଦ୍ରରେ ରେକର୍ଡ଼ ହୋଇଥିବା ବର୍ଷା ଅନୁସାରେ ଅପରାହ୍ନ ୪ଟା ସୁଦ୍ଧା ପାତ୍ରପୁରରେ ସର୍ବାଧିକ ୩୮ ମିମି ବର୍ଷା ହୋଇଥିବା ବେଳେ ଚିକିଟିରେ ୩୦.୬ ମିମି ରେକର୍ଡ ହୋଇଛି। ୧ ତାରିଖ ସକାଳ ୮ଟା ୩୦ରୁ ନଭେମ୍ବର ୨ ତାରିଖ ସକାଳ ୮ଟା ୩୦ ପର୍ଯ୍ୟନ୍ତ ▸ପୃଷ୍ଠା-୭

ପାତ୍ରପୁରରେ ସର୍ବାଧିକ ୩୮ ମିମି

ଗୁମୁରି କାନ୍ଦୁଛି ଗିଡ଼ିପାବାଲି

ମାଟି ତଳୁ ଜୀବନ ଖୋଜା

ଭୂସ୍ଖଳନରେ ୧୩ ନିଖୋଜ, ମିଳିଲା ଆଉ ଜଣଙ୍କ ମୃତଦେହ

■ ବ୍ରହ୍ମପୁର/ଜି. ଉଦୟଗିରି,୨।୧୧(ସମିସ): ମାଟି ତଳେ ଚାପି ହୋଇ ରହିଛି ଜୀବନ। ଉପରେ ମାଟି ଓ ପଥରର ବିଶାଳ ପାହାଡ଼, ତଳେ ନିଜ ଲୋକଙ୍କୁ ଖୋଜୁଛନ୍ତି ଆୟସ୍ୱଜନ। ସମୟ ଗଡ଼ୁଛି, ଆଶା କ୍ଷୀଣ ହେଉଛି, ହେଲେ ମାଟି ତଳୁ ଜୀବନର ସନ୍ଧାନ ଏଯାଏଁ ଶେଷ ହୋଇନାହିଁ। ଅର୍ଣ୍ଣବର ତାଣ୍ଡବ ପରେ ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ବ୍ଲକ ବାଇବାଲି ପଞ୍ଚାୟତ ଅନ୍ତର୍ଗତ ଗିଡିପାବାଲିର ଭୂସ୍ଖଳନ ଏବେ ଭୟାବହ ମାନବୀୟ ବିପର୍ଯ୍ୟୟର ଚିତ୍ର ସାମ୍ନାକୁ ଆଣିଛି। ୧୩ରୁ ଅଧିକ ଜଣ ନିଖୋଜ ଥିବାବେଳେ ଏଯାଏଁ ଦୁଇଟି ମୃତଦେହ ଉଦ୍ଧାର ହୋଇଛି। ଉଦ୍ଧାର କାର୍ଯ୍ୟରେ ଏକାଧିକ ବିଭାଗ ନିୟୋଜିତ ଥିଲେ ମଧ୍ୟ ଆଶାନୁରୂପ ସଫଳତା ମିଳୁନଥିବାରୁ ପ୍ରଶାସନିକ ପ୍ରସ୍ତୁତି ଓ ଉଦ୍ଧାର ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠିଛି। ଏଭଳି ସମୟରେ ଅଗ୍ନିଶମ ବିଭାଗର ସନ୍ଧାନୀ କୁକୁର "ସୁଲତାନ' ଉପରେ ସମସ୍ତଙ୍କ ନଜର। ଗତକାଲି ଜଣଙ୍କ ମୃତଦେହ ଚିହ୍ନଟ ହେବା ପରେ ଆଜି ଉଦ୍ଧାର କାର୍ଯ୍ୟକୁ ଅଧିକ ଜୋରଦାର କରାଯାଇଥିଲା।

ଉଦ୍ଧାର କାର୍ଯ୍ୟ ଜୋର୍‌ଦାର୍

ସନ୍ଧାନୀ ‘ସୁଲତାନ୍’ ଉପରେ ଭରସା



ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ଅଗ୍ନିଶମ ବିଭାଗର ଟିମ୍, ସନ୍ଧାନୀ କୁକୁର ଏବଂ ସ୍ଥାନୀୟ ଲୋକଙ୍କୁ ନେଇ ଚାଲିଥିଲା ଖୋଜାଖୋଜି। ବିଶାଳ ପଥର ଓ ମାଟି ହଟାଇବା ଉଦ୍ୟମ ମଧ୍ୟରେ ବାଧା ସୃଷ୍ଟି କରୁଥିବା ପଥରକୁ ନିୟନ୍ତ୍ରିତ ବିସ୍ଫୋରଣ ମାଧ୍ୟମରେ ହଟାଇବା ପରେ ଆଉ ଏକ ମୃତଦେହର ସନ୍ଧାନ ମିଳିଥିଲା। ଉଦ୍ଧାର ହୋଇଥିବା ମୃତଦେହଟି ୨୭ବର୍ଷୀୟ ସନମାନ ପ୍ରଧାନଙ୍କର ବୋଲି ତାଙ୍କ ଭାଇ ମଙ୍ଗନ ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସନମାନଙ୍କ ମୃତ୍ୟୁ ଖବର ତାଙ୍କ ପରିବାର ପାଇଁ ଅସହ୍ୟ ଦୁଃଖ ଆଣିଦେଇଛି। ତାଙ୍କର ସ୍ତ୍ରୀଙ୍କ ସହ ଦୁଇ ଯାଆଁଳା ପୁଅ ଅଛନ୍ତି। ପରିବାରର ମୁଖ୍ୟ ଆଶ୍ରୟ ହରାଇବା ପରେ ଏହି ଦୁଇ ଶିଶୁଙ୍କ ଭବିଷ୍ୟତକୁ ନେଇ ମଧ୍ୟ ଚିନ୍ତା ବଢ଼ିଛି। ଗୋଟିଏ ପଟେ ମାଟି ତଳୁ ମୃତଦେହ ମିଳୁଛି, ଅନ୍ୟପଟେ ନିଖୋଜ ପରିବାର ସଦସ୍ୟଙ୍କ ଅପେକ୍ଷାରେ ଗାଁରେ ଶୋକାକୁଳ ପରିବେଶ ଲାଗି ରହିଛି। ଏହି ଉଦ୍ଧାର ଅଭିଯାନରେ ସନ୍ଧାନୀ କୁକୁର ସୁଲତାନର ଭୂମିକା ଏବେ ଚର୍ଚ୍ଚାର କେନ୍ଦ୍ର। ମାଟି ଓ ପଥର ତଳେ ଚାପି ରହିଥିବା ଲୋକଙ୍କ ସନ୍ଧାନରେ ଏହାର ସହାୟତା ନିଆଯାଉଛି। ଅନ୍ୟପଟେ ଏତେ ବଡ଼ ବିପର୍ଯ୍ୟୟ ପରେ ଉଦ୍ଧାର କାର୍ଯ୍ୟର ଗତି, ଆବଶ୍ୟକ ଯନ୍ତ୍ରପାତି, ମାଟି ଓ ପଥର ହଟାଇବା ବ୍ୟବସ୍ଥା ଏବଂ ସମନ୍ୱୟକୁ ନେଇ ଅନେକ ପ୍ରଶ୍ନ ଉଠୁଛି। ଏକାଧିକ ସଂସ୍ଥା ମୁତୟନ ହୋଇଥିଲେ ମଧ୍ୟ ୧୩ଜଣଙ୍କ ସନ୍ଧାନ ମିଳିପାରି ନଥିବା ଘଟଣା ପ୍ରଶାସନର ଦକ୍ଷତାକୁ କାଠଗଡ଼ାକୁ ଟାଣିଛି। ଗିଡିପାବାଲିରେ ଦୁଇଟି ମୃତଦେହ ମିଳିବା ପରେ ଅବଶିଷ୍ଟ ନିଖୋଜଙ୍କ ସନ୍ଧାନ ପାଇଁ ଅଭିଯାନ ଜାରି ରହିଛି।

ଗଞ୍ଜାମ ବନ୍ୟା ମନୁଷ୍ୟକୃତ: ସୁଜାତା

ଲକ୍ଷ ଲକ୍ଷ ଲୋକଙ୍କ ଦୁର୍ଦ୍ଦଶାର ଜବାବ ଦେବେକି ବିଜେପି ସରକାର

■ ଭୁବନେଶ୍ୱର, ୨।୧୧ (ସମିସ): ପ୍ରବଳ ବର୍ଷା କାରଣରୁ ଦକ୍ଷିଣ ଓଡ଼ିଶା ବିଶେଷକରି ଗଞ୍ଜାମ ଜିଲ୍ଲାରେ ଅସମ୍ଭବ, ଭୟାବହ କ୍ଷୟକ୍ଷତି ହୋଇଥିବା ବେଳେ ରାଜ୍ୟ ସରକାର, ଜଳ ସମ୍ପଦ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନର ଦୋଷ ଦୁର୍ବଳତାକୁ ନେଇ ଏବେ ଚାରିଆଡ଼ୁ ଅଙ୍ଗୁଳି ଉଠୁଛି। ବେପରୁଆ ମନୋଭାବ ଏବଂ ଖାମଖିଆଲି ମନୋଭାବ କାରଣରୁ ଗଞ୍ଜାମ ବିପର୍ଯ୍ୟୟ ପରିସ୍ଥିତିର ସମ୍ମୁଖୀନ ହେଲା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଏପରିସ୍ଥଳେ ବିଜେଡି ନେତ୍ରୀ ସୁଜାତା ରାଉତ ଗଞ୍ଜାମ ଜିଲ୍ଲାରେ ଜଳ ପରିଚାଳନା ଏବଂ ବନ୍ୟା ମୁକାବିଲାକୁ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଇଛନ୍ତି। ଭାରତୀୟ ପାଣିପାଗ ବିଭାଗର ଆଗୁଆ ସତର୍କ ସୂଚନା ଜାରି ସତ୍ତ୍ୱେ ଡ୍ୟାମ୍, କ୍ଷୁଦ୍ର ଜଳସେଚନ ପ୍ରକଳ୍ପଠାରୁ ଆରମ୍ଭ କରି ଚେକ୍ ଡ୍ୟାମ୍ ପରିଚାଳନାରେ ଗୁରୁତର ତ୍ରୁଟି କାରଣରୁ ଗଞ୍ଜାମ ଏତେବଡ଼ କ୍ଷତି ସହିଲା ବୋଲି ସୁଜାତା କହିଛନ୍ତି। ଏହି ମାନବକୃତ ତ୍ରୁଟି ଓ ଅକ୍ଷମଣୀୟ ଅବହେଳା ପାଇଁ ଦାୟୀ କିଏ? ଲକ୍ଷ ଲକ୍ଷ ଲୋକଙ୍କ ଦୁର୍ଦ୍ଦଶାର ଜବାବ ବିଜେପି ସରକାର ଦେବ କି ବୋଲି ସେ ପ୍ରଶ୍ନ କରିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରି ସୁଜାତା କହିଛନ୍ତି ଯେ ଅକ୍ଟୋବର ୨୩ ତାରିଖରୁ ହିଁ ସମ୍ଭାବ୍ୟ ▸ପୃଷ୍ଠା-୭



- ଜଳସମ୍ପଦ ବିଭାଗର କାର୍ଯ୍ୟପଦ୍ଧତିକୁ ନେଇ ଉଠାଇଲେ ଏକାଧିକ ପ୍ରଶ୍ନ
- ଆଇଏମ୍‌ଡି ସୂଚନା ସତ୍ତ୍ୱେ ବିଳମ୍ବରେ ଖୋଲିଥିଲା ଜଳଭଣ୍ଡାର ଗେଟ୍
- ତଳିଆ ଅଞ୍ଚଳକୁ ଦିଆଯାଇ ନ ଥିଲା ଗେଟ୍ ଖୋଲିବାର ଆଗୁଆ ସୂଚନା

ହାଇକୋର୍ଟରେ ସୁଶାନ୍ତ ନାଥଙ୍କ ଆଗୁଆ ଜାମିନ ଆବେଦନ

■ କଟକ,୨।୧୧(ସମିସ): ଚୌଦ୍ୱାର ଥାନା ମାମଲାରେ ସମ୍ଭାବ୍ୟ ଗିରଫଦାରୀରୁ ବର୍ତ୍ତିବା ପାଇଁ ପୂର୍ବତନ ଜେଲ୍ ଡିଜି ତଥା ବର୍ତ୍ତମାନ ଗୃହ ବିଭାଗର ଓଏସଡି ଭାବେ ଅବସ୍ଥାପିତ ସୁଶାନ୍ତ କୁମାର ନାଥ ଓ ତାଙ୍କ ସହଯୋଗୀ କୁଳଦୀପ ରଥ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରଛନ୍ତି। ଏଥି ସହ ଚୌଦ୍ୱାର ଥାନାରେ ରୁଜୁ ଅପରାଧିକ ମାମଲା ରଦ୍ଦ ପ୍ରାର୍ଥନା କରି ସେମାନଙ୍କ ତରଫରୁ ପୃଥକ ମାମଲା ହାଇକୋର୍ଟରେ ଦାୟର କରାଯାଇଛି। ଗତ ଅକ୍ଟୋବର ୩୧ ତାରିଖରେ ଜଣେ ▸ପୃଷ୍ଠା-୭




ପରଲୋକରେ ଡାକ୍ତର ଅଶୋକ ମହାପାତ୍ର

■ ଭୁବନେଶ୍ୱର, ୨।୧୧ (ସମିସ): ବିଶିଷ୍ଟ ସ୍ନାୟୁଶଲ୍ୟ ଚିକିତ୍ସକ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ଆଉ ନାହାନ୍ତି। ନୂଆଦିଲ୍ଲୀସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ)ରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତି ୯.୧୫ ମିନିଟ୍‌ରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୭୪ ବର୍ଷ ବୟସ୍କ ଖ୍ୟାତନାମା ଡା ମହାପାତ୍ରଙ୍କ ବିୟୋଗରେ ଓଡ଼ିଶା ସମେତ ସାରା ଦେଶରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ବ୍ୟକ୍ତ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

ସୂଚନା ଅନୁଯାୟୀ, ପ୍ରବଳ ମୁଣ୍ଡବିନ୍ଧା ଓ ସ୍ନାୟୁଜନିତ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଗତ ସେପ୍ଟେମ୍ବର ମାସରେ ପ୍ରଥମେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହେବାରୁ ଏକ ବିଶେଷଜ୍ଞ ଡାକ୍ତରୀ ଦଳଙ୍କ ସହାୟତାରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ମସ୍ତିଷ୍କଜନିତ ରୋଗ ସହ ଗୁରୁତର ସ୍ନାୟୁଜନିତ ସମସ୍ୟା ଯୋଗୁଁ ସେ ଚିକିତ୍ସାଧୀନ ଥିଲେ। ଡା. ମହାପାତ୍ର ଦେଶର ଜଣେ ଖ୍ୟାତନାମା ନ୍ୟୁରୋସର୍ଜନ ଭାବେ ▸ପୃଷ୍ଠା-୭

ଅକ୍ଟୋବର ୨ରୁ ଦିଲ୍ଲୀ ଏମ୍‌ସରେ ଥିଲେ ଚିକିତ୍ସାଧୀନ

ଯୋଡାମୁଣ୍ଡ ଶିଶୁଙ୍କ ଅସ୍ତ୍ରୋପଚାରର ମୁଖ୍ୟ ସୂତ୍ରଧର



କାଠଗଡ଼ାରେ ମନ୍ତ୍ରୀ ଓ ଜଳସମ୍ପଦ ବିଭାଗ

ବିଭୀଷିକା ପଛରେ ଅବହେଳା

■ ଭୁବନେଶ୍ୱର/ବ୍ରହ୍ମପୁର, ୨।୧୧ (ସମିସ): ବାତ୍ୟା ଆସିବା ପୂର୍ବରୁ ରେଡ୍ ଆଲର୍ଟ ଜାରି ହୋଇଥିଲା। ପ୍ରବଳ ବର୍ଷା ଓ ବନ୍ୟା ଆଶଙ୍କା ନେଇ ଆଗୁଆ ସତର୍କ କରାଯାଇଥିଲା। ଗଞ୍ଜାମ ଜିଲ୍ଲାର ମନ୍ତ୍ରୀ ବିଭୁତି ଜେନାଙ୍କ ଉପରେ ଜିଲ୍ଲା ଦାୟିତ୍ୱ ନ୍ୟସ୍ତ ଥିଲା। ରାଜ୍ୟ ସରକାରଙ୍କଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ, ଜଳସମ୍ପଦ ବିଭାଗ ପର୍ଯ୍ୟନ୍ତ ସମସ୍ତଙ୍କ ପାଖରେ ପ୍ରସ୍ତୁତି ପାଇଁ ଯଥେଷ୍ଟ ସୂଚନା ଓ ସମୟ ଥିଲା। ତଥାପି ତିନି ଦଶନ୍ଧି ପରେ ତିନିଟି ଜିଲ୍ଲା ଏକ ଭୟଙ୍କର ବିପତ୍ତି ଓ ବିଭୀଷିକାକୁ ସାମ୍ନା କଲା। ସତର୍କ ସୂଚନା ଥାଇ ବି ଆଗୁଆ ପ୍ରସ୍ତୁତି ହୋଇ ପାରିଲା ନାହିଁ। ଯାହାକି ସରକାର, ଦାୟିତ୍ୱରେ ଥିବା ମନ୍ତ୍ରୀ, ଯନ୍ତ୍ରୀ, ଅଧିକାରୀଙ୍କୁ ପାରିବାପଣିଆ ଉପରେ ଉଠାଇଛି ପ୍ରଶ୍ନ। ଗଞ୍ଜାମ, ଗଜପତି, କନ୍ଧମାଳ ଜିଲ୍ଲାର ସାଂଘାତିକ ସ୍ଥିତି ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ କାଠଗଡ଼ାରେ ଠିଆ କରିଛି, ବିପର୍ଯ୍ୟୟ ପରିଚାଳନା ପାଇଁ ଓଡ଼ିଶାର ସୁନାମ ମାଟି କାଦୁଅରେ ମିଶିଯାଇଛି।

ପାଣିପାଗ ବିଭାଗର ରେଡ଼ର୍ ଆଲର୍ଟ ଅର୍ଥ ତୁରନ୍ତ ସତର୍କ ହେବା, ସାବଧାନ ରହିବା ଓ ଅଗ୍ରାଧିକାର ଭିତ୍ତିରେ ଉଦ୍ଧାର ଓ ଥଇଥାନ କରାଯିବା। ମାତ୍ର ଏ କ୍ଷେତ୍ରରେ ଯେଉଁ ଯେଉଁ ତତ୍ପରତା ଓ ନେତୃତ୍ୱର ଆବଶ୍ୟକତା ଥିଲା, ତାହା ଦେଖିବାକୁ ମିଳିନଥିଲା। ବିପଦର ଗମ୍ଭୀରତା ବୁଝି ପ୍ରଶାସନକୁ ସ୍ପଷ୍ଟ ନିର୍ଦ୍ଦେଶ ଦେବା, ଜଳଭଣ୍ଡାରଗୁଡ଼ିକର ସ୍ଥିତି ସମୀକ୍ଷା କରିବା ଏବଂ ତଳିଆ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ଆଗୁଆ ତଦାରଖ ଜରୁରୀ ଥିଲା। କିନ୍ତୁ ଜିଲ୍ଲାର ଦାୟିତ୍ୱରେ ଥିବା ମନ୍ତ୍ରୀ ଏହାକୁ ସମ୍ଭବତଃ ଗୁରୁତ୍ୱ ଦେଲେ ନାହିଁ। କେବଳ ଅଧିକାରୀଙ୍କୁ ଧରି ବୁଲିଲେ ବିପର୍ଯ୍ୟୟ ପରିଚାଳନା ହୁଏନାହିଁ, ଏ କଥା ସେ ବୁଝି ପାରିଲେ ନାହିଁ। କେବଳ ମନ୍ତ୍ରୀ ନୁହନ୍ତି, ଜଳସମ୍ପଦ ବିଭାଗର ଭୂମିକା ମଧ୍ୟ ସନ୍ଦେହ ଘେରକୁ ଆସିଛି। ଗଞ୍ଜାମ ଜିଲ୍ଲାର ପାଞ୍ଚଟି ଜଳଭଣ୍ଡାରର ଜଳସ୍ତର ଓ ଜଳ ନିଷ୍କାସନକୁ ନେଇ ଯେଉଁ ସତର୍କତା ଆବଶ୍ୟକ ଥିଲା, ତାହା ପ୍ରଦର୍ଶନ କରାଯାଇଥିଲା କି? ବର୍ଷା ▸ପୃଷ୍ଠା-୭

- ତିନି ଦଶନ୍ଧି ପରେ ଗଞ୍ଜାମରେ ଅଭୂତପୂର୍ବ ବନ୍ୟା ପରିସ୍ଥିତି
- ଭାସିଗଲା ଦୁଇ ଗାଁ, ଅନେକ ପରିବାରର ପତ୍ତା ମିଳୁନାହିଁ
- ମାଟିତଳୁ ଉଦ୍ଧାର ହେଉଛି ଗୋଟିଏ ପରେ ଗୋଟିଏ ଶବ



ସରକାରଙ୍କୁ ଝଟ୍‌କା | ଗୁମର ଖୋଲିଲା ଆଇଏମ୍‌ଡି

‘ରେଡ୍ ଆଲର୍ଟ’ର ଅର୍ଥ ‘ଟେକ୍ ଆକ୍ସନ୍: ନିର୍ଦ୍ଦେଶିକା

■ ଭୁବନେଶ୍ୱର, ୨।୧୧ (ସମିସ): ପାଣିପାଗ ବିଭାଗକୁ ଦୋଷ ଦେଇ ଖସିଯିବାକୁ ଉଦ୍ୟମ କରୁଥିବା ସରକାରଙ୍କୁ ଲାଗିଛି ଝଟ୍‌କା। ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ଡଃ ମନୋରମା ମହାନ୍ତି ‘ଅର୍ଣ୍ଣବ’ ବାତ୍ୟା ଓ ବର୍ଷା ପ୍ରଭାବ ସମ୍ପର୍କରେ ଆଗୁଆ ସୂଚନା ଦିଆଯାଇଥିବା ଓ ରେଡ୍ ଆଲର୍ଟ ଦିଆଯାଇଥିବା ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି ଯେ ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କାରେ ରେଡ୍ ଆଲର୍ଟ ଜାରି କରାଯାଇଥିଲା। ରେଡ୍ ଆଲର୍ଟର ଅର୍ଥ ‘ଟେକ୍ ଆକ୍ସନ’। ନିୟମିତ ଦୁଇ ଦିନ ପାଇଁ ଗଞ୍ଜାମ ଗଜପତିକୁ ରେଡ୍ ଆଲର୍ଟ ଜାରି ହୋଇଥିଲା ବୋଲି ଡଃ ମହାନ୍ତି ସ୍ପଷ୍ଟ କରିଛନ୍ତି। ରେଡ୍ ଆଲର୍ଟ ପରେ ଆଉ କୌଣସି ଆଲର୍ଟ ନାହିଁ ବୋଲି ସେ କହିଛନ୍ତି।

ଗଞ୍ଜାମରେ ବାତ୍ୟା ଓ ବନ୍ୟା ବିଭୀଷିକା ପରେ ସରକାର ବାତ୍ୟାର ଗତିପଥ ଓ ଅକସ୍ମାତ ବର୍ଷାକୁ ନେଇ ପରୋକ୍ଷରେ ଆଇଏମଡି ଆକଳନକୁ ଦାୟୀ କରିଥିଲେ। ସରକାର ▸ପୃଷ୍ଠା-୭

ଗଞ୍ଜାମ ଓ ଗଜପତି ପାଇଁ ଜାରି ହୋଇଥିଲା ରେଡ୍ ଆଲର୍ଟ

ବିଶେଷ ଟିପ୍ପଣୀ



ରବିବାର ଇଣ୍ଡିଆ ମେଣ୍ଟର ବିଶାଳ ଶୋଭାଯାତ୍ରା ପରେ ସୋମବାର ରାଜ ରାସ୍ତାରେ କିଏ ଏହାକୁ ଅନୁକରଣ କରୁଛି - ଗୃହମନ୍ତ୍ରୀ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ, ବଙ୍ଗଳା ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ସଭାପତି। ଧନ୍ୟବାଦ, ଅନୁକରଣ ହେଉଛି ପ୍ରଶଂସାର ସର୍ବୋତ୍ତମ ରୂପ।

- ଡାରେକ ଓ'ବ୍ରାଏନ୍ (ଟିଏମ୍‌ସି ରାଜ୍ୟସଭା ସାଂସଦ)



ବଙ୍ଗଳାରେ ସମସ୍ତ ଭୋଟ ଚୋରି ଧିରେ ଧିରେ ଉଜାଗର ହେବାରେ ଲାଗିଛି। ନିର୍ଲଜ୍ଜ ସୁବ୍ରତ ଗୁପ୍ତା ଏବେ କହୁଛନ୍ତି ଯେ ସେ ସିଇଓ ଅଫିସ ଦ୍ୱାରା ଭୋଟରଙ୍କୁ ହଟାଇବାକୁ ଦାଖଲ କରାଯାଇଥିବା ୧୬ ଲକ୍ଷ ଆବେଦନ ବିଷୟରେ କିଛି ଜାଣି ନଥିଲେ। ଭୋଟ ଚୋର ମନୋଜ ଅଗ୍ରୱାଲ ଏବେ ସିଏସ ଚେୟାରରେ ବସିଥିବା ବେଳେ ଏଥିପାଇଁ ସେ ଉତ୍ତରଦାୟୀ।

-ମହୁଆ ମୋଇତ୍ରା (ଟିଏମ୍‌ସି ଲୋକସଭା ସାଂସଦ)

ଜେନ୍ Z

ନୀତିନ ନବୀନଙ୍କ ମତରେ, କଂଗ୍ରେସ, ଟିଏମସି, ଏସ୍‌ପି ଏବଂ ଆରଜେଡି ସମସ୍ତେ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇଗଲେଣି। ତଥାପି ରାମଲୀଳା ମୈଦାନରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କେବଳ ଗୋଟିଏ ରାଲି, ପରଦିନ ଅମିତ ଶାହ ଏବଂ ବିଜେପି ସଭାପତି ଉଭୟଙ୍କୁ ହାଇଦରାବାଦ ଏବଂ କୋଲକାତାର ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ କଲା।

-ବୟାନବାଜି @Bayan_baazi

ହାଇଦରାବାଦରେ ଡିମ୍ବାଣୁ ଦାନ ରାକେଟ୍: ୮ ଗିରଫ, ୪୩ ମହିଳା ଉଦ୍ଧାର

ହାଇଦରାବାଦ,୨।୧୧(ଏଜେନ୍ସି): ଡିମ୍ବାଣୁଦାନ ନାଁରେ ମହିଳାଙ୍କୁ ଶୋଷଣ କରାଯାଉଥିବା ଏକ ଆନ୍ତଃରାଜ୍ୟ ରାକେଟ୍‌ର ପର୍ଦ୍ଦାଫାସ୍ କରିଛି ହାଇଦରାବାଦ ପୁଲିସ। ବିଭିନ୍ନ ସ୍ଥାନରେ ଚଢ଼ଉ କରି ୪୩ ଜଣ ମହିଳାଙ୍କୁ ଉଦ୍ଧାର କରିବା ସହ ୮ ଜଣଙ୍କୁ ଗିରଫ କରାଯାଇଛି। ଏହି ରାକେଟ୍‌ର ଆଇଭିଏଫ୍ କେନ୍ଦ୍ର ଓ ପ୍ରଜନନ ପ୍ରଯୁକ୍ତି ବ୍ୟାଙ୍କ୍ ସହ ସମ୍ପର୍କ ଥିବା ସନ୍ଦେହ କରାଯାଉଛି। ପୁଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଆଦି ରାଜ୍ୟର ମହିଳାଙ୍କୁ ଅଣ୍ଡାଦାନ ପାଇଁ ୨୦ରୁ ୩୦ ହଜାର ଟଙ୍କା ଦେବାର ପ୍ରଲୋଭନ ଦେଖାଇ ହାଇଦ୍ରାବାଦ ଅଣାଯାଉଥିଲା। ସେମାନଙ୍କୁ ହର୍ମନ୍ ଇଞ୍ଜେକ୍ସନ୍ ଓ ଔଷଧ ଦିଆଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ବେଗମପେଟ୍ ଓ ସରୁରନଗର ପୁଲିସ ସହ ସ୍ୱତନ୍ତ୍ର ଅପରେସନ୍ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। ଏହି ସମୟରେ ଔଷଧ, ଇଞ୍ଜେକ୍ସନ୍, ମୋବାଇଲ୍ ଫୋନ୍ ଓ ବିଭିନ୍ନ କାଗଜପତ୍ର ଜବତ ହୋଇଛି। ଆଧାର କାର୍ଡ, ସତ୍ୟପାଠ ଓ ସମ୍ମତିପତ୍ର ଜାଲିଆତି କରାଯାଇଥିବା ମଧ୍ୟ ପୁଲିସ ସନ୍ଦେହ କରୁଛି। ଏହି କାରବାରରେ ଆଇଭିଏଫ୍ କେନ୍ଦ୍ର ଓ ଏଆର୍‌ଟି ବ୍ୟାଙ୍କ୍‌ର ଭୂମିକା ଏବଂ ମହିଳାଙ୍କୁ ବଳପୂର୍ବକ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ କରାଯାଇଥିଲା କି ନାହିଁ, ତାହାର ତଦନ୍ତ ଚାଲିଛି। ଏ ନେଇ ଭାରତୀୟ ନ୍ୟାୟ ସଂହିତା ଓ ସହାୟକ ପ୍ରଜନନ ପ୍ରଯୁକ୍ତି (ନିୟନ୍ତ୍ରଣ) ଆଇନ, ୨୦୨୧ ଅନୁଯାୟୀ ୩ଟି ମାମଲା ରୁଜୁ ହୋଇଛି।



ୟୁରୋପରେ ବ୍ୟାପୁଛି ଆନ୍ଦୋଳନ

ଚଳିତବର୍ଷ ୨୨ ହଜାର ହିଂସା, ଫ୍ରାନ୍ସରେ ସର୍ବାଧିକ



ବ୍ରସେଲ୍ସ,୨।୧୧(ଏଜେନ୍ସି): ମୁଦ୍ରାସ୍ଫୀତି, ବେକାରି, ଜୀବନଯାପନ ଖର୍ଚ୍ଚ ବୃଦ୍ଧି ଏବଂ ସରକାରୀ ନୀତିକୁ ବିରୋଧ କରି ୟୁରୋପରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଚଳିତବର୍ଷ ଅକ୍ଟୋବର ୧୯ ସୁଦ୍ଧା ୟୁରୋପୀୟ ସଂଘର ୨୭ଟି ଦେଶରେ ପ୍ରାୟ ୨୨ ହଜାର ଆନ୍ଦୋଳନ ଓ ବିକ୍ଷୋଭ ହୋଇଛି। ଏଥିରେ ଫ୍ରାନ୍ସ ସର୍ବାଧିକ ପ୍ରଭାବିତ ହୋଇଛି। ୟୁରୋପୀୟ ସଂଘର ମୋଟ ଜନସଂଖ୍ୟାର ମାତ୍ର ୧୫ ପ୍ରତିଶତ ଫ୍ରାନ୍ସରେ ରହୁଥିବାବେଳେ ସମଗ୍ର ସଂଘର ୬୬ ପ୍ରତିଶତ ହିଂସାତ୍ମକ ପ୍ରଦର୍ଶନ ଏଠାରେ ହୋଇଛି। ଫ୍ରାନ୍ସରେ ପ୍ରାୟ ୭,୩୦୦ଟି ବିକ୍ଷୋଭ ରେକର୍ଡ କରାଯାଇଛି। ମୁଦ୍ରାସ୍ଫୀତି ଓ ଶିକ୍ଷା ବ୍ୟବସ୍ଥାର ଦୁରବସ୍ଥାକୁ ନେଇ ଫ୍ରାନ୍ସରେ କ୍ରମାଗତ ତୃତୀୟ ସପ୍ତାହ ପାଇଁ ଆନ୍ଦୋଳନ ଜାରି ରହିଛି। ପ୍ରାୟ ୩.୨ ଲକ୍ଷ ଲୋକ ଏଥିରେ ସାମିଲ ହୋଇଥିବା ସରକାର କହିଛନ୍ତି। ଅକ୍ଟୋବର ୧୭ରେ ୫.୫ ଲକ୍ଷରୁ ଅଧିକ ଏବଂ ୨୪ରେ ୪ ଲକ୍ଷରୁ ଅଧିକ ଲୋକ ରାସ୍ତାକୁ ଓହ୍ଲାଇଥିଲେ। ଶିକ୍ଷାନୁଷ୍ଠାନର ଦୁରବସ୍ଥା, ଶିକ୍ଷକ ଅଭାବ ଓ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍‌ଙ୍କ ନୀତିକୁ ବିରୋଧ କରି ଆନ୍ଦୋଳନ ତୀବ୍ର ହୋଇଛି। ଏଥିରେ ୫୬୦ରୁ ଅଧିକ ଲୋକ ଗିରଫ ହୋଇଛନ୍ତି। ଜର୍ମାନୀରେ 'ଜେନ୍ ଜେଡ୍ ରେଜିଷ୍ଟ' ସଂଗଠନର ଆହ୍ୱାନରେ ୩୪ଟି ସହରରେ ଏକ ଲକ୍ଷରୁ ଅଧିକ ଯୁବକଯୁବତୀ ଆନ୍ଦୋଳନ କରିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟସେବା, ଗୃହ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ସୁଧାର ସେମାନଙ୍କ ଦାବି। ବର୍ଲିନ୍ ଓ ଫ୍ରାଙ୍କଫର୍ଟରେ ପୁଲିସ ସହ ଆନ୍ଦୋଳନକାରୀଙ୍କ ସଂଘର୍ଷ ହୋଇଛି। ଏସିଏଲ୍‌ଇଡି ତଥ୍ୟ ଅନୁସାରେ, ଗତ ପାଞ୍ଚବର୍ଷର ହାରାହାରି ତୁଳନାରେ ଚଳିତବର୍ଷ ଆନ୍ଦୋଳନ ୭ ପ୍ରତିଶତ କମିଛି। କିନ୍ତୁ ହିଂସାତ୍ମକ ପ୍ରଦର୍ଶନ ସ୍ୱାଭାବିକ ସ୍ତରର ପ୍ରାୟ ତିନିଗୁଣ ହୋଇଛି। ପୋଲାଣ୍ଡରେ ଆନ୍ଦୋଳନ ୫୦ ପ୍ରତିଶତରୁ ଅଧିକ ଓ ଗ୍ରୀସ୍‌ରେ ୨୫ ପ୍ରତିଶତ ବଢ଼ିଛି। ମୁଦ୍ରାସ୍ଫୀତି, ତେଲ ଓ ଗ୍ୟାସ୍ ଦର ବୃଦ୍ଧି, ବେକାରି, କମ୍ ଦରମା ଏବଂ ଘରଭଡ଼ା ବୃଦ୍ଧି ୟୁରୋପୀୟ ଜନସାଧାରଣଙ୍କ ଅସନ୍ତୋଷର ପ୍ରମୁଖ କାରଣ। ନଭେମ୍ବରରେ ଫ୍ରାନ୍ସ, ଜର୍ମାନୀ, ସ୍ପେନ୍ ଓ ବ୍ରିଟେନ୍‌ରେ ଆହୁରି ବଡ଼ ଧରଣର ଧର୍ମଘଟ ଓ ବିକ୍ଷୋଭ ହେବାର ଆଶଙ୍କା ରହିଛି।

- ୬୬% ହିଂସାତ୍ମକ ପ୍ରଦର୍ଶନର କେନ୍ଦ୍ର ଫ୍ରାନ୍ସ
- ଜର୍ମାନୀର ୩୪ ସହରରେ ଯୁବପିଢ଼ିଙ୍କ ବିକ୍ଷୋଭ

ଅଭିନେତା ଇମ୍ରାନଙ୍କ ନିଃସର୍ତ୍ତ କ୍ଷମା ପ୍ରାର୍ଥନା

ମୁମ୍ବାଇ,୨।୧୧(ଏଜେନ୍ସି): ନିର୍ବାଚନ କମିସନଙ୍କ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ବିରୋଧୀ ଆନ୍ଦୋଳନରେ ଯୋଗଦେବା ମାମଲାରେ ଅଭିନେତା ଇମ୍ରାନ ଖାନ୍ ବମ୍ବେ ହାଇକୋର୍ଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିଛନ୍ତି। ଭବିଷ୍ୟତରେ ଏଭଳି କୌଣସି ଆନ୍ଦୋଳନରେ ସାମିଲ ନ ହେବାକୁ ସେ କୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ନଭେମ୍ବର ୨ ରେ ହୋଇଥିବା ଶୁଣାଣି ସମୟରେ କୋର୍ଟ ତାଙ୍କୁ ତାଗିଦ୍ କରିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୭ରେ ହେବ। ଅଦାଲତଙ୍କ ଅନୁମତି ବିନା ରାଜନୈତିକ ପ୍ରତିବାଦରେ ଯୋଗଦେବା ନେଇ ତାଙ୍କୁ ପ୍ରଶ୍ନ କରାଯାଇଥିଲା। ଜଣେ ଭାରତୀୟ ନାଗରିକଙ୍କ ସହ ତାଙ୍କୁ ସମାନ ଭାବେ ବିଚାର କରାଯାଇପାରିବ ନାହିଁ ବୋଲି କୋର୍ଟ କହିଥିବା ରିପୋର୍ଟ ପ୍ରକାଶ ପାଇଛି। ଇମ୍ରାନ ଆଇନଗତ ପରିଣାମ ସମ୍ପର୍କରେ ଅବଗତ ନଥିଲେ ଏବଂ ଆନ୍ଦୋଳନର ଆୟୋଜକଙ୍କ ସହ ତାଙ୍କର ସମ୍ପର୍କ ନଥିଲା ବୋଲି ଜଣାଇଛନ୍ତି। ସେ ଜଣେ ଆମେରିକୀୟ ନାଗରିକ ତଥା ଓସିଆଇ କାର୍ଡଧାରୀ। ଅକ୍ଟୋବର ୧୦ରେ ମୁମ୍ବାଇର ଅଗଷ୍ଟ କ୍ରାନ୍ତି ମଇଦାନରେ ହୋଇଥିବା ପ୍ରତିବାଦ ସମୟରେ ପୁଲିସ ତାଙ୍କୁ ଅଟକ ରଖିଥିଲା। ଏହାପରେ ବିଦେଶୀ ଆଞ୍ଚଳିକ ପଞ୍ଜୀକରଣ କାର୍ଯ୍ୟାଳୟ ତାଙ୍କୁ ଭାରତ ଛାଡ଼ିବାକୁ ନୋଟିସ୍ ଜାରି କରିଥିଲା। ହାଇକୋର୍ଟ ଏହି ନୋଟିସ୍ ଉପରେ ଅନ୍ତରୀଣ ରୋକ୍ ଲଗାଇଛନ୍ତି। ଡିସେମ୍ବର ୭ ପର୍ଯ୍ୟନ୍ତ ଏହି ରୋକ୍ ବଳବତ୍ତର ରହିବ।



ବିଦେଶୀ ସଂପର୍କକୁ ନେଇ ମୋଦୀ-ରାହୁଲ ମୁହାଁମୁହିଁ

ନୂଆଦିଲ୍ଲୀ,୨।୧୧(ଏଜେନ୍ସି): ବିଦେଶୀ ସଂସ୍ଥା ସହିତ ସଂପର୍କକୁ ନେଇ ମୁହାଁମୁହିଁ ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ। ରାହୁଲଙ୍କ ନାମ ନନେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦେଶରେ ଅସ୍ଥିରତା ସୃଷ୍ଟି କରିବା ଲାଗି ଉଦ୍ୟମ କରାଯାଉଛି। ଏହି ନେତାଙ୍କର ବିଦେଶୀ ସଂସ୍ଥା ସହିତ ଗୁପ୍ତ ସଂପର୍କ ରହିଛି। ଏଥିରେ ପ୍ରତିକ୍ରିୟା ପ୍ରକାଶ କରି ରାହୁଲ ଅଭିଯୋଗ କରିଛନ୍ତି ଯେ ବିଦେଶୀ ସଂସ୍ଥା ସହାୟତାରେ ମୋଦୀ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଏସଂପର୍କରେ ଖୋଲା ବିତର୍କ ଲାଗି ସେ ପ୍ରଧାନମନ୍ତ୍ରୀଙ୍କୁ ଆହ୍ୱାନ ଜଣାଇଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ଏକ ପୋଷ୍ଟ ମାଧ୍ୟମରେ ରାହୁଲ ଲେଖିଛନ୍ତି ଯେ, ମୋଦୀ ଜୀ, ଦେଶକୁ ମିଛ କହିବା ବନ୍ଦ କରନ୍ତୁ। ସେ ବିଦେଶୀ ସହାୟତା ଯୋଗୁଁ ପ୍ରଧାନମନ୍ତ୍ରୀ ହୋଇଛନ୍ତି ଏବଂ ବିଦେଶୀ ସହାୟତା ଯୋଗୁଁ ହିଁ ପ୍ରଧାନମନ୍ତ୍ରୀ ହୋଇରହିଛନ୍ତି। ସେ ଆହୁରି ଅଭିଯୋଗ କରିଛନ୍ତି ଯେ ଭାରତର ଆର୍ଥିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିଦେଶୀମାନଙ୍କ ଦ୍ୱାରା ନିୟନ୍ତ୍ରିତ ହେଉଛି। ବିଦେଶୀ ସାମାଜିକ ଗଣମାଧ୍ୟମ ଗୁଡ଼ିକ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି। ଯେକୌଣସି ମଞ୍ଚରେ, ଯେକୌଣସି ସମୟରେ ଏହି ବିଷୟରେ ଖୋଲା ବିତର୍କ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସେ ଆହ୍ୱାନ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦୀ ଗୁଜରାଟେର ରାଷ୍ଟ୍ରୀୟ ଏକତା ଦିବସ କାର୍ଯ୍ୟକ୍ରମରେ ବିରୋଧୀ ଦଳକୁ ତୀବ୍ର ସମାଲୋଚନା କରିଥିଲେ। ଗଣତନ୍ତ୍ରରେ ବିରୋଧୀ ଦଳର ଦାୟିତ୍ୱ ସରକାରୀ ନୀତିକୁ ପ୍ରଶ୍ନ କରିବା, କିନ୍ତୁ ବିରୋଧୀ ଦଳ କେବଳ ଅବରୋଧ ଶକ୍ତି ବା ବାଧା ସୃଷ୍ଟି କରୁଥିବା ଶକ୍ତିରେ ପରିଣତ ହୋଇଛି ବୋଲି ମୋଦୀ କହିଥିଲେ। ଏହାସହ କେତେକ ଶକ୍ତି ଦେଶକୁ ବିଭାଜିତ କରିବା ପାଇଁ କ୍ରମାଗତ ଷଡ଼ଯନ୍ତ୍ର କରୁଛନ୍ତି। ବିଦେଶରେ କିଏ ଗୁପ୍ତରେ କାହାକୁ ଭେଟୁଛି, ଭାରତ ବିରୋଧୀ ଶକ୍ତି କାହାକୁ ସମର୍ଥନ କରୁଛନ୍ତି ଏବଂ ଶତ୍ରୁ ଦେଶର ଭାଷାରେ କିଏ କଥା ହେଉଛି ବୋଲି ସେ ପ୍ରଶ୍ନ ଉଠାଇଥିଲେ। ସାମାଜିକ ଗଣମାଧ୍ୟମକୁ ଅସ୍ତ୍ର ଭାବେ ବ୍ୟବହାର କରି ଗୁଜବ ପ୍ରଚାର କରିବା ଏବଂ ଭାରତର ସୁନାମ କ୍ଷୁର୍ଣ୍ଣ କରିବାକୁ ଚେଷ୍ଟା କରାଯାଉଛି ବୋଲି ପ୍ରଧାନମନ୍ତ୍ରୀ ଚେତାଇ ଦେଇଥିଲେ। ଏହାର ଜବାବ ଦେଇ ଆଜି ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀଙ୍କୁ ଖୋଲା ବିତର୍କ ପାଇଁ ଚାଲେଞ୍ଜ କରିଛନ୍ତି।



'ବିଦେଶରେ କାହାକୁ ଭେଟୁଛନ୍ତି ବିରୋଧୀ ନେତା ?'




'ବିଦେଶ ସହାୟତାରେ ମୋଦୀ ପିଏମ୍ ହୋଇଛନ୍ତି'

ରାଜସ୍ଥାନରେ ବିଦ୍ୟୁତ୍ ଆଘାତରେ ଚାଲିଗଲା ୮ ଶ୍ରମିକଙ୍କ ଜୀବନ

ଉଦୟପୁରୱାଟି,୨।୧୧(ଏଜେନ୍ସି): ରାଜସ୍ଥାନର ଝୁନଝୁନୁ ଜିଲ୍ଲା ଅନ୍ତର୍ଗତ ଚାପୋଲି ଗାଁରେ ସୋମବାର ଏକ ଅଭାବନୀୟ ଦୁର୍ଘଟଣାରେ ୮ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ରାସ୍ତା ନିର୍ମାଣ କାର୍ଯ୍ୟ ସମୟରେ ଏକ ମେସିନ୍ ଉପରେ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଏହି ଅଘଟଣ ଘଟିଛି। ଏଥିରେ ଅନ୍ୟ ୫ ଜଣ ଶ୍ରମିକ ଗୁରୁତର ଭାବେ ପୋଡ଼ି ଆହତ ହୋଇଛନ୍ତି। ସେମାନଙ୍କୁ ଉଦୟପୁରୱାଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଉଛି। ପୁଲିସର ସୂଚନା ଅନୁଯାୟୀ, ସୋମବାର ସକାଳ ପ୍ରାୟ ୧୦ଟାରେ ରାସ୍ତା ନିର୍ମାଣରେ ବ୍ୟବହୃତ ଗ୍ରାଭେଲ୍-କଂକ୍ରିଟ୍ ମିଶ୍ରଣ ମେସିନ୍‌ର ହାଇଡ୍ରୋଲିକ୍ ଜ୍ୟାକ୍ ଉପରେ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ସ୍ପର୍ଶ କରିଥିଲା। ଫଳରେ ମେସିନ୍‌ରେ ବିଦ୍ୟୁତ୍ ପ୍ରବାହ ହେବାରୁ କାର୍ଯ୍ୟରତ ଶ୍ରମିକମାନେ ଆଘାତ ପାଇଥିଲେ। ମୃତକମାନେ ହେଲେ ହରିରାମ ଗୁର୍ଜର, ମଙ୍ଗଳଚାନ୍ଦ ଗୁର୍ଜର, କାଲୁରାମ ଗୁର୍ଜର, ପବନ ଗୁର୍ଜର, ବିଷ୍ଣୁ ସାଇନି, ସୁରେନ୍ଦ୍ର ସାଇନି, ମୁକେଶ ସାଇନି ଓ ଫତେହଚାନ୍ଦ ସାଇନି। ଘଟଣା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ କ୍ଷତିପୂରଣ ଓ ମୃତକଙ୍କ ପରିବାରକୁ ଚାକିରି ଦାବିରେ ପ୍ରତିବାଦ କରିଥିଲେ। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଗାଁରେ ଅତିରିକ୍ତ ପୁଲିସ ମୁତୟନ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଶୋକ ପ୍ରକାଶ କରିଛନ୍ତି।

ଆମେରିକାରେ ଖସିପଡ଼ିଲା ବିମାନ; ୯ ମୃତ



ଫ୍ଲୋରିଡା,୨।୧୧(ଏଜେନ୍ସି): ଆମେରିକାର ଫ୍ଲୋରିଡାରେ ରବିବାର ଏକ ବ୍ୟବସାୟିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୯ ଜଣଙ୍କ ମୃତ୍ୟୁ ଘଟିଛି। ବିମାନଟି ଟେକ୍ସାସରୁ ବାହାମାସ୍ ଯାଉଥିଲା। ଦୁର୍ଘଟଣା ପୂର୍ବରୁ ପାଇଲଟ୍ ବିମାନଟି ଦ୍ରୁତଗତିରେ ଉଚ୍ଚତା ହରାଉଥିବା ନେଇ ବିମାନ ନିୟନ୍ତ୍ରଣ କକ୍ଷକୁ ସୂଚନା ଦେଇଥିଲେ। କିଛି ସମୟ ପରେ ବିମାନଟି ରାସ୍ତା ନିକଟରେ ଭୂମିରେ ପିଟି ହୋଇଥିଲା। ଧକ୍କା ଯୋଗୁଁ ପ୍ରଚଣ୍ଡ ବିସ୍ଫୋରଣ ହେବା ସହ ବିମାନଟି ଜଳିଯାଇଥିଲା। ଦୁର୍ଘଟଣା ପୂର୍ବରୁ ପାଇଲଟ୍ ଖରାପ ପାଣିପାଗ, ବିମାନରେ ବରଫ ଜମିବା ଓ ତୀବ୍ର ଦୋହଲିବା ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଜରୁରୀ ସହାୟତା ପାଇଁ 'ମେଡେ, ମେଡେ' ସଙ୍କେତ ଦେଇଥିଲେ। ସେତେବେଳେ ବିମାନଟି ପ୍ରତି ମିନିଟ୍‌ରେ ୧୦ ହଜାର ଫୁଟ୍ ବେଗରେ ତଳକୁ ଖସୁଥିବା ପାଇଲଟ୍ ଜଣାଇଥିଲେ। ବିମାନର ସର୍ବାଧିକ ଅବତରଣ ବେଗ ପ୍ରତି ମିନିଟ୍‌ରେ ୩୦ ହଜାର ଫୁଟ୍ ଥିଲା। ଆମେରିକାର ପରିବହନ ସଚିବ ସିନ୍ ଡଫି ଘଟଣାକୁ ଦୁଃଖଦ ବୋଲି କହିଛନ୍ତି। ଫେଡେରାଲ୍ ଆଭିଏସନ୍ ଆଡମିନିଷ୍ଟ୍ରେସନ୍ ଓ ଜାତୀୟ ପରିବହନ ସୁରକ୍ଷା ବୋର୍ଡ ମିଳିତ ଭାବେ ଦୁର୍ଘଟଣାର ତଦନ୍ତ କରିବେ। ବିମାନଟି ବିଦ୍ୟୁତ୍ ତାରରେ ଧକ୍କା ହୋଇଥିବା ଦାବି ହୋଇଥିଲେ ମଧ୍ୟ ଏହା ସ୍ପଷ୍ଟ ହୋଇନାହିଁ।


■ ପଞ୍ଜାବ ନିର୍ବାଚନ ପୂର୍ବରୁ ଆପ୍‌କୁ ଝଟ୍‌କା

ବିଜେପିରେ ମିଶିଲେ ୩ ବିଧାୟକ

ଅମୃତସର,୨।୧୧(ଏଜେନ୍ସି): ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଆମ୍ ଆଦମୀ ପାର୍ଟି (ଆପ୍)କୁ ଝଟ୍‌କା ଲାଗିଛି। ଦୁଇ ଦିନ ମଧ୍ୟରେ ଦଳର ତିନି ଜଣ ବିଧାୟକ ଇସ୍ତଫା ଦେଇଛନ୍ତି। ସେମାନେ ହେଲେ ଅମୃତସର ଉତ୍ତର ବିଧାୟକ କୁଅଁର ବିଜୟ ପ୍ରତାପ ସିଂହ, ସମାନା ବିଧାୟକ ଚେତନ ସିଂହ ଜୌରାମାଜରା ଓ ସନୌର ବିଧାୟକ ହରମୀତ ସିଂହ ପଠାନମାଜରା। ତିନି ଜଣ ଦିଲ୍ଲୀରେ ବିଜେପିରେ ଯୋଗଦେବାକୁ ଯାଉଥିବା ଜଣାପଡ଼ିଛି। କୁଅଁର ବିଜୟ ପ୍ରତାପ ସିଂହ ବିଧାନସଭା ସଦସ୍ୟତାରୁ ମଧ୍ୟ ଇସ୍ତଫା ଦେଇଛନ୍ତି। ସେ ଜଣେ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ। ୨୦୨୫ ଜୁନ୍‌ରେ ଦଳବିରୋଧୀ କାର୍ଯ୍ୟ ଅଭିଯୋଗରେ ଆପ୍ ତାଙ୍କୁ ପାଞ୍ଚ ବର୍ଷ ପାଇଁ ନିଲମ୍ବନ କରିଥିଲା। ଦଳରେ ଯୋଗଦେବା ପରଠାରୁ ସେ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ସରକାରଙ୍କ କାର୍ଯ୍ୟକୁ ସମାଲୋଚନା କରିଆସୁଥିଲେ। ଇସ୍ତଫାପତ୍ରରେ ସେ ରାଜନୀତିରେ 'ମାଇବାପ୍ ସଂସ୍କୃତି'ର ଅନ୍ତ ଘଟାଇଥିବା ଦାବି କରିଛନ୍ତି। ଲୋକଙ୍କ ସ୍ୱର ଉଠାଇବା ଓ ନିଶା, ଦୁର୍ନୀତି ଏବଂ ଗ୍ୟାଙ୍ଗଷ୍ଟର ସମସ୍ୟାରୁ ପଞ୍ଜାବକୁ ମୁକ୍ତ କରିବା ତାଙ୍କ ଲକ୍ଷ୍ୟ ବୋଲି କହିଛନ୍ତି। ଅନ୍ୟପକ୍ଷରେ, ଦଳ ଛାଡ଼ିଥିବା ଦୁଇ ବିଧାୟକଙ୍କ ସଦସ୍ୟତା ରଦ୍ଦ ପାଇଁ ଆପ୍ ବାଚସ୍ପତିଙ୍କ ନିକଟରେ ଆବେଦନ କରିବାକୁ ଯୋଜନା କରିଛି।

ବିମାନ ଭଡ଼ା ନିୟନ୍ତ୍ରଣ କରିବ କେନ୍ଦ୍ର

ନୂଆଦିଲ୍ଲୀ, ୨।୧୧ (ଏଜେନ୍ସି): ବିମାନ ଟିକେଟ୍‌ର ଅଧିକ ଦରକୁ ନେଇ ବଢ଼ୁଥିବା ଚିନ୍ତା ମଧ୍ୟରେ କେନ୍ଦ୍ର ସରକାର ନୂଆ ବିମାନ ଭଡ଼ା ନିୟମ ଘୋଷଣା କରିଛନ୍ତି। ଅସ୍ୱାଭାବିକ ପରିସ୍ଥିତିରେ ଟିକେଟ୍ ଦର ଅତ୍ୟଧିକ ମନେ ହେଲେ ସରକାର ଏଥିରେ ହସ୍ତକ୍ଷେପ କରିପାରିବେ। ସୋମବାର ନଭେମ୍ବର ୨ ତାରିଖରେ ବିମାନ ଚଳାଚଳ ମନ୍ତ୍ରଣାଳୟ 'ଭାରତୀୟ ବିମାନଯାନ ନିୟମ, ୨୦୨୬' ଜାରି କରିଛି। ନୂଆ ନିୟମର ଧାରା ୧୯୨ ଅନୁଯାୟୀ, ବିମାନ କମ୍ପାନିଗୁଡ଼ିକ ପରିଚାଳନା ଖର୍ଚ୍ଚ ଆଦିକୁ ଆଧାର କରି ଟିକେଟ୍ ଭଡ଼ା ନିର୍ଦ୍ଧାରଣ କରିବେ। ଏହାର ସମ୍ପୂର୍ଣ୍ଣ ବିବରଣୀ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)କୁ ଦାଖଲ କରିବାକୁ ପଡ଼ିବ। ଅସ୍ୱାଭାବିକ ପରିସ୍ଥିତିରେ ଜନସ୍ୱାର୍ଥ ଦୃଷ୍ଟିରୁ ଆବଶ୍ୟକ ମନେହେଲେ କେନ୍ଦ୍ର ସରକାର ଲିଖିତ ନିର୍ଦ୍ଦେଶ ଜାରି କରିପାରିବେ। ଏହାସହ ବିମାନ କମ୍ପାନିଗୁଡ଼ିକୁ ନିଜ ୱେବ୍‌ସାଇଟ୍ ଓ ଅନ୍ୟ ଡିଜିଟାଲ୍ ମଞ୍ଚରେ ଟିକେଟ୍ ଦର ପ୍ରକାଶ କରିବାକୁ ହେବ। ଟିକେଟ୍ ବୁକିଂ ସମୟରେ ମୂଳ ଭଡ଼ା, ଟିକସ, ଅନ୍ୟାନ୍ୟ ଶୁଳ୍କ, ବାତିଲ ଦେୟ ଓ ଟଙ୍କା ଫେରସ୍ତ ସର୍ତ୍ତ ସ୍ପଷ୍ଟ ଭାବେ ଦର୍ଶାଇବାକୁ ପଡ଼ିବ।



ଉଲ୍ଲେଖଯୋଗ୍ୟ, ୧୯୯୪ରୁ ଭାରତରେ ବିମାନ ଭଡ଼ା ନିର୍ଦ୍ଧାରଣରେ କମ୍ପାନିଗୁଡ଼ିକୁ ସ୍ୱାଧୀନତା ମିଳିଥିଲା। ତେବେ ନୂଆ ନିୟମରେ କେଉଁ ଦରକୁ ଅତ୍ୟଧିକ ବା ଅନୁଚିତ ଭଡ଼ା ବୋଲି ବିବେଚନା କରାଯିବ, ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ସୀମା ଧାର୍ଯ୍ୟ କରାଯାଇନାହିଁ।

ହର୍ମୁଜ୍ ଖୋଲିବାକୁ ଇରାନ ପ୍ରସ୍ତୁତ, କିନ୍ତୁ...

ତେହେରାନ,୨।୧୧(ଏଜେନ୍ସି): ଆମେରିକା ସର୍ତ୍ତ ମାନିଲେ ଆସନ୍ତା ଦୁଇ ଦିନ ମଧ୍ୟରେ ହର୍ମୁଜ୍ ପ୍ରଣାଳୀକୁ ପୁନଃ ଖୋଲିବାକୁ ଇରାନ ପ୍ରସ୍ତୁତ ଥିବା କହିଛି। ମଧ୍ୟସ୍ଥଙ୍କ ଜରିଆରେ ଆମେରିକା ସହ ଆଲୋଚନା ଜାରି ରହିଥିବା ଇରାନ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାଘାଇ ସୋମବାର କହିଛନ୍ତି। ତାଙ୍କ କହିବା ଅନୁଯାୟୀ, ଇରାନର ସର୍ତ୍ତ ଗ୍ରହଣ କରିବା ଉପରେ ସବୁକିଛି ନିର୍ଭର କରୁଛି। ସର୍ତ୍ତ ପୂରଣ ହେଲେ ହର୍ମୁଜ୍ ପ୍ରଣାଳୀରେ ସୁରକ୍ଷା ପୁନଃ ସ୍ଥାପନ ସହ ଆଲୋଚନା ପ୍ରକ୍ରିୟା ଆଗକୁ ବଢ଼ିପାରିବ। ଇରାନର ଦାବି ମଧ୍ୟରେ ରହିଛି ମଧ୍ୟପ୍ରାଚ୍ୟର ସବୁ ମୋର୍ଚ୍ଚାରେ ଯୁଦ୍ଧ ବନ୍ଦ, ବିଦେଶରେ ଜମା ଥିବା ଇରାନୀ ସମ୍ପତ୍ତି ଉପରୁ କଟକଣା ହଟାଇବା, ତୈଳ କ୍ଷେତ୍ରରେ ଆମେରିକାର ପ୍ରତିବନ୍ଧକ ଉଚ୍ଛେଦ ଏବଂ ନୌସେନା ଅବରୋଧ ହଟାଇବା। ଇରାନ ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି କହିଛନ୍ତି, ହର୍ମୁଜ୍ ଦେଇ ଜାହାଜ ଚଳାଚଳ ପାଇଁ ଇରାନ ଓ ଓମାନ ମଧ୍ୟରେ ସହମତି ହୋଇଥିବା ନୂଆ ବ୍ୟବସ୍ଥାକୁ ଆମେରିକା ଗ୍ରହଣ କରିବା ଆବଶ୍ୟକ। ଅନ୍ୟପକ୍ଷରେ, ଆମେରିକା ଓ ଇସ୍ରାଏଲ ପୁଣି ଇରାନ ଉପରେ ଆକ୍ରମଣ କରିବା ଆଶଙ୍କା ରହିଛି। ଆସନ୍ତା ନିର୍ବାଚନ ପରେ ଆକ୍ରମଣ ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ଚାପ ପକାଉଥିବା ଜଣାପଡ଼ିଛି। ତେବେ ହର୍ମୁଜ୍ ପ୍ରଣାଳୀ ଦେଇ ବିଶ୍ୱର ପ୍ରାୟ ଏକ ପଞ୍ଚମାଂଶ ତୈଳ ପରିବହନ ହୋଇଥାଏ।

ବିରୋଧୀଙ୍କ ସହ ମେଣ୍ଟ ସରକାର କରିବେ ନେତନ୍ୟାହୁ

ତେଲ୍‌ଆଭିଭ୍,୨।୧୧(ଏଜେନ୍ସି): ଇସ୍ରାଏଲରେ ସରକାର ଗଠନକୁ ନେଇ ରାଜନୈତିକ ଅନିଶ୍ଚିତତା ବଢ଼ିଛି। ବିରୋଧୀ ନେତା ଗାଦି ଇସେନକୋଟଙ୍କ ସହ ମେଣ୍ଟ ସରକାର ଗଠନ କରିବାକୁ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ପ୍ରସ୍ତୁତ ଥିବା ଏକ ରିପୋର୍ଟରେ କୁହାଯାଇଛି। ଆରବ ଦଳଗୁଡ଼ିକ ଇସେନକୋଟଙ୍କୁ ସମର୍ଥନ ଦେବା ପରେ କ୍ଷମତା ହରାଇବା ଆଶଙ୍କାରେ ନେତାନ୍ୟାହୁ ଏହି ବିକଳ୍ପ ଉପରେ ବିଚାର କରୁଥିବା ଇସ୍ରାଏଲୀ ଗଣମାଧ୍ୟମ ଆଇ୨୪ ନ୍ୟୁଜ୍ ରିପୋର୍ଟ କରିଛି। ଅକ୍ଟୋବର ୨୭ରେ ଅନୁଷ୍ଠିତ ନିର୍ବାଚନରେ କୌଣସି ମେଣ୍ଟ ୧୨୦ ଆସନ ବିଶିଷ୍ଟ ସଂସଦରେ ୬୧ଟି ଆସନର ସଂଖ୍ୟାଗରିଷ୍ଠତା ହାସଲ କରିପାରିନାହିଁ। ନେତନ୍ୟାହୁଙ୍କ ମେଣ୍ଟକୁ ୫୩, ଇସେନକୋଟଙ୍କ ବିରୋଧୀ ମେଣ୍ଟକୁ ୪୮ ଏବଂ ଆରବ ଦଳଗୁଡ଼ିକୁ ୧୯ଟି ଆସନ ମିଳିଛି। ରବିବାର ଜଏଣ୍ଟ ଲିଷ୍ଟ ଓ ରାମ୍ ଭଳି ଆରବ ଦଳ ଇସେନକୋଟଙ୍କୁ ସମର୍ଥନ ଘୋଷଣା କରିଛନ୍ତି। ଫଳରେ ତାଙ୍କ ସମର୍ଥନରେ ୬୭ ଜଣ ସାଂସଦ ରହିବା ସମ୍ଭାବନା ସୃଷ୍ଟି ହୋଇଛି। ନେତନ୍ୟାହୁ ବିରୋଧୀ ଦଳର କିଛି ସାଂସଦଙ୍କୁ ନିଜ ପକ୍ଷକୁ ଆଣିବା, ଇସେନକୋଟଙ୍କ ସହ ଜାତୀୟ ଏକତା ସରକାର ଗଠନ ଉପରେ ବିଚାର କରୁଛନ୍ତି।

ଅନୁମତି ଦେଲେ ସୁପ୍ରିମକୋର୍ଟ; ଦିଲ୍ଲୀରେ ଫୁଟିବ କେବଳ ସବୁଜ ବାଣ

ନୂଆଦିଲ୍ଲୀ,୨।୧୧(ଏଜେନ୍ସି): ଦୀପାବଳି ଅବସରରେ ଦିଲ୍ଲୀ-ଏନ୍‌ସିଆର୍‌ରେ ସବୁଜ ବାଣ ଫୁଟାଇବାକୁ ଅନୁମତି ଦେଇଛନ୍ତି ସୁପ୍ରିମକୋର୍ଟ। ଆସନ୍ତା ନଭେମ୍ବର ୭ ଓ ୮ ତାରିଖରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଲୋକେ ଏହି ବାଣ ଫୁଟାଇପାରିବେ। ଏଥିପାଇଁ ସକାଳ ୬ଟାରୁ ୭ଟା ଏବଂ ରାତି ୮ଟାରୁ ୧୦ଟା ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରାଯାଇଛି। ୨୦୨୫ ଅକ୍ଟୋବର ୧୫ରେ କୋର୍ଟ ଦେଇଥିବା ନିର୍ଦ୍ଦେଶ ଆଧାରରେ ଏହି ଅନୁମତି ମିଳିଛି। ତେବେ ବାଣ ଫୁଟାଇବା ଉପରେ କେତେକ ସ୍ଥାନରେ କଡ଼ା କଟକଣା ଲଗାଯାଇଛି। ଡାକ୍ତରଖାନା, ନର୍ସିଂହୋମ୍, ପ୍ରାଥମିକ ଓ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର, ବୃଦ୍ଧାଶ୍ରମ ଏବଂ ଘୋଷିତ ନିରବ ଅଞ୍ଚଳର ୩୦୦ ମିଟର ପରିଧି ମଧ୍ୟରେ ବାଣ ଫୁଟାଇବା ନିଷିଦ୍ଧ କରାଯାଇଛି। ଶିକ୍ଷାନୁଷ୍ଠାନ ସମେତ ଏହି ସମସ୍ତ ଅଞ୍ଚଳକୁ 'ବାଣ ନିଷିଦ୍ଧ ଅଞ୍ଚଳ' ଭାବେ ଘୋଷଣା କରାଯିବ। ଏଥିପାଇଁ ସୂଚନା ଫଳକ ଲଗାଇବା ସହ ଜନସଚେତନତା ସୃଷ୍ଟି କରାଯିବ। ଏହା ପୂର୍ବରୁ ସେପ୍ଟେମ୍ବର ୩୦ ତାରିଖରେ ଶୁଣାଣି ବେଳେ ସୁପ୍ରିମକୋର୍ଟ କହିଥିଲେ ଯେ ବାଣ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଲଗାଇବାକୁ ଚାହୁଁନାହାନ୍ତି। କିନ୍ତୁ ଦିନରାତି ଯେକୌଣସି ସମୟରେ ବାଣ ଫୁଟାଇବାକୁ ମଧ୍ୟ ଅନୁମତି ଦିଆଯାଇପାରିବ ନାହିଁ। କେବଳ ଲାଇସେନ୍ସପ୍ରାପ୍ତ ଉତ୍ପାଦକଙ୍କ ଦ୍ୱାରା ପ୍ରସ୍ତୁତ ଏବଂ ନିଷିଦ୍ଧ ରାସାୟନିକ ପଦାର୍ଥମୁକ୍ତ ବାଣକୁ ଅନୁମତି ମିଳିବ ବୋଲି କୋର୍ଟ ସ୍ପଷ୍ଟ କରିଥିଲେ। ଅକ୍ଟୋବର ୨୯ ତାରିଖରେ କୋର୍ଟ ପ୍ରଦୂଷଣମୁକ୍ତ ଦୀପାବଳି ପାଳନ ପାଇଁ ଜନସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ବିରାଟ କୋହଲିଙ୍କ ଭଳି ପ୍ରସିଦ୍ଧ କ୍ରୀଡ଼ାବିତ୍ ଓ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିଙ୍କ ମାଧ୍ୟମରେ ଲୋକଙ୍କୁ ସଚେତନ କରିବାକୁ ପ୍ରସ୍ତାବ ଦେଇଥିଲେ। ଶୁଣାଣି ସମୟରେ ଆମିକସ୍ କ୍ୟୁରି ଉତ୍ତରା ବବ୍ବର ବାୟୁ ପ୍ରଦୂଷଣର ଭୟାବହତା ସମ୍ପର୍କରେ ତଥ୍ୟ ରଖିଥିଲେ। 'ଷ୍ଟେଟ୍ ଅଫ୍ ଗ୍ଲୋବାଲ୍ ଏୟାର୍-୨୦୨୫' ରିପୋର୍ଟ ଅନୁଯାୟୀ, ଭାରତରେ ବାୟୁ ପ୍ରଦୂଷଣ ଯୋଗୁଁ ୨୦.୧ ଲକ୍ଷରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ସେଥିମଧ୍ୟରୁ ୨୧ ପ୍ରତିଶତ ମୃତକଙ୍କ ବୟସ ୫ ବର୍ଷରୁ କମ୍। ଗତବର୍ଷ ମଧ୍ୟ ଦିଲ୍ଲୀ-ଏନ୍‌ସିଆର୍‌ରେ ପ୍ରଦୂଷଣକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ସର୍ତ୍ତମୂଳକ ଭାବେ ସବୁଜ ବାଣ ବିକ୍ରି ଓ ବ୍ୟବହାରକୁ ଅନୁମତି ଦେଇଥିଲେ। ଏଥର ମଧ୍ୟ ପରିବେଶ ସୁରକ୍ଷା, ଜନସ୍ୱାସ୍ଥ୍ୟ ଓ ପାରମ୍ପରିକ ପର୍ବ ପାଳନ ମଧ୍ୟରେ ସନ୍ତୁଳନ ରଖିବାକୁ କୋର୍ଟ ଉଦ୍ୟମ କରିଛନ୍ତି।

- ୭ ଓ ୮ରେ ନିର୍ଦ୍ଧାରିତ ସମୟରେ ଫୁଟିବ
- ଡାକ୍ତରଖାନା, ନିରବ ଅଞ୍ଚଳରେ କଟକଣା



ମଦ ବିରୋଧରେ ମହିଳାଙ୍କ ରଣହୁଙ୍କାର

ଜିଲ୍ଲାପାଳ କାର୍ଯ୍ୟାଳୟ ଘେରିଲେ ୩୨ ଗାଁର ମହିଳା / ପଞ୍ଚାୟତ ନିର୍ବାଚନ ବର୍ଜନ ଚେତାବନୀ



କୋରାପୁଟ, ୨।୧୧ (ସମିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ କଙ୍ଗା ପଞ୍ଚାୟତର ୩୨ ଖଣ୍ଡ ଗ୍ରାମର ୫ଶହରୁ ଅଧିକ ମହିଳା ମଦ ବିକ୍ରି ବନ୍ଦ ଦାବିରେ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ମହିଳାଙ୍କ ଅଭିଯୋଗ ଅନୁଯାୟୀ, ପଞ୍ଚାୟତର ବିଭିନ୍ନ ଗ୍ରାମରେ ଦେଶୀ ଓ ବିଦେଶୀ ମଦର ଅବାଧ ବିକ୍ରି ଯୋଗୁଁ ଅନେକ ପରିବାରରେ ଅଶାନ୍ତି ଲାଗି ରହିଛି। ସ୍ୱାମୀମାନେ ମଦ୍ୟପାନ କରି ମାତାଲ ଅବସ୍ଥାରେ ଘରକୁ ଫେରୁଥିବାରୁ ପରିବାରରେ କଳହ ବଢ଼ୁଛି। ଦିନମଜୁରିଆ ଭାବେ କାମ କରି ମହିଳାମାନେ ପରିବାର ଚଳାଇବାକୁ ସଂଘର୍ଷ କରୁଥିବା ବେଳେ ମଦ ପାଇଁ ରୋଜଗାର ଅର୍ଥ ନଷ୍ଟ ହେଉଛି। ମଦ୍ୟପାନ ଓ ଏହା ସହ ଜଡ଼ିତ ଦୁର୍ଘଟଣା ଯୋଗୁଁ ଅନେକ ପରିବାରରେ ଅକାଳରେ ରୋଜଗାରିଆ ସଦସ୍ୟଙ୍କୁ ହରାଇବାକୁ ପଡୁଥିବା ସେମାନେ କହିଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପ୍ରତ୍ୟେକ ଗ୍ରାମରେ ଦେଶୀ ଓ ବିଦେଶୀ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ମହିଳାମାନେ ଦାବି କରିଛନ୍ତି। ଏନେଇ ଜିଲ୍ଲା ଅବକାରୀ ଅଧୀକ୍ଷକ ଅରୁଣ କୁମାର ପାଢ଼ୀଙ୍କୁ ଭେଟି ଲିଖିତ ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଛନ୍ତି। ଯଦି ମଦ ବିକ୍ରି ବନ୍ଦ ନହୁଏ, ତେବେ ଆଗାମୀ ପଞ୍ଚାୟତ ନିର୍ବାଚନ ବର୍ଜନ କରିବେ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। କୌଣସି ସୂଚନା ନ ଦେଇ ଏତେ ସଂଖ୍ୟାରେ ମହିଳା ଆସିଥିବାରୁ କୋରାପୁଟ ଟାଉନ ପୁଲିସ ମହିଳା ମାନେ ଆସିଥିବା ଗାଡ଼ିକୁ ଆଣି ଥାନାରେ କାଗଜପତ୍ର ଯାଞ୍ଚ କରିଥିବା ବେଳେ ଅଧରାତି ପର୍ଯ୍ୟନ୍ତ ମହିଳା ମାନେ ଥାନା ସମ୍ମୁଖରେ ବସିଥିବା ଦେଖିବାକୁ ମିଳିଥିଲା। ସୂଚନା ଥାଉକି କୋରାପୁଟ ସହର ସମେତ ଜିଲ୍ଲାର ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ଦେଶୀ ଓ ବିଦେଶୀ ମଦ ବେଆଇନ ଭାବେ ବିକ୍ରି ହେଉଥିଲେ ବି ଅବକାରୀ ବିଭାଗ ନିରବଦ୍ରଷ୍ଟା ସାଜିଥିବା ବୁଦ୍ଧିଜୀବି ମହଲରେ ଆଲୋଚନାରେ ବିଷୟ ହୋଇଛି। ଏଣୁ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହେଉଛି।



ସୋମବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଓଡ଼ିଶାର ନୂଆ ରାଜ୍ୟପାଳ ବ୍ରଜ ମୋହନ ରାମ

୨ ଦିନିଆ ଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨।୧୧ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସନ୍ଧ୍ୟାରେ ୨ ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଆସନ୍ତାକାଲି ସେ ଭାରତ ରିନ୍ୟୁଏବଲ୍ ଏନର୍ଜି ସମିଟରେ ଯୋଗଦେବେ। ଏହି ସମ୍ମିଳନୀରେ ନବୀକରଣୀୟ ଶକ୍ତି ବା ଅକ୍ଷୟ ଶକ୍ତି କ୍ଷେତ୍ରରେ ନିବେଶ ଏବଂ ଓଡ଼ିଶାରେ ନୂଆ ପ୍ରକଳ୍ପ ସ୍ଥାପନକୁ ନେଇ ଏମ୍ଓୟୁ ସ୍ୱାକ୍ଷରିତ ହେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଶକ୍ତି ବିଭାଗର ବରିଷ୍ଠ ଅଧିକାରୀ ମଧ୍ୟ ଉପସ୍ଥିତ ରହିବେ। ଏହାବ୍ୟତୀତ ମୁଖ୍ୟମନ୍ତ୍ରୀ କିଛି କେନ୍ଦ୍ରମନ୍ତ୍ରୀଙ୍କୁ ଭେଟି ପାରନ୍ତି। ଆସନ୍ତାକାଲି ସେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡ଼ିଛି।

କ୍ଷତିପୂରଣ ରାଶି ପ୍ରଦାନ ପାଇଁ ୫ ଲକ୍ଷ ଟଙ୍କା ଲାଞ୍ଚ

ଭିଜିଲାନ୍ସ ଜାଲରେ ଜମି ଅଧିଗ୍ରହଣ ଅଧିକାରୀ



ସମ୍ବଲପୁର, ୨।୧୧ (ସମିସ) : ସମ୍ବଲପୁର-ତାଳଚେର ରେଳ ଲାଇନ୍ ଦୋହରୀକରଣ ପ୍ରକଳ୍ପର ଭୂମି ଅଧିଗ୍ରହଣ ବାବଦ କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ ୫ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଧିକାରୀ ଅଜୟ କୁମାର ଗଡ଼ନାଏକଙ୍କୁ ଓଡ଼ିଶା ଭିଜିଲାନ୍ସ ବିଭାଗ ଧରିଛି। ସେ ଜଣେ ଜମି ମାଲିକଙ୍କଠାରୁ ଲାଞ୍ଚ ଦାବି କରିଥିଲେ। ଭୂମି ଅଧିଗ୍ରହଣ ବାବଦ କ୍ଷତିପୂରଣ ରାଶି ୮୪,୭୨,୨୮୮ ଟଙ୍କା ପ୍ରଦାନ କରିବା ଏବଂ ଭବିଷ୍ୟତରେ ତୃତୀୟ ରେଳ ଲାଇନ୍ ପ୍ରକଳ୍ପ ସମୟରେ କ୍ଷତିପୂରଣ ପ୍ରଦାନ କ୍ଷେତ୍ରରେ ଅନୁକୂଳ ବ୍ୟବସ୍ଥା କରିବା ପାଇଁ ସେ ଏହି ଲାଞ୍ଚ ମାଗିଥିଲେ। ଶ୍ରୀ ଗଡ଼ନାଏକ ଅଭିଯୋଗକାରୀଙ୍କ ଠାରୁ ମୋଟ ୫.୧୦ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ସେ ଗତ ଅକ୍ଟୋବର ୨୭ ତାରିଖରେ ୨ ଲକ୍ଷ ଟଙ୍କା ନେଇସାରିଥିଲେ ଏବଂ ବାକି ୩.୧୦ ଲକ୍ଷ ଟଙ୍କା ତୁରନ୍ତ ଦେବାକୁ କହିଥିଲେ। ଏହା ସହ, ଯଦି ବାକି ଟଙ୍କା ନ ଦିଆଯାଏ, ତେବେ ତୃତୀୟ ରେଳ ଲାଇନ୍ ପ୍ରକଳ୍ପ ପାଇଁ ହେବାକୁ ଥିବା ଭୂମି ଅଧିଗ୍ରହଣ ସମୟରେ ଅସୁବିଧା ସୃଷ୍ଟି କରିବେ ବୋଲି ଶ୍ରୀ ଗଡ଼ନାଏକ ଅଭିଯୋଗକାରୀଙ୍କୁ ଧମକ ମଧ୍ୟ ଦେଇଥିଲେ। ଏଥିରେ ଅତିଷ୍ଠ ହୋଇ, ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଏହାପରେ, ଆଜି ଓଡ଼ିଶା ଭିଜିଲାନ୍ସର ଏକ ଟିମ୍ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ବାବଦ ବାକି ୩.୧୦ ଲକ୍ଷ ଟଙ୍କା ନେଉଥିବା ସମୟରେ ଶ୍ରୀ ଗଡ଼ନାଏକଙ୍କୁ ଧରିଥିଲା। ଅଭିଯୁକ୍ତ ଶ୍ରୀ ଗଡ଼ନାଏକଙ୍କ ନିକଟରୁ ଲାଞ୍ଚ ବାବଦ ୩,୧୦,୦୦୦ ଟଙ୍କା ଜବତ କରାଯାଇଛି।

ଏହାସହ ଶ୍ରୀ ଗଡ଼ନାଏକଙ୍କ ଆୟ ବହିର୍ଭୂତ ସମ୍ପତ୍ତି (ଡିଏ) ରହିଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ୩ଟି ସ୍ଥାନରେ ଚଢ଼ଉ ଜାରି ରହିଛି। ଅନୁଗୋଳସ୍ଥିତ ଶ୍ରୀ ଗଡ଼ନାଏକଙ୍କ ସରକାରୀ ବାସଗୃହ, ଢେଙ୍କାନାଳ ଜିଲ୍ଲା ରାସୋଲ ଥାନା ଅନ୍ତର୍ଗତ ତାଙ୍କ ପୈତୃକଗ୍ରାମ ଗିରିଧର ପ୍ରସାଦରେ ଥିବା ଘର ଏବଂ ତାଙ୍କ କାର୍ଯ୍ୟାଳୟ କକ୍ଷରେ ଏକକାଳୀନ ଚଢ଼ାଉ କରାଯାଇଛି। ସମ୍ବଲପୁର-ତାଳଚେର ରେଳ ଲାଇନ୍ ଦୋହରୀକରଣ ପ୍ରକଳ୍ପ (ସମ୍ବଲପୁର)ର ସ୍ୱତନ୍ତ୍ର ଭୂମି ଅଧିଗ୍ରହଣ ଅଧିକାରୀ ଅଜୟକୁମାର ଗଡ଼ନାଏକଙ୍କୁ ଅଧିକ ପଚରାଉଚରା ପାଇଁ ଅଟକ ରଖାଯାଇଛି।

ନକଲି ଆର୍‌ଟିଓ ଗିରଫ



ଜଳେଶ୍ୱର,୨।୧୧(ସମିସ): ୧୬ ନଂ. ଜାତୀୟ ରାଜପଥ ସୀମାନ୍ତ ଲକ୍ଷ୍ମଣନାଥ ଟୋଲ ପ୍ଲାଜାଠାରେ ଜଣେ ନକଲି ଆରଟିଓକୁ ଗିରଫ କରିଛି ଜଳେଶ୍ୱର ପୁଲିସ। ଅଭିଯୁକ୍ତ ଜଣକ ଜଳେଶ୍ୱର ଥାନା ଅନ୍ତର୍ଗତ ଗୋବରଘାଟା ପଞ୍ଚାୟତ ବୈରାଟ ଆଡିର ବାସିନ୍ଦା ଭାସ୍କର ମହାନ୍ତିଙ୍କ ପୁଅ ବିଜୟ ମହାନ୍ତି। ସେ ଜନୈକ ନେତାଙ୍କ ଛତ୍ରଛାୟାରେ ରହି ନକଲି ରସିଦ୍ ଯୋଗାଇବା ସହ ଚାନ୍ଦା ଆଦାୟ କରି ଆସୁଥିଲା। ଜଳେଶ୍ୱର ଏସ୍‌ଡିପିଓ ସୁରେଶ୍ ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଆଇଆଇସି ମୁକୁନ୍ଦ ମୁରାରୀ ପାତ୍ରଙ୍କ ନେତୃତ୍ୱରେ ସୋମବାର ଭୋର ସମୟରେ ଉକ୍ତ ଟୋଲ ପ୍ଲାଜାଠାରେ ପୁଲିସର ଅତର୍କିତ ଚଢ଼ଉ ସମୟରେ ଅନ୍ୟ କେତେକ ଚମ୍ପଟ ମାରିଥିବାବେଳେ ବିଜୟକୁ ପୁଲିସ କାବୁ କରିଥିଲା। ତା' ନିକଟରୁ ୧୬ଶହ ଟଙ୍କା, ମୋବାଇଲ୍, ବାଇକ୍, ପଶ୍ଚିମବଙ୍ଗ ପରିବହନ ବିଭାଗର ନକଲି ରସିଦ୍ ବହି ଜବତ କରାଯାଇଛି। ଘଟଣା ନେଇ ଜଳେଶ୍ୱର ପୁଲିସ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛି।

ପିଏସ୍‌ଓଙ୍କ ପିଠିରେ ବସି ବନ୍ୟାଞ୍ଚଳ ବୁଲିଲେ ମନ୍ତ୍ରୀ



ମନ୍ତ୍ରୀ ଓ ସରକାରଙ୍କୁ ବିଜେଡିର ସମାଲୋଚନା

ଭୁବନେଶ୍ୱର, ୨।୧୧ (ସମିସ): ବନ୍ୟାଞ୍ଚଳ ପରିଦର୍ଶନ ବେଳେ ନିଜ ସୁରକ୍ଷାକର୍ମୀ (ପିଏସ୍‌ଓ)ଙ୍କ ପିଠିରେ ବସି ନାଳ ପାର ହେଉଥିବା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକଙ୍କୁ ନେଇ ସରକାର ଅକଳରେ ପଡ଼ିଛନ୍ତି । ଘଟଣାକୁ ନେଇ ରାଜନୈତିକ ବିବାଦ ତୀବ୍ର ହୋଇଛି ଏବଂ ମନ୍ତ୍ରୀ ଓ ସରକାରଙ୍କୁ ବିରୋଧୀ କଡ଼ା ସମାଲୋଚନା କରିଛନ୍ତି। ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ବିପନ୍ନଙ୍କ ଦୁର୍ଦ୍ଦଶା ଓ ସରକାରୀ ସହାୟତାର ଅଭାବ ଭିତରେ ଜଣେ ମନ୍ତ୍ରୀଙ୍କ ଏଭଳି ଆଚରଣ ତାଙ୍କ ମାନବିକତା ଓ ସମ୍ବେଦନଶୀଳତା ଉପରେ ପ୍ରଶ୍ନ ଉଠାଇଛି। ଏହାକୁ ନେଇ ବିଜେଡି ସରକାରଙ୍କୁ ତୀବ୍ର ସମାଲୋଚନା କରିଛି।ସୁରକ୍ଷାକର୍ମୀଙ୍କ ସମ୍ମାନ ଓ ମର୍ଯ୍ୟାଦା ରକ୍ଷା ସହ ଜନସାଧାରଣଙ୍କ ଦୁର୍ଦ୍ଦଶା ପ୍ରତି ସମ୍ବେଦନଶୀଳ ହୁଅନ୍ତୁ। ନଚେତ୍ ଜନଅସନ୍ତୋଷ ଆହୁରି ତୀବ୍ର ହେବ ବୋଲି ବିଜେଡି ଚେତାବନୀ ଦେଇଛି। ଦଳର ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଏକ ବିବୃତିରେ କହିଛନ୍ତି, କନ୍ଧମାଳରେ ଘଟିଥିବା ଏହି ଘଟଣା କେବଳ ଜଣେ ମନ୍ତ୍ରୀଙ୍କ ଆଚରଣର ପ୍ରଶ୍ନ ନୁହେଁ; ଏହା କ୍ଷମତାର ଅହଂକାର ଓ ସମ୍ବେଦନହୀନ ମାନସିକତାର ପ୍ରତିଫଳନ। ଜଣେ ସୁରକ୍ଷାକର୍ମୀଙ୍କୁ ଏଭଳି ଭାବେ ବ୍ୟବହାର କରିବା ତାଙ୍କ ମର୍ଯ୍ୟାଦା ପ୍ରତି ଅସମ୍ମାନ। ଏଭଳି ଦୃଶ୍ୟକୁ ସାଧାରଣ ଘଟଣା ଭାବେ ଏଡ଼ାଇ ଦେବା ଉଚିତ ନୁହେଁ । ବାତ୍ୟା ଅର୍ଣ୍ଣବରେ ଗଞ୍ଜାମ ଓ ଗଜପତି ଜିଲ୍ଲାର ଲୋକେ ବିପର୍ଯ୍ୟୟରେ ଛଟପଟ ହେଉଥିବାବେଳେ ସେମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି। ଅନ୍ୟପକ୍ଷରେ, ବିଭିନ୍ନ ଅଞ୍ଚଳ ଗସ୍ତ ସମୟରେ ମନ୍ତ୍ରୀ ଓ ବିଧାୟକମାନେ ଲୋକଙ୍କ ଅସନ୍ତୋଷର ସମ୍ମୁଖୀନ ହେଉଛନ୍ତି। ଏହା ସରକାରଙ୍କ ପ୍ରତି ବଢ଼ୁଥିବା ଜନଅସନ୍ତୋଷର ପ୍ରତିଫଳନ ବୋଲି ବିଜେଡି କହିଛି।

ବିଜେପି ନେତାଙ୍କ କାର୍ ଧକ୍କାରେ ୨ ଅଟୋ ଚୂର୍‌ମାର୍



୫ ମହିଳାଙ୍କ ସମେତ ୯ ଜଣ ଗୁରୁତର ଆହତ

ଖୁଣ୍ଟା/ଉଦଳା, ୨।୧୧(ସମିସ): ବାରିପଦାରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମ ସାରି ଫେରୁଥିବାବେଳେ ବିଜେପିର ଉଦଳା ନିର୍ବାଚନମଣ୍ଡଳୀ ସାଧାରଣ ସମ୍ପାଦକ ପ୍ରାଣକୃଷ୍ଣ ବେରାଙ୍କ କାର୍ ଧକ୍କାରେ ଦୁଇଟି ବ୍ୟାଟେରୀଚାଳିତ ଅଟୋ ଚୁରମାର୍ ହୋଇଯାଇଥିବା ବେଳେ ୫ ମହିଳାଙ୍କ ସମେତ ୯ ଜଣ ଗୁରୁତର ଆହତ ହୋଇଛନ୍ତି। ସୋମବାର ଅପରାହ୍ଣରେ ଉଦଳା ଥାନା ଅଧୀନ ବାରିପଦା-ଉଦଳା ୧୯ନଂ ରାଜ୍ୟ ରାଜପଥର ବିସିପୁରସ୍ଥ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ମୁଖରେ ଏହି ଦୁର୍ଘଟଣା ଘଟିଛି। ଦ୍ରୁତ ଗତିରେ ଆସୁଥିବା ଉକ୍ତ କାର୍‌ଟି ସମ୍ମୁଖରୁ ଆସୁଥିବା ଦୁଇଟି ବ୍ୟାଟେରୀଚାଳିତ ଯାତ୍ରୀବାହୀ ଟେମ୍ପୋ (ଅଟୋ)କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ଟେମ୍ପୋ ଦୁଇଟି ସମ୍ପୂର୍ଣ୍ଣ ଚୂରମାର୍ ହୋଇଯାଇଛି। ଟେମ୍ପୋରେ ଥିବା ୫ ଜଣ ମହିଳା ଓ ୩ ଶିଶୁଙ୍କ ସମେତ ମୋଟ ୯ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ସମସ୍ତ ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ଉଦଳା ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି। କାର୍ ଚାଳକ ନିଶାଶକ୍ତ ଥିବାରୁ ଏଭଳି ଅଘଟଣ ଘଟିଥିବା ଅଭିଯୋଗ ହୋଇଛି।

ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା

ଜେଲ୍ ଗଲେ ବିଦ୍ୟାଭାରତୀ



ପାରଳାଖେମୁଣ୍ଡି, ୨।୧୧ (ସମିସ): ବହୁଚର୍ଚ୍ଚିତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ଦୀର୍ଘଦିନର ଅପେକ୍ଷା ଓ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ମାମଲାର ଅଭିଯୁକ୍ତ ମୃତ୍ୟୁ ଏସିଏଫଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡା ଆଜି ଓକିଲଙ୍କ ସହ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ପକ୍ଷରୁ ଦାଖଲ ଜାମିନ ଆବେଦନକୁ ମଧ୍ୟ ଅଦାଲତ ଖାରଜ କରିଦେଇଛନ୍ତି ଏସଡିଜେଏମ୍ କୋର୍ଟ। ଗତ ୩୦ ତାରିଖରେ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ ନଭେମ୍ବର ୨ ସୁଦ୍ଧା ଆତ୍ମସମର୍ପଣ କରିବାକୁ ବିଦ୍ୟାଭାରତୀଙ୍କୁ ନିର୍ଦ୍ଦେଶ ରହିଥିଲା। ଏହି ନିର୍ଦ୍ଦେଶ ମୁତାବକ ସେ ଆଜି ଅଦାଲତରେ ହାଜର ହୋଇଥିଲେ। ଜାମିନ ଆବେଦନ ଖାରଜ ହେବା ପରେ ତାଙ୍କୁ ଜେଲ ଯିବାକୁ ପଡ଼ିଛି। ୨୦୨୧ ମସିହାରେ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ପରେ ପ୍ରଥମେ ପୋଲିସ ଓ ପରେ କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତ କରିଥିଲା । ତେବେ ତଦନ୍ତକାରୀ ସଂସ୍ଥାଗୁଡ଼ିକର ତଦନ୍ତରେ ସନ୍ତୁଷ୍ଟ ନ ହୋଇ ମୃତ ସୌମ୍ୟରଞ୍ଜନଙ୍କ ପିତା ଅଭିରାମ ମହାପାତ୍ର ୨୦୨୩ରେ ନ୍ୟାୟ ପାଇଁ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ପୂର୍ବରୁ ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ ବେହେରା ଆତ୍ମସମର୍ପଣ ଜାମିନ ଆବେଦନ ଖାରଜ ପରେ ନ୍ୟାୟିକ ହେପାଜତରେ ରହି ବିଚାରାଧିନ କଏଦି ଭାବେ ଜେଲ୍‌ରେ ଥିବା ବେଳେ ରୋଷୟା ମନ୍ମଥ କୁମ୍ଭ ଗିରଫ ହୋଇଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଭାରତୀଙ୍କ ଓକିଲ ଶିଶିର ଜେନା କହିଛନ୍ତି, ତାଙ୍କ ମହକିଲ ଜଣେ ବିଧବା ମହିଳା ଏବଂ ସେ ଏହି ମାମଲାରେ ନିର୍ଦ୍ଦୋଷ। ନିମ୍ନ ଅଦାଲତଙ୍କ ଜାମିନ ଖାରଜ ରାୟକୁ ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରାଯିବ। ସେହିପରି ସରକାରୀ ଓକିଲ ରାଜେଶ କୁମାର ମିଶ୍ର ଓ ଅଭିରାମ ମହାପାତ୍ରଙ୍କ ଓକିଲ ରଜତ କୁମାର ପାତ୍ର କହିଛନ୍ତି, ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ମାମଲାର ପରବର୍ତ୍ତୀ ଆଇନଗତ ପ୍ରକ୍ରିୟା ଜାରି ରହିବ।

ଦୁଇ ଦଶନ୍ଧିର ନେତୃତ୍ୱକୁ ଅପମାନିତ କରିବା ଉଦ୍ୟମ!

ହିଞ୍ଜିଳିରେ ପୋଷ୍ଟର ରାଜନୀତିକୁ ବିଜୁପ୍ରେମୀଙ୍କ ନିନ୍ଦା

ବ୍ରହ୍ମପୁର,୨।୧୧(ସମିସ): ରାଜନୈତିକ ବିରୋଧିତାର ମଧ୍ୟ ଏକ ସୀମା ରହିଛି। ମତଭେଦ ଓ ରାଜନୈତିକ ସମାଲୋଚନା ଗଣତନ୍ତ୍ରର ଅବିଚ୍ଛେଦ୍ୟ ଅଙ୍ଗ ହୋଇଥିବା ବେଳେ ବ୍ୟକ୍ତିତ୍ୱକୁ ଅପମାନିତ କରିବା ଭଳି କାର୍ଯ୍ୟ କେତେଦୂର ଗ୍ରହଣୀୟ, ତାହାକୁ ନେଇ ଏବେ ହିଞ୍ଜିଳିରେ ଚର୍ଚ୍ଚା ଜୋର୍ ଧରିଛି। ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଗଞ୍ଜାମ ମାଟିରୁ ରାଜନୈତିକ ନେତୃତ୍ୱ ନେଇ ଓଡ଼ିଶାର ଶାସନ ଭାର ସମ୍ଭାଳିଥିବା ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନାମରେ ହିଞ୍ଜିଳିର ବିଭିନ୍ନ ସ୍ଥାନରେ "ମିସିଂ" ପୋଷ୍ଟର ଲଗାଯିବା ଘଟଣାକୁ ନେଇ ଏଭଳି ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପୋଷ୍ଟରକୁ ନେଇ ବିଜୁପ୍ରେମୀ ଓ ନବୀନଙ୍କ ସମର୍ଥକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ଏହାକୁ ନିନ୍ଦା କରିଛନ୍ତି। ସେମାନଙ୍କ ମତରେ, ରାଜନୈତିକ ଭାବେ ନବୀନଙ୍କୁ ବିରୋଧ କରିବା, ତାଙ୍କ ନୀତି ଓ ନିଷ୍ପତ୍ତିକୁ ସମାଲୋଚନା କରିବା ବିରୋଧୀଙ୍କ ଅଧିକାର। କିନ୍ତୁ ଦୀର୍ଘବର୍ଷ ଧରି ରାଜ୍ୟର ନେତୃତ୍ୱ ନେଇଥିବା ଜଣେ ରାଜନୈତିକ ବ୍ୟକ୍ତିତ୍ୱଙ୍କୁ ଏଭଳି ଢଙ୍ଗରେ ଉପହାସ କରିବା ରାଜନୈତିକ ସଂସ୍କୃତିର କେଉଁ ପରିଚୟ ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଉଲ୍ଲେଖଯୋଗ୍ୟ, ହିଞ୍ଜିଳି କେବଳ ନବୀନ ପଟ୍ଟନାୟକଙ୍କ ରାଜନୈତିକ କର୍ମଭୂମି ନୁହେଁ, ବରଂ ଗଞ୍ଜାମ ଜିଲ୍ଲାରେ ତାଙ୍କ ଦୀର୍ଘ ରାଜନୈତିକ ଯାତ୍ରାର ଏକ ପ୍ରମୁଖ ଆଧାର ରହି ଆସିଛି। ଏହି ଅଞ୍ଚଳରୁ ନିର୍ବାଚିତ ହୋଇ ସେ ଦୀର୍ଘବର୍ଷ ଧରି ରାଜ୍ୟର ଶାସନ ଦାୟିତ୍ୱ ତୁଲାଇଥିଲେ। ତାଙ୍କ ଶାସନ କାଳରେ ଗଞ୍ଜାମ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ତାଙ୍କ ସମର୍ଥକମାନେ ଉଲ୍ଲେଖ କରିଛନ୍ତି। ଏଭଳି ଜଣେ ନେତାଙ୍କୁ ନେଇ ମିସିଂ ପୋଷ୍ଟର ଲଗାଇବା ପଛରେ କେଉଁ ରାଜନୈତିକ ଉଦ୍ଦେଶ୍ୟ ରହିଛି, ତାହାକୁ ନେଇ ମଧ୍ୟ ଚର୍ଚ୍ଚା ହେଉଛି। ବିଜୁପ୍ରେମୀଙ୍କ କହିବା ଅନୁଯାୟୀ, ନିର୍ବାଚନୀ ପରାଜୟ କିମ୍ବା ରାଜନୈତିକ ପରିବର୍ତ୍ତନ ପରେ ବିଜୁ ଜନତା ଦଳର ବିରୋଧିଙ୍କ କାମ ସେମାନେ ଭୁଲି ଯାଇଛନ୍ତି। ବନ୍ୟାରେ ଲୋକଙ୍କୁ ତୁରନ୍ତ ସହଯୋଗ ଓ ସହାନୁଭୂତ ଦେବାରେ ଶାସକ ଦଳ ଫେଲ୍ ମାରିଛି। ପ୍ରତି ସ୍ଥାନରେ ଶାସକ ଦଳର ମନ୍ତ୍ରୀ, ବିଧାୟକଙ୍କୁ ବିରୋଧ ହେଉଛି। ଏହାକୁ ଏଡ଼ାଇବାକୁ ବିଜେପିର ପ୍ରୟୋଜିତ ଏହା ଏକ ନାଟକ ବୋଲି ବିଜୁ ଜନତା ଦଳର ନେତାମାନେ କହିଛନ୍ତି। ବିକାଶ, ବେକାରି, ଚାଷୀଙ୍କ ସମସ୍ୟା ଓ ଜନସ୍ୱାର୍ଥ ପ୍ରସଙ୍ଗରେ ଲଢ଼େଇ କରିବା ପରିବର୍ତ୍ତେ ବ୍ୟକ୍ତିଗତ ଆକ୍ଷେପକୁ ଗୁରୁତ୍ୱ ଦେବା ଶାସକ ଦଳର ଦୁର୍ବଳ ରାଜନୈତିକ ରଣନୀତିକୁ ପ୍ରତିଫଳିତ କରୁଛି। ଏହା ଦ୍ୱାରା ରାଜନୈତିକ ଲାଭ ଅପେକ୍ଷା ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବ ବୋଲି ସେମାନେ ମତ ଦେଇଛନ୍ତି।

ଗଞ୍ଜାମରେ ଜଳପ୍ରଳୟ ପାଇଁ ସରକାର ଦାୟୀ: ବିଜେଡି



- ପ୍ରାକୃତିକ ବିପର୍ଯ୍ୟୟ ନୁହେଁ, ମନୁଷ୍ୟକୃତ ବିପର୍ଯ୍ୟୟ
- ଜଳସମ୍ପଦ ବିଭାଗ ଦେଖାଇଛି ପ୍ରଚଣ୍ଡ ଦାୟିତ୍ୱହୀନତା
- ଆଜି ବି କ୍ଷତିଗ୍ରସ୍ତଙ୍କ ନିକଟରେ ପହଞ୍ଚି ନାହିଁ ପ୍ରଶାସନ

ଭୁବନେଶ୍ୱର,୨।୧୧(ସମିସ): ରାଜ୍ୟ ସରକାର ଓ ଜଳ ସମ୍ପଦ ବିଭାଗର ପ୍ରସ୍ତୁତି ଅଭାବରୁ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବନ୍ୟା ଘେରରେ ଗଞ୍ଜାମ, କନ୍ଧମାଳ ଓ ଗଜପତି ଜିଲ୍ଲା ଥିବାବେଳେ ଲକ୍ଷାଧିକ ଲୋକ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଆଜି ବି ଅନେକ କ୍ଷତିଗ୍ରସ୍ତଙ୍କ ନିକଟରେ ପ୍ରଶାସନ ପହଞ୍ଚିପାରି ନାହିଁ। ଏହି ପ୍ରସଙ୍ଗରେ ସରକାରଙ୍କୁ କଠୋର ସମାଲୋଚନା କରିଛି ବିଜେଡି। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସାଧାରଣ ସମ୍ପାଦିକା ଟୁକୁନି ସାହୁ, ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ସଭାପତି ବିକ୍ରମ ପଣ୍ଡା, ବରିଷ୍ଠ ସାଧାରଣ ସମ୍ପାଦକ ତଥା ଜାତୀୟ ମୁଖପାତ୍ର ଭୃଗୁ ବକ୍ସିପାତ୍ର, ସାଧାରଣ ସମ୍ପାଦିକା ରଞ୍ଜିତା ସାହୁ, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ, ବିପର୍ଯ୍ୟୟ ପରିଚାଳନାରେ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ ପ୍ରବଳ ବର୍ଷିଛନ୍ତି। ପ୍ରତାପ ଜେନା କହିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ ସାରା ବିଶ୍ୱ ପ୍ରଶଂସା କରିଥିଲା। ମାତ୍ର ବିଜେପି ସରକାର ବିପର୍ଯ୍ୟୟ ପରିଚାଳନାରେ କରିବାରେ ସମ୍ପୂର୍ଣ୍ଣ ଫେଲ ମାରିଛନ୍ତି। ବନ୍ୟା ଯୋଗୁଁ ଗଞ୍ଜାମ, କନ୍ଧମାଳ ଓ ଗଜପତି ଜିଲ୍ଲାରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ଏକ ପ୍ରତିନିଧି ଦଳ ଗଞ୍ଜାମରେ ସ୍ଥିତି ଅନୁଧ୍ୟାନ କରି ନବୀନ ପଟ୍ଟନାୟକଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଲୋକଙ୍କ ସମସ୍ୟାକୁ ନେଇ ପ୍ରଶାସନ ସହ ବାରମ୍ବାର ଆଲୋଚନା କରିବା ସହ ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ତୁରନ୍ତ ସହାୟତା ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନଙ୍କୁ ସେ ଅନୁରୋଧ କରିଛନ୍ତି। ଅନେକ କ୍ଷତିଗ୍ରସ୍ତଙ୍କ ନିକଟରେ ପ୍ରଶାସନ ପହଞ୍ଚି ନାହିଁ। ବନ୍ୟା ପ୍ରଭାବିତ ଲୋକଙ୍କ ପାଖରେ ରନ୍ଧା ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଅତ୍ୟାବଶ୍ୟକ ସାମଗ୍ରୀ ଓ ରିଲିଫ ପହଞ୍ଚାଇବାରେ ସରକାର ବିଫଳ ହୋଇଛନ୍ତି । ଟୁକୁନି ସାହୁ କହିଛନ୍ତି ଯେ ବର୍ତ୍ତମାନର ବିଜେପି ସରକାର ଓ ଜଳ ସମ୍ପଦ ବିଭାଗର ଅବହେଳା ପାଇଁ ଲୋକେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ସରକାର ଦୁର୍ବଳ ନଦୀବନ୍ଧ ଗୁଡ଼ିକର ମରାମତି ନ କରିବା ଏବଂ ଜଳଭଣ୍ଡାରରୁ ଜଳ ନିଷ୍କାସନ ପରିଚାଳନାରେ ତ୍ରୁଟି ପାଇଁ ଆଜି ଏହି ଜଳ ପ୍ରଳୟ ସୃଷ୍ଟି ହୋଇଛି। ସମ୍ଭାବ୍ୟ ବିପଦକୁ ଆକଳନ କରି ଆଗୁଆ ପଦକ୍ଷେପ ନେବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସୂଚନା ନ ଦେଇ ଜଳଭଣ୍ଡାରର ଗେଟ୍ ଖୋଲା ଯିବାରୁ ଜଳର ତୀବ୍ରତା ବ୍ୟାପକ କ୍ଷତି ଘଟାଇ ଭୟାବହ ପରିସ୍ଥିତି ସୃଷ୍ଟି କରିଛି। ବିଜେଡି ସରକାର 'ଜିରୋ କାଜୁଆଲିଟି'କୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଥିଲା ବେଳେ ବିଜେପି ସରକାର ନିଜ ପ୍ରଚାର ଓ ପ୍ରଚାରରେ ବ୍ୟସ୍ତ ରହୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ବିକ୍ରମ ପଣ୍ଡା କହିଛନ୍ତି ଯେ ସରକାରଙ୍କ ପ୍ରସ୍ତୁତି ଅଭାବରୁ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ବନ୍ୟା ଆସିବା ଯୋଗୁଁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅମୂଲ୍ୟ ଜୀବନହାନି, ବ୍ୟକ୍ତିଗତ ସମ୍ପତ୍ତି ଓ ଧନଜୀବନର ବ୍ୟାପକ କ୍ଷତି, ଗୋଷ୍ଠୀଗତ ଓ ସାମୁଦାୟିକ ସମ୍ପତ୍ତିର କ୍ଷତି, ସରକାରୀ ସମ୍ପତ୍ତି, ରାସ୍ତାଘାଟ, ଭିତ୍ତିଭୂମି ଓ ଅନ୍ୟାନ୍ୟ ସାର୍ବଜନୀନ ସମ୍ପତ୍ତିର ବ୍ୟାପକ କ୍ଷତି ହୋଇଛି । ଉକ୍ତ କ୍ଷୟକ୍ଷତିର ଭରଣା କରିବା ଏବଂ ସ୍ୱାଭାବିକ ଜୀବନଯାତ୍ରାକୁ ଫେରାଇ ଆଣିବା ପାଇଁ ଦୀର୍ଘ ସମୟ ଲାଗିବ । ସଠିକ୍ ଢଙ୍ଗରେ ବନ୍ୟା ପରିଚାଳନ ନ କରି ଲୋକଙ୍କ ନିକଟରେ ମିଛ ବାହାସ୍ଫୋଟ ମାରୁଛନ୍ତି ସରକାର। ଭୃଗୁ ବକ୍ସିପାତ୍ର କହିଛନ୍ତି ଯେ ବାତ୍ୟା ପ୍ରଭାବରେ ଅତ୍ୟଧିକ ବର୍ଷା ହେବା ନେଇ ଆଗୁଆ ସୂଚନା ଥିବା ସତ୍ତ୍ୱେ ରାଜ୍ୟ ସରକାର କାହିଁକି ଆଗୁଆ ପଦକ୍ଷେପ ନେଲେ ନାହିଁ ? କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇବା ଦେବା ପରିବର୍ତ୍ତେ, ରାଜ୍ୟ ସରକାର ନିଜ ପ୍ରଚାର ଓ ପ୍ରସାରରେ ବ୍ୟସ୍ତ ରହିଲେ। ଲୋକଙ୍କ ସରକାର ବୋଲାଉଥିବା ବିଜେପି ସରକାରର, ଏ ଦୁର୍ଦ୍ଦିନରେ ଲୋକଙ୍କ ପାଇଁ କୌଣସି ଆନ୍ତରିକତା ନାହିଁ ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି ।

ସମ୍ଭାବ୍ୟ ବାତ୍ୟା 'ମୁରାସୁ' ମୁକାବିଲା ପାଇଁ ତତ୍ପରତା

କୋରାପୁଟ,୨।୧୧(ସମିସ): ସମ୍ଭାବ୍ୟ ବାତ୍ୟା "ମୁରାସୁ'କୁ ଦୃଷ୍ଟିରେ ରଖି କୋରାପୁଟ ଜିଲ୍ଲାରେ ପ୍ରଶାସନର ତତ୍ପରତା ଦେଖାଦେଇଛି । ବାତ୍ୟାର ପ୍ରଭାବ ମୁକାବିଲା ଓ ଜନସାଧାରଣଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଆରମ୍ଭ ହୋଇଛି ଆଗୁଆ ପଦକ୍ଷେପ । ଜିଲ୍ଲାର ୨୩୫ ଜଣ ଗର୍ଭବତୀ ମହିଳାଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପ୍ରକ୍ରିୟା ଆରମ୍ଭ ହୋଇଛି । ସାମ୍ଭାବ୍ୟ ବାତ୍ୟାର ପ୍ରଭାବକୁ ଆଖି ଆଗରେ ରଖି ଜିଲ୍ଲାର ସମସ୍ତ ବିଭାଗର ଅଧିକାରୀ ମାନଙ୍କୁ ସତର୍କ ଓ ପ୍ରସ୍ତୁତ ରହିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏନେଇ ସୂଚନା ଦେଇ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ କହିଛନ୍ତି ଯେ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଉଛି । ବିଶେଷ କରି କଚ୍ଚା ଘର ଏବଂ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପ୍ରକ୍ରିୟା ଆରମ୍ଭ ହୋଇଛି । କୌଣସି ପରିସ୍ଥିତିରେ ଯେପରି ଧନଜୀବନର କ୍ଷତି ନହୁଏ, ସେଥିପାଇଁ ପ୍ରଶାସନ ପକ୍ଷରୁ ଆଗୁଆ ପଦକ୍ଷେପ ନିଆଯାଉଛି । ଅନ୍ୟପଟେ ଆସନ୍ନ ପ୍ରସବା ମହିଳାମାନଙ୍କ ସୁରକ୍ଷାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ସେମାନଙ୍କୁ ଆଗୁଆ ବିଭିନ୍ନ ମା' ଗୃହକୁ ସ୍ଥାନାନ୍ତର କରିବା ପ୍ରକ୍ରିୟା ଆରମ୍ଭ ହୋଇଛି ।

ମରୁଡ଼ି ଘୋଷଣା ଦାବିରେ ଜିଲ୍ଲାପାଳଙ୍କୁ ଦାବିପତ୍ର



ମାଲକାନଗିରି, ୨।୧୧ (ସମିସ): ଅନିୟମିତ ବର୍ଷା ଓ ନିଅଣ୍ଟିଆ ବୃଷ୍ଟିପାତ ଯୋଗୁଁ ଫସଲ ନଷ୍ଟ ହୋଇଥିବାରୁ ତଣ୍ଡିକି ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମକୁ ମରୁଡ଼ି ପ୍ରଭାବିତ ଅଞ୍ଚଳ ଭାବେ ଘୋଷଣା କରିବାକୁ ଦାବି ହୋଇଛି । ଏନେଇ ମାଲକାନଗିରି ଜିଲ୍ଲା ଆଦିବାସୀ ସଂଘର ବୁଢୁଦି ଶାଖା ସବ୍‌ଜୋନ୍ ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସଂଘ ପକ୍ଷରୁ ଦର୍ଶାଯାଇଛି ଯେ, ଚଳିତ ବର୍ଷ ଅଗଷ୍ଟରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ବର୍ଷାର ଅଭାବ ଯୋଗୁଁ ତଣ୍ଡିକି ପଞ୍ଚାୟତର ଦମାଗୁଡ଼ା, ତେନ୍ତୁଳିଗୁଡ଼ା, ଘୁରାଘାଟ, ଦଙ୍ଗାଡ଼କୋଟା, ଚିଡ଼ିପାଲି, ତଙ୍ଗଗୁଡ଼ା, ଲକ୍ଷଣଗୁଡ଼ା, ଚିନ୍ଦୀବାଟା ଓ ସୁଲିପାଣି ସମେତ ଅନେକ ଗ୍ରାମରେ ଚାଷ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି । ଧାନ, ରାଶି, ମକା, ଝୁଡ଼ଙ୍ଗ ଓ ସୁଆଁ ଆଦି ଫସଲ ବର୍ଷା ଅଭାବରୁ ନଷ୍ଟ ହୋଇଥିବାରୁ ଚାଷୀମାନେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବା ଆଶଙ୍କା ରହିଛି । ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଗ୍ରାମଗୁଡ଼ିକର କୃଷି କ୍ଷୟକ୍ଷତିର ତୁରନ୍ତ ଆକଳନ କରି ମରୁଡ଼ି ଘୋଷଣା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉଚିତ କ୍ଷତିପୂରଣ ଓ ସରକାରୀ ସହାୟତା ଯୋଗାଇଦେବାକୁ ସଂଘ ଦାବି କରିଛି । ଦାବିପତ୍ର ପ୍ରଦାନ ସମୟରେ ରାମୁ ମାଡ଼କାମୀ, ସମ୍ବାରୁ ଦୁରୁଆ, ଅଜୟ ମାଡ଼ିଙ୍କ ସମେତ ବୁଢୁଦି ଶାଖାର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

● ଯନ୍ତ୍ରୀଙ୍କ ଦାୟିତ୍ୱ ନିର୍ବାହକୁ ନେଇ ଅସନ୍ତୋଷ

ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହେଲେ ଯୁବଗୋଷ୍ଠୀ

ରାୟଗଡ଼,୨।୧୧(ସମିସ): ସରକାରୀ ନିର୍ଦ୍ଦେଶ ସତ୍ତ୍ୱେ ମୂଳ ବିଭାଗକୁ ଫେରିନଥିବା ଏବଂ ଏକାଧିକ ବିଭାଗର ଦାୟିତ୍ୱ ତୁଲାଇବାକୁ ନେଇ କଲ୍ୟାଣସିଂହପୁର ବ୍ଲକ୍‌ର ଜଣେ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଛନ୍ତି ସ୍ଥାନୀୟ ଯୁବଗୋଷ୍ଠୀ । ଏହାଦ୍ୱାରା ବ୍ଲକ୍‌ର ଉନ୍ନୟନମୂଳକ କାର୍ଯ୍ୟ ପ୍ରଭାବିତ ହେବା ସହ ସମଗ୍ର ଶିକ୍ଷା ବିଭାଗର କାର୍ଯ୍ୟ ମଧ୍ୟ ଅବହେଳିତ ହେଉଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି । ଅଭିଯୋଗ ଅନୁଯାୟୀ, କଲ୍ୟାଣସିଂହପୁର ଓ କାଶୀପୁର ବ୍ଲକ୍‌ର ସମଗ୍ର ଶିକ୍ଷା ବିଭାଗ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଅରବିନ୍ଦ ପାଣିଗ୍ରାହୀ କଲ୍ୟାଣସିଂହପୁର ପଞ୍ଚାୟତ ସମିତିର ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି । ଏହା ନିୟମ ବିରୋଧୀ ବୋଲି ଯୁବଗୋଷ୍ଠୀ ଦାବି କରିଛନ୍ତି । ୨୦୨୪ ଜୁଲାଇ ୧୬ ତାରିଖରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଚିଠି ନମ୍ବର ୧୫୪୧୩ ମାଧ୍ୟମରେ ଏଭଳି ଭାବେ ଅନ୍ୟ ବିଭାଗରେ ନିୟୋଜିତ କର୍ମଚାରୀଙ୍କୁ ମୂଳ ବିଭାଗକୁ ଫେରାଇବାକୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଶ୍ରୀ ପାଣିଗ୍ରାହୀଙ୍କ କ୍ଷେତ୍ରରେ ଏହା ପାଳନ ହୋଇନଥିବା ଅଭିଯୋଗ ହୋଇଛି । ଏଥିଯୋଗୁଁ ଯନ୍ତ୍ରୀ ନିଜ ଅଧିକାର ସୀମା ବାହାରେ ବିଭିନ୍ନ କାର୍ଯ୍ୟରେ ହସ୍ତକ୍ଷେପ କରୁଥିବା ଏବଂ ବ୍ଲକ୍‌ର ଉନ୍ନୟନ କାର୍ଯ୍ୟ ବାଟବଣା ହେଉଥିବା ଯୁବଗୋଷ୍ଠୀ ଅଭିଯୋଗ କରିଛନ୍ତି । ଏପରିକି ତାଙ୍କ ମଧୁଚନ୍ଦ୍ରିକା ଯୋଗୁଁ ବିକାଶମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ନେଇ ପୂର୍ବରୁ ବିଡିଓଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି । ତେଣୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଯନ୍ତ୍ରୀଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଯୁବଗୋଷ୍ଠୀ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲାପାଳ ଅଭିଯୋଗପତ୍ର ଗ୍ରହଣ କରି ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ଏହି ସମୟରେ କଲ୍ୟାଣସିଂହପୁର ବ୍ଲକ୍‌ର ସୋମେଶ୍ୱର ଦୁଡ଼ାମୁ, ସନ୍ତୋଷ ତ୍ରିପାଠୀ, ମନୋଜ କୁମାର ସେଠୀ, ଜି. ଶିବା ଓ ହରିହର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ବିଦେଶୀ ମଦ ଦୋକାନ ବନ୍ଦ ଦାବି

ମହିଳାଙ୍କ ଜାତୀୟ ରାଜପଥ ଅବରୋଧ, ଯାତ୍ରୀ ହନ୍ତସନ୍ତ

ଜୟପୁର, ୨।୧୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦରଥାନା କୁମୁଲିପୁଟ ଗ୍ରାମସ୍ଥିତ ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନ ବନ୍ଦ ଦାବି ନେଇ ସ୍ଥାନୀୟ ପଞ୍ଚାୟତର ଶତାଧିକ ମହିଳା କୁମୁଲିପୁଟ ଠାରେ ୨୬ ନମ୍ବର ଜାତୀୟ ରାଜପଥ ଦୁଇଘଣ୍ଟା ଅବରୋଧ କରିଥିଲେ । ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ବସ, ଟ୍ରକ ଏବଂ ଚାରିଚକିଆ ଗାଡ଼ି ଅଟକି ରହିବା ଯୋଗୁଁ ଯାତାୟାତରେ ସମସ୍ୟା ସୃଷ୍ଟି ହୋଇଥିଲା । ଘଟଣାସ୍ଥଳରେ ସଦରଥାନା ଅଧିକାରୀ ଆନ୍ଦୋଳନକାରୀ ମହିଳାଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ଅପରାହ୍ନ ସାଢେ ୪ଟାରେ ହଟିଥିଲା । କୁମୁଲିପୁଟ ଗ୍ରାମପଞ୍ଚାୟତ ସମେତ ଆଖପାଖ ଗ୍ରାମପଞ୍ଚାୟତର ଶତାଧିକ ମହିଳା ମିଳିତ ଭାବେ ବିରୋଧ ପ୍ରଦର୍ଶନ କରିଥିଲେ । ଉକ୍ତ ଲାଇସେନ୍ସ ପ୍ରାପ୍ତ ବିଦେଶୀ ମଦ ଦୋକାନରୁ ବେଆଇନ ଭାବେ ଗ୍ରାମାଞ୍ଚଳ ବିଭିନ୍ନ ଦୋକାକୁ ଯୋଗାଣ କରାଯାଇ ବେଆଇନ ଭାବେ ଦେଶୀ ଓ ବିଦେଶୀ ମଦ ବିକ୍ରି କରାଯାଉଛି । ଫଳରେ ମଦୁଆ ମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବା ସହିତ ଅପରାଧ ଏବଂ ଦୁର୍ଘଟଣା ବୃଦ୍ଧି ପାଉଛି । ଏଥିନେଇ ଅବକାରୀ ବିଭାଗ ଏବଂ



ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଥିଲେ ସୁଦ୍ଧା କୌଣସି ପଦକ୍ଷପ ଗ୍ରହଣ କରାଯାଉନଥିବା ଯୋଗୁଁ ଶେଷରେ ମହିଳା ମାନେ ରାସ୍ତା ଅବରୋଧ କରାଯାଇଥିଲା । କିନ୍ତୁ ଅନ୍ୟପକ୍ଷରେ ବସ ଯାତ୍ରୀ ମାନେ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହିତ ଟ୍ରକ ଗୁଡ଼ିକରେ ପରିବହନ ସମସ୍ୟା ଦେଖାଦେଇଥିଲା । ଏହିପରି ସଦରଥାନା ପୁଲିସ ପକ୍ଷରୁ ମଧ୍ୟ ବେଆଇନ ରାସ୍ତା ଅବରୋଧକାରୀଙ୍କୁ ଚିହ୍ନଟ କରାଯାଇ କେତେକଙ୍କ ନାମରେ ମାମଲା ରୁଜୁ କରାଯିବ ବୋଲି ଥାନା ପକ୍ଷରୁ ପ୍ରକାଶ କରାଯାଇଛି ।

୧୨ ଫୁଟ ଲମ୍ବ ଅଜଗର ଉଦ୍ଧାର

ତେନ୍ତୁଳିଖୁଣ୍ଟି,୨।୧୧(ସମିସ): ତେନ୍ତୁଳିଖୁଣ୍ଟି ବ୍ଲକ ଅନ୍ତର୍ଗତ କାର୍ଲିଚୁଆଁ ଜଙ୍ଗଲ ମଧ୍ୟରେ ଥିବା ଏକ ପଥର ଗୁମ୍ଫା ମଧ୍ୟର ୧୨ ଫୁଟ ଲମ୍ବର ବିରାକାୟ ଅଜଗର ସାପକୁ ବନ ବିଭାଗ ଉଦ୍ଧାର କରିଛି । ସାପଟିକୁ ସୁରକ୍ଷିତ ଭାବରେ ଉଦ୍ଧାର କରି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଛାଡ଼ି ଦିଆଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ସୂଚନା ମୁତାବକ ଗତକାଲି ପୂର୍ବାହ୍ନ ସମୟରେ କାର୍ଲିଚୁଆଁ ଜଙ୍ଗଲ ମଧ୍ୟରେ ଏକ ପଥର ଗୁମ୍ଫା ମଧ୍ୟରେ ଏକ ଅଜଗର ସାପ ରହିଥିବା କିଛି ଲୋକ ଦେଖିବାକୁ ପାଇଥିଲେ । ଖବର ପାଇ ବନପାଳ ଜିତେନ୍ଦ୍ର ସାରକା, ସହକାରୀ ବନପାଳ ଲାଲୁ ବିଷୋୟୀ, ୱାଇଲ୍ଡ ଲାଇଫ କର୍ମଚାରୀ ରିତେଶ କୁମାର ଉପାସୀ, ରବି ମାଝୀ ପ୍ରମୁଖ କାର୍ଲିଚୁଆଁ ଜଙ୍ଗଲ ମଧ୍ୟରେ ଥିବା ପଥର ଗୁମ୍ଫା ମଧ୍ୟରୁ ଅଜଗରକୁ ଉଦ୍ଧାର କରିଥିଲେ । ଅଜଗରଟିର ଓଜନ ୨୫ କିଲୋ ରହିଥିବା ବେଳେ ଏହା ବହୁ ଦିନର ସାପ ବୋଲି ଜଣାପଡିଛି । ଏହି ଭଳିଆ ଅଜଗର ଇନ୍ଦ୍ରାବତୀ ଜଳ ଭଣ୍ଡାର ପାର୍ଶ୍ୱବର୍ତ୍ତୀ ଅଂଚଳ ମଧ୍ୟରେ ବିଚରଣ କରିଥାନ୍ତି ।

ପୌରନିର୍ବାହୀ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



ଜୟପୁର, ୨।୧୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ପୌରନିର୍ବାହୀ ଅଧିକାରୀ ଭାବେ ଜୟପୁର ଉପଜିଲ୍ଲାପାଳଙ୍କୁ ଅତିରିକ୍ତ ଦାୟୀତ୍ୱ ପ୍ରଦାନ କରାଯାଇଥିଲା । ଆଜି ଅପରାହ୍ନରେ ଉପଜିଲ୍ଲାପାଳ ଶୁଭ୍ରା ପଣ୍ଡା ପୌର କାର୍ଯ୍ୟାଳୟ ଠାରେ ପହଞ୍ଚି ପୌର ନିର୍ବାହୀ ଅଧିକାରୀ ଭାବେ ଦାୟୀତ୍ୱରେ ରହିଥିବା ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତଙ୍କ ଠାରୁ ଦାୟୀତ୍ୱ ଗ୍ରହଣ କରିଛନ୍ତି । ଏହି ଅବସରରେ ପୌରସଂସ୍ଥାର ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ମାନେ ନୂତନ ପୌରନିର୍ବାହୀ ଅଧିକାରୀ କୁମାରୀ ପଣ୍ଡାଙ୍କୁ ସାକ୍ଷାତ କରିବା ସହିତ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

● ଛାତ୍ର ସଂସଦ ନିର୍ବାଚନ ଅନିୟମିତତା ଅଭିଯୋଗ ମାମଲା

ଜିଲ୍ଲାପାଳଙ୍କ ନିକଟରେ ବିଜୁ ଛାତ୍ର ଜନତା ଦଳର ଫେରାଦ

ରାୟଗଡ଼,୨।୧୧(ସମିସ): ରାୟଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗତ ଛାତ୍ର ସଂସଦ ନିର୍ବାଚନ ପରିଚାଳନାରେ କଥିତ ଅନିୟମିତତା ଓ ଅବ୍ୟବସ୍ଥାକୁ ନେଇ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଆଜି ଲିଖିତ ଅଭିଯୋଗ ଦାଖଲ କରାଯାଇଛି । ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ପରିଚାଳନାଗତ ତ୍ରୁଟିକୁ ନେଇ ଉଠିଥିବା ପ୍ରଶ୍ନର ନିରପେକ୍ଷ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ନିୟମାନୁସାରେ ପଦକ୍ଷେପ ନେବାକୁ ଦଳ ଦାବି କରିଛି । ବିଜୁ ଛାତ୍ର ଜନତା ଦଳ ସମର୍ଥିତ ସଭାପତି ପ୍ରାର୍ଥୀ ଜଗଦୀଶ ନାୟକ ଓ ଉପସଭାପତି ପ୍ରାର୍ଥୀ ବାବୁଲା ନାଏକ ଏହି ଅଭିଯୋଗ ଦାଖଲ କରିଥିଲେ । ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା କଲେଜର ନିର୍ବାଚନ ଅଧିକାରୀମାନେ ସମଗ୍ର ପ୍ରକ୍ରିୟାକୁ ସୁଚାରୁ ଓ ସ୍ୱଚ୍ଛ ଭାବେ ସମ୍ପନ୍ନ କରିବାରେ ବିଫଳ ହୋଇଥିବା ଦଳ ଅଭିଯୋଗ କରିଛି । ନିର୍ବାଚନ ଦିନ ବୁଥ୍ ଏଜେଣ୍ଟମାନଙ୍କୁ କଲେଜ ମୁଖ୍ୟ ଫାଟକ ବାହାରକୁ ପଠାଇ ଦିଆଯାଇଥିବା ଅଭିଯୋଗ ନିର୍ବାଚନର ସ୍ୱଚ୍ଛତା ଓ ନିରୀକ୍ଷଣ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଛି । ନିର୍ବାଚନ ଫଳାଫଳ ପ୍ରକାଶ ପରେ ମଧ୍ୟ ଛାତ୍ରଛାତ୍ରୀଙ୍କ ଅସନ୍ତୋଷ ଥମି ନଥିବା ଦଳ ଦର୍ଶାଇଛି । ଛାତ୍ରମାନେ ପରଦିନ ପର୍ଯ୍ୟନ୍ତ କଲେଜ ମୁଖ୍ୟ ଫାଟକ ସମ୍ମୁଖରେ ପ୍ରତିବାଦ ଜାରି ରଖିଥିବା ଘଟଣାର ମଧ୍ୟ ନିରପେକ୍ଷ ତଦନ୍ତ କରି ପ୍ରକୃତ ତଥ୍ୟ ସାମ୍ନାକୁ ଆଣିବାକୁ ଦାବି ହୋଇଛି । ଅଭିଯୋଗକାରୀମାନେ ନିର୍ବାଚନ ଦିନର ସିସିଟିଭି ଦୃଶ୍ୟ ଉତ୍ତୋଳନ ସୁରକ୍ଷିତ ରଖିବା, ଭୋଟବାକ୍ସ ସ୍ଥାନାନ୍ତର ସମ୍ପର୍କିତ ଅଭିଯୋଗର ତଦନ୍ତ କରିବା ଏବଂ ନିର୍ବାଚନ ପରଦିନ ଦାଖଲ ହୋଇଥିବା ଏତଲାର ପଞ୍ଜୀକରଣ ସ୍ଥିତି ସ୍ପଷ୍ଟ କରିବାକୁ ପ୍ରଶାସନର ହସ୍ତକ୍ଷେପ ଲୋଡ଼ିଛନ୍ତି । ଗତ ୧୫ ଦିନ ମଧ୍ୟରେ ଏହି ପ୍ରସଙ୍ଗରେ ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି



ଉଚ୍ଚଶିକ୍ଷା ବିଭାଗର ମନ୍ତ୍ରୀ ଓ ସଚିବଙ୍କ ପର୍ଯ୍ୟନ୍ତ ଅଭିଯୋଗ ଜଣାଯାଇଥିଲେ ମଧ୍ୟ ଏଯାଏଁ ଠୋସ୍ ପଦକ୍ଷେପ ନିଆଯାଇନଥିବା ଦଳ ପକ୍ଷରୁ କୁହାଯାଇଛି । ଛାତ୍ର ସଂସଦ ନିର୍ବାଚନ କେବଳ ଏକ ଔପଚାରିକତା ନୁହେଁ, ଏହା ଛାତ୍ରଛାତ୍ରୀଙ୍କ ଗଣତାନ୍ତ୍ରିକ ଅଧିକାରର ପ୍ରତୀକ ବୋଲି ବିଜୁ ଛାତ୍ର ଜନତା ଦଳ ମତ ପ୍ରକାଶ କରିଛି । ନିର୍ବାଚନ ପରିଚାଳନାରେ ଅବହେଳା, ପକ୍ଷପାତ କିମ୍ବା ଅନିୟମିତତା ସମ୍ପର୍କିତ ଅଭିଯୋଗକୁ ଅଣଦେଖା ନକରି ସମସ୍ତ ଅଭିଯୋଗର ନିରପେକ୍ଷ ତଦନ୍ତ, ସମ୍ପୃକ୍ତ ପ୍ରମାଣର ସୁରକ୍ଷା ଏବଂ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଭୂମିକାର ସମୀକ୍ଷା କରିବାକୁ ଦଳ ଦାବି କରିଛି । ଛାତ୍ରଛାତ୍ରୀଙ୍କ ନ୍ୟାୟସଙ୍ଗତ ଦାବି ଓ ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ପାଇଁ ଦଳ ଗଣତାନ୍ତ୍ରିକ ଉପାୟରେ ଲଢ଼େଇ ଜାରି ରଖିବ ବୋଲି ବିଜୁ ଛାତ୍ର ଜନତା ଦଳ, ରାୟଗଡ଼ ପକ୍ଷରୁ କୁହାଯାଇଛି ।

ମଦ ବନ୍ଦ ପାଇଁ ଅଣ୍ଟାଭିଡ଼ିଲେ ଡାକରାଗୁଡା ଗ୍ରାମବାସୀ

ପାପଡ଼ାହାଣ୍ଡି,୨।୧୧(ସମିସ): ମଦ ଯୋଗୁଁ ଉଜୁଡି ଯାଉଛି ପରିବାର । ବିଭିନ୍ନ ସମୟରେ ଗଣ୍ଡଗୋଳ ହେବା ସହିତ ଅନେକ ପରିବାର ସର୍ବସ୍ୱାନ୍ତ ହୋଇଯାଉଛି । ତେଣୁ ମଦ କାରବାର ବନ୍ଦ କରିବା ପାଇଁ ପାପଡ଼ାହାଣ୍ଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡାକରାଗୁଡା ଗ୍ରାମବାସୀ ଅଣ୍ଟା ଭିଡ଼ିଛନ୍ତି । କିଛି ବର୍ଷ ମଧ୍ୟରେ ୧୦ରୁ ଅଧିକ ଯୁବକ ଓ ନାବାଳକ ମଦ ପିଇ ମୃତ୍ୟୁବରଣ କରି ସାରିଥିବାରୁ ମଦ କାରବାର ବନ୍ଦ କରିବାକୁ ପଣ କରିଛନ୍ତି ଗ୍ରାମବାସୀ । ଏହି ଗାଁରେ କିଛି ପରିବାର ଦେଶୀ ଓ ବିଦେଶୀ ମଦ ବିକ୍ରି କରୁଥିବା ଜାଣିବାକୁ ପାଇଥିଲେ ଗ୍ରାମବାସୀ । ତେଣୁ ମଦ କାରବାର ବନ୍ଦ କରିବା ପାଇଁ ୩ ଦିନ ଦିନ ତଳେ ଗ୍ରାମବାସୀ ବୈଠକ କରିଥିଲେ । ମହିଳାମାନେ ଗ୍ରାମରେ ସଚେତନ କରିବା ସହ ଠେଙ୍ଗା ଧରି ଗାଁରେ ପହରା ଦେଇଥିଲେ । ବୈଠକରେ ଗ୍ରାମରେ କେହି ମଦ ବିକ୍ରି କରିବେ ନାହିଁ କି ମଦ ପିଇବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା । କିନ୍ତୁ ଏହା ସତ୍ତ୍ୱେ ବି କିଛି ପରିବାର ମଦ ବିକ୍ରି କରୁଥିବା ନେଇ ମହିଳାମାନେ ଜାଣିବାକୁ ପାଇଥିଲେ । ମହିଳାମାନେ ଏକତ୍ରିତ ହୋଇ ମଦ କାରବାର ବନ୍ଦ କରିବାକୁ କହିବାରୁ ମଦ ବିକ୍ରି କରୁଥିବା ପରିବାର ମହିଳାମାନଙ୍କୁ ମାରିବାକୁ ଧମକ ଦେଇଥିଲେ । ପରେ ଗ୍ରାମବାସୀ ଏକତ୍ରିତ ହୋଇ ମଦ କାରବାର ବନ୍ଦ ନିମନ୍ତେ ଗ୍ରାମବାସୀ ପାପଡ଼ାହାଣ୍ଡି ବିଡ଼ିଓ,ଅବକାରୀ ବିଭାଗ ଓ ଥାନାକୁ ଲିଖିତ ଭାବେ ଅଭିଯୋଗ କରିଥିଲେ । ଅଭିଯୋଗପତ୍ର ଦେବା ସମୟରେ ସଦାଶିବ ନାୟକ, ଗୁପ୍ତେଶ୍ୱର ପଟ୍ଟନାୟକ, ଶଶୀମୋହନ ଶର୍ମା ଭାନମତି ଭତରା,ସୁମିତା ଭତରା, ଉମେଇ ଭତରା,ଧନମତୀ ଭତରା,ହୀରାଦି ଭତରା ,ତିଳତୋମ୍ମା ଅମନାତ୍ୟାଶୁକ୍ରୀ ଭତରା ମୋତି ଭତରା ,ଜ୍ୟୋତି ଭତରା, ସମାରୀ ଭତରା ପ୍ରମୁଖ ଉପସ୍ଥିତ ଥିଲେ । ଏନେଇ ଅବକାରୀ ଅଧିକାରୀ ସମୀର ସ୍ୱାଇଁ କହିଛନ୍ତି, ବିଭାଗ ତରଫରୁ ଗ୍ରାମରେ ବେଆଇନ ମଦ ବିକ୍ରି ବନ୍ଦ କରିବା ନିମନ୍ତେ ଅଭିଯାନ ଆରମ୍ଭ କରାଯିବ । ମଦ କାରବାର କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ କହିଛନ୍ତି ।

● ମଦ ବିରୋଧୀ ଆନ୍ଦୋଳନକାରୀଙ୍କୁ ପଥର ମାଡ଼, ଜଣେ ଆହତ

ଥାନାରେ ଶତାଧିକ ମହିଳାଙ୍କ ଧାରଣ

ନବରଙ୍ଗପୁର,୨।୧୧(ସମିସ): ନବରଙ୍ଗପୁର ଜିଲାରେ ମଦ ବନ୍ଦ ଆନ୍ଦୋଳନକୁ କେନ୍ଦ୍ର କରି ଉତ୍ତେଜନା ଦେଖାଦେଇଛି । ଯେଟୁଗୁଡ଼ା ଗ୍ରାମରେ ମଦ ଜବତ କରି ଫେରୁଥିବା ମହିଳାମାନଙ୍କ ଉପରେ ପଥର ମାଡ଼ ହୋଇଥିବା ଅଭିଯୋଗ ହୋଇଛି । ଏଥିରେ ବେଲଗାଁ ଗ୍ରାମର କମଳା ପୂଜାରୀ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ବେଲଗାଁ, ଦଳେଇଗୁଡ଼ା, ସିନ୍ଧିଗୁଡ଼ା, କଇଗୁଡ଼ା, ରଙ୍ଗମାଟିଗୁଡ଼ା, ତୁରୁଣ୍ଡିଆଗୁଡ଼ା, ଡାଇଭଟା, ନୂଆଗଡ଼, ଡେଙ୍ଗାଗୁଡ଼ା ଓ ଯେଟୁଗୁଡ଼ା ଗ୍ରାମର ମହିଳାମାନେ ମଦ ବିରୋଧୀ ଆନ୍ଦୋଳନରେ ସାମିଲ ହୋଇ ଯେଟୁଗୁଡ଼ା ଗ୍ରାମର ଏକ ଚାଷଜମିରୁ ପ୍ରାୟ ୧୦୦ ଲିଟର ଦେଶୀ ମଦ ଓ ମଦ ପ୍ରସ୍ତୁତିରେ ବ୍ୟବହୃତ ଫାଶ ଜବତ କରିଥିଲେ । ପରେ ଏକ ଟ୍ରାକ୍ଟରରେ ଏହାକୁ ନେଇ ଫେରୁଥିବା ସମୟରେ ଯେଟୁଗୁଡ଼ା ଗ୍ରାମର ଭୀମ ବିଷୋୟୀ ପଥର ଫିଙ୍ଗିଥିବା ଅଭିଯୋଗ ହୋଇଛି । ଏହି ପଥର କମଳା ପୂଜାରୀଙ୍କ ମୁଣ୍ଡରେ ବାଜିବାରୁ ସେ ଆହତ ହୋଇଥିଲେ । ଘଟଣାକୁ ନେଇ ଶତାଧିକ ମହିଳା ନବରଙ୍ଗପୁର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୁକ୍ତଙ୍କୁ ଗିରଫ ନ କରିବା ପର୍ଯ୍ୟନ୍ତ ସେମାନେ ଥାନା ସମ୍ମୁଖରୁ ହଟିବେ ନାହିଁ ବୋଲି ଜିଦ୍ ଧରିଥିବା ଜଣାପଡ଼ିଛି ।

ଉତ୍ତ୍ୟକ୍ତ ମହିଳା ଉମରକୋଟ ଥାନାର ଦ୍ୱାରସ୍ଥ

ଉମେରକୋଟ,୨।୧୧(ସମିସ): ଉମରକୋଟ ବ୍ଲକ ତୋହରା ପଞ୍ଚାୟତ ଅନ୍ତର୍ଗତ କେରିପଦର ଗ୍ରାମରେ ଚାଲିଥିବା ଅବାଧ୍ୟ ମଦ କାରବାର ବିରୋଧରେ ସ୍ୱର ଉତ୍ତୋଳନ କରି ଆଜି ଶତାଧିକ ମହିଳା ଉମରକୋଟ ଥାନା ଘେରାଉ କରିବା ସହ ପୁଲିସର ଦ୍ୱାରସ୍ଥ ହୋଇଛନ୍ତି । କେରିପଦର ଗ୍ରାମର ପ୍ରାୟ ୨୦ରୁ ଅଧିକ ପରିବାର ପ୍ରତ୍ୟକ୍ଷ ଭାବେ ବେଆଇନ ଦେଶୀ ମଦ ରାନ୍ଧିବା ସହ ବାହାରୁ ବିଦେଶୀ ମଦ ଆଣି ଗାଁରେ ଖୁଲମଖୁଲା ବିକ୍ରି କରୁଛନ୍ତି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଆଜି ଗ୍ରାମର ଶତାଧିକ ମହିଳା ଏକତ୍ରିତ ହୋଇ ଉମରକୋଟ ଥାନାରେ ପହଞ୍ଚିଥିଲେ । ଗ୍ରାମରେ ବେଆଇନ ମଦ ରାନ୍ଧୁଥିବା ଓ ବିକ୍ରି କରୁଥିବା ୨୦ ଜଣ ମଦ ବ୍ୟବସାୟୀଙ୍କ ଏକ ଲିଖିତ ତାଲିକା ପୁଲିସକୁ ପ୍ରଦାନ କରାଯାଇଛି । ତୁରନ୍ତ ଏହି ବେଆଇନ କାରବାର ବନ୍ଦ କରିବା ଏବଂ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହିଳାମାନେ ଦାବି କରିଛନ୍ତି ।

କୋଟିଆରେ ଆନ୍ଧ୍ର ନିର୍ବାଚନକୁ ନେଇ ପୁଣି ନୂଆ ମୋଡ଼

ୱାଇଏସଆର କଂଗ୍ରେସ ପାଇଁ ଫଗୁଣସିନେରୀ ଓ ଫାଟୁସିନେରୀବାସୀଙ୍କ ପ୍ରଚାର

ପଟ୍ଟାଙ୍ଗି,୨।୧୧(ସମିସ): ଓଡ଼ିଶା-ଆନ୍ଧ୍ରପ୍ରଦେଶ ମଧ୍ୟରେ ଦୀର୍ଘଦିନ ଧରି ଚାଲିଆସୁଥିବା ସୀମା ବିବାଦ ମଧ୍ୟରେ କୋଟିଆରେ ଆନ୍ଧ୍ରପ୍ରଦେଶର ପଞ୍ଚାୟତ ନିର୍ବାଚନକୁ ନେଇ ପ୍ରତିଦିନ ବଦଳୁଛି ରାଜନୈତିକ ସମୀକରଣ । ଗୋଟିଏ ପଟେ ଟିଡିପି ଓ ୱାଇଏସଆର କଂଗ୍ରେସର ଦୁଇ ପ୍ରାର୍ଥୀଙ୍କ ମଧ୍ୟରେ ଆପୋସ ବୁଝାମଣା ହୋଇଥିବା ଚର୍ଚ୍ଚା ହେଉଥିବା ବେଳେ ଅନ୍ୟପଟେ ଫଗୁଣସିନେରୀ ଓ ଫାଟୁସିନେରୀ ଅଞ୍ଚଳର ଲୋକେ ଆନ୍ଧ୍ରର ତୋନମ ଗ୍ରାମରେ ପହଞ୍ଚି ୱାଇଏସଆର କଂଗ୍ରେସର ନିର୍ବାଚନ ପ୍ରଚାରରେ ସାମିଲ ହେବା ଘଟଣା ନୂଆ ଚର୍ଚ୍ଚା ସୃଷ୍ଟି କରିଛି । ସୂଚନା ଅନୁଯାୟୀ, କୋଟିଆ ପଞ୍ଚାୟତର ୧୧ଟି ଗ୍ରାମର ମୁଖିଆ ଓ ଗ୍ରାମବାସୀଙ୍କୁ ନେଇ ତଳ ଗଞ୍ଜେଇପଦରଠାରେ ଏକ ବୈଠକ ହୋଇଥିଲା । ଏଥିରେ ୨୦୦ରୁ ଅଧିକ ଲୋକ ଯୋଗଦେଇଥିଲେ । ବୈଠକରେ ଟିଡିପି ପ୍ରାର୍ଥୀ ଚିରଞ୍ଜୀବୀ ତାଡିଙ୍ଗି ଓ ୱାଇଏସଆର କଂଗ୍ରେସ ପ୍ରାର୍ଥୀ କାନପୁରି ମାଝୀଙ୍କୁ ଏକାଠି ବସାଇ ନିର୍ବାଚନକୁ ନେଇ ଆଲୋଚନା ହୋଇଥିଲା । ଆଲୋଚନା ପରେ ୱାଇଏସଆର କଂଗ୍ରେସ



ପ୍ରାର୍ଥୀ ପ୍ରଚାରରୁ ନିବୃତ୍ତ ରହି ଟିଡିପି ପ୍ରାର୍ଥୀଙ୍କୁ ସମର୍ଥନ କରିବା ସହ କୋଟିଆ ଅଞ୍ଚଳରୁ କେହି ଆନ୍ଧ୍ରରେ ଭୋଟ ଦେବାକୁ ନଯିବା ପାଇଁ ସହମତି ହୋଇଥିବା ଚର୍ଚ୍ଚା ହୋଇଥିଲା । ଏପରିକି ଆଗାମୀ ଦିନରେ ଉଭୟ ପ୍ରାର୍ଥୀ ଏକାଠି ପ୍ରଚାରକୁ ଯାଇ ଚିରଞ୍ଜୀବୀ ତାଡିଙ୍ଗିଙ୍କ ସପକ୍ଷରେ ଭୋଟ ମାଗିବା ନେଇ ମଧ୍ୟ ଆଲୋଚନା ହୋଇଥିବା ସୂଚନା ମିଳିଥିଲା । ତେବେ ଏହି ବୈଠକ ପରେ ଏବେ ନୂଆ ଚିତ୍ର ସାମ୍ନାକୁ ଆସିଛି । ଆନ୍ଧ୍ରପ୍ରଦେଶର ପାର୍ବତୀପୁରମ ମାନ୍ୟମ ଜିଲ୍ଲା ସାଲୁର ମଣ୍ଡଳ ଅନ୍ତର୍ଗତ ତୋନମ ଗ୍ରାମରେ ୱାଇଏସଆର କଂଗ୍ରେସ ପକ୍ଷରୁ ଚାଲିଥିବା ନିର୍ବାଚନୀ ପ୍ରଚାରରେ ଫଗୁଣସିନେରୀ ଓ ଫାଟୁସିନେରୀ ଅଞ୍ଚଳର ବହୁ ଲୋକ ସାମିଲ ହୋଇଥିଲେ । ସେଠାରେ ୱାଇଏସଆର କଂଗ୍ରେସ ପ୍ରାର୍ଥୀ କାନପୁରି ମାଝୀଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ସେମାନେ ପ୍ରଚାରରେ ଯୋଗଦେଇଥିବା ଜଣାପଡ଼ିଛି । ଏହି ଘଟଣା ତଳ ଗଞ୍ଜେଇପଦର ବୈଠକରେ ହୋଇଥିବା କଥିତ ସହମତିକୁ ନେଇ ପୁଣି ପ୍ରଶ୍ନ ଉଠାଇଛି । ଅନ୍ୟପଟେ ନିର୍ବାଚନ ପରିଚାଳନାକୁ ନେଇ ମଧ୍ୟ ଏକ ନୂଆ ସୂଚନା ସାମ୍ନାକୁ ଆସିଛି । ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶ ପକ୍ଷରୁ ପୂର୍ବ ନିର୍ବାଚନଗୁଡ଼ିକରେ ନେରେଡିୱାଲସାଠାରେ ଭୋଟଗ୍ରହଣ କରାଯାଉଥିବା ବେଳେ ବର୍ତ୍ତମାନ ସେଠାରେ ଓଡ଼ିଶା ପୁଲିସର ମୁତୟନ ଯୋଗୁଁ ନିର୍ବାଚନ କେନ୍ଦ୍ରକୁ ସାରିକି ଅଞ୍ଚଳକୁ ସ୍ଥାନାନ୍ତର କରିବା ନେଇ ଚର୍ଚ୍ଚା ହେଉଛି । ସେହିପରି ଫଗୁଣସିନେରୀ ଓ ଫାଟୁସିନେରୀ ଅଞ୍ଚଳର ଲୋକଙ୍କୁ ତୋନମ ଠାରେ ଭୋଟଦାନ କରିବା ପାଇଁ ପ୍ରସ୍ତୁତ କରାଯାଉଥିବା ନେଇ ମଧ୍ୟ ସୂଚନା ମିଳୁଛି । ତେବେ ନିର୍ବାଚନ କେନ୍ଦ୍ର ପରିବର୍ତ୍ତନ କିମ୍ବା ଫଗୁଣସିନେରୀ ଓ ଫାଟୁସିନେରୀବାସୀଙ୍କ ଭୋଟଦାନ ସ୍ଥାନ ସମ୍ପର୍କରେ ଏଯାବତ୍ କୌଣସି ଲିଖିତ ସରକାରୀ ସୂଚନା ମିଳିନାହିଁ । ତେଣୁ ନିର୍ବାଚନ ତାରିଖ ପାଖେଇ ଆସିବା ସହ ଏହାର ପ୍ରକୃତ ସ୍ଥିତି ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି । ଅନ୍ୟପଟେ କୋଟିଆ ଅଞ୍ଚଳକୁ ବିଭାଜନ କରି ଆନ୍ଧ୍ରପ୍ରଦେଶ ପକ୍ଷରୁ ଫାଟୁସିନେରୀ, ଫଗୁଣସିନେରୀ ଓ ଗଞ୍ଜେଇପଦର ନାମରେ ପଞ୍ଚାୟତ ଗଠନ କରାଯାଇଛି । ଏହି ଅଞ୍ଚଳରେ ଓଡ଼ିଶା ପୁଲିସ ମୁତୟନ ରହିଥିବାରୁ ଆନ୍ଧ୍ରର ନିର୍ବାଚନୀ ପ୍ରଚାରକୁ ନେଇ ମଧ୍ୟ ବିଭିନ୍ନ ସମସ୍ୟା ଦେଖାଦେଉଥିବା କୁହାଯାଉଛି । ଏହି କାରଣରୁ ଫଗୁଣସିନେରୀ ଓ ଫାଟୁସିନେରୀ ଅଞ୍ଚଳର ଲୋକେ ସୀମାନ୍ତ ତୋନମ ଗ୍ରାମରେ ପହଞ୍ଚି ପ୍ରଚାରରେ ଭାଗ ନେଇଥିବା ଚର୍ଚ୍ଚା ହେଉଛି । ଏଠାରେ ସବୁଠାରୁ ବଡ଼ ପ୍ରଶ୍ନ ଉଠୁଛି, ତଳ ଗଞ୍ଜେଇପଦର ବୈଠକରେ ୱାଇଏସଆର କଂଗ୍ରେସ ପ୍ରାର୍ଥୀ କାନପୁରି ମାଝୀ ଟିଡିପି ପ୍ରାର୍ଥୀଙ୍କୁ ସମର୍ଥନ କରିବା ନେଇ ସହମତି ହୋଇଥିବା କୁହାଯାଉଥିବା ବେଳେ ତୋନମରେ ସେହି ପ୍ରାର୍ଥୀଙ୍କ ସପକ୍ଷରେ କୋଟିଆବାସୀଙ୍କ ପ୍ରଚାର କରିବା ଘଟଣା ଭିନ୍ନ ରାଜନୈତିକ ସମୀକରଣର ସଙ୍କେତ ଦେଉଛି । ଏହା ବୈଠକରେ ହୋଇଥିବା ସହମତିର ବିପରୀତ ନା ଏହା ପଛରେ ରହିଛି ଅନ୍ୟ କୌଣସି ରାଜନୈତିକ ରଣନୀତି, ତାହାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି । ସୀମା ବିବାଦ ମଧ୍ୟରେ କୋଟିଆର ଲୋକଙ୍କୁ ନେଇ ଆନ୍ଧ୍ରର ନିର୍ବାଚନୀ ରାଜନୀତି ନୂଆ ମୋଡ଼ ନେଉଥିବା ବେଳେ ପ୍ରାର୍ଥୀଙ୍କ ମଧ୍ୟରେ କଥିତ ବୁଝାମଣା, ତୋନମରେ ପ୍ରଚାର ଏବଂ ଭୋଟଗ୍ରହଣ କେନ୍ଦ୍ର ପରିବର୍ତ୍ତନକୁ ନେଇ ଆସୁଥିବା ସୂଚନା ଏବେ ରାଜନୈତିକ ମହଲରେ ନୂଆ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ସବୁ ଘଟଣା ଆଗାମୀ ନିର୍ବାଚନ ଉପରେ କିଭଳି ପ୍ରଭାବ ପକାଇବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହେବ ।

ଜାତୀୟ ଟେନିକଏଟ୍ ପ୍ରତିଯୋଗିତାକୁ ରାୟଗଡରୁ ବାମରାଜ

● ଜିଲ୍ଲା ପ୍ରଶାସନର ସମ୍ବର୍ଦ୍ଧନା

ରାୟଗଡ଼,୨।୧୧(ସମିସ): ଜାତୀୟ ସ୍ତରରେ ଟେନିକଏଟ୍ ପ୍ରତିଯୋଗିତାରେ ଭାଗ ନେବାକୁ ରାୟଗଡର ୧୫ ବର୍ଷୀୟ ଯୁବ କ୍ରୀଡ଼ାବିତ୍ ବାମରାଜ ନାୟକ ମନୋନୀତ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଏହି ସଫଳତା ପାଇଁ ସୋମବାର ତାଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ରାୟଗଡ ସହରର ଶ୍ରୀରାମନଗର ବାସିନ୍ଦା ବାମରାଜ ଆସନ୍ତା ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଜାମ୍ମୁଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ଟେନିକଏଟ୍ ପ୍ରତିଯୋଗିତାରେ ଭାଗ ନେବେ । ଏହି ଅବସରରେ ରାୟଗଡର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବିନ୍ଦ୍ରନାଥ କହଁର ତାଙ୍କୁ ସମ୍ମାନିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ । କାର୍ଯ୍ୟକ୍ରମରେ ବାମରାଜଙ୍କ ପ୍ରଶିକ୍ଷକ ତଥା ରେଳ ସୁରକ୍ଷା ବଳର କର୍ମଚାରୀ ସୁବାଷ ଚନ୍ଦ୍ର ଦୀକ୍ଷିତ ଉପସ୍ଥିତ ଥିଲେ । ଜାତୀୟ ପ୍ରତିଯୋଗିତା ପୂର୍ବରୁ ଅଧିକ ପ୍ରଶିକ୍ଷଣ ନେବା ପାଇଁ ବାମରାଜ ସୋମବାର କଟକ ଗସ୍ତ କରିଛନ୍ତି ।



ସେଠାରେ ପ୍ରଶିକ୍ଷଣ ଶେଷ କରି ଜାତୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଜାମ୍ମୁ ଯାତ୍ରା କରିବେ ବୋଲି ସେ ସୂଚନା ଦେଇଛନ୍ତି । ତାଙ୍କ କ୍ରୀଡ଼ା ଯାତ୍ରାରେ ଜିସିଡି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନମିତା ପ୍ରଧାନ ପ୍ରୋତ୍ସାହନ ଯୋଗାଇ ଆସୁଥିବା ବାମରାଜ କହିଛନ୍ତି ।

ମୋଟୁରେ ରେଡିଓ କଲାରଯୁକ୍ତ ବାଘ

■ ଗ୍ରାମବାସୀଙ୍କୁ ସତର୍କ କଲା ବନ ବିଭାଗ

ମାଲକାନଗିରି, ୨।୧୧ (ସମିସ): ମୋଟୁ ବନାଞ୍ଚଳରେ ରେଡିଓ କଲାରଯୁକ୍ତ ଏକ ବାଘର ଚଳପ୍ରଚଳ ଚିହ୍ନଟ ପରେ ବନ ବିଭାଗ ପକ୍ଷରୁ ସତର୍କତା ବଢ଼ାଯାଇଛି। ଆନ୍ଧ୍ରପ୍ରଦେଶର ପାପିକୋଣ୍ଡାଲୁ ଅଞ୍ଚଳରୁ ଆସିଥିବା ଏହି ବାଘଟି ମୋଟୁ ରେଞ୍ଜ ଅଞ୍ଚଳରେ ବିଚରଣ କରୁଥିବା ଜଣାପଡ଼ିଛି। ବାଘର ଗତିବିଧି ଉପରେ ନଜର ରଖିବାକୁ ବନ ବିଭାଗର ସ୍ୱତନ୍ତ୍ର ଟିମ୍ ଓ ଆର୍ ଆର୍ ଟି କୁ ନିୟୋଜିତ କରାଯାଇଛି। ରେଡିଓ କଲାର ମାଧ୍ୟମରେ ବାଘର ଗତିପଥ ଉପରେ



ନଜର ରଖାଯିବା ସହ ପାଦଚିହ୍ନ ଓ ଚଳପ୍ରଚଳ ସ୍ଥାନ ମଧ୍ୟ ଯାଞ୍ଚ କରାଯାଉଛି। ଏମ୍‌ଭି-୭ ୯ ଅଞ୍ଚଳରେ ଡିଏଫ୍‌ଓ ସାଇ କିରଣ ଡିଏନ୍ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ବାଘଟି ଯେପରି ଜନବସତି ଆଡ଼କୁ ନଆସେ ଏବଂ କୌଣସି ଅଘଟଣ ନଘଟେ, ସେଥିପାଇଁ ବିଭାଗୀୟ କର୍ମଚାରୀଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ଆଖପାଖ ଗ୍ରାମରେ ମାଇକ୍ ଯୋଗେ ସଚେତନତା ସୃଷ୍ଟି କରି ଲୋକଙ୍କୁ ଜଙ୍ଗଲ ଅଞ୍ଚଳକୁ ନଯିବା ଏବଂ ବାଘ ଦେଖିଲେ ତା'ର ନିକଟକୁ ନଯାଇ ତୁରନ୍ତ ବନ ବିଭାଗକୁ ଜଣାଇବାକୁ ପରାମର୍ଶ ଦିଆଯାଇଛି। ଏନେଇ ଜିଲ୍ଲା ବନ ଖଣ୍ଡ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ଡିଏଫଓଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ମାଲିପୁଟ ପଞ୍ଚାୟତରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣି



ପଟାଙ୍ଗି,୨।୧୧(ସମିସ): କୋରାପୁଟ ଜିଲ୍ଲା ପଟାଙ୍ଗି ବ୍ଲକ ଅନ୍ତର୍ଗତ ମାଲିପୁଟ ପଞ୍ଚାୟତ କାର୍ଯ୍ୟାଳୟଠାରେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଏଥିରେ ଯୋଗଦେଇ ଲୋକଙ୍କ ଠାରୁ ଆସିଥିବା ବିଭିନ୍ନ ଲିଖିତ ଅଭିଯୋଗ ଶୁଣିବା ସହ ସମସ୍ୟାର ସମାଧାନ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ମୋଟ ୪୭ଟି ଅଭିଯୋଗ ଉପସ୍ଥାପନ ହୋଇଥିଲା। ସେଥିମଧ୍ୟରୁ ପ୍ରାୟ ୨୦ ଜଣ ହିତାଧିକାରୀଙ୍କୁ ଦୀର୍ଘଦିନ ଧରି ଭତ୍ତା ମିଳୁନଥିବା ଏବଂ ପଞ୍ଚାୟତର ପ୍ରାୟ ୧୦ ଜଣ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ଥିବା ନେଇ ଅଭିଯୋଗ କରିଥିଲେ। ସେହିପରି କୁନ୍ଦୁଲି ହାଟପଦାରେ ବସୁଧା ଯୋଜନାରେ ଜଳ ଯୋଗାଣ ବ୍ୟବସ୍ଥା ବିଫଳ ହୋଇଥିବା, ମାଲକାରବନ୍ଧ ଗ୍ରାମରେ ବିଦ୍ୟୁତ୍ ଓ ସୋଲାର ଜଳ ଯୋଗାଣରେ ଅବ୍ୟବସ୍ଥା ଏବଂ ମାଲିପୁଟ ଗ୍ରାମରେ ଜିଓ ମୋବାଇଲ ନେଟୱର୍କ ସେବା ଉପଲବ୍ଧ କରାଇବା ପାଇଁ ଦାବି ହୋଇଥିଲା। ଯୋଗିନାୟକଗୁଡ଼ାଠାରୁ ସିନ୍ଦେଇ ଗ୍ରାମ ପର୍ଯ୍ୟନ୍ତ ଆରଡି ରାସ୍ତାର ମରାମତି, ୨୬ ନମ୍ବର ଜାତୀୟ ରାଜପଥଠାରୁ ଏରାସାନ୍ତାଗୁଡ଼ା ଗ୍ରାମ ପର୍ଯ୍ୟନ୍ତ ରାସ୍ତାର ମରାମତି, ଜଙ୍ଗଲ ଜମି ପଟ୍ଟା ପ୍ରଦାନ ଏବଂ ଦୁଇ ଫେଜ୍ ବିଦ୍ୟୁତ୍ ବ୍ୟବସ୍ଥାକୁ ତିନି ଫେଜ୍ କରିବା ପାଇଁ ଏରାସାନ୍ତାଗୁଡ଼ା ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଥିଲେ। ଅନ୍ୟପକ୍ଷରେ ବାତ୍ୟା ଅର୍ଣ୍ଣବ ପ୍ରଭାବରେ ମାଲକାରବନ୍ଧ ଗ୍ରାମର ଡ୍ରେନ୍ ଧୋଇଯିବା ସହ ବିଭିନ୍ନ ଗ୍ରାମରେ ଫସଲ ନଷ୍ଟ ହୋଇଥିବା ନେଇ ଅଭିଯୋଗ ଆସିଥିଲା। ଏଥିସହ ବିଭିନ୍ନ ଗ୍ରାମରେ ପମ୍ପ ହାଉସରୁ ମୋଟର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବାରୁ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇ ଲୋକେ ପାଣି ପାଇବାରୁ ବଞ୍ଚିତ ହେଉଥିବା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଏହି ଘଟଣାକୁ ନେଇ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ। ଶିବିରରେ କୋଟପାଡ଼ ଓ ବୋରିଗୁମ୍ମା ଅଞ୍ଚଳରୁ ୨୦୦ରୁ ଅଧିକ ମହିଳା ଯୋଗଦେଇ କୋରାପୁଟ ଜିଲ୍ଲାକୁ ମଦମୁକ୍ତ କରିବା ପାଇଁ ଦାବି ଜଣାଇଥିଲେ। ଏହି ଦାବି ଜିଲ୍ଲାରେ ମଦ ବିରୋଧୀ ଆନ୍ଦୋଳନକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ସାମ୍ନାକୁ ଆଣିଥିଲା। ଏହି ଅବସରରେ ଉପଜିଲ୍ଲାପାଳ ଫାବି ରସିଦ୍, ସିଡିଓ ବେଣୁଧର ଶବର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମନୋଜ ପୂଜାରୀ, ଜିଲ୍ଲା ପରିଷଦ ସଭ୍ୟା ଟିକାଇ ଗେମେଲ, ବ୍ଲକ ଅଧ୍ୟକ୍ଷା କଳ୍ପନା ପାଙ୍ଗି, ସରପଞ୍ଚ ସୋମନାଥ ଗୁଣ୍ଠା, କାର୍ଯ୍ୟନିର୍ବାହୀ ଅଧିକାରୀ କଣ୍ଡା ଗୋଲୋରି, ଏଡିଓ ଅଭିନାଶ ପାତ୍ର, ଯନ୍ତ୍ରୀ ଶୁଭମିତା ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜନ ଅଭିଯୋଗ ଶୁଣାଣି ଶିବିର ଶେଷ ହେବା ପରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ଅଞ୍ଚଳରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିଥିଲେ। ଏରାସାନ୍ତାଗୁଡ଼ାଠାରୁ ଡମଣିଝୋଲା ଗ୍ରାମ ପର୍ଯ୍ୟନ୍ତ ଘାଟି ଟା କାର୍ଯ୍ୟ, ତଳ ଏରାସାନ୍ତାଗୁଡ଼ାଠାରୁ ଉପର ଏରାସାନ୍ତାଗୁଡ଼ା ପର୍ଯ୍ୟନ୍ତ ମେଟାଲ ରାସ୍ତା ନିର୍ମାଣ ଏବଂ ପରଜା ସିପାଇପୁଟ ଜଙ୍ଗଲରେ ଚାଲିଥିବା ଷ୍ଟାଗର ଟ୍ରେଞ୍ଚ କାର୍ଯ୍ୟ ତଦାରଖ କରିଥିଲେ।

ଓଡ଼ିଶା-ଛତିଶଗଡ଼ ବନ ବିଭାଗର ମିଳିତ ପାଟ୍ରୋଲିଂ



ମାଲକାନଗିରି, ୨।୧୧(ସମିସ): ସୀମାନ୍ତ ଜଙ୍ଗଲରେ ବନ ସମ୍ପଦର ଚୋରାଚାଲାଣ ଓ ଅବାଧ ଗଛକଟା ରୋକିବା ସହ ବନ୍ୟଜନ୍ତୁ ସୁରକ୍ଷା ପାଇଁ ଓଡ଼ିଶା ଓ ଛତିଶଗଡ଼ ବନ ବିଭାଗ ପକ୍ଷରୁ ମିଳିତ ପାଟ୍ରୋଲିଂ କରାଯାଇଛି। ମାଲକାନଗିରି ବନଖଣ୍ଡର ପଦ୍ମଗିରି ସେକ୍ସନ ସଂଲଗ୍ନ ସୀମାନ୍ତ ଜଙ୍ଗଲରେ ଏହି ଅଭିଯାନ ହୋଇଥିଲା। ମାଲକାନଗିରି ରେଞ୍ଜର ରମେଶ ଚନ୍ଦ୍ର ରାଉତଙ୍କ ସମେତ ଓଡ଼ିଶାର ବନ କର୍ମଚାରୀମାନେ ଛତିଶଗଡ଼ ବନ ବିଭାଗର କର୍ମଚାରୀଙ୍କ ସହ ଜଙ୍ଗଲର ବିଭିନ୍ନ ଅଞ୍ଚଳ ବୁଲି ସ୍ଥିତି ଯାଞ୍ଚ କରିଥିଲେ। ଏଥିସହ ସୀମାନ୍ତ ଅଞ୍ଚଳରେ ବନ ଅପରାଧ ରୋକିବା ଓ ସୂଚନା ଆଦାନପ୍ରଦାନ ନେଇ ଦୁଇ ବିଭାଗ ମଧ୍ୟରେ ଆଲୋଚନା ହୋଇଥିଲା।

ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ରାମନାଗୁଡ଼ା,୨।୧୧(ସମିସ): "ଶିଶୁ ହସିଲେ ଦେଶ ହସେ, ଶିଶୁ ବଢ଼ିଲେ ଦେଶ ଆଗେଇ ଚାଲେ' ମନ୍ତ୍ରକୁ ନେଇ ରାମନାଗୁଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଆହ୍ୱାନ କ୍ରମେ ସ୍ଥାନୀୟ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ "ସୁରଭି-୨୦୨୬' ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୧ଟି କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଭାଗ ନେଇ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ ମୁଖ୍ୟ ଅତିଥି, ବ୍ଲକ ଉପାଧ୍ୟକ୍ଷା ଜାନକୀ ନିମାଲା, ବିଡିଓ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ପାରିଖିତି ସରପଞ୍ଚ ସୂର୍ଯ୍ୟରାଓ କୁମ୍ବରିକା ଏବଂ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନ ରଞ୍ଜନ ବଡ଼ଜେନା ଯୋଗ ଦେଇଥିଲେ। ଏହି ଅବସରରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀ ମଲ୍ଲିକ ଶିକ୍ଷା ସହ ଜୀବନ ଗଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କୁ ସାତଟି ମନ୍ତ୍ର ଦେଇଥିଲେ। ଉତ୍ସବରେ ଶ୍ରେଷ୍ଠ ସାମଗ୍ରିକ ପ୍ରଦର୍ଶନ ପାଇଁ ବିଭିନ୍ନ ବର୍ଗର ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ଏଥିସହ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶିକ୍ଷା ଅଧିକାରୀ ଦାମୋଦର ହିମିରିକା, ସୂର୍ଯ୍ୟନାରାୟଣ ପାଣିଗ୍ରାହୀ ଏବଂ ବିଦ୍ୟାଳୟର ଅଧ୍ୟକ୍ଷ ଗୌରୀ ପଣ୍ଡା ଉପସ୍ଥିତ ଥିଲେ। ଶିକ୍ଷକ ଅଶ୍ୱିନୀ ତ୍ରିପାଠୀ ଓ ଶିକ୍ଷୟିତ୍ରୀ ବେବିରାଣୀ ନନ୍ଦ ମଞ୍ଚ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ସରକାରୀ ପ୍ରାଥମିକ ବିଦ୍ୟାଳୟ, କାଲାମଗୁଡ଼ା ଏସ୍ ଆଣ୍ଡ ଏମ୍‌ଇ ସାମଗ୍ରିକ ଭଲ ପ୍ରଦର୍ଶନ ପାଇଁ, ସରକାରୀ ପ୍ରାଥମିକ ବିଦ୍ୟାଳୟ, ପେଡ଼ାଗୁଡ଼ା ଏସ୍ ଆଣ୍ଡ ଏମ୍‌ଇ ସାମଗ୍ରିକ ପ୍ରଦର୍ଶନ, ସରକାରୀ ମାଧ୍ୟମିକ ବିଦ୍ୟାଳୟ, କୋଣ୍ଡାଜାମ ଏସ୍‌ଏସ୍‌ଡି ସାମଗ୍ରିକ ପ୍ରଦର୍ଶନ, ପ୍ରାଥମିକ ସେବାଶ୍ରମ ବିଦ୍ୟାଳୟ, ଝିଞ୍ଜିରିବାଡ଼ି ଏସ୍‌ଏସ୍‌ଡିକୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କ୍ଷେତ୍ରରେ ଉତ୍କୃଷ୍ଟ କାର୍ଯ୍ୟ କରିଥିବା ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ମହୋତ୍ସବରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀ ଆଗାମୀ ଦିନରେ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଭାଗ ନେବେ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ଶେଷରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଦିଆଯାଇଥିଲା।

■ ପାଣି ଟାଙ୍କି ରକ୍ଷଣାବେକ୍ଷଣରେ ଅନିୟମିତତା

କେବେ ନିଯୁକ୍ତ ପାଇବେ ସ୍ଥାୟୀ କର୍ମଚାରୀ ?

ଗୁଡାରୀ, ୨।୧୧ (ସମିସ): ଏକ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରି ଗୁଡାରୀ ଠାରୁ ଶିରିଗୁଡ଼ା ଯିବା ରାସ୍ତାରେ ଜନସ୍ୱାସ୍ଥ୍ୟ ବିଭାଗ ତଥା ପାନୀୟ ଜଳ ପରିମଳ ବିଭାଗ ତରଫରୁ ସହର ବାସିନ୍ଦାଙ୍କୁ ଜଳ ଯୋଗାଣ ନିମନ୍ତେ ନିର୍ମାଣ କରାଯାଇଥିବା ୧ ଲକ୍ଷ ଲିଟର ପାଣି ଟାଙ୍କି ଏବଂ ସ୍ଥଳଭାଗରେ ଥିବା ୪ ଲକ୍ଷରୁ ଅଧିକ ଗଚ୍ଛିତ ପାଣି ଟାଙ୍କି କାର୍ଯ୍ୟକ୍ଷମ ହୋଇ ଇତିମଧ୍ୟରେ ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ଏହାର ରକ୍ଷଣାବେକ୍ଷଣ ପାଇଁ କୌଣସି କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଏମିତିରେ ବହୁ ଟଙ୍କା ଖର୍ଚ୍ଚ କରି ନିର୍ମାଣ କରାଯାଇଥିବା ପାଣି ଟାଙ୍କି, ଏହାର ପରିଚାଳନା କରିବା ପାଇଁ ସ୍ଥାୟୀ ନିଯୁକ୍ତି ଭାବେ ସୁରକ୍ଷା କର୍ମୀ କିମ୍ବା କୌଣସି ସରକାରୀ କର୍ମଚାରୀ ନିଯୁକ୍ତି ହୋଇନାହାନ୍ତି। ଫଳରେ ଜଳ ଯୋଗାଣ ସମୟ ଶେଷ ହେବା ପରେ ଏଠାରେ କୌଣସି କର୍ମଚାରୀ ଉପସ୍ଥିତ ରହୁଥିବା ଦେଖିବାକୁ ମିଳୁନି । କାରଣ ସ୍ଥାୟୀ କର୍ମଚାରୀ ଏଠାରେ କାହାକୁ ଦିଆଯାଇ ନାହିଁ। ଏହାକୁ ନେଇ ଜଳଯୋଗାଣ ବିଭାଗର ଜେଇ ଶ୍ରୀ ସବ୍ୟସାଚୀଙ୍କୁ ପଚାରି ବୁଝିବାରୁ ସେ କହିଛନ୍ତି, ଅଳ୍ପ ଦିନରେ ଚାରିପାଖେ ସିସି କ୍ୟାମେରା ଲାଗିବ ଏବଂ ଏଠି ସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଁ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଲିଖିତ ଆକାରରେ ଦିଆଯାଇଛି ବୋଲି କହିଛନ୍ତି। ପ୍ରତ୍ୟେକ ସହରରେ ଜଳ ଯୋଗାଣ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । କାରଣ ଯେଉଁ ଟାଙ୍କିରୁ ସାଧାରଣ ଜନତାକୁ ପାଣି ଯୋଗାଇ ଦିଆଯାଏ, ତାହା ବିଭାଗର ଅନୁଗତରେ ରହିବା ଆବଶ୍ୟକ। ଟାଙ୍କିର ସଫେଇଠୁ ଆରମ୍ଭ କରି ପ୍ରବେଶ ଫାଟକରେ ବାହାର ଅଜଣା ଲୋକଙ୍କ ପ୍ରବେଶ ଉପରେ କଟକଣା ଆବଶ୍ୟକ। ଏମିତିରେ ରାତି ସମୟରେ ଏହି ସ୍ଥାନ ଶୁନ୍‌ଶାନ୍ ରହୁଥିବାରୁ ପାଣିରେ ଯଦି କୌଣସି ଦୁର୍ବୃତ୍ତ କିଛି ମିଶାଇବାକୁ ଚାହିଁବ, ତାକୁ କିପରି ରୋକାଯିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଥିରେ ସ୍ଥାୟୀ କର୍ମଚାରୀ ନିଯୁକ୍ତି ପାଇଁ ଦାବି ହେଉଛି।

ସ୍ୱଚ୍ଛତା କାର୍ଯ୍ୟକ୍ରମ

ଟିକିରି,୨।୧୧(ସମିସ): ଟିକିରି ସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆଜି ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲାଇଟ୍‌ହାଉସ ଇନିସିଏଟିଭ୍ ପ୍ରୋଜେକ୍ଟର ସହଯୋଗ ଏବଂ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣରେ ଏହି ସଫେଇ ଅଭିଯାନ ସଫଳତାର ସହ ସମ୍ପନ୍ନ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷା ବକୁଳରାଣୀ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ତଥା ଲାଇଟ୍ ହାଉସ ଇନିସିଏଟିଭ୍ ପ୍ରୋଜେକ୍ଟର କୁବେର ବୁଡେକଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ଅଭିଯାନରେ ବିଦ୍ୟାଳୟର ସମସ୍ତ ବିଦ୍ୟାର୍ଥୀ ଏବଂ କର୍ମଚାରୀମାନେ ଉତ୍ସାହର ସହ ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସର ଭିତର ଏବଂ ବାହାର ପାଚେରି ପାଖରେ ଜମା ହୋଇଥିବା ଅଳିଆ ଆବର୍ଜନା, ପ୍ଲାଷ୍ଟିକ ଏବଂ ଅନାବଶ୍ୟକ ଘାସ ଆଦି ସଫା କରାଯାଇଥିଲା। ଛାତ୍ରଛାତ୍ରୀମାନେ ନିଜ ବିଦ୍ୟାଳୟକୁ ସଫସୁତୁରା ରଖିବା ସହିତ ନିଜ ଅଞ୍ଚଳକୁ ସ୍ୱଚ୍ଛ ରଖିବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ। ବିଦ୍ୟାଳୟର ଏଭଳି ସଚେତନତାମୂଳକ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ବେଶ ପ୍ରଶଂସା କରାଯାଇଛି।

ଅମ୍ବାଦଳା ମେଡିକାଲ ଛକରେ ଗଜଲକ୍ଷ୍ମୀ ପୂଜା



ଅମ୍ବାଦଳା, ୨।୧୧(ସମିସ): ରାୟଗଡ଼ା ଜିଲ୍ଲା ଅମ୍ବାଦଳା ମେଡିକାଲ ଛକରେ ଚଳିତ ବର୍ଷ ବେଶ୍ ଧୁମଧାମ ଓ ଉତ୍ସାହର ସହ ପାଳିତ ହେଉଛି ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା। ପୂଜାକୁ ଆକର୍ଷଣୀୟ କରିବା ପାଇଁ କମିଟି ପକ୍ଷରୁ 'ବୁଗି ବୁଗି' ନୃତ୍ୟ ପ୍ରତିଯୋଗିତା, ଆକାଶଛୁଆଁ ରାମଦୋଳି ଏବଂ ବିଶାଳ ମୀନାବଜାରର ଭରପୂର ଆୟୋଜନ କରାଯାଇଛି। ପ୍ରତିକୂଳ ପାଗ ତଥା ଅଦିନିଆ ବର୍ଷା ସତ୍ତ୍ୱେ ଶ୍ରଦ୍ଧାଳୁଙ୍କ ଉତ୍ସାହରେ କୌଣସି କମି ଦେଖିବାକୁ ମିଳିନାହିଁ। ବର୍ଷାକୁ ଖାତିର ନକରି ମା'ଙ୍କ ମୃଣ୍ମୟୀ ପ୍ରତିମା ଦର୍ଶନ ପାଇଁ ମଣ୍ଡପରେ ଭକ୍ତଙ୍କ ପ୍ରବଳ ଭିଡ଼ ଜମୁଥିବା ଦେଖିବାକୁ ମିଳୁଥିବା ବେଳେ ବୁଗି ବୁଗି ଡାନ୍ସର ମଜା ନେଉଛନ୍ତି ସହର ବାସୀ। ଅନ୍ୟପଟେ ଭିଡ଼ ନିୟନ୍ତ୍ରଣ ତଥା ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଅମ୍ବାଦଳା ପୁଲିସ୍ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଟ୍ରାଫିକ୍ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଦିଗରେ ପୁଲିସ୍ ବାହିନୀ ସଜାଗ ରହି ପରିସ୍ଥିତି ଉପରେ କଡ଼ା ନଜର ରଖିଛି। ବର୍ଷା କାରଣରୁ ମଣ୍ଡପ ନିକଟରେ ଶ୍ରଦ୍ଧାଳୁଙ୍କ ଆଗମନ ଲାଗିରହିଥିଲେ ହେଁ ଖୋଲା ପଡ଼ିଆରେ ଥିବା ମୀନାବଜାର ଏବଂ ଦୋଳି ବ୍ୟବସାୟ ଟିକେ ମାନ୍ଦା ପଡ଼ିଛି। ପାଗରେ ସୁଧାର ଆସିଲେ ଆଗାମୀ ଦିନରେ ବେପାର ବଣିଜ ସ୍ୱାଭାବିକ ହେବା ସହ ମୀନାବଜାରରେ ଆହୁରି ଚଳଚଞ୍ଚଳତା ଆସିବ ବୋଲି ବ୍ୟବସାୟୀ ଓ ପୂଜା କମିଟି ଆଶା ପ୍ରକଟ କରିଛନ୍ତି।

ପଡ଼ିଆ ବ୍ଲକରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ମାଲକାନଗିରି/ପଡିଆ, ୨।୧୧ (ସମିସ): ପଡ଼ିଆ ପଞ୍ଚାୟତ ସମିତି ସଭାଗୃହ ପରିସରରେ ଜିଲ୍ଲା ପ୍ରଶାସନ ତରଫରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ ଅଧ୍ୟକ୍ଷତା କରିଥିବା ବେଳେ ଉପ-ଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ, ପଡିଆ ବିଡିଓ ଅରବିନ୍ଦ ପ୍ରଧାନ ଏବଂ ସହାୟକ ଜିଲ୍ଲାପାଳ ପ୍ରୀତମ ଦେବତା ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟାର ଶୁଣାଣି କରିଥିଲେ। ଏହି ଅଭିଯୋଗ ଶୁଣାଣି ଶିବିରରେ ସମୁଦାୟ ୧୨ ଗୋଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ଯେଉଁଥିରେ ଗୋଟିଏ ବ୍ୟକ୍ତିଗତ ଅଭିଯୋଗ ଏବଂ ୧୧ଟି ଗ୍ରାମ୍ୟ/ସାମୁହିକ ଅଭିଯୋଗ ସାମିଲ ରହିଥିଲା। ଲୋକମାନଙ୍କର ମୌଳିକ ସମସ୍ୟା, ଗ୍ରାମ୍ୟ ଉନ୍ନୟନ, ଜଳସେଚନ ଓ ସାମାଜିକ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗକୁ ପ୍ରଶାସନିକ ଅଧିକାରୀମାନେ ପ୍ରତ୍ୟକ୍ଷ ଭାବେ ଶୁଣିଥିଲେ। ଗ୍ରହଣ କରାଯାଇଥିବା ସମସ୍ତ ଅଭିଯୋଗପତ୍ରଗୁଡ଼ିକୁ ତୁରନ୍ତ ତଦାରଖ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସିଡିଓ-କମ୍-ଇଓ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାର ସମସ୍ତ ଲାଇନ୍ ଡିପାର୍ଟମେଣ୍ଟର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ମୁଖ୍ୟ ରାସ୍ତାକଡ଼ରେ ଅଦରକାରୀ ବିଦ୍ୟୁତ୍ ଖୁଣ୍ଟ


● ବାରମ୍ବାର ଦୃଷ୍ଟି ଆକର୍ଷଣ ପରେ ବି ବିଭାଗ ନିରବ

ମୁନିଗୁଡ଼ା,୨।୧୧(ସମିସ): ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ରଣିପିଣ୍ଡା ପଞ୍ଚାୟତ ଝାଗିଡ଼ି ଗ୍ରାମ ନିକଟସ୍ଥ ମୁଖ୍ୟ ରାଜରାସ୍ତା କଡ଼ରେ ବିଦ୍ୟୁତ ବିଭାଗର ଚରମ ଅବହେଳା ପଦାରେ ପଡ଼ିଛି। ରାସ୍ତା କଡ଼ରେ ଏକ ଅଧାକଟା ତଥା ବଙ୍କା ଲୁହା ବିଦ୍ୟୁତ ଖୁଣ୍ଟ ବିପଦଜନକ ଭାବେ ବାହାରକୁ ବାହାରି



ରହିଥିବା ବେଳେ ଏହା ନିତିଦିନିଆ ଯାତାୟାତ କରୁଥିବା ପଥଚାରୀ ଓ ଗାଡ଼ିଚାଳକଙ୍କ ପାଇଁ ମରଣଯନ୍ତା ସଦୃଶ ପାଲଟିଛି। ରାସ୍ତା କଡ଼କୁ ଲାଗି ଉକ୍ତ ତୀକ୍ଷ୍ଣ ଲୁହା ଖୁଣ୍ଟଟି ବାହାରି ରହିଥିବାରୁ ଟିକିଏ ଅସାବଧାନତା କାରଣରୁ ଯେକୌଣସି ମୁହୂର୍ତ୍ତରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟି ଧନଜୀବନ ହାନି ହେବାର ଆଶଙ୍କା ସୃଷ୍ଟି ହୋଇଛି। କେବଳ ଏତିକି ନୁହେଁ, ଅମ୍ବାଦଳା ହାଇସ୍କୁଲ ଓ ସ୍ଥାନୀୟ ଥାନା ସମ୍ମୁଖ ଭଳି ଅତ୍ୟନ୍ତ ଜନଗହଳିପୂର୍ଣ୍ଣ ସ୍ଥାନରେ ମଧ୍ୟ ଏକାଧିକ ଅଦରକାରୀ ପୁରୁଣା ବିଦ୍ୟୁତ ଖୁଣ୍ଟ ଅସୁରକ୍ଷିତ ଭାବେ ଠିଆ ହୋଇ ରହିଛି। ବିଦ୍ୟାଳୟ ଛାତ୍ରଛାତ୍ରୀ ତଥା ଦୈନନ୍ଦିନ ହଜାର ହଜାର ଲୋକ ଏହି ରାସ୍ତା ଦେଇ ଯାତାୟାତ କରୁଥିଲେ ହେଁ ବିଭାଗ ପକ୍ଷରୁ ଏଗୁଡ଼ିକୁ ହଟାଇବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏହି ବିପଦପୂର୍ଣ୍ଣ ସ୍ଥିତି ନେଇ ସ୍ଥାନୀୟ ଜନସାଧାରଣ ବାରମ୍ବାର ସମ୍ପୃକ୍ତ ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଗଣମାଧ୍ୟମରେ ଖବର ପ୍ରସାରଣ ହୋଇଥିଲେ ସୁଦ୍ଧା ପ୍ରଶାସନ କିମ୍ବା ବିଭାଗର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନାହିଁ। ବିଭାଗୀୟ କର୍ତ୍ତୃପକ୍ଷ କୌଣସି ବଡ଼ ଅଘଟଣକୁ ଅପେକ୍ଷା କରିଛନ୍ତି କି ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଝାଗିଡ଼ି ନିକଟରେ ଥିବା ଏହି ଅଧାକଟା ବିପଦଜନକ ଲୁହା ଖୁଣ୍ଟ ସମେତ ସ୍କୁଲ ଓ ଥାନା ସମ୍ମୁଖରେ ଥିବା ଅଦରକାରୀ ଖୁଣ୍ଟଗୁଡ଼ିକୁ ତୁରନ୍ତ ସ୍ଥାନାନ୍ତର କିମ୍ବା ସମ୍ପୂର୍ଣ୍ଣ ଭାବେ ହଟାଇବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଦାବି କରିଛନ୍ତି।

ରାୟଗଡ଼ରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି



ରାୟଗଡ଼,୨।୧୧(ସମିସ): ରାୟଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଦର ମହକୁମାସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଶିବିରରେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ଏହି

● ୫୨ଟି ଅଭିଯୋଗ ପଞ୍ଜୀକୃତ

ଶିବିରରେ ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ, ବନଖଣ୍ଡ ଅଧିକାରୀ ସଚିନ ଆନ୍ନା ସାହେବ ଓହଲେ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱମ୍ବର କୁମାର ବେହେରା, ଉପଜିଲ୍ଲାପାଳ ମୃଣାଳିକା ରାଠୋଡ ଏବଂ ପ୍ରକଳ୍ପ ପ୍ରଶାସକ ତଥା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ଅଧିକାରୀ ଚନ୍ଦ୍ରକାନ୍ତ ମାଝୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଅଭିଯୋଗଗୁଡ଼ିକର ସମାଧାନ ଦିଗରେ ପଦକ୍ଷେପ ନେଇଥିଲେ। ଶିବିରରେ ମୋଟ ୫୨ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୩୯ଟି ବ୍ୟକ୍ତିଗତ ଏବଂ ୧୨ଟି ସାମୂହିକ ଅଭିଯୋଗ ରହିଥିଲା। ରେଡକ୍ରସ ପାଣ୍ଠିରୁ ଜଣେ ଆବେଦନକାରୀଙ୍କୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବାବେଳେ ୨ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

ବାତ୍ୟା ପାଇଁ ପ୍ରଶାସନର ବ୍ୟାପକ ପ୍ରସ୍ତୁତି

➤ ୫ ହଜାର ଲୋକ ସ୍ଥାନାନ୍ତର



ମାଲକାନଗିରି,୨।୧୧(ସମିସ): ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା, ଉଦ୍ଧାର ଓ ଆଗୁଆ ପ୍ରସ୍ତୁତି କାର୍ଯ୍ୟକୁ ବ୍ୟାପକ କରାଯାଇଛି। ସରକାରୀ ରିପୋର୍ଟ ଅନୁଯାୟୀ, ଜିଲ୍ଲାର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରୁ ଆଜି ସୁଦ୍ଧା ମୋଟ ୫,୦୭୩ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ୧୪୯ଟି ପକ୍କା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇସାରିଛି। ବିଶେଷ କରି ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇ ୧୦୯ ଜଣ ଗର୍ଭବତୀ ମହିଳାଙ୍କୁ ନିକଟସ୍ଥ ମାତୃଯତ୍ନ କେନ୍ଦ୍ର ଓ ହସ୍ପିଟାଲକୁ ସୁରକ୍ଷିତ ଭାବେ ପଠାଯାଇଛି। ଜରୁରୀକାଳୀନ ପରିସ୍ଥିତିରେ ମୋକାବିଲା ପାଇଁ କ୍ଷେତ୍ରସ୍ତରରେ ୧ଟି ଓଡ୍ରାଫ୍ ଟିମ୍, ୧ଟି ଏନଡିଆରଏଫ୍ ଟିମ୍ ଏବଂ ବିଭିନ୍ନ ସମ୍ବେଦନଶୀଳ ସ୍ଥାନରେ ୯ଟି ଅଗ୍ନିଶମ ବାହିନୀ ଦଳକୁ ମୁତୟନ କରାଯାଇଛି। ପରିସ୍ଥିତିର ସୀମାନ୍ତ ସମୀକ୍ଷା ଏବଂ ପ୍ରତ୍ୟକ୍ଷ ତଦାରଖ ପାଇଁ କାଲିମେଳା, ମାଥିଲି, ଚିତ୍ରକୋଣ୍ଡା ଓ ମାଲକାନଗିରି ସଦର ଅଞ୍ଚଳରେ ବରିଷ୍ଠ ଅଧିକାରୀମାନଙ୍କୁ ମୁତୟନ କରାଯାଇଥିବା ବେଳେ କାଲିମେଳା ଓ ମାଥିଲିରେ ଡେପୁଟି ଓ ଆସିଷ୍ଟାଣ୍ଟ କଲେକ୍ଟରମାନେ ଦାୟିତ୍ୱ ସମ୍ଭାଳିଛନ୍ତି। ଅନ୍ୟପଟେ ଜିଲ୍ଲା କଣ୍ଟ୍ରୋଲ ରୁମ୍‌କୁ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ କରାଯାଇ ସମଗ୍ର ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଆଜି ସକାଳ ୮ଟାରୁ ଅପରାହ୍ନ ୪ଟା ମଧ୍ୟରେ ଜିଲ୍ଲାରେ ହାରାହାରି ୨.୮୧ ମିଲିମିଟର ସ୍ୱଳ୍ପ ବର୍ଷା ରେକର୍ଡ କରାଯାଇଥିବା ବେଳେ ପବନର ବେଗ ସମ୍ପୂର୍ଣ୍ଣ ସାଧାରଣ ରହିଛି। ପ୍ରଶାସନ ପକ୍ଷରୁ ସମସ୍ତ ନାଗରିକଙ୍କୁ ଭୟଭୀତ ନହୋଇ ସଜାଗ ରହିବାକୁ ଏବଂ ସରକାରୀ ନିର୍ଦ୍ଦେଶାବଳୀ ପାଳନ କରିବାକୁ ପରାମର୍ଶ ଦିଆଯାଇଛି।

ଅଧିକାରୀ ଶୂନ୍ୟ ମାଥିଲି ବ୍ଲକ, ମନ୍ଥର ଉନ୍ନୟନ କାର୍ଯ୍ୟ


➤ କାର୍ଯ୍ୟରେ ଯୋଗ ଦେଉନାହାନ୍ତି ନୂଆ ବିଡିଓ
➤ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପ ଦାବି

ମାଥିଲି,୨।୧୧ (ସମିସ):



ସହିଦ ମାଟି ଭାବେ ପରିଚିତ ମାଲକାନଗିରି ଜିଲ୍ଲାର ମାଥିଲି ବ୍ଲକରେ ଅଧିକାରୀଙ୍କ ଅଭାବ ଯୋଗୁଁ ପ୍ରଶାସନିକ କାର୍ଯ୍ୟ ସହ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ବାଧାପ୍ରାପ୍ତ ହୋଇଛି। ବ୍ଲକର ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକ ଖାଲି ପଡ଼ିଥିବା ବେଳେ ଅତିରିକ୍ତ ଦାୟିତ୍ୱରେ କାର୍ଯ୍ୟାଳୟ ପରିଚାଳିତ ହେଉଛି। ଫଳରେ ସରକାରୀ ଯୋଜନାର କାର୍ଯ୍ୟାନ୍ୱୟନଠାରୁ ଆରମ୍ଭ କରି ଠିକାଦାରଙ୍କ ପ୍ରାପ୍ୟ ପ୍ରଦାନ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୮ ତାରିଖରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଜାରି ବଦଳି ନିର୍ଦ୍ଦେଶରେ ମାଥିଲି ବିଡିଓ ପ୍ରମୋଦ କୁମାର ବେହେରାଙ୍କୁ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକକୁ ବଦଳି କରାଯାଇଥିଲା। ତାଙ୍କ ସ୍ଥାନରେ ମାଲକାନଗିରି ତହସିଲଦାର ଦେବାଶିଷ ଜେନାଙ୍କୁ ମାଥିଲି ବିଡିଓ ଭାବେ ନିଯୁକ୍ତି ଦିଆଯାଇଛି। ତେବେ ବଦଳି ନିର୍ଦ୍ଦେଶକୁ ପ୍ରାୟ ଏକ ମାସ ବିତିବାକୁ ବସିଥିଲେ ମଧ୍ୟ ଶ୍ରୀ ଜେନା ଏଯାଏଁ ମାଥିଲିରେ ଯୋଗଦାନ କରିନାହାନ୍ତି। ଅନ୍ୟପକ୍ଷରେ ଶ୍ରୀ ବେହେରା ମାଥିଲିରୁ ଅବ୍ୟାହତି ନେଇଥିଲେ ମଧ୍ୟ ରାଜନଗର ବ୍ଲକରେ ଯୋଗଦାନ କରିନଥିବା ଜଣାପଡ଼ିଛି। ଏହି ପରିସ୍ଥିତିରେ ଖଇରପୁଟ ବିଡିଓ ଅର୍ପିତା ମହାନ୍ତି ଅତିରିକ୍ତ ଭାବେ ମାଥିଲି ବ୍ଲକର ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଅତିରିକ୍ତ ବିଡିଓ ସରୋଜ କୁମାର ପ୍ରଧାନଙ୍କ ଅବସର ପରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶିବଶଙ୍କର ସାହୁ ନିଜ କାର୍ଯ୍ୟ ସହ ଅତିରିକ୍ତ ବିଡିଓଙ୍କ ଦାୟିତ୍ୱ ମଧ୍ୟ ସମ୍ଭାଳୁଛନ୍ତି। ଏଥିସହ ଭିବି-ଜି ରାମ-ଜି ଯୋଜନାର ସହକାରୀ ପ୍ରକଳ୍ପ ଅଧିକାରୀ (ଏପିଓ) ପଦବୀ ମଧ୍ୟ ଖାଲି ପଡ଼ିଥିବାରୁ ବ୍ଲକର ପ୍ରଶାସନିକ ବ୍ୟବସ୍ଥା ଅତିରିକ୍ତ ଦାୟିତ୍ୱ ଉପରେ ନିର୍ଭରଶୀଳ ହୋଇପଡ଼ିଛି। ଅଧିକାରୀଙ୍କ ଅଭାବର ସିଧାସଳଖ ପ୍ରଭାବ ଉନ୍ନୟନମୂଳକ କାର୍ଯ୍ୟ ଉପରେ ପଡୁଥିବା ଅଭିଯୋଗ ହେଉଛି। ପୂର୍ବରୁ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିଥିବା ଛୋଟବଡ଼ ଠିକାଦାରମାନେ ପ୍ରାପ୍ୟ ପାଇବାରେ ବିଳମ୍ବର ସମ୍ମୁଖୀନ ହେଉଛନ୍ତି। ଶ୍ରମିକ ଓ ଅନ୍ୟାନ୍ୟ କାର୍ଯ୍ୟକାରୀମାନେ ମଧ୍ୟ ଏହି ସ୍ଥିତିକୁ ନେଇ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଥିସହ ବିଭିନ୍ନ ଫାଇଲ୍ କାର୍ଯ୍ୟ, ଯୋଜନାର ଅନୁମୋଦନ ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟରେ ଆବଶ୍ୟକ ତ୍ୱରାନ୍ୱିତ ଦେଖିବାକୁ ମିଳୁନାହିଁ। ଅନ୍ୟପକ୍ଷରେ ନବନିଯୁକ୍ତ ବିଡିଓ ଶ୍ରୀ ଜେନାଙ୍କୁ ଏଯାଏଁ ମାଲକାନଗିରି ତହସିଲଦାର ପଦରୁ ଅବ୍ୟାହତ କରାଯାଇନଥିବା ଚର୍ଚ୍ଚା ହେଉଛି। ଦୁଇ ଅଧିକାରୀଙ୍କ ବଦଳି ଓ ଯୋଗଦାନକୁ ନେଇ ସୃଷ୍ଟି ହୋଇଥିବା ଅନିଶ୍ଚିତତା ପଛରେ ପ୍ରଶାସନିକ ଓ ରାଜନୈତିକ କାରଣ ଥିବା ନେଇ ଅଞ୍ଚଳରେ ବିଭିନ୍ନ ଆଲୋଚନା ଚାଲିଛି। ତେବେ ଏହାର ପ୍ରକୃତ କାରଣ ସମ୍ପର୍କରେ ସ୍ପଷ୍ଟତା ମିଳିନାହିଁ। ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

ସମ୍ପାଦକୀୟ



ପୃଥିବୀରେ ଏପରି ଅନେକ ଲୋକ ଅଛନ୍ତି, ଯେଉଁମାନଙ୍କ ପାଇଁ କେବଳ ରୁଟି ହିଁ ଭଗବାନ।

-ମହାତ୍ମା ଗାନ୍ଧୀ

ବୈଶ୍ୱିକ ଋଣବୋଝ

ଆମେରିକା ସମେତ ବିକଶିତ ଦେଶମାନଙ୍କର କ୍ରମବର୍ଦ୍ଧିଷ୍ଣୁ ଋଣ ଭାର ଅବଶିଷ୍ଟ ବିଶ୍ୱର ଆର୍ଥିକ ବ୍ୟବସ୍ଥାକୁ ଗୁରୁତର ପ୍ରଭାବିତ କରିବାକୁ ଯାଉଛି ବୋଲି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ନିକଟରେ ଦେଇଥିବା ଚେତାବନୀ ପରିପ୍ରେକ୍ଷୀରେ ଭାରତର ଆର୍ଥିକ ଭବିଷ୍ୟତ ଦୃଢ଼ ଆହ୍ୱାନଭରା ହୋଇଛି। ଆଇଏମ୍ଏଫ୍ ଓ ବିଶ୍ୱବ୍ୟାଙ୍କ ପକ୍ଷରୁ କରାଯାଇଥିବା ଏକ ଆକଳନ ଅନୁଯାୟୀ ୨୦୩୦ ମସିହା ପୂର୍ବରୁ ବିଶ୍ୱର ମୋଟ ଋଣ ପରିମାଣ ବିଶ୍ୱ ମୋଟ ଘରୋଇ ଉତ୍ପାଦ(ଜିଡିପି) ର୧୦୦ ପ୍ରତିଶତରୁ ଅଧିକ ହୋଇଯିବ। ବିଡ଼ମ୍ବନା ହେଲା ଧନୀ ଦେଶମାନେ 'ଋଣଂ କୃତ୍ୱା ଘୃତଂ ପିବେତ୍' ନୀତି ଆପଣେଇଥିବା ବେଳେ ତାହାର ପରୋକ୍ଷ ପ୍ରଭାବ ବିକାଶଶୀଳ, ଅଭିବୃଦ୍ଧିଶୀଳ ଓ ଗରିବ ଦେଶଗୁଡ଼ିକ ଉପରେ ପଡ଼ୁଛି। ବିକଶିତ ଦେଶର ସୁଧ ହାର ଓ ସରକାରୀ ବଣ୍ଡର ଲାଭାଂଶ ବୃଦ୍ଧି ପାଉଥିବାରୁ ବିଶ୍ୱ ବଜାରରେ ଋଣ ଅଧିକ ମହଙ୍ଗା ହେଉଛି ଏବଂ ଗରିବ ଦେଶଗୁଡ଼ିକୁ ଅଧିକ ସୁଧ ଦେଇ ଋଣ ନେବାକୁ ପଡ଼ୁଛି। ଋଣ ବାବଦ ସୁଧ ହାର ଅତି ଉଚ୍ଚ ଥିବାରୁ ସୁଧ ସହିତ ମୂଳ ଋଣ ପରିଶୋଧ ପାଇଁ ବଜେଟ୍ ଉପରେ ଅଧିକ ଚାପ ପଡ଼ୁଛି। ତେଣୁ ଜନକଲ୍ୟାଣ ଯୋଜନାଗୁଡ଼ିକ କାଣ୍ଟଛାଣ୍ଟ ହେବାରେ ଲାଗିଛି। ଅପରପକ୍ଷରେ ନିର୍ବାଚନୀ ରଣନୀତିରେ ମାଗଣା ଯୋଜନାର ପ୍ରାବଲ୍ୟ ବଢୁଥିବାରୁ ଭାରତ ଭଳି ଗଣତାନ୍ତ୍ରିକ ଦେଶର ସରକାରମାନଙ୍କୁ ଅଧିକରୁ ଅଧିକ ଋଣ ଉପରେ ନିର୍ଭର କରିବାକୁ ପଡ଼ୁଛି। ଏହାର ସାମଗ୍ରିକ ପ୍ରଭାବ ପ୍ରଥମେ ଦେଶର ଅର୍ଥନୀତିକୁ ପ୍ରଭାବିତ କରି ବୈଶ୍ୱିକ ସଙ୍କଟ ସୃଷ୍ଟି କରୁଛି। ତେଣୁ ଯଥାସମ୍ଭବ ଋଣ ହ୍ରାସ ପାଇଁ ଆଇଏମ୍ଏଫ୍ ବିକଶିତ ଦେଶମାନଙ୍କୁ ପରାମର୍ଶ ଦେଇଛି।

ବିଶ୍ୱସ୍ତରରେ ଋଣ ମୂଲ୍ୟ ନିର୍ଦ୍ଧାରଣରେ ସରକାରୀ ବଣ୍ଡ ନିର୍ଣ୍ଣାୟକ ଭୂମିକା ନିର୍ବାହ କରେ। ବିଶେଷକରି ଆମେରିକା ଦ୍ୱାରା ଜାରି ହେଉଥିବା ସରକାରୀ ବଣ୍ଡକୁ ବିଶ୍ୱରେ ଋଣ ମୂଲ୍ୟ ନିର୍ଦ୍ଧାରଣର ପ୍ରମୁଖ ମାନଦଣ୍ଡ ଭାବେ ଗ୍ରହଣ କରାଯାଏ। ଆମେରିକୀୟ ବଣ୍ଡର ଲାଭାଂଶ ବୃଦ୍ଧି ପାଇଲେ ଅଧିକ ଆୟ ଆଶା କରୁଥିବା ନିବେଶକମାନଙ୍କ ପାଇଁ ଆମେରିକା ସରକାରୀ ଋଣ ଅଧିକ ଆକର୍ଷଣୀୟ ହୋଇଯାଏ। ଫଳରେ ବିକାଶଶୀଳ ଦେଶଗୁଡ଼ିକରୁ ପୁଞ୍ଜି ପ୍ରତ୍ୟାହାର ଧାରା ଆରମ୍ଭ ହୋଇଯାଏ(ଏବେ ଯେପରି ଭାରତରେ ଦେଖାଯାଉଛି)। ପରିଣାମ ସ୍ୱରୂପ ବିକାଶଶୀଳ ଦେଶଗୁଡ଼ିକ ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ଅଧିକ ସୁଧ ଘୋଷଣା କରନ୍ତି। ଅଧିକ ସୁଧ ହାର ଯୋଗୁଁ ଋଣ ପରିଶୋଧ ଖର୍ଚ୍ଚ ବଢ଼ିଯାଏ। ରାଜସ୍ୱର ସିଂହଭାଗ ସୁଧ ଓ ମୂଳ ପରିଶୋଧରେ ଖର୍ଚ୍ଚ ହୁଏ ଏବଂ ଜନସାଧାରଣଙ୍କ କଲ୍ୟାଣ ଯୋଜନା ପାଇଁ ବ୍ୟୟ ବରାଦ ହ୍ରାସ ପାଏ। ଆଇଏମ୍ଏଫ୍‌ର ଆକଳନ ଅନୁଯାୟୀ, ବିକାଶଶୀଳ ଓ ଅନୁନ୍ନତ ଦେଶଗୁଡ଼ିକରେ ଟିକସ ରାଜସ୍ୱର ହାରାହାରି ୧୫ ପ୍ରତିଶତରୁ ଅଧିକ ଭାଗ କେବଳ ସୁଧ ପରିଶୋଧରେ ଖର୍ଚ୍ଚ ହେଉଛି।

ସମସ୍ୟାର ସମାଧାନ ପାଇଁ ଆଇଏମ୍ଏଫ୍ ମୁଖ୍ୟତଃ ତିନି ପ୍ରକାରର ନୀତିଗତ ସୁପାରିସ କରିଛି। ପ୍ରଥମତଃ, ମୂଲ୍ୟଯୁକ୍ତ ଟିକସ(ଭାଟ)ରେ ଥିବା ଅସଙ୍ଗତି ଦୂର କରିବା ସହ ଉତ୍ପାଦନଶୀଳ ନିବେଶକୁ ନିରୁତ୍ସାହିତ କରୁଥିବା କର୍ପୋରେଟ୍ ଟିକସ ବ୍ୟବସ୍ଥାକୁ ଏଡ଼ାଇବା ଦିଗରେ ସରକାରମାନେ ଦୃଷ୍ଟି ଦେବାକୁ ହେବ। କାରଣ ଏଥିରେ ଥିବା ଅସଙ୍ଗତି କମ୍ପାନୀମାନଙ୍କର ଉତ୍ପାଦନ ଖର୍ଚ୍ଚ ବୃଦ୍ଧି କରି ସର୍ବଶେଷରେ ଖାଉଟିଙ୍କ ମୁଣ୍ଡ ଉପରେ ପଡ଼ୁଛି। ଦ୍ୱିତୀୟତଃ, ଟିକସ ସଂସ୍କାର ଦ୍ୱାରା ମୋଟ ରାଜସ୍ୱ ହ୍ରାସ ନକରି ପୁଞ୍ଜି ନିବେଶ ଓ ନିଯୁକ୍ତି ବୃଦ୍ଧି କରାଯାଇପାରିବ। କମ୍ପାନୀଗୁଡ଼ିକୁ ସେମାନଙ୍କ ନିବେଶ ଖର୍ଚ୍ଚକୁ ଟିକସ ହିସାବରୁ ବାଦ୍ ଦେଲେ (ରେଣ୍ଟ ଆଧାରିତ ଲାଭ ଟିକସ) ଏହା ସମ୍ଭବ ହୋଇପାରିବ। ଏହାଦ୍ୱାରା ଦୀର୍ଘକାଳୀନ ଭିତ୍ତିରେ ବିକଶିତ ଅର୍ଥନୀତି ୬.୪% ଏବଂ ବିକାଶଶୀଳ ଅର୍ଥନୀତି ୮.୨% ପର୍ଯ୍ୟନ୍ତ ବୃଦ୍ଧି ପାଇପାରିବ ବୋଲି ଆଇଏମ୍ଏଫ୍ ଆକଳନ କରିଛି। ଯେତେବେଳେ ଜଣେ ବ୍ୟକ୍ତିଙ୍କ ଆୟ ବଢ଼ିବା ସହିତ ଟିକସ ହାର ହଠାତ୍ ବଢ଼ିଯାଏ କିମ୍ବା ଅଧିକ ରୋଜଗାର କଲେ ସରକାରୀ କଲ୍ୟାଣକାରୀ ସୁବିଧା ହ୍ରାସ ପାଏ, ସେତେବେଳେ ଅଧିକ ରୋଜଗାର କରିବାର ଆର୍ଥିକ ଲାଭ କମିଯାଏ। ଫଳରେ ଶ୍ରମିକମାନେ ନୂଆ ଚାକିରି କରିବା, ଅଧିକ ସମୟ କାମ କରିବା କିମ୍ବା ଅଧିକ ଦରମା ମିଳୁଥିବା କାମକୁ ଯିବା ପାଇଁ ଆଗ୍ରହ ହରାଇପାରନ୍ତି(ଭାରତର ସାମ୍ପ୍ରତିକ ସ୍ଥିତି ଏହାର ଉଦାହରଣ)। ତୃତୀୟତଃ, ଟିକସ ପ୍ରକ୍ରିୟାକୁ ସରଳ ଏବଂ ଠିକ୍ ସମୟରେ ଟିକସ ଫେରସ୍ତ ସୁନିଶ୍ଚିତ କରାଯାଇପାରିଲେ ଟିକସ ହାର ବୃଦ୍ଧି ନକରି ମଧ୍ୟ ଅଧିକ ରାଜସ୍ୱ ସଂଗ୍ରହ ସମ୍ଭବ ହୋଇପାରିବ। କିନ୍ତୁ ଭାରତ ଭଳି ଦେଶରେ ଏଭଳି ଚିନ୍ତା ଏକ ଅବାସ୍ତବ ପରିକଳ୍ପନା ବୋଲି ମନେ ହୁଏ। କର୍ପୋରେଟ୍ ଟିକସ କୋହଳ ହେଲେ ସେମାନେ ଯେ ସେ ବାବଦ ଅର୍ଥକୁ କାର୍ଯ୍ୟକାରୀ ପୁଞ୍ଜିରେ ନିବେଶ କରି ବା ଉତ୍ପାଦନ ଖର୍ଚ୍ଚ ହ୍ରାସ କରି ଉତ୍ପାଦକୁ ଶସ୍ତା କରିବେ ସେ ସାଧୁତା ଓ ବିଶ୍ୱସନୀୟତା ଦେଖାଯାଉନାହିଁ।

ସର୍ବୋପରି ଅର୍ଥନୀତିରେ ନୀତିଗତ ସଂସ୍କାର ସମ୍ପୂର୍ଣ୍ଣ ରୂପେ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି, ପରିଚାଳନାଗତ ଦକ୍ଷତା ଏବଂ ଆହ୍ୱାନକୁ ସମ୍ମୁଖୀନ ହେବାର ସାହସିକତା ଉପରେ ନିର୍ଭର କରେ। ଭାରତରେ ବିଗତ ଦଶନ୍ଧିରେ ଶାସନତନ୍ତ୍ରରେ ଏଭଳି ମାନସିକତା ବିରଳ ଥିବାରୁ ଅର୍ଥନୀତିରେ ନୀତିଗତ ସ୍ଥାଣୁତା ବଢ଼ିଚାଲିଛି। ଭାରତୀୟ ଅର୍ଥନୀତିର ମୌଳିକ ଢାଞ୍ଚା ଦୃଢ଼ ରହିଛି। ତେଣୁ ସବୁକଥାରେ ଅତୀତକୁ ଦୋଷାରୋପ ବଦଳରେ ସାମ୍ପ୍ରତିକ ସମସ୍ୟାର ଦୂରଦୃଷ୍ଟି ସମ୍ପନ୍ନ ସୁପରିଚାଳନା ଦ୍ୱାରା ବୈଶ୍ୱିକ ଆହ୍ୱାନକୁ ମୁକାବିଲା କରାଯାଇପାରିବ। ଦେଶର ଭବିଷ୍ୟତ ପାଇଁ ସରକାର ଏ ଦିଗଟିକୁ ଗୁରୁତ୍ୱ ଦେବେ ବୋଲି ଆଶା।

ହିତାଧିକାରୀଙ୍କ ଆତ୍ମହତ୍ୟା: ଅନେକ ଅସମାହିତ ପ୍ରଶ୍ନ

ଡ. ନିରଂଜନ ସାହୁ

ଗତ ମାସ ୨୪ ତାରିଖରେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବାଉତି ଜଙ୍ଗଲ ନିକଟସ୍ଥ ଏକ ଗଛରେ ଝୁଲୁଥିଲା ଏକ ଶବ। ଅନୁସନ୍ଧାନରୁ ସ୍ପଷ୍ଟ ହେଲା ମୃତକ ଜଣକ ଥିଲେ ୭୧ ବର୍ଷୀୟ ବାର୍ଦ୍ଧକ୍ୟ ଭତ୍ତା ହିତାଧିକାରୀ ରୋଡ ଗାଁର ଘନଶ୍ୟାମ ସାହୁ, ଯାହାଙ୍କର କୌଣସି ସନ୍ତାନ ନ ଥିଲେ। ପତ୍ନୀ ମଧ୍ୟ ଆରପାରିକୁ ଚାଲି ଯାଇଥିଲେ। ସରକାରୀ ଭତ୍ତାକୁ ଆଶ୍ରୟ କରି ଅବଶିଷ୍ଟ ଜୀବନକୁ ଅପେକ୍ଷା କରିଥିବା ବୃଦ୍ଧ ଜଣକ ଜୁଲାଇ ମାସ ଯାଏ ତାଙ୍କର ଭତ୍ତା ପାଇଥିଲେ। ଅଗଷ୍ଟ ଓ ସେପ୍ଟେମ୍ବର ମାସର ଭତ୍ତାକୁ ଚାହିଁ ଚାହିଁ କାରୁଣ୍ୟ, ହତାଶା, ଅନାହାର ଓ ଅର୍ଦ୍ଧାହାରରେ ବଞ୍ଚିଥିବେ ସେ। ଶେଷରେ କୌଣସି ସାଧନ ବା ସାନ୍ତ୍ୱନା ନପାଇ ବାଛି ନେଇଥିବେ ଏପରି ଏକ ଭୟଙ୍କର ପରିଣାମର ରାସ୍ତାକୁ।

ଏହି ଘଟଣାଟି ଗଣମାଧ୍ୟମର ସବୁ ମଞ୍ଚରେ ପ୍ରଚାର/ପ୍ରସାର ହୋଇଛି। ଯିଏ ଏହି ଘଟଣାଟି ପଢ଼ିଛନ୍ତି, ଦେଖିଛନ୍ତି ବା ଶୁଣିଛନ୍ତି ମୂହ୍ୟମାନ ହୋଇଛନ୍ତି। ଆମର ସମଷ୍ଟିଗତ ବିବେକ ଦୋହଲି ଯାଇଛି। କାରଣ ତାଙ୍କ ପାଇଁ 'ଆହା' ପଦଟିଏ କହିବାକୁ ନିଜର କେହି ନ ଥିଲେ ବା ନାହାନ୍ତି। ଏହାକୁ ଏକକ ଘଟଣା ଭାବରେ ବିଚାର କଲେ ଗୁରୁତ୍ୱ କମିଯିବାର ଆଶଙ୍କା ଅଧିକ। ବାସ୍ତବ କଥା ହେଲା, ବାର୍ଦ୍ଧକ୍ୟ ଭତ୍ତାକୁ ଅପେକ୍ଷା କରିଥିବା ସାରା ରାଜ୍ୟର ହଜାର ହଜାର ଲୋକ ଏମିତି ଅକଥନୀୟ ଯନ୍ତ୍ରଣା ସହ୍ୟ କରୁଥିବେ। ଏ କଥା କ'ଣ ମା' ବାପ ବୋଲାଉଥିବା ଏବଂ ଦୁଃସ୍ଥ ଲୋକଙ୍କର ସବୁ ସୁଖଦୁଃଖର ସାଥୀ ବୋଲି ଡିଣ୍ଡିମ ପିଟୁଥିବା ସରକାରଙ୍କ ନିକଟରେ ପହଞ୍ଚୁନାହିଁ?

ବାର୍ଦ୍ଧକ୍ୟ ଭତ୍ତା କହିଲେ, ସାଧାରଣ ଭାବରେ ଆମେ ବୁଝନ୍ତି ଯେଉଁ ବର୍ଷୀୟାନ ଲୋକମାନେ ଗରିବ ଓ ବୟସାଧିକ୍ୟ ହେତୁ କାମ କରିପାରନ୍ତି ନାହିଁ ସେମାନଙ୍କର ବିଗତଦିନର ସେବାକୁ ଉପଲବ୍ଧି କରି ତଥା ରାଷ୍ଟ୍ରର ଦାୟିତ୍ୱ ସମ୍ଭାଳିବାର ନ୍ୟାୟରେ ସେମାନଙ୍କୁ ସରକାରଙ୍କ ତରଫରୁ ବ୍ୟବସ୍ଥା ହେଉଥିବା ମାସିକ ପେନସନ୍। ୨୦୦୮ ମସିହାରୁ ବାର୍ଦ୍ଧକ୍ୟ ଭତ୍ତାକୁ ରାଜ୍ୟ ସରକାର ସୁବିନ୍ୟସ୍ତ କରି 'ମଧୁବାବୁ ପେନସନ୍ ଯୋଜନା' ନାମରେ ନାମିତ କଲେ। ଏଥିରେ କେବଳ ବୁଢ଼ା ଲୋକଙ୍କ ସହିତ ବୟସ ନିର୍ବିଶେଷ ବିଧବା, ବୟସ ନିର୍ବିଶେଷରେ (ପାଞ୍ଚ ବର୍ଷରୁ ଅଧିକ) କୁଷ୍ଠରୋଗୀ, ମାନସିକ ଭାରସାମ୍ୟ ହରାଇଥିବା ରୋଗୀ, ଏଡସ୍ ରୋଗାକ୍ରାନ୍ତମାନେ ହିତାଧିକାରୀ ହେବାକୁ ହକ୍‌ଦାର। ବୁଢ଼ାବୁଢ଼ୀଙ୍କର ବୟସ ୬୦ ବର୍ଷରୁ ଅଧିକ ହେବା ଦରକାର ଏବଂ ସେମାନଙ୍କର ପରିବାରର ବାର୍ଷିକ ଆୟ ୬୦ ହଜାର ଟଙ୍କାରୁ କମ୍ ହୋଇଥିବା ଏକ ଆବଶ୍ୟକତା। ସେମାନେ ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବା ଜରୁରୀ ଏବଂ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ସହିତ କୌଣସି ଫୌଜଦାରୀ ମାମଲାରେ ଦଣ୍ଡିତ ହୋଇନଥିବା ମଧ୍ୟ ଏକ ମାନଦଣ୍ଡ।

କେବଳ ରାଜ୍ୟସରକାର ଏପରି ଭତ୍ତା ପ୍ରଦାନ କରନ୍ତି ନାହିଁ। କେନ୍ଦ୍ର ସରକାର ମଧ୍ୟ ଭତ୍ତା ପ୍ରଦାନ କରିଥା'ନ୍ତି ଏବଂ ତାହାକୁ 'ଜାତୀୟ ସାମାଜିକ ସହାୟତା ଯୋଜନା' ବା 'ଏନ୍‌ଏସ୍‌ଏପି'(ନ୍ୟାଶନାଲ୍ ସୋସିଆଲ୍ ଆସିଷ୍ଟାଣ୍ଟ ପ୍ରୋଗ୍ରାମ) ବୋଲି କୁହାଯାଇଥାଏ। ଏହି ଯୋଜନାର ଅନ୍ତର୍ଭୁକ୍ତ ହେବା ପାଇଁ ସର୍ବନିମ୍ନ ବୟସ ହେଲା ୬୫ ବର୍ଷ ଏବଂ ଏଥିରେ କେନ୍ଦ୍ରସରକାର ଶତ ପ୍ରତିଶତ ଅର୍ଥପ୍ରଦାନ କରିଥା'ନ୍ତି। ମାତ୍ର ହିତାଧିକାରୀ ଚୟନ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥାଏ। ପ୍ରତି ରାଜ୍ୟ ପାଇଁ କେନ୍ଦ୍ର ସରକାର ସର୍ବାଧିକ ସଂଖ୍ୟା ନିର୍ଦ୍ଧାରଣ କରିଥା'ନ୍ତି। ବର୍ତ୍ତମାନ ଓଡ଼ିଶା ପାଇଁ ଏହି ସଂଖ୍ୟା ୨୦,୫୮, ୬୫୬ ହୋଇଥିବା ବେଳେ ଏବେ ୧୯, ୨୨, ୫୨୫ ହିତାଧିକାରୀ ଏହି ଯୋଜନାର ସୁଫଳ ପାଉଛନ୍ତି। ତେଣୁ ରାଜ୍ୟ ସରକାର ତାଙ୍କର ହିତାଧିକାରୀ ୬୫ ବର୍ଷରେ ପଦାର୍ପଣ କଲା କ୍ଷଣି ତାକୁ କେନ୍ଦ୍ର ସରକାରଙ୍କ ହିତାଧିକାରୀ ଭାବରେ ଗଣ୍ୟ କରନ୍ତି ଏବଂ ସଂପୃକ୍ତ ଅର୍ଥ କେନ୍ଦ୍ର ସରକାର ବହନ କହନ୍ତି।

ଏଇ ଗହନ ପ୍ରକ୍ରିୟାରେ ଆତ୍ମହତ୍ୟା କରିଥିବା ଘନଶ୍ୟାମ କେନ୍ଦ୍ର ସରକାରଙ୍କ 'ଏନ୍‌ଏସ୍‌ଏପି' ଅନ୍ତର୍ଭୁକ୍ତ। ଏଥିପାଇଁ କେନ୍ଦ୍ର ସରକାରଙ୍କ ତରଫରୁ ଆର୍ଥିକ ସମସ୍ୟା ନଥାଏ; ମାତ୍ର ପରଜଙ୍ଗ ବ୍ଲକର ବିଡିଓ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ କିଛି ଯାନ୍ତ୍ରିକ ତ୍ରୁଟି ହେତୁ ହିତାଧିକାରୀଙ୍କ ପେନସନ୍ ଟଙ୍କା ବ୍ଲକଠାରେ ଉପଲବ୍ଧ ଥିଲେ ମଧ୍ୟ ତାହା ତାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତରିତ ହୋଇ ପାରି ନ ଥିଲା। ଯାନ୍ତ୍ରିକ ତ୍ରୁଟି ନିରାକରଣ ଦାୟିତ୍ୱ ସଂପୃକ୍ତ ଅଧିକାରୀଙ୍କର ନା ଆଉ କାହାର? କମ୍ପ୍ୟୁଟର ଉପରେ ଦୋଷଦେଇ କେହି ଖସିଯିବା ଉଚିତ କି? ଅବଶ୍ୟ ଆମର ଦଣ୍ଡଦେବା ବ୍ୟବସ୍ଥାରେ ଅନେକ ଅସଂଗତି ଥାଏ। ତାହା ଖିଲାପ କରୁଥିବା କର୍ମଚାରୀ ଓ ଅଧିକାରୀମାନଙ୍କୁ ହିଁ ସୁହାଏ। ଆଗରୁ ଲକ୍ଷ ଲକ୍ଷ ଟଙ୍କା ବ୍ଲକର ଅନେକ କର୍ମଚାରୀ ଆଡ୍‌ଭାନ୍‌ସ ଆକାରରେ ନେଇ ହିତାଧିକାରୀଙ୍କୁ ସଂପୃକ୍ତ ପଞ୍ଚାୟତରେ ବାଣ୍ଟୁଥିଲେ। ସେଥିରେ ମୃତବ୍ୟକ୍ତିଙ୍କ ନାଁରେ ଅନେକ ଦିନ ଯାଏ ଟଙ୍କା ଦିଆ ହେଉଥିବାର ବହୁ ଅଭିଯୋଗ ଫାଇଲ ତଳେ ଚାପି ହୋଇ ରହିଛି। ଅନେକ ଅଡିଟ ଆପତ୍ତି ଫାଇଲରେ ଧୂଳି ଜମିଛି, ଚକ୍ଷୁକୁଟା ଚାଲିଛି, ଫଳ ମିଳିନି।

ବାର୍ଦ୍ଧକ୍ୟ ଭତ୍ତାକୁ ବିଭିନ୍ନ ରାଜନୈତିକ ଦଳ ସେମାନଙ୍କର ଏକ ବିଶେଷ ଅଧିକାର ବୋଲି ଧରି ନେଇଥା'ନ୍ତି। କେତେବେଳେ ସେମାନେ ଅପେକ୍ଷାକୃତ କମ ଦାବିଦାରଙ୍କୁ ଭତ୍ତା ଦେବା ପାଇଁ ଚାପ ପ୍ରୟୋଗ କରୁଥିବା ବେଳେ ବିରୋଧୀଦଳ ସମର୍ଥିତ ଆବେଦନକାରୀ ବୃଷ୍ଟିଛାୟା ଅଞ୍ଚଳର ଅଧିବାସୀ ପାଲଟିଯାଆନ୍ତି। ଯେଉଁଠାରେ ମଞ୍ଜୁର କରିବା ଅଧିକାରୀମାନେ ଦୃଢ଼ ନ ଥା'ନ୍ତି, ସେଠାରେ ଏପରି ପରିସ୍ଥିତି ସୃଷ୍ଟି ହୋଇଥାଏ।

ସବୁରାଜ୍ୟରେ ଭତ୍ତାର ପରିମାଣ ମଧ୍ୟ ସମାନ ନୁହେଁ। ୬୦ରୁ ୭୯ ବର୍ଷ ଭିତରେ ଥିବା ହିତାଧିକାରୀଙ୍କୁ ଓଡ଼ିଶାରେ ମାସିକ ୧ ହଜାର ଟଙ୍କା ସଂପ୍ରତି ମିଳୁଥିବା ବେଳେ ଆନ୍ଧ୍ରରେ ୪ହଜାର ଟଙ୍କା, ପଶ୍ଚିମବଙ୍ଗରେ ୧ ହଜାର ଟଙ୍କା, ବିହାରରେ ୧୧୦୦ ଟଙ୍କା; ଉତ୍ତରାଖଣ୍ଡ, ପଞ୍ଜାବ ଓ କର୍ଣ୍ଣାଟକରେ ୧୫୦୦ ଟଙ୍କା, ତେଲଙ୍ଗାନାରେ ୪ ହଜାର ଟଙ୍କା ଲେଖାଏଁ ମିଳୁଛି। ଓଡ଼ିଶାରେ ଅଶୀବର୍ଷରୁ ଅଧିକ ବୟସର ହିତାଧିକାରୀ ମାସିକ ୩,୫୦୦ ଟଙ୍କା ପାଉଥିବା ବେଳେ ଅନ୍ୟ ରାଜ୍ୟରେ ଅଧିକ ପାଉଛନ୍ତି। ବର୍ତ୍ତମାନ ଆମ ରାଜ୍ୟରେ ୩୬ ଲକ୍ଷରୁ ଅଧିକ ସଂଖ୍ୟାରେ ଲୋକେ 'ମଧୁବାବୁ ପେନସନ୍ ଯୋଜନା'ରେ ଉପକୃତ ହେଉଛନ୍ତି। 'ଆଧାର' ସଂଯୋଗ ହେଲା ପରେ କେତେକ ହିତାଧିକାରୀଙ୍କ ନାଁ ଏକାଧିକ ସ୍ଥାନରେ ଥିବାରୁ ତାହା ବାଦ ଦିଆଯାଇଛି। 'ଏସ୍‌ଆଇଆର' ପ୍ରକ୍ରିୟା ପରି ଏକ ବିଶୋଧକ ପ୍ରକ୍ରିୟା ଦ୍ୱାରା ହିଁ ବାସ୍ତବ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ପାରନ୍ତା; ମାତ୍ର ତାହା ଏତେ ସହଜ ବୋଲି ଜଣାଯାଉନାହିଁ।

ପୁଣି ଆସିବା ମୃତ ଘନଶ୍ୟାମଙ୍କ କଥାକୁ। ଅନନ୍ୟୋପାୟ ହୋଇ ହତାଶାରେ ବୁଦ୍ଧି ବିବେକ ହରେଇ ଆତ୍ମହତ୍ୟାର ବାଟ ବାଛି ନେଇଥିବା ଘନଶ୍ୟାମଙ୍କୁ ନ୍ୟାୟ ମିଳିବାର କ'ଣ କିଛି ବାଟ ନାହିଁ? ଏବେ କିଛି ମାନବିକ ଅଧିକାର କର୍ମୀ ଜାତୀୟ ମାନବିକ ଅଧିକାର କମିଶନଙ୍କୁ ଏ ବିଷୟରେ ଅଭିଯୋଗ କରିଛନ୍ତି। ଏପରି କ୍ଷେତ୍ରରେ କମିଶନ ତାଙ୍କର ଉତ୍ତରାଧିକାରୀଙ୍କୁ କ୍ଷତିପୂରଣ ଆଦେଶ ଦେଇ ଦାୟିତ୍ୱ ଶେଷ କରି ଦେବାର ଅନେକ ନଜର ଅଛି। ମାତ୍ର ଘନଶ୍ୟାମଙ୍କ କ୍ଷେତ୍ରରେ ତାହା ଏକ ନିଷ୍ଫଳ ପରିଣାମ ହେବ, ଯେହେତୁ ତାଙ୍କର କୌଣସି ଉତ୍ତରାଧିକାରୀ ନାହାନ୍ତି। ରାଜ୍ୟସରକାର ନିଜର କ୍ଷମତା ପ୍ରୟୋଗ କରି ଦୋଷୀକୁ ବାଛନ୍ତୁ ଏବଂ ଦଣ୍ଡ ଦିଅନ୍ତୁ। ତା' ନ ହେଲେ ଆଗାମୀ ଦିନରେ ଏପରି ଆହୁରି ଅନେକ ଘଟଣା ଦେଖିବାକୁ ମିଳିବ। ଭତ୍ତାଟିଏ ଯଦି ନିର୍ଦ୍ଦିଷ୍ଟ ସମୟରେ ନମିଳେ, ତାକୁ ଭରସା କରି ବଞ୍ଚୁଥିବା ବ୍ୟକ୍ତିର ସାହାରା କିଏ ହେବ? ଆଗରୁ 'ଭାରତୀୟ ପିଙ୍ଗଳ କୋଡ୍'ର ଧାରା ୩୦୬ ତଥା ଏବର 'ଭାରତୀୟ ନ୍ୟାୟ ସଂହିତା'ର ଧାରା ୧୯୬ ଅନୁସାରେ ମାମଲା କରାହେଲେ ସଂପୃକ୍ତ ଅଧିକାରୀ ଦଣ୍ଡ ପାଆନ୍ତେ ଏବଂ ମୃତ ଘନଶ୍ୟାମଙ୍କ ଆତ୍ମା ଟିକିଏ ତୃପ୍ତି ହୁଅନ୍ତା।

(ପୂର୍ବତନ ପ୍ରଶାସନିକ ଅଧିକାରୀ)

ଭୁବନେଶ୍ୱର, ମୋ: ୯୪୩୮୪୮୨୯୧୧

ଅର୍ଥନୀତିରେ ନୋବେଲ

ଆର୍ଥିକ ସ୍ଥିରତାରେ ସୂକ୍ଷ୍ମ ଅର୍ଥନୀତିର ଗୁରୁତ୍ୱ

ନଳିନୀକାନ୍ତ ଧର

ଚଳିତବର୍ଷ ଅର୍ଥନୀତିରେ ନୋବେଲ୍ ପୁରସ୍କାର ଆମେରିକାର ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ରବର୍ଟ ଇ ହୁଲ ଏବଂ କଲମ୍ବିଆ ବିଶ୍ୱବିଦ୍ୟାଳୟର ମାଇକେଲ୍ ଉଡ୍‌ଫୋର୍ଡଙ୍କୁ 'ସମଷ୍ଟି ଅର୍ଥନୀତିର ସ୍ଥିରୀକରଣ ପାଇଁ ସୂକ୍ଷ୍ମ ଅର୍ଥନୀତିର ମୌଳିକ ସୁଦୃଢ଼ ଭିତ୍ତିଭୂମି' ଶୀର୍ଷକ ଗବେଷଣାତ୍ମକ ସନ୍ଦର୍ଭ ପାଇଁ ପ୍ରଦାନ କରାଯାଇଛି। ଚଳିତ ବର୍ଷର ନୋବେଲ୍ ବିଜେତା ସନ୍ଦର୍ଭର ମୁଖ୍ୟ ତତ୍ତ୍ୱ ହେଲା ବ୍ୟବସାୟିକ ଚକ୍ର ଓ ଆକସ୍ମିକ ଅର୍ଥନୈତିକ ଅସ୍ଥିରତାକୁ ପ୍ରତିହତ କରିବା ପାଇଁ କୌଣସି ଦେଶର ସରକାର ଓ କେନ୍ଦ୍ରୀୟ ବ୍ୟାଙ୍କ କିପରି ନୀତି ପ୍ରଣୟନ କରିବେ, ଯାହାକି ସାମଗ୍ରିକ ଭାବେ ପ୍ରଭାବୀ ଓ ଜନହିତକର ହେବା ଆବଶ୍ୟକ।

ବିଂଶ ଶତାବ୍ଦୀର ମହାନ୍ ଅର୍ଥନୈତିଜ୍ଞ ଜନ କେନ୍ସ ସରକାର ଓ କେନ୍ଦ୍ରୀୟ ବ୍ୟାଙ୍କର ସୁଧହାର, ଟିକସ, ସରକାରୀ ବ୍ୟୟ ମାଧ୍ୟମରେ ସମୂହ ଭାବରେ ମୋଟ୍ ଚାହିଦାକୁ ପରିଚାଳନା କରି ଅର୍ଥନୀତିର ସ୍ୱାସ୍ଥ୍ୟବସ୍ଥାକୁ ସୁଧାରିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ୧୯୭୦ ଦଶକର ତୈଳ ସଂକଟ ସମୟରେ ଅନେକ ଦେଶରେ ଉଚ୍ଚ ମୂଲ୍ୟବୃଦ୍ଧି ସହ ଦୁର୍ବଳ ଅଭିବୃଦ୍ଧି, ବେକାରୀ ବୃଦ୍ଧିର କାରଣ ହୋଇ ଅବପାତ ବା ଷ୍ଟାଗଫ୍ଲାସନ୍ ପରି ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ୨୦୦୮ ବୈଶ୍ୱିକ ଆର୍ଥିକ ସଂକଟ ସମୟରେ ମଧ୍ୟ ପୃଥିବୀର ଅତି ସ୍ୱଳ୍ପ ସୁଧହାର, ସରକାରୀ ନୀତି, ବ୍ୟକ୍ତିଗତ ଖର୍ଚ୍ଚ ଓ ରୋଜଗାର ଆଶାନୁରୂପକ ଭାବେ ବୃଦ୍ଧି ପାଇନଥିଲା। ତେଣୁ ପୂର୍ବ ପ୍ରଚଳିତ କେନ୍ସଙ୍କ ଧାରା ଓ ପରିସଂଖ୍ୟାନ ଆଧାରିତ ସରଳ ପ୍ରତିରୂପ ସମସ୍ତ ପରିସ୍ଥିତିକୁ ସଠିକ୍ ରୂପେ ବ୍ୟାଖ୍ୟା କରିପାରେ ନାହିଁ। ଏହାକୁ ବର୍ତ୍ତମାନର ନୋବେଲ ବିଜେତା ୧୯୭୮ ମସିହାରେ ତାଙ୍କ ଗବେଷଣାରେ କିଛି ସୂଚନା ଦେଇ ଏହାର ବିସ୍ତୃତ ରୂପରେଖ ଉପରେ କାର୍ଯ୍ୟ ଜାରି ରଖିଥିଲେ।

ଏହାକୁ ପରିବ୍ୟାପ୍ତ କରିବାକୁ ଯାଇ ହୁଲ୍ ତାଙ୍କ ଗବେଷଣାରେ ଉପଭୋଗ, ଆୟ ସଂପର୍କିତ ଅର୍ଥନୈତିକ ଉତ୍ଥାନପତନ ଏବଂ ମାଇକେଲ୍ ଫୋର୍ଡ ଘରୋଇ ପରିବାର, ବ୍ୟବସାୟିକ ସଂସ୍ଥା, ମୂଲ୍ୟ ନିର୍ଦ୍ଧାରଣ, ଭବିଷ୍ୟତ ସଂପର୍କିତ ଆଶା ଓ ସୁଧହାର ନୀତି ମଧ୍ୟରେ ଥିବା ସଂପର୍କକୁ ଗାଣିତିକ ସୂତ୍ରରେ ବ୍ୟାଖ୍ୟା କରିଛନ୍ତି। ତେଣୁ ଯଦିଓ ଅର୍ଥନୈତିକ ଅସ୍ଥିରତାକୁ ସୁଧାରିବା ପାଇଁ କେନ୍ସଙ୍କ ଉପଦେଶ ମୁଦ୍ରାସ୍ଫୀତି, ଉତ୍ପାଦନ ଓ ଉପଭୋକ୍ତା ଭଳି କେତେକ ସୂଚକାଙ୍କଭିତ୍ତିକ ଥିଲା ତାହାକୁ ହଲ୍ ଓ ଉଡ୍‌ଫୋର୍ଡ ବିସ୍ତାର କରି ପାରିବାରିକ ଓ ବ୍ୟକ୍ତିଗତ ବ୍ୟବସାୟିକ ଖର୍ଚ୍ଚର ସ୍ୱଭାବ ଅର୍ଥନୀତିକୁ କିପରି ପ୍ରଭାବିତ କରେ ତା'କୁ ଅନ୍ତର୍ଭୁକ୍ତ କଲେ। ତେଣୁ ଏହାକୁ 'ନୂତନ କେନେସିଆନ୍ ଅର୍ଥନୀତି' ମଧ୍ୟ କୁହାଯାଏ। ଉଦାହରଣ ସ୍ୱରୂପ ଭବିଷ୍ୟତରେ ଯଦି ମୂଲ୍ୟବୃଦ୍ଧିର ଆଶଙ୍କା ଥାଏ ଜନସାଧାରଣ କିଛି ଆଗୁଆ ଜିନିଷ କିଣନ୍ତି ଏବଂ ବ୍ୟବସାୟୀମାନେ ବଜାରରେ ଖର୍ଚ୍ଚବୃଦ୍ଧି ଆଶାରେ ପଦାର୍ଥ/ସେବାର ମୂଲ୍ୟ କିଛିମାତ୍ରାରେ ବୃଦ୍ଧି କରିଥା'ନ୍ତି। ପୁଣି ଯଦି ଭବିଷ୍ୟତରେ କୌଣସି ଅର୍ଥନୈତିକ କାରଣରୁ ଆୟ ସଂକୁଚିତ ହେବାର ଥାଏ ଜନସାଧାରଣ କ୍ରୟକୁ କମାଇ ଦେଇଥା'ନ୍ତି। ତେଣୁ ଏହି ସୂକ୍ଷ୍ମ ଅର୍ଥନୈତିକ ବ୍ୟବହାରିକ ଶୈଳୀ ଉପରେ ସ୍ଥୂଳ ଅର୍ଥନୀତିର ମୂଳଦୁଆ ପଡ଼ିଥାଏ। ନୀତି ନିର୍ଦ୍ଧାରକମାନେ କେବଳ ବର୍ତ୍ତମାନର ପରିସ୍ଥିତିକୁ ବିଚାରକୁ ନ ନେଇ ନୀତିର ଭବିଷ୍ୟତ ପ୍ରଭାବ ଓ ଜନସାଧାରଣଙ୍କର ପ୍ରତିକ୍ରିୟାକୁ ମଧ୍ୟ ଗୁରୁତ୍ୱ ଦେବା ବାଞ୍ଛନୀୟ।

ନୋବେଲ୍ ବିଜେତାଦ୍ୱୟଙ୍କ ଗବେଷଣାଭିତ୍ତିକ ତତ୍ତ୍ୱ ନୀତି ପ୍ରଣୟନକାରୀଙ୍କୁ ମୁଦ୍ରାସ୍ଫୀତି ନିୟନ୍ତ୍ରଣ, ସୁଧହାର ନୀତି, ବେକାରୀ, ସରକାରୀ ବ୍ୟୟ ଓ କର ନୀତି, ଯୋଗାଣଭିତ୍ତିକ ମୂଲ୍ୟବୃଦ୍ଧି ଏବଂ ଶେଷରେ ମୁଦ୍ରାନୀତି ଓ ବିତ୍ତୀୟ ନୀତି ମଧ୍ୟରେ ସମନ୍ୱୟ ଇତ୍ୟାଦି କ୍ଷେତ୍ରରେ ମାର୍ଗଦର୍ଶନକାରୀ ସଦୃଶ ମନେହୁଏ। ଯଦିଓ ଏହି ନୂତନ ଗବେଷଣା ଅର୍ଥନୀତିର ବ୍ୟାପକ ବିଭିନ୍ନତାକୁ ଅନ୍ତର୍ଭୁକ୍ତ କରିବା ଉପରେ ଆଧାରିତ; ତଥାପି ଏଥିରେ କେତେକ ସୀମାବଦ୍ଧତା ଥିବା ସହ ଏହାକୁ ପ୍ରୟୋଗ କରି ଶତ ପ୍ରତିଶତ ସଫଳତା ଆଶା କରାଯାଇ ନ ପାରେ। ଉଦାହରଣ ସ୍ୱରୂପ ଯେପରି ମଣିଷ ସବୁବେଳେ ଯୁକ୍ତିସଂଗତ ନିଷ୍ପତ୍ତି ନିଏ ବୋଲି ଧରିନେବା, ଆୟ ଅସମାନତା, ବ୍ୟକ୍ତିର ସମ୍ପତ୍ତିକୁ ଗୁରୁତ୍ୱ ନ ଦେବା, ସଠିକ୍ ଭାବରେ ବଜାରର ବାସ୍ତବତାକୁ ସଂପୂର୍ଣ୍ଣ ଭାବରେ ଆକଳନ କରି ନ ପାରିବା ଇତ୍ୟାଦି। ଅନେକ ସମୟରେ ନୀତି ପ୍ରଣୟନକାରୀମାନେ କେତେକ ଅର୍ଥନୈତିକ ଉପାଦାନର ପରିବର୍ତ୍ତନକୁ ବିଚାର କରିବାରେ ସକ୍ଷମ ହୋଇପାରନ୍ତି ନାହିଁ ଏବଂ ନିଷ୍ପତ୍ତି ମଧ୍ୟ ତଦନୁସାରେ ଭୁଲ ପ୍ରମାଣିତ ହୁଏ। ଏହାବ୍ୟତୀତ ଯେ କୌଣସି ଗବେଷଣା ଏକ ନିର୍ଦ୍ଦିଷ୍ଟ ମତ ଆକଳନ ଉପରେ ଆଧାରିତ; କିନ୍ତୁ କେତେକ ଅସାଧାରଣ ଘଟଣା ଯଥା ବୈଶ୍ୱିକ ଆର୍ଥିକ ସଂକଟ, ମହାମାରୀ, ଯୁଦ୍ଧ, ଜଳବାୟୁ ପରିବର୍ତ୍ତନ, ବୈଶ୍ୱିକ ପ୍ରଭାବଶାଳୀ ରାଜନୈତିକ ଢାଞ୍ଚାଗତ ପରିବର୍ତ୍ତନ, ବିଶ୍ୱ ବାଣିଜ୍ୟ, ଯୋଗାଣ ଇତ୍ୟାଦି ନୀତି-ନିୟମରେ ମୌଳିକ ଆଶାତୀତ ପରିବର୍ତ୍ତନ, ଜ୍ଞାନ ବିଜ୍ଞାନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଇତ୍ୟାଦି ଏହାର ସଫଳତାକୁ ପ୍ରଶ୍ନବାଚୀ କରିଥାଏ, ଯେପରିକି ୨୦୨୦ କୋଭିଡ୍ ମହାମାରୀ, ୨୦୦୮ ବିଶ୍ୱ ଆର୍ଥିକ ସଂକଟ, ୨୦୨୨ ପରଠାରୁ ରୁଷିଆ-ୟୁକ୍ରେନ୍, ଆମେରିକା/ଇସ୍ରାଏଲ- ଇରାନ ଯୁଦ୍ଧ ଓ ଅଧୁନା ଟ୍ରମ୍ପଙ୍କର ରାଜନୈତିକ-ଅର୍ଥନୈତିକ-କୂଟନୈତିକ ହଟଚମଟ, କୃତ୍ରିମ ବୁଦ୍ଧିମତ୍ତା(ଏ.ଆଇ)ର ସାମଗ୍ରିକ ଅଭୂତପୂର୍ବ ପ୍ରଭାବ ଇତ୍ୟାଦି କେତେକ ଅସାଧାରଣ ଘଟଣାବଳୀ।

ଭାରତ ଭଳି ଏକ ବୃହତ୍ ବିକାଶୋନ୍ମୁଖୀ ଦେଶ ପାଇଁ ନୀତି-ନିୟମ ପ୍ରଣୟନକାରୀଙ୍କୁ ଗବେଷଣାର ତତ୍ତ୍ୱକୁ ପ୍ରୟୋଗ କରି ସାଧାରଣ ଜନତା କିପରି ବିଶେଷ ଭାବରେ ଉପକୃତ ହେବେ ତା'କୁ ଗୁରୁତ୍ୱ ଦେବା ଶ୍ରେୟସ୍କର। ଅର୍ଥନୈତିକ ସ୍ଥିରତା ଓ ଅର୍ଥନୈତିକ ବିକାଶ ଏକ ନୁହେଁ। ଅର୍ଥନୈତିକ ଉତ୍ଥାନ-ପତନ ଆପେଆପେ ଶିକ୍ଷା-ସ୍ୱାସ୍ଥ୍ୟ ନିଯୁକ୍ତି ସୁଯୋଗ, ଅସମାନତା ଇତ୍ୟାଦି କେତେକ ମୌଳିକ ଆବଶ୍ୟକତା ବା ସମସ୍ୟାର ସମାଧାନ କରିପାରନ୍ତି ନାହିଁ। ତେଣୁ କୌଣସି ଏକ ଗବେଷଣାର ନିଷ୍କର୍ଷ ସମସ୍ତ ସମସ୍ୟାର ସମାଧାନର ପନ୍ଥା ନୁହେଁ। କିନ୍ତୁ ଯୁଗୋପଯୋଗୀ ଅଭିଜ୍ଞତାଭିତ୍ତିକ, ବାସ୍ତବ ଦୂରଦୃଷ୍ଟିସଂପନ୍ନ କୌଣସି ଯୁକ୍ତିଯୁକ୍ତ ବିଜ୍ଞାନସମ୍ମତ ଗବେଷଣା ପ୍ରୟୋଗ ନିଶ୍ଚିତ ଭାବରେ ମାନବ ସମାଜର ହିତ ପାଇଁ ଏକ ପାଦ ଆଗକୁ ନେବାରେ ସହାୟକ ହେବ।

ରାଉରକେଲା, ମୋ: ୯୪୩୭୩୪୪୬୫୪

ଦୃଷ୍ଟିହୀନଙ୍କ ଶ୍ରବଣଶକ୍ତି

ଶ୍ରୀନନ

ଦୃଷ୍ଟିହୀନତା ଏକ ଗୁରୁତର ଶାରୀରିକ ଅକ୍ଷମତା। ଏଭଳି ଲୋକେ ଦେଖିପାରନ୍ତି ନି ପ୍ରକୃତି ଓ ପରିବେଶର ସୁନ୍ଦର ରୂପ କି ପ୍ରିୟପରିଜନଙ୍କ ବହୁ ଆକାଂକ୍ଷିତ ମୁଖ କିମ୍ବା ଅନ୍ୟ କିଛି। କିନ୍ତୁ ତାଙ୍କଠାରେ ରହିଛି ଅନ୍ୟ ଏକ ଶକ୍ତିଶାଳୀ ଇନ୍ଦ୍ରିୟ। ତାହା ହେଲା ସେମାନଙ୍କ ଶ୍ରବଣ ଶକ୍ତି। ଏଣୁ ସେମାନେ ସହଜରେ ବାରି ପାରନ୍ତି ସ୍ୱରର ବିଭିନ୍ନତା। ତାହାକୁ ନେଇ ବିଭିନ୍ନ ଲୋକ କିମ୍ବା ପଶୁପକ୍ଷୀଙ୍କୁ ଚିହ୍ନଟ କରିବା ତାଙ୍କ ପକ୍ଷେ ସହଜ ହୁଏ। ଏପରିକି ସେମାନଙ୍କ ମାନସିକ ଅବସ୍ଥା ବୁଝିବା ମଧ୍ୟ କେତେକାଂଶରେ ସମ୍ଭବ ହୋଇପାରେ।

ଏହାର କାରଣ ସଂପର୍କରେ ଅଧ୍ୟୟନ କରିଛନ୍ତି 'ଜର୍ଜିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି' (ଆମେରିକା)ର ଗବେଷକ ଉନ୍ ଜୁ ପାର୍କ ଏବଂ ତାଙ୍କ ସହଯୋଗୀମାନେ। ନିକଟକରେ (ଜୁଲାଇ, ୨୦୨୬) ଗବେଷଣା ପତ୍ରିକା 'ନିଉରୋସାଇନସ୍'ରେ ପ୍ରକାଶିତ ଏକ ନିବନ୍ଧରେ ସେମାନେ ସ୍ୱର ଏବଂ ତା'ର ତୀବ୍ରତାର ବିଭିନ୍ନତା ଚିହ୍ନଟ କରିବାରେ ଦୃଷ୍ଟିଶକ୍ତି ଥିବା ଓ ତାହା ନଥିବା ଲୋକଙ୍କର ସାମର୍ଥ୍ୟରେ ପ୍ରଭେଦତା ଅଧ୍ୟୟନ କରିବାର ସୂଚନା ଦେଇଛନ୍ତି। ସେମାନଙ୍କର ଏହି କ୍ରିୟାବିଧି ଅଲଗା ଅଲଗା ବୋଲି ତହିଁରୁ ଜଣାପଡ଼ିଛି। କାରଣ ସ୍ୱର ବା ଧ୍ୱନି ବାରିବା ସହିତ କାନର କର୍ଣ୍ଣାବର୍ତ୍ତ(କୋଚଲେଆ) ସଂପୃକ୍ତ ହେଲା ବେଳେ ଏହାର ବିଭିନ୍ନତା ବାରିବା ମସ୍ତିଷ୍କର 'କର୍ଟିକାଲ୍ ପ୍ରକ୍ରିୟାକରଣ' ବା ମସ୍ତିଷ୍କ ବାହ୍ୟସ୍ତରର ସୂଚନା ବିଶ୍ଳେଷଣ ପ୍ରକ୍ରିୟା ସହିତ ସଂପୃକ୍ତ।

ବିଜ୍ଞାନ ବାର୍ତ୍ତା



'ଲୋଚଲେଆ' ଆଭ୍ୟନ୍ତରୀଣ କର୍ଣ୍ଣର ଏକ ସର୍ପିଳ ଅଂଶ। ଏଥିରେ ଭରି ରହିଥାଏ ତରଳ ପଦାର୍ଥ। ଏହା ଧ୍ୱନିର କମ୍ପନକୁ ମସ୍ତିଷ୍କ ପାଇଁ ବୈଦ୍ୟୁତିକ ସଙ୍କେତରେ ପରିଣତ କରେ। ଅନ୍ୟପକ୍ଷରେ ମସ୍ତିଷ୍କର ବାହ୍ୟସ୍ତର 'ସେରେବ୍ରାଲ୍ କୋର୍ଟେକ୍ସ' ଯେଉଁରୂପରେ ସୂଚନା (ଧ୍ୱନି)କୁ ଗ୍ରହଣ କରେ, ଏକୀକରଣ କରେ ଏବଂ ତାହାକୁ ଧାରଣା, ଚିନ୍ତା ବା ବିଚାର, ସ୍ମୃତି ଓ ସ୍ୱେଚ୍ଛାକୃତ କାର୍ଯ୍ୟରେ ପରିଣତ କରେ, ତାହା ହେଲା 'କର୍ଟିକାଲ୍ ପ୍ରକ୍ରିୟାକରଣ।

ଉଭୟ ଦୃଷ୍ଟିଶକ୍ତିଥିବା ଓ ନଥିବା ଲୋକେ ଧ୍ୱନି ବା ସ୍ୱରକୁ ସଠିକ୍ ରୂପେ ବାରିପାରନ୍ତି। କିନ୍ତୁ ଜନ୍ମାନ୍ଧମାନେ ଏହାର ତୀବ୍ରତାରେ ବିଭିନ୍ନତା ବାରିବାରେ ଦୃଷ୍ଟିଶକ୍ତି ଥିବା ଲୋକଙ୍କ ଠାରୁ ଅଧିକ ସକ୍ଷମ। ଏହାକୁ ଅଧିକ ପରୀକ୍ଷା କରିବାକୁ ଗବେଷକମାନେ ଆବିଷ୍କାର କଲେ ଯେ ଏହାର କାରଣ ହେଲା ଆଦ୍ୟ ଜୀବନରେ ଦୃଷ୍ଟିଶକ୍ତି ହରାଇଥିବା ଲୋକଙ୍କ ମସ୍ତିଷ୍କ ଧ୍ୱନିର ବିବିଧତାକୁ ଚିହ୍ନଟ କରିବାରେ ଅଧିକ ସକ୍ଷମ। ଏହିପରି ଘଟଣାକୁ ସେମାନେ 'ଆଭ୍ୟନ୍ତରୀଣ ଧ୍ୱନି' ବୋଲି ଆଖ୍ୟା ଦେଲେ। ତତ୍ପରେ ପାର୍କ ଏବଂ ତାଙ୍କ ସହଯୋଗୀମାନେ ଏହା ଦୃଷ୍ଟିହୀନତା ସହିତ ସଂପୃକ୍ତ ବୋଲି ପ୍ରମାଣ କରିବାକୁ ଆହୁରି ଅଧିକ ଅଧ୍ୟୟନ ଚଳାଇଲେ। ଏଥିରେ ସେମାନେ ଆଜନ୍ମ, ଜନ୍ମର କିଛିକାଳ ପରେ ଏବଂ ପ୍ରାପ୍ତ ବୟସ୍କ ହେଲା ପରେ ଦୃଷ୍ଟିଶକ୍ତି ହରାଇଥିବା ଲୋକ ଓ ଦୃଷ୍ଟିଶକ୍ତି ଥିବା ଲୋକଙ୍କୁ ନେଇଥିଲେ। ଫଳରେ ଜଣାପଡ଼ିଲା ଯେ ଆଜନ୍ମ ଏବଂ ବାଲ୍ୟକାଳରୁ ଦୃଷ୍ଟିଶକ୍ତି ହରାଇଥିବା ଲୋକଙ୍କ ମସ୍ତିଷ୍କର 'ସେରେବ୍ରାଲ୍ କୋର୍ଟେକ୍ସ୍' ଅଂଶଟି ଅଧିକ ସକ୍ରିୟ। ସମ୍ଭବତଃ ସେଥିପାଇଁ ସେମାନେ ସ୍ୱରର ପ୍ରଭେଦତା ବାରିବାରେ ଅଧିକ ଦକ୍ଷ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

କମିଲା ଟ୍ରମ୍ପଙ୍କ...

ପାଇଛନ୍ତି। ଆଇଓ୍ୱାରେ ଜୋସ୍ ଟୁରେକ୍ ୪୮ ଓ ଆସ୍‌ଲି ହିନ୍‌ସନ୍ ୪୭ ପ୍ରତିଶତ ସମର୍ଥନ ସହ ଲଢେଇ ପ୍ରାୟତଃ ସମାନ ସ୍ଥିତିରେ ରହିଛି। ଟେକ୍ସାସ୍‌ରେ ଡେମୋକ୍ରାଟ୍ ପ୍ରାର୍ଥୀ ଜେମ୍ସ ତାଲାରିକୋଙ୍କ ପ୍ରତି ୪୯ ପ୍ରତିଶତ ଭୋଟରଙ୍କ ମତ ସକାରାତ୍ମକ ଥିବାବେଳେ କେନ୍ ପାକ୍ସଟନ୍‌ଙ୍କ ପ୍ରତି ୫୪ ପ୍ରତିଶତଙ୍କ ମତ ନକାରାତ୍ମକ ରହିଛି। ମହଙ୍ଗା ଦରଦାମ ପ୍ରସଙ୍ଗରେ ମଧ୍ୟ ଡେମୋକ୍ରାଟ୍‌ଙ୍କୁ ରିପବ୍ଲିକାନ୍‌ଙ୍କ ତୁଳନାରେ ୯ ପ୍ରତିଶତ ଅଧିକ ସମର୍ଥନ ମିଳିଛି। ସାତଟି ରାଜ୍ୟରେ ସ୍ୱାଧୀନ ଭୋଟରଙ୍କ ମଧ୍ୟରେ ମଧ୍ୟ ଡେମୋକ୍ରାଟ୍ ପ୍ରାର୍ଥୀ ଆଗରେ ଅଛନ୍ତି। ଅକ୍ଟୋବର ୨୩ରୁ ନଭେମ୍ବର ୧ ମଧ୍ୟରେ ୬ ହଜାରରୁ ଅଧିକ ସମ୍ଭାବ୍ୟ ଭୋଟରଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ତେବେ ସର୍ଭେରେ ଆଗୁଆ ରହିବା ନିର୍ବାଚନ ବିଜୟର ନିଶ୍ଚିତତା ନୁହେଁ। ଆମେରିକାରେ ଡେମୋକ୍ରାଟ୍ ପାର୍ଟି ସିନେଟ୍‌ରେ ବହୁମତ ହାସଲ କରିବାକୁ ହେଲେ ନିଜର ବର୍ତ୍ତମାନର ଆସନ ବଜାୟ ରଖିବା ସହ ରିପବ୍ଲିକାନ୍‌ଙ୍କ ଅତି କମ୍‌ରେ ୪ଟି ଆସନ ଜିତିବାକୁ ପଡ଼ିବ।

ଦିଲ୍ଲୀରେ ପ୍ରଦୂଷଣ...

୩୦୦ଟି ନିର୍ମାଣ ଓ ଭଙ୍ଗାଭଙ୍ଗି ସ୍ଥଳ ଯାଞ୍ଚ କରାଯାଇଥିଲା। ସେଥିମଧ୍ୟରୁ ୩୨ଟି ସ୍ଥାନରେ ନିୟମ ଉଲ୍ଲଙ୍ଘନ ହୋଇଥିବା ଜଣାପଡ଼ିଛି। ଏଥିପାଇଁ ୧୭ଟି କାର୍ଯ୍ୟବନ୍ଦ ନିର୍ଦ୍ଦେଶ ଓ ୧୯ଟି ନୋଟିସ୍ ଜାରି ହୋଇଛି। ଏହି କଟକଣା ଅନୁଯାୟୀ, ଜାନୁଆରି ୩୧ ଯାଏଁ ବିଏସ୍-୬ ମାନକ ପୂରଣ କରୁନଥିବା ବାହାର ରାଜ୍ୟର ଗାଡ଼ି ଦିଲ୍ଲୀରେ ପ୍ରବେଶ କରିପାରିବେ ନାହିଁ। ଡିସେମ୍ବର ୧୦ରୁ ଜାନୁଆରି ୨୦ ଯାଏଁ ଅତ୍ୟାବଶ୍ୟକ ପ୍ରକଳ୍ପକୁ ଛାଡ଼ି ଅନ୍ୟ ନିର୍ମାଣ କାର୍ଯ୍ୟ ବନ୍ଦ ରହିବ। ଫେବୃଆରି ୨୮ ଯାଏଁ ସରକାରୀ ପାର୍କିଂ ସ୍ଥଳରେ ଦେୟ ଦୁଇଗୁଣ କରାଯାଇଛି। ସରକାରୀ ଓ ଘରୋଇ କାର୍ଯ୍ୟାଳୟରେ ସର୍ବାଧିକ ୫୦ ପ୍ରତିଶତ କର୍ମଚାରୀଙ୍କୁ ଅଫିସ୍ ଆସିବାକୁ ଅନୁମତି ମିଳିବ। ବାକି କର୍ମଚାରୀ ଘରୁ କାମ କରିବେ। ତେବେ ଅତ୍ୟାବଶ୍ୟକ ସେବାକୁ ଏଥିରୁ ବାଦ୍ ଦିଆଯାଇଛି। ଏହି କଟକଣାକୁ ଚାଲେଞ୍ଜ କରି କେତେକ ସଂଗଠନ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କିନ୍ତୁ କଟକଣା ଉପରେ ରୋକ ଲଗାଇବାକୁ ହାଇକୋର୍ଟ ମନା କରିଦେଇଛନ୍ତି। ଫଳରେ ଦିଲ୍ଲୀ ସୀମାନ୍ତରେ ଟ୍ରାଫିକ ଅବସ୍ଥା ଅସମ୍ଭାଳ ହୋଇପଡ଼ିଛି। ଦିଲ୍ଲୀରେ ପ୍ରବେଶ କରିବା ଲାଗି ଶହ ଶହ ଗାଡ଼ି ଠିଆ ହୋଇଥିବା ବେଳେ ସେମାନଙ୍କୁ ଅନୁମତି ଦିଆଯାଉ ନାହିଁ।

'ମୁରାସୁ' ହେବ...

ଉପରେ ବିଶେଷ ରହିବ ନାହିଁ। ମାତ୍ର ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପାଗ କୋହଲା ରହିବା ସହ କେତକ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ଆଶଙ୍କା ରହିଛି। ବିଶେଷ କରି ଦକ୍ଷିଣ ଓଡ଼ିଶାରେ ଏହି ବର୍ଷା ଅନୁଭୂତ ଆଶଙ୍କା ରହିଛି। ହେଲେ ଅତି ସମ୍ବେଦନ ଶୀଳ ସ୍ଥିତି ନ ଥିବା ଦର୍ଶାଇ ପାଣିପାଗ କେନ୍ଦ୍ର ପକ୍ଷରୁ ରେଡ୍ କିମ୍ବା ଅରେଞ୍ଜ୍ ଆଲର୍ଟ ଜାରି କରାଯାଇ ନାହିଁ। ପାଣିପାଗ କେନ୍ଦ୍ର କହିଛି, ବାତ୍ୟାର ସିଧା ପ୍ରଭାବ ଓଡ଼ିଶା ଉପରେ ରହିବ ନାହିଁ। ତେବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ହେବା ସହ ଦକ୍ଷିଣ ଓଡ଼ିଶାର କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ଏହାସହ କେତେକ ସ୍ଥାନରେ ପବନର ବେଗ ଘଣ୍ଟାପ୍ରତି ୪୦ରୁ ୫୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିପାରେ।

ମଙ୍ଗଳବାର ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ସେହିପରି ବୁଧବାର କୋରାପୁଟ ଓ ମାଲକାନଗିରିରେ ମଧ୍ୟ ପ୍ରବଳ ବର୍ଷା ନେଇ ପାଣିପାଗ କେନ୍ଦ୍ର କହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପକ୍ଷରେ ନଭେମ୍ବର ୨ରୁ ୪ ତାରିଖ ପର୍ଯ୍ୟନ୍ତ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି। ବାତ୍ୟାକୁ ଦୃଷ୍ଟିରେ ରଖି ବନ୍ଦରଗୁଡ଼ିକ ପାଇଁ ୩ ନମ୍ବର ସ୍ଥାନୀୟ ସତର୍କତା ସଙ୍କେତ ଜାରି କରାଯାଇଛି। ନଭେମ୍ବର ୫ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ଯଥେଷ୍ଟ କମିଯିବ। ଏହାପରେ କୌଣସି ପାଣିପାଗ ଚେତାବନୀ ରହିବ ନାହିଁ।

ନଭେମ୍ବର ୨ ଓ ୩ ତାରିଖରେ ବାତ୍ୟା ମୁରାସୁ ପ୍ରଭାବରେ ଆନ୍ଧ୍ର ପ୍ରଦେଶରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ସେହିପରି ଆନ୍ଧ୍ର ଉପକୂଳରେ ଦେଢ଼ ମିଟର ଉଚ୍ଚର ଜୁଆର ଆସିବା ନେଇ ଆଇଏମ୍‌ଡି ଚେତାବନୀ ଦେଇଛି। ଏଥିଯୋଗୁଁ ଦକ୍ଷିଣ ଉପକୂଳ ଆନ୍ଧ୍ରର ନିମ୍ନ ଅଞ୍ଚଳ ଜଳମଗ୍ନ ହୋଇପାରେ। ବାପଟଲା, ଗୁଣ୍ଟୁର, କୃଷ୍ଣା ଓ ପ୍ରକାଶମ୍ ଜିଲ୍ଲାରେ ସର୍ବାଧିକ ପ୍ରଭାବ ପଡ଼ିବା ନେଇ ପାଣିପାଗ କେନ୍ଦ୍ର ଅନୁମାନ କରିଛି।

ପୁଣି ବର୍ଷାରେ...

ଜିଲ୍ଲାର ୨୫ଟି ବର୍ଷା ମାପକ କେନ୍ଦ୍ରରେ ମୋଟ ୧୩୫.୫ ମିମି ବର୍ଷା ରେକର୍ଡ ହୋଇଛି। ଏହି ସମୟରେ ଗୋପାଳପୁର ଏନ୍‌ଏସିରେ ୨୩.୨ ମିମି, କବିସୂର୍ଯ୍ୟନଗରରେ ୧୩ ମିମି, ଗଞ୍ଜାମରେ ୧୧.୪ ମିମି ଓ ରଙ୍ଗେଇଲୁଣ୍ଡାରେ ୯ ମିମି ବର୍ଷା ହୋଇଥିଲା। ସେହିପରି ସୋମବାର ସକାଳ ୮ଟା ୩୦ରୁ ଅପରାହ୍ନ ୪ଟା ମଧ୍ୟରେ ରେକର୍ଡ ହୋଇଥିବା ବର୍ଷା ପରିମାଣ ୧୮୬.୬ ମିମି ରହିଛି। ପାତ୍ରପୁରରେ ୩୮ ମିମି, ଚିକିଟିରେ ୩୦.୬ ମିମି, ଛତ୍ରପୁରରେ ୧୬.୮ ମିମି, ଗଞ୍ଜାମରେ ୧୩ ମିମି, କୋଦଳାରେ ୧୩ ମିମି ଓ ଦିଗପହଣ୍ଡିରେ ୧୦.୫ ମିମି ବର୍ଷା ହୋଇଛି। ସେହିପରି କବିସୂର୍ଯ୍ୟନଗରରେ ୧୦ମିମି, ଗୋପାଳପୁର ଏନ୍‌ଏସିରେ ୧୦.୩ ମିମି ଓ ସାନଖେମୁଣ୍ଡିରେ ୭ ମିମି ବର୍ଷା ରେକର୍ଡ ହୋଇଛି। ବାତ୍ୟା ଓ ବନ୍ୟାରେ ଜିଲ୍ଲାର ୨୨ଟି ବ୍ଲକରେ ବ୍ୟାପକ ଫସଲ କ୍ଷତି ହୋଇଥିବା ବେଳେ ଏବେ ପୁଣି ବର୍ଷା ଚାଷୀଙ୍କ ଚିନ୍ତା ବଢ଼ାଇଛି। ଜମିରୁ ବନ୍ୟାଜଳ ସମ୍ପୂର୍ଣ୍ଣ ନିଷ୍କାସିତ ହୋଇନଥିବା ସ୍ଥିତିରେ ନୂଆ ବର୍ଷା ଜଳ ନିଷ୍କାସନ ଓ ଫସଲର ସ୍ଥିତିକୁ ନେଇ ଆଶଙ୍କା ବଢ଼ାଇଛି। ଏଭଳି ସମୟରେ ପ୍ରଭାବିତ ଚାଷଜମିର ସ୍ଥିତି ଉପରେ କୃଷି ବିଭାଗ ଓ ପ୍ରଶାସନର ନଜର ରହିବା ଜରୁରୀ ହୋଇପଡ଼ିଛି।

ଗଞ୍ଜାମ ବନ୍ୟା...

ବାତ୍ୟାକୁ ନେଇ ଆଗୁଆ ସତର୍କ ସୂଚନା ଜାରି ହୋଇଥିଲା। ଏପରିକି ଅକ୍ଟୋବର ୨୭ରୁ ୨୯ ତାରିଖ ମଧ୍ୟରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷାର ସୂଚନା ମିଳିବା ସହ ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ରେଡ୍ ଆଲର୍ଟ ମଧ୍ୟ ଜାରି କରାଯାଇଥିଲା। ଯାହା ଜଣାପଡୁଛି,୨୮ ତାରିଖରେ ଭଞ୍ଜନଗର, ସୋରଡ଼ା ଏବଂ ଧନେଇ ଜଳଭଣ୍ଡାର ପ୍ରାୟ ୮୦ ପ୍ରତିଶତ ପୂର୍ଣ୍ଣ ଥିଲା। ପ୍ରବଳ ବର୍ଷା ଯୋଗୁଁ ହଠାତ୍ ଜଳପ୍ରବାହ ବୃଦ୍ଧି ପାଇବା ପରେ ହିଁ ଜଳଭଣ୍ଡାରଗୁଡ଼ିକର ଗେଟ୍ ଖୋଲାଗଲା। ତାହା ପୁଣି ତଳିଆ ଅଞ୍ଚଳର ଲୋକଙ୍କୁ କୌଣସି ଆଗୁଆ ସତର୍କ ସୂଚନା ନଦେଇ ବୋଲି ସୁଜାତା ଉଲ୍ଲେଖ କରିଛନ୍ତି। ଏହାର ପରିଣାମ ସ୍ୱରୂପ ଗଞ୍ଜାମବାସୀଙ୍କ ପାଇଁ ଭୟଙ୍କର ବିପର୍ଯ୍ୟୟ ଆସିଲା। କେବେ ଦେଖିନଥିବା ବନ୍ୟା ପରିସ୍ଥିତି ସୃଷ୍ଟି ହେଲା, ବ୍ୟାପକ ଧନଜୀବନ ନଷ୍ଟ ହେଲା। ଦୁଃଖର କଥା, ସେହି ଭୁଲ୍ ନିଷ୍ପତ୍ତି ଲକ୍ଷ ଲକ୍ଷ ଲୋକଙ୍କୁ ଅକଥନୀୟ ଯନ୍ତ୍ରଣା ଦେବା ସହ ସେମାନଙ୍କର ବିପୁଳ କ୍ଷତି ଘଟାଇଲା। ରଷିକୂଲ୍ୟା ନଦୀ ଅବବାହିକାରେ ଅନେକ ମଧ୍ୟମଧରଣର ଜଳଭଣ୍ଡାର ସହିତ ଶହ ଶହ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଡାଇଭର୍ସନ୍ ୱିୟର୍ ଏବଂ ଚେକ୍ ଡ୍ୟାମ୍ ରହିଛି। ହେଲେ ସେଗୁଡ଼ିକରୁ କାହିଁକି ଆଗୁଆ ଆବଶ୍ୟକ ପରିମାଣର ଜଳ ନିଷ୍କାସନ କରାଗଲା ନାହିଁ? ବନ୍ୟା କିମ୍ବା ବାତ୍ୟା ପରିସ୍ଥିତିର ମୁକାବିଲା ସମୟରେ ଏହା ଜଳସମ୍ପଦ ବିଭାଗର ଏକ ନିୟମିତ କାର୍ଯ୍ୟପଦ୍ଧତି ଅଟେ ବୋଲି ଶ୍ରୀମତି ରାଉତ କହିଛନ୍ତି। ତେଣୁ ବିପର୍ଯ୍ୟୟ ସମୟରେ ଜଳ ସଂପଦ ବିଭାଗର ଏଭଳି ଗୁରୁତର ଅବହେଳା ଏବଂ ଏବେ ଲୋକମାନେ ଯେଉଁ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି, ସେଥିପାଇଁ କିଏ ଦାୟୀ ରହିବେ, ରାଜ୍ୟ ସରକାର ତା'ର ଜବାବ ଦେବେକି ବୋଲି ସୁଜାତା ପ୍ରଶ୍ନ କରିଛନ୍ତି।

ହାଇକୋର୍ଟରେ ସୁଶାନ୍ତ...

ପୂର୍ବତନ ମହିଳା ଜେଲରଙ୍କ ଦ୍ୱାରା ଚୌଦ୍ୱାର ଥାନାରେ ରୁଜୁ ଏକ ଅଭିଯୋଗକୁ ଭିତ୍ତି କରି ଏହି ବିବାଦ ସୃଷ୍ଟି ହୋଇଥିଲା। ଅଭିଯୋଗ ଅନୁଯାୟୀ, ପୂର୍ବତନ ଜେଲ ଡିଜିଙ୍କ ବନ୍ଧୁ କୁଳଦୀପ ସମ୍ପୃକ୍ତ ପୂର୍ବତନ ମହିଳା ଜେଲରଙ୍କୁ ମୋବାଇଲରେ ଆପତ୍ତିଜନକ ମେସେଜ କରୁଥିଲେ। ଏପରିକି ରାତ୍ରିଭୋଜନ ତଥା ସହ ବିଭିନ୍ନ ହୋଟେଲକୁ ତାଙ୍କୁ ଏକାକି ଭେଟିବାକୁ ଡକାଯାଇଥିଲା। ମହିଳା ଜେଲର ଜଣକ ଏହାକୁ ପ୍ରତ୍ୟାଖ୍ୟାନ କରିବାରୁ ତାଙ୍କୁ କଠିନ ବୃତ୍ତିଗତ ପ୍ରତିଶୋଧର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏଥିରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ, ନିଲମ୍ବନ, ଦରମା ବନ୍ଦ ଏବଂ ସ୍ପଷ୍ଟ ଧମକ ମଧ୍ୟ ସାମିଲ ଥିଲା।

ପରଲୋକରେ ଡାକ୍ତର...

ପରିଚିତ। ୨୦୧୭ ମସିହାରେ ଦିଲ୍ଲୀ ଏମ୍ସରେ ଓଡ଼ିଶାର ଯୋଡ଼ା ମୁଣ୍ଡ ଶିଶୁ ଜଗା-ବଳିଆଙ୍କୁ ଅଲଗା କରିବା ପାଇଁ ହୋଇଥିବା ଐତିହାସିକ ଅସ୍ତ୍ରୋପଚାରରେ ସେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଏହି ଜଟିଳ ଅସ୍ତ୍ରୋପଚାର ତାଙ୍କୁ ଦେଶବ୍ୟାପୀ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ଏହାବ୍ୟତୀତ ସେ ଏମ୍ସ ଭୁବନେଶ୍ୱରର ପ୍ରତିଷ୍ଠାତା ନିର୍ଦ୍ଦେଶକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ। ଚିକିତ୍ସା ବିଜ୍ଞାନ, ସ୍ନାୟୁଶଲ୍ୟ ଚିକିତ୍ସା ଓ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ୱୀକୃତି ଦେଇ ଭାରତ ସରକାର ୨୦୨୪ ମସିହାରେ ତାଙ୍କୁ ସମ୍ମାନଜନକ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରିଥିଲେ।

ବିଭୀଷିକା ପଛରେ...

ପରିମାଣ, ନଦୀର ଜଳସ୍ତର ଓ ତଳିଆ ଅଞ୍ଚଳର ବିପଦକୁ ଆକଳନ କରି ସମୟୋଚିତ ନିଷ୍ପତ୍ତି ନିଆଯାଇଥିଲା କି? ବିଭାଗର ଉଚ୍ଚ ଅଧିକାରୀ, ବରିଷ୍ଠ ଯନ୍ତ୍ରୀ ଓ ମୁଖ୍ୟଯନ୍ତ୍ରୀଙ୍କ ତଦାରଖ ପ୍ରସଙ୍ଗ ବି ଅନେକ ପ୍ରଶ୍ନକୁ ଜନ୍ମ ଦେଇଛି। ଅନୁରୂପ ଭାବରେ ପୂର୍ବରୁ ଜଳସମ୍ପଦ ବିଭାଗ ଓ ଉନ୍ନୟନ କମିଶନର ଭାବେ କାର୍ଯ୍ୟ କରିଥିବା ଅଭିଜ୍ଞ ମୁଖ୍ୟ ସଚିବ ବି ଏ ଦିଗରେ କେତେ ଯତ୍ନବାନ ଥିଲେ, ତାହା ବି ସ୍ପଷ୍ଟ ନୁହେଁ। ଏହି ଅବହେଳାର ମୂଲ୍ୟ ଦେଇଛନ୍ତି ସାଧାରଣ ଲୋକ। ଅକ୍ଟୋବର ୨୮ ତାରିଖ ମଧ୍ୟରାତ୍ରରେ ବିଭିନ୍ନ ଜଳଭଣ୍ଡାରରୁ ଛଡ଼ା ଯାଇଥିବା ବନ୍ୟାଜଳ ପ୍ରଳୟ ସୃଷ୍ଟି କରିଛି। ଗିଡ଼ିପାବାଲି ଗାଁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ ହୋଇ ଯାଇଛି। ଗାଁ ଉପରେ ଅଜାଡ଼ି ହୋଇଯାଇଛି ପାହାଡ଼ର ହଜାର ହଜାର ଟନ୍ ପଥର ଓ ମାଟି। ବନ୍ୟାରେ ଏଯାଏ ୫ ଜଣ ମୃତ୍ୟୁବରଣ କରିଥିବା ଓ ୧୧ ନିଖୋଜ ଥିବା ସରକାରୀ ଭାବେ କୁହାଯାଉଛି। ବିଦ୍ୟୁତ୍ ସାମନ୍ତରାୟ ନାମକ ଜଣେ ବ୍ୟକ୍ତି କହିଛନ୍ତି ଯେ ହଠାତ୍ ପାଣି ମାଡ଼ି ଆସିଲା। ବଡ଼ବଡ଼ ପଥର ପାହାଡ଼ ଉପରୁ ଧସି ଆସିଲା। ରାସ୍ତା କଡ଼ ଥିବା ଟ୍ରକ୍‌ଗୁଡ଼ିକ ଖେଳନା ପରି ଭାସି ଗଲା। ଦୁଇଦିନ ହେଲା ଖାଇବାକୁ କିଛି ମିଳିଲା ନାହିଁ। ଲୁଗାପଟା, ପିଲାଙ୍କ ବହିପତ୍ର ଓ ଜରୁରୀ କାଗଜପତ୍ର ସହ ଝିଅ ବାହାଘର ପାଇଁ ସାଇତି ରଖିଥିବା ସାମଗ୍ରୀ ମଧ୍ୟ ସମ୍ପୂର୍ଣ୍ଣ ନଷ୍ଟହୋଇ ଯାଇଛି।

ତିନି ଜିଲ୍ଲାର ହଜାର ହଜାର ପରିବାର ଶହେ ଘଣ୍ଟା ଧରି ଜଳବନ୍ଦୀ ରହିଛନ୍ତି। ସଡ଼କ, ଚାଷଜମି, ଗାଁ ଦାଣ୍ଡ ପୁରା ଏକାକାର। ଲୋକଙ୍କ ଘର ଭିତରେ ଅଣ୍ଟାଏ ଉଚ୍ଚର ପାଣି, ବାହାରେ ପ୍ରଖର ସ୍ରୋତ; ଘରେ ଖାଇବାକୁ କିଛି ନାହିଁ, ପିଇବାକୁ ବି ପାଣି ମିଳୁନାହିଁ। ହିଞ୍ଜିଳିକାଟୁ, ପୁରୁଷୋତ୍ତମପୁର, ଶେରଗଡ଼, ସୋରଡ଼ା, ଧରାକୋଟ, ଭଞ୍ଜନଗର, ଛତ୍ରପୁର, ଗଞ୍ଜାମ, ଚିକିଟି ଓ ପାତ୍ରପୁର ବ୍ଲକ୍‌ର ଅନେକ ଗାଁରେ ଏବେ ବି ପରିସ୍ଥିତି ସୁଧୁରି ନାହିଁ। ଆଗୁଆ ସତର୍କ ସୂଚନା ସତ୍ତ୍ୱେ ବନ୍ୟାଜଳ ଏତେ ବ୍ୟାପକ କ୍ଷତି କିପରି କଲା, ଜଳଭଣ୍ଡାର ପରିଚାଳନାରେ କୌଣସି ତ୍ରୁଟି ଥିଲା କି, ମନ୍ତ୍ରୀ ଓ ଅଧିକାରୀମାନେ କେଉଁ ପଦକ୍ଷେପ ନେଇଥିଲେ; ଏସବୁର ନିରପେକ୍ଷ ତଦନ୍ତ ହେବା ଦରକାର। କେବଳ କ୍ଷୟକ୍ଷତି ଆକଳନ ଓ ସହାୟତା ଘୋଷଣାରେ ଏହି ପ୍ରସଙ୍ଗକୁ ଚାପି ଦିଆଯାଇପାରିବ ନାହିଁ। ବିପର୍ଯ୍ୟୟ ପରିଚାଳନାରେ ଯେଉଁଠି ତ୍ରୁଟି ହୋଇଛି, ସେଠାରେ ଦାୟିତ୍ୱ ନିର୍ଦ୍ଧାରଣ ସହ ଦାୟୀ ବ୍ୟକ୍ତି, ଅଧିକାରୀଙ୍କ ଉତ୍ତରଦାୟିତ୍ୱ ସ୍ଥିର ହେବା ଜରୁରୀ।

ଗୁମର ଖୋଲିଲା...

ମାଲକାନଗିରି ଜିଲ୍ଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲେ। ମାତ୍ର ବାତ୍ୟାଟି ଦିଗ ବଦଳାଇବା ସହ ଗଞ୍ଜାମରେ ବହୁତ ପରିମାଣରେ ବର୍ଷା ହୋଇଯିବାରୁ ଏହି ସ୍ଥିତି ସୃଷ୍ଟି ହୋଇଛି ବୋଲି ପରୋକ୍ଷରେ ଆଇଏମ୍‌ଡି ଉପରେ ଦୋଷ ଲଦିଥିଲେ। ଯାହାକୁ ପାଣିପାଗ ବିଭାଗ ନିର୍ଦ୍ଦେଶିକା ଖଣ୍ଡନ କରିବା ପରେ ସରକାର ପୁଣି ଅକଳରେ ପଡ଼ିଛନ୍ତି। ବାତ୍ୟା ଅର୍ଣ୍ଣବ ଆନ୍ଧ୍ରରେ ସ୍ଥଳଭାଗ ଛୁଇଁବ ଓ ବାତ୍ୟାଠାରୁ ମାଲକାନଗିରି ସବୁଠୁ ନିକଟତର ହେବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ବାତ୍ୟାର ଗତିପଥକୁ ନେଇ ଆଇଏମ୍‌ଡି ଯେଉଁ ଟ୍ରାକ୍ ଦେଇଥିଲା ସେଥିରେ କୌଣସି ପାର୍ଥକ୍ୟ ଆସି ନଥିଲା। ବାତ୍ୟାର ଦିଗ ପରିବର୍ତ୍ତନ ସମ୍ପର୍କରେ ଆଗୁଆ ସୂଚନା ଦିଆଯିବା ସହ ଆଇଏମ୍‌ଡି ପକ୍ଷରୁ ଟ୍ରାକ୍ ଜାରି ହୋଇଥିଲା। ଏହାସହ ବାତ୍ୟା କେନ୍ଦ୍ରର ଡାହାଣ ପାର୍ଶ୍ୱରେ ସର୍ବଦା ଅଧିକ ବର୍ଷା ହୋଇଥାଏ। ଏ ଦୃଷ୍ଟିରୁ ଦକ୍ଷିଣ ଓଡ଼ିଶା ଜିଲ୍ଲାଗୁଡ଼ିକ ସମ୍ବେଦଶୀଳ ସ୍ଥିତିରେ ରହିଥଲା ଓ ଗଞ୍ଜାମରେ ସବୁଠୁ ଅଧିକ ବର୍ଷା ହୋଇଥିଲା। ମାତ୍ର ସରକାର କାହିଁକି କେବେଳ ମାଲକାନଗିରିକୁ ଗୁରୁତ୍ୱ ଦେଉଥିଲେ ଓ ଅନ୍ୟ ଜିଲ୍ଲା ପ୍ରତି ଖାମଖିଆଲି ମନୋଭାବ ଆପଣାଇଥିଲେ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ହୀରାକୁଦ ଜଳସ୍ତର ୬୨୯.୩୧ ଫୁଟ୍, ୫ ଗେଟ୍ ଖୋଲା

ସମ୍ବଲପୁର,୨।୧୧(ସମିସ): ସମ୍ପ୍ରତି ହୀରାକୁଦ ଜଳସ୍ତର ସର୍ବୋଚ୍ଚ କ୍ଷମତା ୬୩୦ ଫୁଟ୍ ପାଖାପାଖି ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଜଳଭଣ୍ଡାରରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ସୋମବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୯.୩୧ ଫୁଟ୍ ରହିଛି। ନଦୀବନ୍ଧର ବାମ ପାର୍ଶ୍ୱର ୩ଟି ଏବଂ ଡାହାଣ ପାର୍ଶ୍ୱର ୨ଟି ଏହିଭଳି ମୋଟ ୫ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୬୭,୦୦୯ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ, ପାୱାରଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୧୭,୮୩୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୮୧,୯୪୦ କ୍ୟୁସେକ୍ ଜଳ ନିଷ୍କାସିତ ହେବାସହ ପାୱାର ଚ୍ୟାନେଲ ଦେଇ ୩୧,୪୭୯ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୩୭ କ୍ୟୁସେକ୍, କେନାଲ ପାଇଁ ୪,୧୭୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି।

PUNJAB NATIONAL BANK, BO: Nayapalli(079920), Plot No.: 1189, Nilakantha Nagar, Bhubaneswar

LOST

One customer **Mr. Niranjan Behera,** S/o: Rama Chandra Behera, as principal borrower had mortgaged his landed property measuring Area: Ac. 0.052 Dec. appertaining to Plot No.: 4735/4971 recorded in Khata No.: 1015 of Mouza: Gadakana, PS: Bhubaneswar No.: 88, in the bank by depositing his original Regd. Sale Deed No.: 7264, Dt. 23.11.2001, in the bank for availing loan and creating mortgage over such property. On tracing of such sale deed by us for certain purpose, it was not traced and missing. Inspite of dilligent search we could not trace out Regd. Sale Deed No.: 7264 till today. We have also noted such fact with Police Station with Complaint No as 24483023072600152, Dt. 21.10.2026.

If any person is equipped with such sale deed please deposit such deed within 30 days of this notice with the bank otherwise any claim or charge over such property or document of such person shall be void thereafter.

Place: Bhubaneswar, Date: 02.11.2026 — Authorised Officer

OFFICE OF THE MUNICIPAL COUNCIL: DEOGARH

Email: deogarhmunicipality@gmail.com
Web site: deogarhmunicipality.com
Office No. 06641-295020 — 13001/2328/2627

Letter No. 3114 /DM, Dated 30.10.2026

On behalf of the Municipal Council, Debagada, Executive Officer, Debagada Municipality invites online Bid in Single cover system, through e-Procurement.

1. **Nature of work : Civil Work.**
2. **No of Work : 3 Nos.**
3. **Value of works : Rs. 5,08,475/- to 15,15,516/-.**
4. **Date & Time of availability of Bid document in the portal :** From **31.10.2026** at 11.00 A.M. up to **09.11.2026** at 5.00 P.M.
5. **Date of Opening of bid in portal : 12.11.2026** at 11.00 A.M.
6. **Name & address of the officer in Inviting Bid :** EO, Debagada Municipality.

Further details can be seen from Website: www.tendersodisha.gov.in.

Sd/-
Executive Officer
Debagada Municipality

OIPR-13001/13088/1/26-27/0005

AFFIDAVIT

I, Narmada Agrawala W/o- Shankar Lal Agrawala, resident of V.S.S. Nagar, Ward No. 9, Bargarh, Po./Ps./Dist.-Bargarh (Odisha), Pin-768028 declare by this affidavit No. 6 dated 02.11.2026 that, now onwards I shall be known as **Narmada Agrawala** for all future purposes.

AFFIDAVIT

By virtue of an affidavit sworn before the Executive Magistrate, Basudevpur, dated 09.09.2026, I, Smt. Ratnaprabha Panda, W/o Ramakanta Panda, At-Gud, PO-Gud, PS-Soro, Dist-Balasore, Odisha, declare that My name is recorded as Ratnaprabha Panda in my Aadhaar Card, whereas Sanjulata Panda is mentioned in my Postal Account Policy. That Ratnaprabha Panda and Sanjulata Panda, W/o Ramakanta Panda, are one and the same person, i.e., myself.

ପୂର୍ବ ତଟ ରେଳପଥ

ଫାଇଲ ସଂ. DRM/Engg/KUR/26-27/ E-Tender/57, ତା.29.10.2026ରିଖ

ଟେଣ୍ଡର ସଂ. etendernorthkur-154-2026, ତା.22.10.2026ରିଖ

ବିବରଣୀ : 3D ପ୍ରିଣ୍ଟେଡ ପ୍ୟାନେଲ / 3D ପ୍ରିଣ୍ଟେଡ ଏଲିମେଣ୍ଟ ବ୍ୟବହାର କରି ଖୋର୍ଦ୍ଧା ରୋଡ଼ ମଣ୍ଡଳର 17 ସଂଖ୍ୟକ ଲେଭେଲ କ୍ରସିଙ୍ଗରେ ନନ୍-ଇଣ୍ଟରଲକ୍ଡ ଲେଭେଲ କ୍ରସିଙ୍ଗ ଗେଟର ଇଣ୍ଟରଲକିଙ୍ଗ ନିମନ୍ତେ ସେବା ଭବନର ବ୍ୟବସ୍ଥା।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1208.29 ଲକ୍ଷ, EMD : ₹ 24,16,600/-, ଶେଷ ହେବା ଅବଧି : 08 (ଆଠ) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.11.2026ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟରଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ଼

PR-531/R/26-27

ପଶ୍ଚିମ ରେଳବାଇ - ଭଡୋଦରା ଡିଭିଜନ୍

ଟ୍ରାକ୍ ମେଣ୍ଟେନାନ୍ସ କାର୍ଯ୍ୟ ଏବଂ ଟ୍ରାକ୍ ମେସିନ୍ ସାଇଡିଂ ନିର୍ମାଣ ପାଇଁ ଆଉଟସୋର୍ସିଂ

ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଭଦୋଦରା–୩୯୦ ୦୦୪ ଡିଭିଜନାଲ୍ ରେଳୱେ ମ୍ୟାନେଜରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସିଲ୍ ଟେଣ୍ଡର ଆହ୍ୱାନ କରାଯାଉଛି। ଟେଣ୍ଡର ନଂ.: DRM/BRC/00876/2026-27। କାର୍ଯ୍ୟର ନାମ: ପଶ୍ଚିମ ରେଳବାଇର ଭଡୋଦରା ଡିଭିଜନ୍‌ର ବିଭିନ୍ନ BG ସେକ୍ସନ୍‌ରେ ୨ ବର୍ଷ ପାଇଁ ଟ୍ରାକ୍ ମେଣ୍ଟେନାନ୍ସ କାର୍ଯ୍ୟର ଆଉଟସୋର୍ସିଂ। କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ. ୨,୮୪,୪୭,୨୫୯.୩୯/-। ଜମା କରିବାକୁ ଥିବା ବିଡ୍ ସିକ୍ୟୁରିଟି: ଟ. ୫,୬୯,୦୦୦/-। **କ୍ରମିକ ନଂ. ୨,** ଟେଣ୍ଡର ନଂ.: DRM/BRC/0088/2026-27। କାର୍ଯ୍ୟର ନାମ: ଛାଭଲ୍, ଖୁଣ୍ଟେଲା, ତିଲକୱାଡା, କଞ୍ଜରୀ ଏବଂ ବୋରିୟାଭିଠାରେ ଟ୍ରାକ୍ ମେସିନ୍ ସାଇଡିଂ ନିର୍ମାଣ, ବର୍ତ୍ତମାନ ଥିବା ଟ୍ରାକ୍ ମେସିନ୍ ସାଇଡିଂରେ ସମ୍ପର୍କିତ ସୁବିଧାର ଉନ୍ନତିକରଣ ଏବଂ ଅନ୍ୟାନ୍ୟ ସମ୍ପର୍କିତ କାର୍ଯ୍ୟ (R-2)। କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ. ୧୨,୮୯,୮୩,୩୦୦/-। ଜମା କରିବାକୁ ଥିବା ବିଡ୍ ସିକ୍ୟୁରିଟି: ଟ. ୨୫,୭୯,୦୦୦/-। ଟେଣ୍ଡର ଦାଖଲ ଓ ଖୋଲିବାର ତାରିଖ ଏବଂ ସମୟ: ୨୦.୧୧.୨୦୨୬, ଅପରାହ୍ନ ୩.୦୦ଟା ପୂର୍ବରୁ ଟେଣ୍ଡର ଦାଖଲ କରିବାକୁ ହେବ ଏବଂ ସେହି ଦିନ ଅପରାହ୍ନ ୩.୩୦ଟାରେ ଟେଣ୍ଡର ଖୋଲାଯିବ। ସମ୍ପୂର୍ଣ୍ଣ ବିବରଣୀ, ସ୍ଥାନ ଏବଂ ଟେଣ୍ଡର ସମ୍ବନ୍ଧୀୟ ନୋଟିସ୍ ପାଇଁ www.ireps.gov.in ୱେବସାଇଟ୍ ଦେଖନ୍ତୁ। ଡିଭିଜନାଲ୍ ରେଳୱେ ମ୍ୟାନେଜର (WAC), ପଶ୍ଚିମ ରେଳବାଇ, ପ୍ରତାପନଗର, ଭଡୋଦରା-୪।

BRC-292

Like us on: facebook.com/WesternRly

34001/1093/2627 — E-Mail I.D.: eepwdcuttack2@gmail.com, Tel./ Fax No. (0671)-2973399

OFFICE OF THE SUPERINTENDING ENGINEER
GOVERNMENT OF ODISHA
'e'-procurement Notice
e-procurement Short Notice for Road works
Bid Identification No. S.E. CTC (R&B)-II-20 of 2026-27

1.	Name of the work	:	03 Nos of Road Work
2.	Estimated Cost	:	Rs. 48,87,670/- to Rs. 49,28,085/-
3.	Period of completion	:	01 (One) calendar Months
4.	Date & time of sale & receipt of bid document	:	From 02.11.2026 to 5 PM of 09.11.2026
5.	Last date/ time of receipt of bids	:	5 PM of 09.11.2026
6.	Date & time of Opening of Bids	:	11 AM of 10.11.2026
7.	Name and address of the Officer Inviting Bid	:	Superintending Engineer, Kataka (R&B) Division-II, Kataka

Further details can be seen from the e-procurement portal http://www.tendersorissa.gov.in. Any addendum/ corrigendum/ cancellation of tender can also be seen in the said website.

Superintending Engineer,
Kataka (R&B) Division No-II

OIPR-34001/34137/1/26-27/0016

OFFICE OF THE PURI MUNICIPAL CORPORATION, PURI

Letter No. 11932 Dt. 31.10.2026 — 13001/2336/2627

Inviting Request for Proposal for Selection of Agency for Comprehensive Sanitation Management Services for Zone-3 (Ward No. 1, 2, 16, 17 & additional added Corporation area Mangalaghat to Girala and Mangalaghat to Malatipatpur main road) under Puri Municipal Corporation

Puri Municipal Corporation invites Request for Proposal (RFP) for Selection of Agency for Comprehensive Sanitation Management Services for Zone-3 (Ward No. 1, 2, 16, 17 & additional added Corporation area Mangalaghat to Girala and Mangalaghat to Malatipatpur main road) under Puri Municipal Corporation. The details terms & conditions can be downloaded from the website puri.odisha.gov.in & www.pmcpuri.odisha.gov.in. The detail Technical & Financial proposal in conformity with the terms and conditions of the RFP documents shall be submitted to the office of the Commissioner, Puri Municipal Corporation, Puri on or before **Dt. 19.11.2026 at 4:00 PM** through speed post/Regd. Post/ Courier only. The Technical bids will be opened on **Dt. 20.11.2026 at 11:30 AM** in the office chamber of the Commissioner, Puri Municipal Corporation, Puri.

The authority reserves the right to reject any or all the tenders without assigning any reason thereof.

Sd/-
Commissioner
Puri Municipal Corporation

OIPR-13001/13159/1/26-27/0039

OFFICE OF THE DEPUTY DIRECTOR, GEOLOGY
GROUND WATER DEVELOPMENT DIVISION, KATAKA

1ST FLOOR OF SURVEY AND MAP PUBLICATION OFFICE, BADA JOBRA, COLLEGE SQUARE, KATAKA-753003
email-srgeologistcuttack@gmail.com, Phone No-06712954096

INVITATION FOR BIDS (IFB) — 32001/1220/2627

e- Procurement Notice : 1340 — **Date: 31.10.2026**

The Deputy Director Geology, Ground Water Development Division, Kataka on behalf of the Governor of Odisha invites on-line percent rate bids from eligible **'D' & 'C'** Class contractors (or equivalent) for the construction of the following civil works under CHHATA and ARUA scheme during FY 2026-27.

Sl. No.	Name of the work	Est. cost (in Lakh) (Excl. GST)	EMD/ Bid security (in Rs.) (Online)	Bid Identification No.
1	Construction of 06 nos RRHS in Naugaon Block of Jagatsinghpur District under CHHATA Scheme during FY 2026-27	15.56	15600	04/GWDCTCCHHATA/2026-27
2	Construction of 6 Nos. Of Recharge Shaft cum Monitoring Station in Biruhan & Gramanandipur GP Dasarathpur Block of Jajpur District during FY:2026-27	10.39	10400	07/GWDCTC/ARUA/2026-27
3	Construction of 6 Nos. Of Recharge Shaft cum Monitoring Station in Gramanandipur GP, Dasarathpur Block of Jajpur District during FY:2026-27	10.39	10400	08/GWDCTC/ARUA/2026-27

Period of Completion: **60 Days for all works.**
Cost of Tender Document: **Rs. 6,000/- (Online) for all works.**
Start Date of availability of bid document online: **05.11.2026** from **11.00 AM**
Last Date of availability of bid document online: **19.11.2026** up to **05.00 PM**
Last date and time for receipt of bid document: **19.11.2026** up to **05.00 PM**
Date and Time of opening of bid document: **20.11.2026** from **11.00 AM**

Further details and other necessary documents can be seen and downloaded from the e-procurement portal: www.tendersodisha.gov.in.

Sd/-
Deputy Director, Geology,
G.W.D. Division, Kataka

OIPR-32001/32464/1/26-27/0003

34001/1085/2627 — Tel. Ph. No.: 06815-222542, E-mail I.D.: eerbparala@yahoo.com

GOVERNMENT OF ODISHA
OFFICE OF THE SUPERINTENDING ENGINEER,
PARALAKHEMUNDI (R&B) DIVISION, PARALAKHEMUNDI.
e-Procurement Notice

Bid Identification No. S.E., PKD. R&B DIVN.-17/2026-27

No. 5777 — Date: 28.10.2026

INVITATION FOR BIDS

1. The Superintending Engineer, Paralakhemundi (R&B) Division on behalf of Governor of Odisha Invites Percentage rate bid in **Double & Single Cover** system to be received in on **ONLINE MODE** only for the construction of works as detailed in the table below:

2.	Nature of works	:	Road, Building & Electrical Works
3.	No. of works	:	05 [Five] no. of work.
4.	Estimated cost (Approximately)	:	Rs. 4.20 Lakhs to Rs. 98.83 Lakhs
5.	Bid cost	:	Rs. 2,000/-, Rs. 6,000/- & Rs. 10,000/-
6.	Class of contractor	:	"B"/"C"/"D" Class & Licensed agencies authorized by Odisha Fire & Emergency Services in accordance with Rule 9, Sub-rule-14 of the Odisha fire prevention and fire safety rules, 2017/2019/2025 as per lr no. 21056 dtd. 13.06.2026 of EIC (Civil) Odisha, having MoU with Electrical Contractor 'MV' class issued by ELBO, valid license from OFS, valid E.I license, valid PAN & GSTIN. The Court Affidavit should have specific mention of name, address of the two parties, license number, date of validity and issuing authority, name of the work for which the agreement is signed for. (Schedule-H)
7.	Availability of Bid Documents in the website	:	10.00 Hrs of Dt. 05.11.2026 To 17.00 Hrs. of Dt. 16.11.2026.
8.	Date of opening of the Bid	:	12.00 Hrs. of Dt.17.11.2026.

9. The Bidders have to participate in **ONLINE** bidding only. Further details can be seen from the website http://tendersorissa.gov.in Any Addendum /Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof.

Sd/-
Superintending Engineer
Paralakhemundi (R&B) Division

OIPR-34001/34186/1/26-27/0013

AFFIDAVIT

By virtue of an affidavit sworn before the Notary Public, Bhubaneswar, dated 05.09.2026, I, Chinmayee Muduli, W/o Lenin Mishra, Plot No.-997/5, Green Park, Lane-5, Jagamohan Nagar, PO/PS-Khandagiri, Bhubaneswar, Dist.-Khordha have changed my title from MUDULI to MISHRA after marriage and shall henceforth be known as **CHINMAYEE MISHRA.** Chinmayee Muduli and Chinmayee Mishra are one and the same person.

AFFIDAVIT

By virtue of an affidavit no 3338 sworn before the executive magistrate champua on dtd 29/10/2026, I Om Prakash Munda, aged-20 years,s/o-Jayaram Munda, permanent resident of At-Madhupur,p.o-Sologoda,p.s-Jhumpura, Dist-keonjhar, Odisha, declared that i have changed my name from OM PRAKSH MUNDA(Old Name) to OM PRAKASH MUNDA (New Name) Henceforth i shall be known as OM **PRAKASH MUNDA** for all future purposes.

AFFIDAVIT

By virtue of an Affidavit no.12346 sworn before the Notary Public, Nabarangpur, dated 02.11.2026, I, Mr. Jikhariya Harijan, S/o Jahan Harijan, At/PO-Jatabal, PS-Dabugaon, Dist-Nabarangpur, Odisha-764071, declare that I have changed my name from Jikhariya Harijan, S/o Jahan Harijan to Jikhariya Kumar Hial, S/o Jahan Harijan. Henceforth, I shall be known as **Jikhariya Kumar Hial** for all purposes.

Sd/- Jikhariya Kumar Hial

AFFIDAVIT

I, Sukhsana Noori, W/o.: Shaikh Yunus, At: Jajapur, PO.: Khellore, P.S.: Pipili, Dist.: Puri, PIN-752016 declare by this Affidavit No.: 39983 dated 23/10/2026 that now onwards I shall be known as **Daulatun Nesha** for all future purposes

---

AFFIDAVIT

I, Mohammed Julfukar, S/o.: Mohammad Sagir, At: Samantarapur, PO.: Odisho, Dist.: Jagatsinghpur, Odisha, PIN-754294 declare by this Affidavit No.: 63504 dated 02/11/2026 that now onwards I shall be known as **Mohammad Zulfukar** for all future purposes

---

AFFIDAVIT

I, Shaik Yunus, S/o.: SK Safiolla, At: Jajapur, PO.: Khellore, P.S.: Pipili, Dist.: Puri, PIN-752016, declare by this Affidavit No.: 39982 dated 23/10/2026 that now onwards I shall be known as **Shaikh Yunus** for all future purposes

---

AFFIDAVIT

By virtue of an affidavit no 4121, sworn before the notary public champua on dtd 25/10/2026, I Md Ainul Haque, W/o-Abdul Rahman, permanent resident of vill/ P.o/P.s-Jhumpura, Dist-keonjhar, Odisha, pin-758031. I have changed my minor son's name from MD FARHAN(Old Name) to FARHAN ALAM(New Name) Henceforth he shall be known as **FARHAN ALAM** for all future purposes.

S/D-AINUL HAQUE

AFFIDAVIT

By virtue of an affidavit no 4122, sworn before the notary public champua on dtd 26/10/2026, I Md Ainul Haque, w/o-Abdul Rahman, permanent resident of vill/p.o/p.s- Jhumpura, Dist-keonjhar, Odisha, pin-758031. I have changed my minor son's name from MD FURQUAN(Old Name) to FURQUAN ALAM(New Name) Henceforth he shall be known as **FURQUAN ALAM** for all future purposes.

S/D-AINUL HAQUE

AFFIDAVIT

By virtue of an affidavit sworn before the Executive Magistrate, Dasmanthpur, Dist. Koraput, dated 01.08.2025, I, Sri Yujesti Jani, S/o- Shiba Jani, At-Dhepguda, PO-Katharagada, PS-Dasmanthpur, Dist-Koraput, Odisha-764057, declare that my minor daughters name has been changed from Hira Jani to Hiramani Jani. Henceforth She shall be known as **Hiramani Jani** for all purposes.

ସକାଳ
THE SAKALA

ଛାତ୍ରୀନିବାସ ପାଇଁ ବିଜୁ ଛାତ୍ର ଜନତା ଦଳର ଦାବିପତ୍ର

ନବରଙ୍ଗପୁର,୨।୧୧(ସମିସ):

ନବରଙ୍ଗପୁର ବିନୋଦ ବିହାରୀ ମହାବିଦ୍ୟାଳୟରେ ବାଳିକା ଛାତ୍ରୀନିବାସ ଖୋଲିବା ନେଇ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିସିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସୁମିତ ପୂଜାରୀଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି। ମହାବିଦ୍ୟାଳୟର ଅଧକ୍ଷଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ଏହି ଦାବିପତ୍ରରେ ନବରଙ୍ଗପୁରର ଏହି ବିବି କଲେଜରେ ଏକ ବାଳିକା ଛାତ୍ରାବାସ ପ୍ରତିଷ୍ଠା କରି ତୁରନ୍ତ ଖୋଲାଯାଉ ବୋଲି ନିବେଦନ କରାଯିବା ସହିତ ପ୍ରତ୍ୟେକ କୋଠରୀ, ପରିମଳ, ପାନୀୟଜଳ, ବିଦ୍ୟୁତ୍ ଏବଂ ସୁରକ୍ଷା ସୁବିଧା ସମେତ ପର୍ଯ୍ୟାପ୍ତ ଛାତ୍ରାବାସ ଭିତ୍ତିଭୂମିର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି।



ଏଥିସହ ଦୂରଦୂରାନ୍ତରୁ ଆସୁଥିବା ଏବଂ ଆର୍ଥିକ ଭାବରେ ପଛୁଆ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାଥମିକତା ବାସସ୍ଥାନ ଏବଂ ପ୍ରସ୍ତାବର ଶୀଘ୍ର କାର୍ଯ୍ୟକାରୀତା ପାଇଁ ଆବଶ୍ୟକୀୟ ଆର୍ଥିକ ଏବଂ ପ୍ରଶାସନିକ ସହାୟତାର ଆବଶ୍ୟକତା ରହିଛି ବୋଲି ଏହି ଦାବିପତ୍ରରେ ଉଲ୍ଲେଖ ରହିଛି। ନବରଙ୍ଗପୁର ଜିଲ୍ଲାର ଗ୍ରାମାଞ୍ଚଳ, ଦୁର୍ଗମ ଏବଂ ଆଦିବାସୀ ଅଞ୍ଚଳର ବହୁ ସଂଖ୍ୟକ ଛାତ୍ରୀ ଉଚ୍ଚଶିକ୍ଷା ପାଇଁ ବିବି କଲେଜ ଉପରେ ନିର୍ଭର କରନ୍ତି। ଏହି ଛାତ୍ରୀମାନଙ୍କ ମଧ୍ୟରୁ ଅନେକ ପ୍ରତିଦିନ ଦୀର୍ଘ ଦୂରତା ଯାତ୍ରା କରିବାରେ ବହୁତ ଅସୁବିଧାର ସମ୍ମୁଖୀନ ହୁଅନ୍ତି ଏବଂ କିଛି କ୍ଷେତ୍ରରେ କଲେଜ ନିକଟରେ ସୁରକ୍ଷିତ ଏବଂ ସୁଲଭ ରହଣି ବ୍ୟବସ୍ଥାର ଅଭାବ ଯୋଗୁଁ ସେମାନେ ସେମାନଙ୍କର ପାଠପଢ଼ା ଜାରି ରଖିପାରନ୍ତି ନାହିଁ। ଏକ ସମର୍ପିତ ବାଳିକା ଛାତ୍ରାବାସ ପ୍ରତିଷ୍ଠା ଦ୍ୱାରା ମହିଳା ଛାତ୍ରୀମାନଙ୍କୁ, ବିଶେଷକରି ଆର୍ଥିକ ଦୁର୍ବଳ ବର୍ଗର ଏବଂ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀମାନଙ୍କୁ ନିରାପଦ, ସୁରକ୍ଷିତ ଏବଂ ସୁଲଭ ରହଣି ଯୋଗାଇ ଦିଆଯିବ। ଏହା ଅଧିକ ସଂଖ୍ୟକ ଝିଅଙ୍କୁ ଉଚ୍ଚଶିକ୍ଷା ପାଇଁ ଉତ୍ସାହିତ କରିବ ଏବଂ ଛାତ୍ରୀମାନଙ୍କ ମଧ୍ୟରେ ପାଠପଢ଼ା ଛାଡ଼ିବା ହାର ହ୍ରାସ କରିବାରେ ସାହାଯ୍ୟ କରିବ। ତେଣୁ ଉପରୋକ୍ତ ବିଷୟ ଗୁରୁତର ସହିତ ନେବା ସହିତ ତୁରନ୍ତ କାର୍ଯ୍ୟକାରୀ କରିବା ନେଇ ନିବେଦନ କରିଛି ବିଜୁ ଛାତ୍ର ଜନତା ଦଳ। ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ଅଧକ୍ଷଙ୍କ ଅନୁପସ୍ଥିତ ଯୋଗୁଁ ସିନିୟର କିରାଣୀ ମିଥିଳା ସାହୁଙ୍କୁ ପ୍ରଦାନ କରାଯାଇଛି। ଆଜିର ଏହି ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ସୁମିତ ପୂଜାରିଙ୍କ ସମେତ ବିସିଜେଡି ପକ୍ଷରୁ ନବରଙ୍ଗପୁର ବିଦ୍ୟାଳୟର ୨୦୨୬ ନିର୍ବାଚନର ସଭାପତି ପାର୍ଥୀ ରୋହନ ବିଷୟୀ, ଆଦିତ୍ୟ ରାଜ ଦଶମନ୍ତ, କବୁଲ୍ୟ ବିଷୟୀ, ବିକି ମଣ୍ଡଳ, କାର୍ତ୍ତିକ ହରିଜନ, କାଳିଆ ମାଳିଙ୍କ ସମେତ ବିଜୁ ଛାତ୍ର ଜନତା ଦଳର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

● ମାସେ ହେଲା ଅନ୍ଧାରରେ ଡାବୁଗୁଡ଼ା ଗ୍ରାମବାସୀ

ଟ୍ରାନ୍ସଫର୍ମର ଅଚଳ, ବିଭାଗର ଅବହେଳା ଅଭିଯୋଗ



ନନ୍ଦପୁର,୨।୧୧(ସମିସ): କସନ୍ଦି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଡାବୁଗୁଡ଼ା ଗ୍ରାମରେ ଦୀର୍ଘ ଏକ ମାସରୁ ଅଧିକ ସମୟ ହେବ ବିଦ୍ୟୁତ୍ ସେବା ଠପ୍ ହୋଇପଡ଼ିଛି। ଗ୍ରାମରେ ଲାଗିଥିବା ଟ୍ରାନ୍ସଫର୍ମର ଅଚଳ ହୋଇଯିବା ଫଳରେ ସମଗ୍ର ଗ୍ରାମ ଅନ୍ଧକାରରେ ରହିଛି। ଫଳରେ ଗ୍ରାମବାସୀ ଦୈନନ୍ଦିନ ଜୀବନରେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ବିଦ୍ୟୁତ୍ ବିଭାଗର ଜେଇଙ୍କୁ ଲିଖିତ ଭାବେ ଜଣାଇବା ସହ ଟ୍ରାନ୍ସଫର୍ମର ମରାମତି କିମ୍ବା ପରିବର୍ତ୍ତନ କରି ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବାକୁ ନିବେଦନ କରାଯାଇଛି। ମାତ୍ର ଆବେଦନ ପରେ ମଧ୍ୟ ବିଭାଗ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଭାଗ ପକ୍ଷରୁ କେବଳ ଆଶ୍ୱାସନା ମିଳୁଥିଲେ ମଧ୍ୟ ବାସ୍ତବରେ ସମସ୍ୟାର ସମାଧାନ ହେଉନାହିଁ। ଦୀର୍ଘଦିନ ଧରି ବିଦ୍ୟୁତ୍ ସେବା ବ୍ୟାହତ ହେବା ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହ ଘରୋଇ କାର୍ଯ୍ୟ ମଧ୍ୟ ପ୍ରଭାବିତ ହେଉଛି। ଏପରି ସ୍ଥିତିରେ ବିଦ୍ୟୁତ୍ ବିଭାଗର ନିଷ୍କ୍ରିୟତାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ତୁରନ୍ତ ଅଚଳ ଟ୍ରାନ୍ସଫର୍ମର ପରିବର୍ତ୍ତନ କରି ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ସ୍ୱାଭାବିକ କରିବାକୁ ଗ୍ରାମବାସୀ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

● ମଦ ବିରୋଧୀ ମହିଳାମାନଙ୍କୁ ଜିଲ୍ଲାପାଳ ଓ ଏସ୍‌ପିଙ୍କ ପ୍ରତିଶୃତି

'ବେଆଇନ ମଦ ବିକ୍ରି ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ'

ନବରଙ୍ଗପୁର,୨।୧୧(ସମିସ): ନବରଙ୍ଗପୁର ପୌର କାର୍ଯ୍ୟାଳୟଠାରେ ଆୟୋଜିତ ମିଳିତ ଜନ ଅଭିଯୋଗ ଶୁଣାଣିରେ ବେଆଇନ ମଦ ବିକ୍ରି ସମ୍ପର୍କରେ ଅଭିଯୋଗ ନେଇ ଆସିଥିବା ମହିଳାମାନଙ୍କୁ ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ଓ ଆରକ୍ଷୀ ଅଧୀକ୍ଷକ କଶ୍ୟପ ପାର୍ଥ ଜଗଦୀଶ କାର୍ଯ୍ୟାନୁଷ୍ଠାନ ପାଇଁ ଆଶ୍ୱାସନା ଦେଇଛନ୍ତି। ବେଆଇନ ମଦ ବିକ୍ରି ବିରୋଧରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ଜିଲ୍ଲାପାଳ ଶ୍ରୀମତୀ ମଧୁମିତା। ଏଥି ସହିତ ପୁଲିସ ଓ ଅବକାରୀ ବିଭାଗର ମିଳିତ ଟିମ୍ ପକ୍ଷରୁ ଚଢ଼ଉ କରାଯାଇ ବେଆଇନ ମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ। ଜିଲ୍ଲାର ଜନସାଧାରଣ ବେଆଇନ ମଦ ବିକ୍ରି ସମ୍ପର୍କିତ କୌଣସି ସୂଚନା ପାଇଲେ ତୁରନ୍ତ ପ୍ରଶାସନକୁ ଅବଗତ କରାଇବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ତୁରନ୍ତ ଚଢ଼ଉ ଓ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ସମ୍ଭବ ହୋଇପାରିବ। ଶୁଣାଣି ସମୟରେ ମହିଳାମାନେ ଭାଟିସାଲଗୁଡ଼ା ଏବଂ ଡାବୁଗାଁ ବ୍ଲକରେ ଥିବା ଗୋଟିଏ ଲେଖାଏଁ ମଦ ଦୋକାନର ନବୀକରଣ ପ୍ରକ୍ରିୟା ପାଇଁ ପ୍ରକାଶିତ ଟେଣ୍ଡର ବିଜ୍ଞପ୍ତିକୁ ବାତିଲ କରିବା ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲାପାଳ ଉକ୍ତ ଦାବିପତ୍ରକୁ ସରକାରଙ୍କ ନିକଟକୁ ପ୍ରେରଣ କରାଯିବ ଏବଂ ସରକାରଙ୍କ ସ୍ତରରେ ଏ ସମ୍ପର୍କରେ ଆବଶ୍ୟକ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ମହିଳାଙ୍କୁ ଆଶ୍ୱାସନା ଦେଇଥିଲେ।

ଉମରକୋଟ ଭାସ୍କେଲ ଡ୍ୟାମ୍‌ର ସୁରକ୍ଷା ଯାଞ୍ଚ

ଉମରକୋଟ,୨।୧୧(ସମିସ): ଉମରକୋଟ ଭାସ୍କେଲ ସେତୁ ବନ୍ଧର ସୁରକ୍ଷା ଓ ସ୍ଥିତି ଅନୁଧ୍ୟାନ ପାଇଁ ଦିଲ୍ଲୀରୁ ଆସିଥିବା କେନ୍ଦ୍ରୀୟ ଚାରିଜଣିଆ ବିଶେଷଜ୍ଞ ଦଳ ପରିଦର୍ଶନ କରି ଫେରିଛନ୍ତି। ଯାଞ୍ଚ ସମୟରେ ବନ୍ଧର ସୁରକ୍ଷା, ଜଳସ୍ତର ଓ ନିର୍ମାଣଗତ ସ୍ଥିତି ସମ୍ପର୍କରେ ବିଶେଷଜ୍ଞମାନେ ଅନୁଧ୍ୟାନ କରିଥିଲେ। ସୂଚନା ଅନୁଯାୟୀ, ପ୍ରତି ୫ ବର୍ଷରେ ଥରେ ରାଜ୍ୟର ବିଭିନ୍ନ ବନ୍ଧର ସୁରକ୍ଷା ଓ ସ୍ଥିତି ଯାଞ୍ଚ କରାଯାଉଛି। ଏହି ଚାରିଜଣିଆ ଦଳରେ ଅଧକ୍ଷ ଭାବେ ବନ୍ଧ ସୁରକ୍ଷା ବିଶେଷଜ୍ଞ ଡ. ରାଜୀବ କୁମାରଙ୍କ ନେତୃତ୍ୱରେ ନିର୍ମାଣ ସାମଗ୍ରୀ ଓ ଗୁଣବତ୍ତା ନିୟନ୍ତ୍ରଣ ବିଶେଷଜ୍ଞ ମହାବୀର ଦୀକ୍ଷିତ, ଜଳ ବିଜ୍ଞାନୀ ଡ. ଅନିଲ କୁମାର ଲାହାନୀ ଏବଂ ଜଳ-ଯାନ୍ତ୍ରିକ ବିଶେଷଜ୍ଞ ଅଶାକ ସୀତାରାମ ଗାଏଲ ପ୍ରମୁଖ ବନ୍ଧର ସାମଗ୍ରୀକ ସ୍ଥିତି, ଜଳର ଅବସ୍ଥା ଏବଂ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଦିଗକୁ କେନ୍ଦ୍ରୀୟ ଦଳ ଯାଞ୍ଚ କରିଥିଲେ। ଏହି ସମୟରେ ମୁଖ୍ୟଯନ୍ତ୍ରୀ ବେଦାମ୍ବର ବେହେରା, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ହେମନ୍ତ ଦାସ, ଅଧୀକ୍ଷଣ ଯନ୍ତ୍ରୀ ଇଂ. ସୁଶାନ୍ତ କୁମାର ପଟ୍ଟନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ରମାକାନ୍ତ ସାମଲ ଏବଂ ରାଜ୍ୟ ବନ୍ଧ ସୁରକ୍ଷା ସଂଗଠନର କନିଷ୍ଠ ଯନ୍ତ୍ରୀ ସୁମନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଜିଲ୍ଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



ନବରଙ୍ଗପୁର,୨।୧୧(ସମିସ): ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ସମାଧାନ ନେଇ ନବରଙ୍ଗପୁର ପୌର କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀମତୀ ମଧୁମିତା ଏବଂ ଆରକ୍ଷୀ ଅଧୀକ୍ଷକ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧକ୍ଷତାରେ ଆୟୋଜିତ ହୋଇଥିଲା। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଜନସାଧାରଣ ନିଜ ନିଜର ସମସ୍ୟା, ଅଭିଯୋଗ ଓ ଆବଶ୍ୟକତା ସମ୍ପର୍କରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଅବଗତ କରାଇଥିଲେ। ଶିବିରରେ ମୋଟ ୫୦ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୪୩ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୭ଟି ଗ୍ରାମସ୍ତରୀୟ ସାମୂହିକ ଅଭିଯୋଗ ରହିଥିଲା। ଶିବିରରେ ଉପସ୍ଥିତ ଜିଲ୍ଲାପାଳ ଅଭିଯୋଗକାରୀମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ ସମସ୍ୟାଗୁଡ଼ିକୁ ଶୁଣିବା ସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କଠାରୁ ଆବଶ୍ୟକ ତଥ୍ୟ ଓ ସ୍ପଷ୍ଟୀକରଣ ନେଇଥିଲେ। ସେହିପରି ଆରକ୍ଷୀ ଅଧୀକ୍ଷକ କାଶ୍ୟପ ପାର୍ଥ ଜଗଦୀଶ ଜନସାଧାରଣଙ୍କ ପକ୍ଷରୁ ଉପସ୍ଥାପିତ ଆଇନଶୃଙ୍ଖଳା ଓ ପୋଲିସ ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ଶୁଣାଣି କରି ଆବଶ୍ୟକୀୟ ତଥ୍ୟ ଅନୁଧ୍ୟାନ ଏବଂ ନିୟମାନୁଯାୟୀ ପଦକ୍ଷେପ ଗ୍ରହଣ ନିମନ୍ତେ ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଜନଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ବନଖଣ୍ଡ ଅଧିକାରୀ ଉଦୟାନ ସୁବୁଦ୍ଧି, ଅତିରିକ୍ତ ଜିଲ୍ଲାପାଳ ଡ. ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହ୍ଲାଦ ଖୋସଲା, ନବରଙ୍ଗପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ଡ. ଅଶୋକ କୁମାର କର୍ଣ୍ଣଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି ପ୍ରକ୍ରିୟାରେ ସହଯୋଗ କରିଥିଲେ।

● ଜିଲ୍ଲାସ୍ତରୀୟ ଖୋ-ଖୋ ପ୍ରତିଯୋଗିତା

ନାରାୟଣପାଟଣା ମହିଳା ଦଳ ଚାମ୍ପିଅନ୍



ନାରାୟଣପାଟଣା,୨।୧୧(ସମିସ): ଜିଲ୍ଲାସ୍ତରୀୟ ୧୭ ବର୍ଷରୁ କମ୍ ବାଳିକା ଖୋ-ଖୋ ପ୍ରତିଯୋଗିତାରେ ନାରାୟଣପାଟଣା ବ୍ଲକର ଜୁନିୟର ଏବଂ ସିନିୟର ମହିଳା ଦଳ ଚାମ୍ପିଅନ୍ ହୋଇ ବ୍ଲକ ପାଇଁ ଗୌରବ ଆଣିଛି। ଜିଲ୍ଲାର ବିଭିନ୍ନ ବ୍ଲକରୁ ଅଂଶଗ୍ରହଣ କରିଥିବା ଦଳଗୁଡ଼ିକ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିବା ବେଳେ ନାରାୟଣପାଟଣା ମହିଳା ଦଳ ନିଜର ଉତ୍କୃଷ୍ଟ ଖେଳ ପ୍ରଦର୍ଶନ ବଳରେ ଚାମ୍ପିୟନ ହେବାର ସଫଳତା ହାସଲ କରିଛି। ଏହି ସଫଳତା ନାରାୟଣପାଟଣା ଅଞ୍ଚଳର କ୍ରୀଡ଼ା ଜଗତ ପାଇଁ ଏକ ଗର୍ବର ବିଷୟ। ଛୋଟ ବୟସରୁ ଖେଳ ପ୍ରତି ନିଷ୍ଠା, ଅଭ୍ୟାସ ଓ ଦଳଗତ ଉଦ୍ୟମ ଯୋଗୁଁ ଖେଳାଳିମାନେ ଏହି ସଫଳତା ପାଇପାରିଛନ୍ତି। ଦଳର ଏହି ଉଲ୍ଲେଖନୀୟ ସଫଳତା ପରେ ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ, ତହସିଲଦାର ପ୍ରଭାତୀ ଖୋଡ଼ଆ, ବିଇଓ ଚାମେଲୀ ମଜୁମଦାର, ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଅନ୍ୟ ପଟେ ଜୁନିୟର ସିନିୟର ଦଳର ସମସ୍ତ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ ପାଇଁ ସମସ୍ତ ଶ୍ରେୟ କ୍ରୀଡା ଶିକ୍ଷକ ତଥା ରାଜେଶ ମହାପାତ୍ର, ଚିନ୍ମୟ ରାଉତ, ମୁରଲୀ ବାଡତିଆଙ୍କୁ ଦେଇଛନ୍ତି। ଏହି ବିଜୟ ଆଗାମୀ ଦିନରେ ଅଞ୍ଚଳର ଅନ୍ୟ ଛାତ୍ରୀମାନଙ୍କୁ ମଧ୍ୟ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇବ ବୋଲି କୁହାଯାଉଛି।

ବାତ୍ୟା 'ମୁରାସୁ' ନେଇ ପ୍ରଶାସନର ପ୍ରସ୍ତୁତି



ନବରଙ୍ଗପୁର,୨।୧୧(ସମିସ): ସମ୍ଭାବ୍ୟ ବାତ୍ୟା "ମୁରାସୁ" ଏବଂ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ବର୍ଷା ସତର୍କ ସୂଚନାକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲା ପ୍ରଶାସନ ସମଗ୍ର ଜିଲ୍ଲାରେ ସତର୍କ ରହିବା ସହ ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତିକୁ ଅଧିକ ତ୍ୱରାନ୍ୱିତ କରିଛି। ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ଆଜି ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ଓ ଚାଲିଥିବା ପଦକ୍ଷେପ ଗୁଡ଼ିକର ସମୀକ୍ଷା କରିବା ସହ ଜିଲ୍ଲାର ତୃଣମୂଳ ସ୍ତରରେ ପ୍ରସ୍ତୁତି ନେଇ ଜିଲ୍ଲାପାଳଙ୍କ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜନସଚେତନତା ଅଭିଯାନର ଅଂଶସ୍ୱରୂପ ବିପଦସଙ୍କୁଳ ଓ ତଳିଆ ଅଞ୍ଚଳଗୁଡ଼ିକରେ ମାଇକ୍ ଯୋଗେ ପ୍ରଚାର ଏବଂ ସଚେତନତା କାର୍ଯ୍ୟ ଜାରି ରହିଛି। ବିଶେଷକରି କଚ୍ଚା ଘରେ ରହୁଥିବା ଏବଂ ପାହାଡ଼ ତଳି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଉଛି। କ୍ଷେତ୍ରସ୍ତରୀୟ କର୍ମଚାରୀମାନେ ଘରକୁ ଘର ଯାଇ ଲୋକଙ୍କୁ ସଚେତନ କରିବା, ବିପଦସଙ୍କୁଳ ପରିବାରଗୁଡ଼ିକୁ ଚିହ୍ନଟ କରିବା ଏବଂ ସୁରକ୍ଷିତ ସ୍ଥାନାନ୍ତରଣରେ ସହାୟତା କରୁଛନ୍ତି ବୋଲି କହିଛନ୍ତି। ପୂର୍ବରୁ ପ୍ରସ୍ତୁତ ସ୍ଥାନାନ୍ତରଣ ଯୋଜନା ଓ ବିପଦସଙ୍କୁଳ ଅଞ୍ଚଳର ଆକଳନ ଅନୁଯାୟୀ ସମସ୍ତେ ସଜାଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ ଦୁଇ ସପ୍ତାହ ମଧ୍ୟରେ ପ୍ରସବ ତାରିଖ ଥିବା ଗର୍ଭବତୀ ମହିଳାମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିବା ସହ ସେମାନଙ୍କ ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ ଓ କମ୍ବଳ ଆଦିର ଉପଯୁକ୍ତ ବ୍ୟବସ୍ଥା କରିବାକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି ବୋଲି କହିଛନ୍ତି। ସମସ୍ତ ନିର୍ଦ୍ଧାରିତ ବାତ୍ୟା ଆଶ୍ରୟସ୍ଥଳୀ ଓ ଅସ୍ଥାୟୀ ଆଶ୍ରୟ କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରଖିବା ସହ ସେଠାରେ ବିଶୁଦ୍ଧ ପାନୀୟ ଜଳ, ଖାଦ୍ୟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଆଶ୍ରୟସ୍ଥଳୀଗୁଡ଼ିକରେ ପରିମଳ ଓ ପରିଚ୍ଛନ୍ନତା ବଜାୟ ରଖିବା ସହ ଆବଶ୍ୟକତା ଅନୁଯାୟୀ ସ୍ଥାନୀୟ ସ୍ତରରେ କମ୍ବଳ ଯୋଗାଡ଼ କରିବାକୁ ମଧ୍ୟ କୁହାଯାଇଛି। ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଓ ସମ୍ପୃକ୍ତ ବିଭାଗଗୁଡ଼ିକୁ ପୂର୍ବ ପ୍ରସ୍ତୁତ ସ୍ଥାନାନ୍ତରଣ ଯୋଜନାକୁ ସକ୍ରିୟ ରଖିବା, ପରସ୍ପର ମଧ୍ୟରେ ସମନ୍ୱୟ ବଜାୟ ରଖିବା ଏବଂ ଯେକୌଣସି ଜରୁରୀ ପରିସ୍ଥିତିର ତୁରନ୍ତ ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ତଳିଆ ଅଞ୍ଚଳ, କଚ୍ଚା ଘର ଏବଂ ଅନ୍ୟାନ୍ୟ ବିପଦସଙ୍କୁଳ ସ୍ଥାନରେ ରହୁଥିବା ସମସ୍ତ ଜନସାଧାରଣଙ୍କୁ ସତର୍କ ରହିବା, ସରକାରୀ ସତର୍କ ସୂଚନା ଓ ପରାମର୍ଶ ମାନିବା ସହ ଆବଶ୍ୟକ ସ୍ଥଳେ ସ୍ଥାନାନ୍ତରଣ ସମୟରେ ପ୍ରଶାସନିକ କର୍ମଚାରୀମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ଅନୁରୋଧ କରାଯାଉଛି ବୋଲି କହିଛନ୍ତି ଜିଲ୍ଲାପାଳ ଶ୍ରୀମତୀ ମଧୁମିତା।

● କାହା ସ୍ୱାର୍ଥରେ ସରକାରୀ ଯୋଜନା?

ଛିଣ୍ଡା ପଲିଥିନ ତଳେ ଅସହାୟ ପରିବାର



● ନାବାଳକ କାନ୍ଧରେ ପରିବାର ବୋଝ
● ଭତ୍ତାରୁ ବଞ୍ଚିତ ବୃଦ୍ଧା

କୁନ୍ଦୁରା,୨।୧୧ (ସମିସ): ବର୍ଷା ହେଉ କି ଖରା, ଛିଣ୍ଡା ପଲିଥିନ ଘୋଡ଼ା ଘର ହିଁ ଅସହାୟ ପରିବାର ପାଇଁ ଏକ ମାତ୍ର ସାହାରା । ଆଉ ଘରର ନାବାଳକ କାନ୍ଧରେ ପୁରା ପରିବାର ବୋଝ। ଘରର ଅଭାବ ଯୋଗୁଁ ପରିବାରର ସଦସ୍ୟମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିବ ବୋଲି ଆଶା ବାନ୍ଧି ବସିଥିଲେ ମଧ୍ୟ ଏଯାଏଁ ସେମାନଙ୍କ ଆଶା ପୂରଣ ହୋଇପାରିନାହିଁ। ଅଭଳି ଏକ ବାସ୍ତବ ଚିତ୍ର କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତ ଅନ୍ତର୍ଗତ ଦୁରୁଗୁଡା ଗାଁର ହରି ବାରିକଙ୍କ ନିକଟରେ ଦେଖିବାକୁ ମିଳିଛି। ସରକାର ଗରିବ ଓ ଅସହାୟ ପରିବାରଙ୍କୁ ପକ୍କା ଘର ଯୋଗାଇଦେବା ପାଇଁ ବିଭିନ୍ନ ଆବାସ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ଏବେ ବି ଦୁରୁଗୁଡାଗାଁର ହରି ବାରିକ ଭଳି ଯୋଗ୍ୟ ପରିବାର ଏହି ଯୋଜନାରୁ ବଞ୍ଚିତ ରହିଛନ୍ତି। ଘର କହିଲେ ଭଙ୍ଗା ମାଟି କାନ୍ଥ ଉପରେ ଛିଣ୍ଡା ପଲିଥିନ ସହ ଭଙ୍ଗା ଟିଣ ଘୋଡାଇ ହୋଇଛି। ଘରର କବାଟ ନାହିଁ । କେବଳ ଚାରି ହାତର ଗୋଟିଏ ଛୋଟ କଠୋରୀରେ ସ୍ତ୍ରୀ ଓ ନାବାଳକ ପୁଅ ସହ ହରି ବାରିକ କଷ୍ଟେ ମଷ୍ଟେ ରହୁଛନ୍ତି । ଗୋଟିଏ ସ୍ଥାନରେ ଖାଇବା ଶୋଇବା ଏବଂ ରହିବା । ବର୍ଷା ହେଉ କି ଖରା, ପଲିଥିନ ଘୋଡ଼ା ଘର ହିଁ ପରିବାରର ଏକମାତ୍ର ଆଶ୍ରୟସ୍ଥଳୀ ପାଲଟିଛି। ଘରର ଅଭାବ ଯୋଗୁଁ ପରିବାରର ସଦସ୍ୟମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅପରାହ୍ନ ବୟସରେ ହରି ଏବଂ ତାଙ୍କ ସ୍ତ୍ରୀ ଆଉ କିଛି କାମ କାରି ପାରୁନାହାନ୍ତି ଏଣୁ ନାବାଳକ ପୁଅ କୁଲିକୁ ଗଲେ ତାଙ୍କ ଘରର ଚୁଲି ଜଳେ। ଅଧାରୁ ପାଠ ଛାଡିବାକୁ ବାଧ୍ୟ ହେଲେ ବୋଲି ପରିବାର ଲୋକେ କହିଛନ୍ତି। ହରିଙ୍କ ସ୍ତ୍ରୀ ରମା ବାରିକଙ୍କ ବୟସ ଷାଠିଏ ଟପିଥିଲେ ମଧ୍ୟ ତାଙ୍କୁ ବାର୍ଦ୍ଧକ୍ୟ ଭତ୍ତାରୁ ମିଳୁନି । ଏହି ପରିବାର ନିକଟରେ କାହିଁକି ସରକାରୀ ଯୋଜନା ପହଞ୍ଚି ପାରୁନାହିଁ ଏହାକୁ ନେଇ ଉଠୁଛି ବଡ଼ ପ୍ରଶ୍ନ। ଭତ୍ତା ଏବଂ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିବ ବୋଲି ଆଶା ବାନ୍ଧି ବସିଥିଲେ ମଧ୍ୟ ଏଯାଏଁ ସେମାନଙ୍କ ଆଶା ପୂରଣ ହୋଇପାରିନାହିଁ। ଏଭଳି ସ୍ଥିତିରେ ପରିବାରକୁ ତୁରନ୍ତ ଆବାସ ଯୋଜନାରେ ସାମିଲ କରି ପକ୍କା ଘର ଯୋଗାଇ ଦେବାକୁ ଦାବି କରିଛନ୍ତି ଗାଁର ଶୁଶୁଳା ହରିଜନ ଏବଂ ତୁଳସୀ ରାମ କମାର। ଏନେଇ ବିଡ଼ିଓ ପି ମନସ୍ମିତା କହିଛନ୍ତି ଯେ ତଦନ୍ତ କରି ସରକାରୀ ସହାୟତା ଯୋଗାଇ ଦିଆଯିବ। ପ୍ରକୃତରେ ଯୋଗ୍ୟ ହିତାଧିକାରୀ କେବେ ସରକାରୀ ଯୋଜନାର ସୁଫଳ ପାଇବେ, ତାହାକୁ ନେଇ ଏବେ ଅପେକ୍ଷାରେ ପରିବାର।

■ ବାର୍ଦ୍ଧକ୍ୟ ଭତ୍ତା ଦୁଃଖ

ଦୁଇ ବର୍ଷ ପରେ ମଧ୍ୟ ପ୍ରତିଶ୍ରୁତି ରଖିଲେନି





ନନ୍ଦପୁର,୨।୧୧(ସମିସ): ଦୀର୍ଘ ତିନି ମାସ ବିଳମ୍ବ ପରେ ଦୁଇ ମାସର ଭତ୍ତା ଟଙ୍କା ବ୍ୟାଙ୍କ ଖାତାକୁ ଆସିବା ଖବର ଭତ୍ତାଧାରୀଙ୍କୁ ଟିକିଏ ଖୁସି ମିଳିଥିଲା। ନନ୍ଦପୁର ବ୍ଲକର କିଛି ଭତ୍ତାଧାରୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କାଟିଏ ମଧ୍ୟ ଆସିନାହିଁ। ଭତ୍ତାଧାରୀଙ୍କ ବ୍ୟାଙ୍କ ଖାତାକୁ ଭତ୍ତା ଟଙ୍କା ଆସୁଥିବା ବେଳେ ଚଳିତ ସରକାର ସମୟରେ ଭତ୍ତାଧାରୀଙ୍କ ଅସୁବିଧା ବଢିଯାଇଛି। ବ୍ୟାଙ୍କ ଦ୍ୱାରା ଭତ୍ତା ଟଙ୍କା ପାଇବା ପାଇଁ ହିତାଧିକାରୀ ନୟାନ୍ତ ହେଉଥିବା ବେଳେ ସରକାର ବ୍ୟାଙ୍କ ଭତ୍ତା ଧାରୀଙ୍କ ପାଇଁ କିଛି ନିୟମ ପରିବର୍ତନ କରିବା ଫଳରେ ଭତ୍ତା ପ୍ରଦାନରେ ବିଳମ୍ବ ହେଉଥିବା କୁହାଯାଉଛି। ଗତ ତିନି ମାସର ଭତ୍ତା ବାବଦକୁ ପ୍ରତି ହିତାଧିକାରୀଙ୍କୁ ଦୁଇ ମାସର ବ୍ୟାଙ୍କ ଖାତାକୁ ଆସିଥିବା ବେଳେ କିଛି ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କାଟିଏ ମଧ୍ୟ ଆସିନାହିଁ । ସେପଟେ ବ୍ୟାଙ୍କ ଶାଖାକୁ ଦୌଡ଼ି ଦୌଡ଼ି ହିତାଧିକାରୀ ନୟାନ୍ତ ହେଉଥିବା ଦେଖାଦେଉଛି। ତେବେ ଗତ ଦୁଇ ବର୍ଷ ତଳେ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଓ ଘୋଷଣାର ଦୁଇ ବର୍ଷ ବିତି ଯାଇଥିଲେ ସୁଦ୍ଧା ଭତ୍ତାଧାରୀଙ୍କ ଖାତାରେ ତିନି ହଜାର ଟଙ୍କା ଆସିବା ତ ଦୂରକଥା ତିନି ମାସ ଧରି ଭତ୍ତା ମିଳିପାରୁନାହିଁ । ଏ ନେଇ ପ୍ରତିକ୍ରିୟା ରଖି ଛନ୍ତି ବରିଷ୍ଠ ଯୁବ ନେତା ସୁରେଶ ପଟ୍ଟନାୟକ । ସେ କହିଛନ୍ତି , ବିଜେପି ସରକାର ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ନନ୍ଦପୁର ବ୍ଲକ ବିଧାୟକ ପ୍ରତିନିଧି କାମେଶ କାମୁଡି କରିଛନ୍ତି ଏ ସରକାର ବୁଢାବୁଢିଙ୍କୁ ଦିବା ସ୍ୱପ୍ନ ଦେଖାଇ ଭୁଆଁ ବୁଲାଇଛନ୍ତି। ସରକାରୀ କମଚାରୀଙ୍କୁ ମଧ୍ୟ ଠିକ୍ ସମୟରେ ଦରମା ନାହିଁ। ଏଥିପ୍ରତି ପ୍ରଶାସନ ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ନୂତନ ଏଟିଏମ୍ ଉଦ୍‌ଘାଟିତ




ନନ୍ଦପୁର,୨।୧୧(ସମିସ): ଦୀର୍ଘ ବର୍ଷ ଦାବି ଓ ପ୍ରତୀକ୍ଷାର ଅନ୍ତ ଘଟିଲା । ପାଡୁଆ ଠାରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ନୂତନ ଏଟିଏମ୍‌ର ଶୁଭ ଉଦ୍‌ଘାଟନ ହୋଇଛି। ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଜେନେରାଲ ମ୍ୟାନେଜର ବାସୁଦେବ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଏଟିଏମ୍‌ର ଶୁଭ ଉଦ୍‌ଘାଟନ କରି ଅତି ଆଧୁନିକ ସ୍ତରର ଏଟିଏମ୍ ସୁବିଧା ଗ୍ରାହକ ପାଇ ପାରିବେ ବୋଲି କହିଥିଲେ।

ଉଭୟ ଟଙ୍କା ଉଠାଣ ସହ ଟଙ୍କା ଡିପୋଜିଟ୍ କରି ପାରିବେ ବୋଲି କହିଥିଲେ। ତେବେ ଦୀର୍ଘ ବର୍ଷର ପ୍ରତୀକ୍ଷା ପରେ ଏହି ଅଞ୍ଚଳର ଗ୍ରାହକ ମାନଙ୍କ ଦାବି ପୂରଣ ହୋଇଛି। ଏହି ଅବସରରେ ସ୍ୱୟଂ ସହାୟକ ଗୋଷ୍ଠୀର ୧୫ ଜଣଙ୍କୁ ଋଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପାଡୁଆ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ପରିଚାଳକ ଶୁଭକାନ୍ତ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ଜୟପୁର ରିଜିଓନାଲ ମ୍ୟାନେଜର ରମେଶ ମହାକୁଡ଼ ଏହି ଅଞ୍ଚଳ ଗ୍ରାମୀଣ ବ୍ୟାଙ୍କ ଗ୍ରାହକ ଅନ୍ୟ ଶାଖାର ଗ୍ରାହକ ମାନେ ମଧ୍ୟ ଏହି ଏଟିଏମ୍‌ର ଲାଭ ନେଇ ପାରିବେ ବୋଲି କହିବା ସହ ଟଙ୍କା ଉଠାଣ ସମୟରେ କେତେକ ସତର୍କତା ଅବଲମ୍ବନ କରିବାକୁ ଗ୍ରାହକ ମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କ ମିତ୍ର ରିଙ୍କି ଭୋଇ, ଶିବାନି ନାୟକ, ଅଶୋକ ବେହେରା ସମେତ ପାଡୁଆର ସ୍ଥାନୀୟ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ।

ଗୋଣ୍ଡୱାନା ସମାଜର ନୂଆଁଖାଇ ଭେଟଘାଟ

ଉମରକୋଟ,୨।୧୧(ସମିସ):

ଆଦିବାସୀ ସମାଜର ପରମ୍ପରା, ସଂସ୍କୃତି ଓ ଭାଇଚାରାର ନିଦର୍ଶନ ସାଜିଛି ଗୋଣ୍ଡୱାନା ସମାଜର ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ। ସ୍ଥାନୀୟ ଡିଏନକେ ପଡିଆ ଠାରେ ଆୟୋଜିତ ଏହି ସମାରୋହରେ ବିଧାନସଭା ଉପ ବାଚସ୍ପତି ଭବାନୀଶଙ୍କର ଭୋଇ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ଦେଇଥିଲେ। ଉଭୟ ଅତିଥି ହେଲିକପ୍ଟର ଯୋଗେ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ପହଞ୍ଚିବା ପରେ ପାରମ୍ପରିକ ନୃତ୍ୟ ଗୀତ ଓ ବାଦ୍ୟର ତାଳେ ତାଳେ



କଳାକାରମାନେ ସେମାନଙ୍କୁ ସ୍ୱାଗତ କରି ପାଛୋଟି ଥିଲେ। ଏହି ଅବସରରେ ଝରିଗାଁ ବିଧାୟକ ନରସିଂହ ଭତରା, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀଙ୍କ ସମେତ ବିଜେପି କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ନିମନ୍ତ୍ରିତ ଅତିଥି ଉପବାଚସ୍ପତି ଶ୍ରୀ ଭୋଇ ଗୋଣ୍ଡ ୱାନା ସମାଜର ଲୋକଙ୍କୁ ନୂଆଁଖାଇ ଭେଟଘାଟର ଶୁଭେଚ୍ଛା ଜଣାଇଥିଲେ। ଏଥିସହ ଆଦିବାସୀ ସମାଜର ବିକାଶ ପାଇଁ ରାଜ୍ୟ ସରକାର ସବୁବେଳେ ଗୁରୁତ୍ୱ ଦେଉଥିବା କହିଥିଲେ। ସେହିପରି ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ଗଣ୍ଡ ଆଦିବାସୀ ସମାଜର ସାମାଜିକ ଓ ସାଂସ୍କୃତିକ ବିକାଶ ନିମନ୍ତେ ସରକାରଙ୍କ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲାର ୧୦ଟି ବ୍ଲକ ସମେତ ରାଜ୍ୟର ମୋଟ ୧୨୧ଟି ବ୍ଲକରେ ଆଦିବାସୀ ସଂସ୍କୃତି ଭବନ ନିର୍ମାଣ ପାଇଁ ସରକାର ନିଷ୍ପତ୍ତି ନେଇଥିବା କହିଥିଲେ। ରାଇଘର ବ୍ଲକରେ ଗୋଣ୍ଡୱାନା ସମାଜର ଭବନ ନିର୍ମାଣ ପାଇଁ ୧ ଏକର ଜମି ଚିହ୍ନଟ କରାଯାଇଛି। ସେଠାରେ ପ୍ରାୟ ୧ କୋଟି ଟଙ୍କା ବ୍ୟୟରେ ଭବନ ନିର୍ମାଣ ଖୁବ୍‌ଶୀଘ୍ର କରାଯିବ। ରାଜ୍ୟରେ ଶିକ୍ଷକ ନିଯୁକ୍ତି ଓ ଶିକ୍ଷା ବ୍ୟବସ୍ଥାର ଉନ୍ନତି ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ବିଭାଗର ୨୦୬୭ଟି ଶିକ୍ଷକ ପଦବି ପୂରଣ କରିବା ସହ ନିଯୁକ୍ତିପତ୍ର ବଣ୍ଟନ କରିଥିବା ମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜର ଶତାଧିକ ପୁରୁଷ ଓ ମହିଳା ସାମିଲ ହୋଇଥିଲେ। ଶେଷରେ ଉପବାଚସ୍ପତି ଓ ମନ୍ତ୍ରୀ ପେଣ୍ଟୁଣୀ ମହାବିଦ୍ୟାଳୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସର ଭିତ୍ତିପ୍ରସ୍ତର ସ୍ଥାପନ ସହ କୃଷି କାର୍ଯ୍ୟାଳୟରେ ନିର୍ମିତ ବିହନ ସଂରକ୍ଷଣଗୃହ ଉଦ୍‌ଘାଟନ କରିଥିଲେ।

ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ନେଇ ଏନ୍‌ସିପିସିଆର ଉଦ୍‌ବେଗ

ଜୟପୁର, ୨।୧୧(ସମିସ): କୋରାପୁଟ ଜିଲ୍ଲା ଏକ ଅନୁସୂଚିତ ଜନଜାତି ଜିଲ୍ଲା ଭାବେ ପରିଚିତ। କିନ୍ତୁ ଦେଶ ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ବି ଜିଲ୍ଲାର ବିଭିନ୍ନ ଗ୍ରାମାଞ୍ଚଳ ତଥା ଉପାନ୍ତ ଅଞ୍ଚଳରେ ବିଦ୍ୟାଳୟ ଗୁଡ଼ିକ ଦୟନୀୟ ଅବସ୍ଥା ରହିଛି। ଶିକ୍ଷକ, ଭିତ୍ତିଭୂମି ଅଭାବ ସହିତ ସରକାର ତଥା ବିଭାଗ ପକ୍ଷରୁ ଉପଯୁକ୍ତ ବିଦ୍ୟାଳୟ ଭବନ ଏବଂ ସ୍ୱଚ୍ଛ ପିଇବା ପାଣିର ବ୍ୟବସ୍ଥା ହୋଇନାହିଁ। ଏହି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ଦିନକୁ ଦିନ ନିମ୍ନସ୍ତରକୁ ଯାଉଥିବା ନେଇ ଜିଲ୍ଲାର ବୁଦ୍ଧିଜୀବୀ ଏବଂ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଆଇନଜୀବୀ ଅନୁପ କୁମାର ପାତ୍ର ପକ୍ଷରୁ ଜିଲ୍ଲାର ସେମିଳିଗୁଡା ବ୍ଲକର ହାଟଗୁଡା ଗ୍ରାମପଞ୍ଚାୟତ ଦେଉଳା ଏବଂ ପଟାଙ୍ଗି ବ୍ଲକର କୋଟିଆ ଗ୍ରାମପଞ୍ଚାୟତ ଉପର ବରାବନ୍ଧ ଗ୍ରାମ ସ୍ଥିତ ପ୍ରାଥମିକ ବିଦ୍ୟାଳୟ ଗୁଡିକ ସ୍ଥାପନ ହୋଇ ଦୀର୍ଘ ୫୫ ବର୍ଷ ହୋଇଯାଇଥିଲେ ସୁଦ୍ଧା ଆବଶ୍ୟକ ଭିତ୍ତିଭୂମି, ଶିକ୍ଷକ ଅଭାବ, ସ୍ୱଚ୍ଛ ଜଳ ପ୍ରଦାନ ଏବଂ ପାଠ୍ୟକ୍ରମ ପାଇଁ ଆବଶ୍ୟକ ବ୍ୟବସ୍ଥା ନଥିବା ନେଇ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ(ଏନସିପିସିଆର)ଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏନସିପିସିଆର ରେଜିଷ୍ଟ୍ରାର ଡ.ସୁଧା ଚୌଧୁରୀ କୋରାପୁଟ ଜିଲ୍ଲାପାଳଙ୍କୁ ପତ୍ର ମାଧ୍ୟମରେ ଅଭିଯୋଗର ତଦାରଖ କରିବା ସହିତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଅଭିଯୋଗକାରୀଙ୍କ ଅଭିଯୋଗ ଅନୁଯାୟୀ ଦେଉଳା ପ୍ରାଥମିକ ବିଦ୍ୟାଳୟରେ ବାଳବାଟିକା ଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୫୫ଜଣ ଛାତ୍ରଛାତ୍ରୀ ରହିଛନ୍ତି। ଗୋଟିଏ ମାତ୍ର ଶ୍ରେଣୀ କକ୍ଷରେ ସମସ୍ତ ୬ଟି ଶ୍ରେଣୀର ଛାତ୍ରଛାତ୍ରୀ ମାନେ ବସି ପାଠ ପଢୁଛନ୍ତି। ବିଦ୍ୟାଳୟରେ

ଉପଯୁକ୍ତ ପଦକ୍ଷପ ନେବା ପାଇଁ ଜିଲ୍ଲାପାଳଙ୍କୁ ପତ୍ର

ଛାତ୍ରଛାତ୍ରୀଙ୍କ ଅନୁପାତରେ ଆବଶ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ମଧ୍ୟ ବିଦ୍ୟାଳୟରେ ନାହାନ୍ତି। ବିଦ୍ୟାଳୟର ପାଚେରୀ ,ଶ୍ରେଣୀ କକ୍ଷର ଅଭାବ, ବିଦ୍ୟାଳୟରୁ ଯାତାୟାତ ପାଇଁ ଆବଶ୍ୟକ ରାସ୍ତା ଏବଂ ପିଇବା ପାଇଁ ସ୍ୱଚ୍ଛ ଜଳ ନାହିଁ । ସେହିପରି ଜିଲ୍ଲାର କୋଟିଆ ଗ୍ରାମପଞ୍ଚାୟତର ଉପର ବରାବନ୍ଧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାଳବାଟିକା ଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୪୨ଜଣ ଛାତ୍ରଛାତ୍ରୀ ରହିଛନ୍ତି। ଏହିପରି ମାତ୍ର ୧୨୦ ବର୍ଗଫୁଟର ଶ୍ରେଣୀ କକ୍ଷ ରହିଥିବା ବେଳେ ଏତେ ସଂଖ୍ୟକ ଛାତ୍ରଛାତ୍ରୀ ପାଠପଢିବା ପାଇଁ ସମସ୍ୟା ସୃଷ୍ଟି ହେଉଛି। ବିଦ୍ୟାଳୟର ମଧ୍ୟାହ୍ନଭୋଜନ ପାଇଁ ଅନ୍ୟ ଏକ କକ୍ଷରେ ରନ୍ଧା ଯାଉଛି। ତେଣୁ ଛାତ୍ରଛାତ୍ରୀ ବାଧ୍ୟ ହୋଇ ବିଦ୍ୟାଳୟ ପରିସରରେ ରହିଥିବା ବରଗଛ ମୂଳ ବାରଣ୍ଡାରେ ବିପଦସଙ୍କୁଳରେ ବସି ପାଠ ପଢୁଛନ୍ତି। ବିଦ୍ୟାଳୟରେ ମାତ୍ର ୨ ଜଣ ଶିକ୍ଷକ ରହିଥିବା ବେଳେ ଜଣେ ପ୍ରଶାସନିକ ତଥା ସରକାରୀ କାର୍ଯ୍ୟରେ ବୁଲୁଥିବା ବେଳେ କେବଳ ଜଣେ ଶିକ୍ଷକଙ୍କ ଦ୍ୱାର ସମସ୍ତ ୬ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଦାୟୀତ୍ୱ ରହିଛି। ଉକ୍ତ ବିଦ୍ୟାଳୟରେ ମଧ୍ୟ ପାଚେରୀ ଏବଂ ଅନ୍ୟାନ୍ୟ ସମସ୍ୟା ରହିଥିବା ନେଇ ଅଭିଯୋଗ ପତ୍ରରେ ଅଭିଯୋଗକାରୀ ଦର୍ଶାଇଛନ୍ତି।

ଅପରେସନ ପରେ ଯୁବକଙ୍କ ମୃତ୍ୟୁ

ଚିକିତ୍ସାରେ ଅବହେଳା ଅଭିଯୋଗ ଆଣିଲେ ପରିବାର



▶ ଖଣ୍ଡନ କଲେ ମେଡିକାଲ ଅଧ୍ୟକ୍ଷ

କୋରାପୁଟ,୨।୧୧(ସମିସ): କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଅସନ୍ତୋଷ ଦେଖାଦେଇଛି। ଘଟଣାକୁ ନେଇ ମେଡିକାଲ ପରିସରରେ ଶୋକାକୁଳ ପରିବେଶ ଦେଖାଦେଇଛି। ଭୁଲ୍ ଅସ୍ତ୍ରୋପଚାର ଏବଂ ଉପଯୁକ୍ତ ଚିକିତ୍ସା ଅଭାବରୁ ପୁଅର ମୃତ୍ୟୁ ହୋଇଥିବା ପରିବାରବର୍ଗ ଅଭିଯୋଗ କରିଥିବା ବେଳେ ଏହାକୁ ମେଡିକାଲ ଅଧ୍ୟକ୍ଷ ପ୍ରଫେସର ଡା. ସୁଶାନ୍ତ କୁମାର ସାହୁ ଖଣ୍ଡନ କରିଛନ୍ତି। ସୂଚନା ଅନୁଯାୟୀ, ଗତ ଶନିବାର ପେଟରେ ଯନ୍ତ୍ରଣା ହେବାରୁ ମୋହନପଡ଼ା ଅଞ୍ଚଳର ଦିଲ୍ଲୀପ ପ୍ରଧାନ(୨୫)ଙ୍କୁ ସୁନାବେଡା ମେଡିକାଲକୁ ପରିବାର ଲୋକେ ନେଇଥିଲେ। ପରେ ତାଙ୍କୁ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ଅସ୍ତ୍ରୋପଚାର ପାଇଁ ପରାମର୍ଶ ଦେଇଥିଲେ। ଅସ୍ତ୍ରୋପଚାର ପରେ ସେ ସୁସ୍ଥ ହୋଇଯିବେ ବୋଲି ଆଶ୍ୱାସନା ମିଳିଥିବା ପରିବାର ଲୋକ କହିଛନ୍ତି। ହେଲେ ଶେଷରେ ଚିକିତ୍ସାଧିନ ଅବସ୍ଥାରେ ଦିଲ୍ଲୀପଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ମେଡିକାଲକୁ ସ୍ଥାନାନ୍ତର କରିବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଥିଲେ ମଧ୍ୟ ଏଠାରେ ଚିକିତ୍ସାରେ ସୁସ୍ଥ ହୋଇଯିବେ ବୋଲି କୁହାଯାଇଥିବା ଦିଲ୍ଲୀପଙ୍କ ବାପା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମୃତକ ଜଣକ ରକ୍ତ ଶିକୁଳି ସମେତ ବହୁ ବିବିଧ ରୋଗରେ ଆକ୍ରାନ୍ତ ଥିଲେ ବୋଲି ମେଡିକାଲର ଅଧ୍ୟକ୍ଷ କହିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ପ୍ରକୃତ କାରଣ ଜଣାପଡ଼ିବ। ଯଦି କାହାର ତ୍ରୁଟି ଥିବା ଜଣାପଡ଼େ, ତେବେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଅଧ୍ୟକ୍ଷ କହିଛନ୍ତି। ଅଳ୍ପ ବୟସରେ ଦିଲ୍ଲୀପଙ୍କ ଅକାଳ ବିୟୋଗକୁ ନେଇ ପରିବାର ଓ ସମ୍ପର୍କୀୟଙ୍କ ମଧ୍ୟରେ ଶୋକ ପ୍ରକାଶ ପାଇଛି।

ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ନୂତନ ଏଟିଏମ୍‌ର ଶୁଭାରମ୍ଭ



ବୋରିଗୁମ୍ମା,୨।୧୧(ସମିସ): ବୋରିଗୁମ୍ମା ସ୍ଥିତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ କାର୍ଯ୍ୟାଳୟ ପାଖରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ନୂତନ ଏଟିଏମ୍ ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଜିବିର ଜେନେରାଲ ମ୍ୟାନେଜର ବାସୁଦେବ ରାଉତରାୟ ଓ ସମ୍ମାନିତ ଅତିଥି ଭାବେ ରିଜିଓନାଲ ମେନେଜର ରମେଶ ମହାକୁଡ଼ ଯୋଗ ଦେଇ ନୂତନ ଏଟିଏମ୍‌ର ଶୁଭାରମ୍ଭ କରିଥିଲେ। ନୂତନ ଏଟିଏମ ଆଜିଠାରୁ କାର୍ଯ୍ୟକ୍ଷମ ହୋଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ଅତିଥି ବାସୁଦେବ ରାଉତରାୟ ୩ ଜଣ ମହିଳା, ପିଏମଏଫଏମଇ ଯୋଜନାରେ ପ୍ରତ୍ୟେକଙ୍କୁ ୪,୮୯,୦୦୦ ଟଙ୍କା, ତିନି ଜଣଙ୍କୁ ଲକ୍ଷପତି ଦିଦି ଯୋଜନାରେ ଜଣପିଛା ଏକ ଲକ୍ଷ ଟଙ୍କା ଓ ଦୁଇ ଜଣଙ୍କୁ ଅନ୍ୟ ଯୋଜନାରେ ୮ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ନୂତନ ଏଟିଏମ ଦ୍ୱାରା ଓଜିବି ଗ୍ରାହକ ସମେତ ଅନ୍ୟ ବ୍ୟାଙ୍କର ଗ୍ରାହକ ମାନେ ଅତି ସହଜରେ ଟଙ୍କା ଉଠାଇ ପାରିବେ। ଅନ୍ୟ ମାନଙ୍କ ମଧ୍ୟରେ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଏଚଓଡି ଦିଗ ବିଜୟ ଦାସ, ରାଉତ, ରିଜିଓନାଲ ଆଡ଼ଭାନ୍ସ ମେନେଜର ବ୍ରଜମୋହନ ରାଉତ, ଏଡ୍‌ମିନ ରାଜ ବାହାଦୂର ବର୍ମା ଓଜିବି ର ଅବସରପ୍ରାପ୍ତ କର୍ମଚାରୀ ଜେ. ଶଙ୍କର ରାଓ, ବାଳକୃଷ୍ଣ ନାୟକ, ରାମାନନ୍ଦ ପଣ୍ଡା ଓ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଉପସ୍ଥିତ ଥିଲେ। ଆଜିର କାର୍ଯ୍ୟକ୍ରମକୁ ଓଡିଶା ଗ୍ରାମୀଣ ବ୍ୟାଙ୍କର ବ୍ରାଞ୍ଚ ମ୍ୟାନେଜର ପ୍ରତୀକ୍ଷା ଦାସ ପରିଚାଳନା କରିଥିଲେ।

ଗଙ୍ଗାକୋଣ୍ଡା କେନାଲରେ ବୁଡ଼ି ବୃଦ୍ଧା ମୃତ

କାଲିମେଲା, ୨।୧୧ (ସମିସ): ମାଲକାନଗିରି ଜିଲ୍ଲା କାଲିମେଲା ଥାନା ଅନ୍ତର୍ଗତ ଗଙ୍ଗାକୋଣ୍ଡା ମୁଖ୍ୟ କେନାଲରେ ବୁଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ଏମଭି-୧୦୫ ଗ୍ରାମ ନିକଟରେ କେନାଲ ପାଣିରେ ଭାସୁଥିବା ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ମହିଳା ହେଲେ ଚିନ୍ତଲୱାଡା ପଞ୍ଚାୟତ ମାଝିଗୁଡ଼ା ଗ୍ରାମର ଉଙ୍ଗା ମାଡକାମୀଙ୍କ ସ୍ତ୍ରୀ ଭିମେ ମାଡକାମୀ (୭୦)। ସୂଚନା ଅନୁଯାୟୀ, ରବିବାର ଭିମେ କେନାଲରେ ଗାଧୋଇବାକୁ ଯାଇ ପାଣିରେ ବୁଡି ନିଖୋଜ ହୋଇଯାଇଥିଲେ। ସୋମବାର ଏମଭି-୧୦୫ ନିକଟରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ କାଲିମେଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଡିସେମ୍ବର ୨୦ରେ ରାୟଗଡ଼ ସାହିତ୍ୟ ମହୋତ୍ସବ



ରାୟଗଡ଼, ୨।୧୧ (ସମିସ): ରାୟଗଡ଼ ମାଟିର ସାହିତ୍ୟ ଓ ସାହିତ୍ୟିକ ପ୍ରତିଭାକୁ ରାଜ୍ୟସ୍ତରରେ ପରିଚିତ କରାଇବା ଲକ୍ଷ୍ୟରେ ଆସନ୍ତା ଡିସେମ୍ବର ୨୦ ତାରିଖରେ ରାୟଗଡ଼ ସାହିତ୍ୟ ମହୋତ୍ସବ-୨୦୨୬ ଆୟୋଜିତ ହେବ। ଏଥିସହ ମହୋତ୍ସବର ମୁଖପତ୍ର "ଶବ୍ଦରାଗ' ପ୍ରକାଶ ପାଇବ। ସ୍ଥାନୀୟ ନ୍ୟୁ କଲୋନୀ ପୂଜା କମିଟି ସମ୍ମିଳନୀ କକ୍ଷରେ ମହୋତ୍ସବ କମିଟି ଅଧ୍ୟକ୍ଷ ଡ. ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। କମିଟିର ସଂଗଠନ ସମ୍ପାଦକ ଡ. ଦ୍ବିତୀଚନ୍ଦ୍ର ସାହୁ ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅଧ୍ୟକ୍ଷ ଡ. ମହାନ୍ତି ଆଗାମୀ ସାହିତ୍ୟ ମହୋତ୍ସବକୁ ସଫଳ କରିବା ପାଇଁ ଉପସ୍ଥିତ ସାହିତ୍ୟିକଙ୍କୁ ଆହ୍ୱାନ ଦେଇଥିଲେ। ମହୋତ୍ସବ କମିଟିର ଅନ୍ୟତମ ଉପଦେଷ୍ଟା ତଥା "ସମୟର ପ୍ରତିଫଳନ'ର ସମ୍ପାଦକ କୀର୍ତ୍ତିଚନ୍ଦ୍ର ସାହୁ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମହାଆଡ଼ମ୍ବରରେ ମହୋତ୍ସବ ଆୟୋଜନ କରିବା ସହ ରାୟଗଡ଼ ମାଟିର ସାହିତ୍ୟର ସୁଗନ୍ଧକୁ ରାଜ୍ୟବ୍ୟାପୀ ପହଞ୍ଚାଇବାକୁ ମତ

ଦିଆଯିବ "ଆମ ମାଟି ଆମ ସାହିତ୍ୟ' ସମ୍ମାନ

ଦେଇଥିଲେ। ଏଥିସହ ରାୟଗଡ ସାହିତ୍ୟ ସମ୍ମାନ ସହ ଜିଲ୍ଲାର ଜଣେ ବୟୋଜ୍ୟେଷ୍ଠ ସାହିତ୍ୟିକଙ୍କୁ ପ୍ରତିବର୍ଷ ସମ୍ମାନିତ କରିବାକୁ ପ୍ରସ୍ତାବ ରଖିଥିଲେ। ଏହି ପ୍ରସ୍ତାବକୁ କମିଟି ଗ୍ରହଣ କରିବା ସହ ଚଳିତ ବର୍ଷଠାରୁ "ଆମ ମାଟି ଆମ ସାହିତ୍ୟ' ନାମରେ ଏକ ସମ୍ମାନ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛି। ଏହି ସମ୍ମାନରେ ଜିଲ୍ଲାର ଜଣେ ବୟୋଜ୍ୟେଷ୍ଠ ସାହିତ୍ୟିକଙ୍କୁ ୫ ହଜାର ଟଙ୍କା ଆର୍ଥିକ ପୁରସ୍କାର ସହ ମାନପତ୍ର, ଉପଢ଼ୌକନ ଓ ସ୍ମୃତିଫଳକ ପ୍ରଦାନ କରାଯିବ। ଅବସରପ୍ରାପ୍ତ ଅଧ୍ୟାପକ ଶଶୀଭୂଷଣ ପଟ୍ଟନାୟକ ନିଜ ପିତାମାତାଙ୍କ ସ୍ମୃତିରେ ଏହି ପୁରସ୍କାରର ସମସ୍ତ ଖର୍ଚ୍ଚ ବହନ କରିବାକୁ ବୈଠକରେ ଘୋଷଣା କରିଥିଲେ। ମହୋତ୍ସବର ମୁଖପତ୍ର "ଶବ୍ଦରାଗ' ପ୍ରସ୍ତୁତିର ସମସ୍ତ ଦାୟିତ୍ୱ ସାହିତ୍ୟିକ ବିମଳ ଚାନ୍ଦ ପଟ୍ଟନାୟକ ଓ ଶ୍ରୀଧର ପଟ୍ଟନାୟକଙ୍କୁ ଅର୍ପଣ କରାଯାଇଛି। ନଭେମ୍ବର ୭ ତାରିଖ ସୁଦ୍ଧା ମୁଖପତ୍ର ପାଇଁ ଲେଖା ସଂଗ୍ରହ କରିବାକୁ ନିଷ୍ପତ୍ତି ହୋଇଛି। କୋଷାଧ୍ୟକ୍ଷ ଜଗଦୀଶ ଚନ୍ଦ୍ର ଦୋରା ମହୋତ୍ସବ ଆୟୋଜନ ପାଇଁ ସମସ୍ତଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିବେଦନ କରିଥିଲେ। ବୈଠକରେ କବି ଦେବେନ୍ଦ୍ର ବାଉରୀ, ଅରୁଣ ପାଣିଗ୍ରାହୀ, ମନ୍ମଥ ତୁଳ, ଲୋକନାଥ ପଣ୍ଡା, ମଞ୍ଜୁଶ୍ରୀ ମୁଖାର୍ଜୀ, ରବି ନାରାୟଣ ଶତପଥି, ସୁବାସ ଚନ୍ଦ୍ର ବେହେରା, ପପିନା ମହାରଣା, ମହାଶ୍ୱେତା ପାଣିଗ୍ରାହୀ, ତ୍ରିବେଣୀ ମିଶ୍ର, ରାଜଲକ୍ଷ୍ମୀ ଦେବୀ, ଶଶିଭୂଷଣ ପଟ୍ଟନାୟକ, ଶରତ କୁମାର ରାଉତ, ଅର୍ଚ୍ଚନା ପଟ୍ଟନାୟକ, ସଂଯୁକ୍ତା ପାଙ୍ଗି, କୃଷ୍ଣପ୍ରିୟା ସାହାଣୀ ଓ କୁମଦ କାନ୍ତ ସାମନ୍ତରାୟଙ୍କ ସମେତ ରାୟଗଡର ବହୁ ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଯୋଗଦେଇ ମହୋତ୍ସବକୁ ସଫଳ କରିବା ପାଇଁ ମତ ରଖିଥିଲେ। ଶେଷରେ ଉପସଭାପତି ତଥା କବି ବିପିନ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

ଲେଡିଜ୍ କ୍ଲବରେ ଶିଶୁ ଚିତ୍ରାଙ୍କନ ପ୍ରତିଯୋଗିତା



ରାୟଗଡ଼,୨।୧୧ (ସମିସ): ଶିଶୁ ଦିବସ-୨୦୨୬ ଉପଲକ୍ଷେ ରାୟଗଡ଼ ଲେଡିଜ୍ କ୍ଲବ୍ ପକ୍ଷରୁ ଶିଶୁ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। କ୍ଲବ ସଭାପତି କସ୍ତୁରୀ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିଶୁମାନଙ୍କ ମଧ୍ୟରେ ସୃଜନଶୀଳ କଳାର ପରିପ୍ରକାଶ ଓ ପ୍ରତିଭା ବିକାଶ ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସଭାପତି ମତବ୍ୟକ୍ତ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନର ୨୫ ଜଣ ଛାତ୍ରଛାତ୍ରୀ "ସୁଶ୍ରୀ ଆର୍ଟ ଏଣ୍ଡ କ୍ରାଫ୍ଟ' ତାଲିମ ଅନୁଷ୍ଠାନ ଜରିଆରେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ବରିଷ୍ଠ ଅବସରପ୍ରାପ୍ତ ତଥା ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ଜଗଦୀଶ ଚନ୍ଦ୍ର ଦୋରା ଏବଂ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଡ. ଦ୍ୱିତୀ ଚନ୍ଦ୍ର ସାହୁ ଅତିଥି ଓ ବିଚାରକ ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଇପିଲି ଶ୍ରୀସା ପ୍ରଥମ, ଶୀତଲ ସାଙ୍ଖୋ ରଥ ଦ୍ୱିତୀୟ, ଶ୍ରୀଜମ କୁଣ୍ଡୁ ତୃତୀୟ, ବିରାଟ ଶର୍ମା ଚତୁର୍ଥ ଓ ପି.ଭି. ଲକ୍ଷ୍ମୀ ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବିଭାଗରେ କେ. ସାଇ ସୁହାନି ପ୍ରଥମ, ଏସ୍. ଭି. ରୁଥିକା ଦ୍ୱିତୀୟ ଓ ହ୍ୟାନ୍ସ ବରଣାସୀ ତୃତୀୟ ସ୍ଥାନ ହାସଲ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ଅନ୍ୟ ପ୍ରତିଯୋଗୀମାନଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ଦିଆଯାଇଥିଲା। କ୍ଲବର ବରିଷ୍ଠ ଉପଦେଷ୍ଟା ଅଳକା ଦାସ ଓ ଶାନ୍ତି କୁମାରୀ ଦେବ କାର୍ଯ୍ୟକ୍ରମ ଆୟୋଜନ ପାଇଁ ପ୍ରେରଣା ଯୋଗାଇଥିଲେ। ସମ୍ପାଦିକା ଜ୍ୟୋତିପ୍ରଭା ମହାପାତ୍ର, ଯୁଗ୍ମ ସମ୍ପାଦିକା ସୁଜାତା ପାଢ଼ୀ, କୋଷାଧ୍ୟକ୍ଷା ବୁରୁଡି ଲକ୍ଷ୍ମୀ, ଯୁଗ୍ମ କୋଷାଧ୍ୟକ୍ଷା କେ. ଶୋଭାରାଣୀଙ୍କ ସମେତ କ୍ଲବର ସମସ୍ତ ସଦସ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ପାପଡ଼ାହାଣ୍ଡି,୨।୧୧(ସମିସ): ପାପଡ଼ାହାଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ ହୋଇଯାଇଛି. କାର୍ଯ୍ୟକ୍ରମରେ ବ୍ଲକର ୧୮ଟି କ୍ଲଷ୍ଟରରେ ୭୦୦ ଜଣ କୃତୀ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ବ୍ଲକ ଶିକ୍ଷାଧିକାରୀ ସୁକାନ୍ତ କର୍ଡ଼ାମୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବ୍ଲକ ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଲିପିକା ମାଝୀ, ଏବିଇଓ ବାଳକଦାସ ରନ୍ଧାରୀ, ପୂର୍ଣ୍ଣଚନ୍ଦ୍ର ପୂଜାରୀ, ସୁଦର୍ଶନ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବରିଷ୍ଠ କନିଷ୍ଠ, ସହ ବରିଷ୍ଠ ବିଭାଗର ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷକ ସୁଦାମ ସେଠୀ ଓ ଆଲୋକ ବାଘ ମଞ୍ଚ ପରିଚାଳନା କରିଥିଲେ। ବିଚାରକ ଭାବେ ୯୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ରହିଥିଲେ। ସିଆରସୀ ଜଗଦୀଶ ଶାସମଲ, ଜେମ୍ସ ପ୍ରଭାକର ବେନିୟା, ଜି. ଭେଙ୍କେଟ, ମନୋଜ ମାଝୀ, ପ୍ରକାଶ ପଣ୍ଡା, ସୁକୁମାର ପଣ୍ଡା, ଜଗନ୍ନାଥ ବେହେରା, ଭୁବନ ମୋହନ ବିଷୋୟୀ, ଡମ୍ବରୁ ରଣା. ମେଘସ୍ଥିନ ଜାଲ, ବିପିନ ହିଆଲ, ଡୋମୁ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଆସନ୍ତା ୭ ତାରିଖରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ସୁରଭି ପ୍ରତିଯୋଗିତାରେ ୩୧ ଜଣ କୃତି ଛାତ୍ରଛାତ୍ରୀ ଭାଗ ନେବେ ବୋଲି ସୂଚନା ମିଳିଛି।

ଗୁଡାରୀ ବ୍ଲକ୍‌ସ୍ତରୀୟ 'ସୁରଭି' କାର୍ଯ୍ୟକ୍ରମ




ଗୁଡାରୀ, ୨।୧୧(ସମିସ): ଗୁଡାରୀ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ସୁରଭି-୨୦୨୬ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଗୁଡାରୀ ବ୍ଲକ୍‌ର ୧୦ଟି କ୍ଲଷ୍ଟର ସିଆରସିଙ୍କର ତତ୍ତ୍ୱାବଧାନରେ ଚାଲିଥିବା 'ସୁରଭି' କାର୍ଯ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ଏହି ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଗୁଡାରୀ ବ୍ଲକ ବିଇଓ ଲୋକନାଥ ସୁନା ଉପସ୍ଥିତ ଥିବାବେଳେ ଏବିଇଓ ସାଗୁଡ଼ା ରୁପ ମାଝି ମଞ୍ଚରେ ଉପସ୍ଥିତ ଥିଲେ। ପ୍ରଥମେ ଶ୍ରୀଜଗନ୍ନାଥଙ୍କ ପାଖରେ ଦୀପ ପ୍ରଜ୍ୱଳନ ପରେ ମଞ୍ଚାସୀନ ଅତିଥିମାନେ ରାଜ୍ୟରେ ଛାତ୍ରଛାତ୍ରୀମାନଙ୍କର ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ନେଇ "ସମୃଦ୍ଧ ଶିକ୍ଷା ସମୃଦ୍ଧ ଓଡିଶା' ଗଠନ ଉପରେ ନିଜ ମନ୍ତବ୍ୟ ପରି ପ୍ରକାଶ କରିଥିଲେ। ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଗୋଷ୍ଠୀ ଶିକ୍ଷାଅଧିକାରୀ ଶ୍ରୀ ସୁନା ପୁରସ୍କାର ସହ ମାନପତ୍ର ପ୍ରଦାନ କରିଥିଲେ।

ଦୁର୍ଘଟଣାରେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ

କୋରାପୁଟ/ପୋଡ଼ାଗଡ଼,୨।୧୧(ସମିସ): ଗତ ୨୬ ତାରିଖ ରାତିରେ କୋରାପୁଟ ରାଣିଗଡ଼ ରାସ୍ତାରେ ଅଜଣା ଗାଡ଼ି ଧକ୍କାରେ ଗୁରୁତର ଆହତ ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ବ୍ରହ୍ମପୁର ବଡ଼ ମେଡିକାଲରେ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ ମୃତକ ଜଣକ ୨୬ ତାରିଖ ସନ୍ଧ୍ୟାରେ କୋରାପୁଟ ରାଣୀଗଡ଼ ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ କୋରାପୁଟ ଅଭିମୁଖେ ଆସୁଥିବା କୌଣସି ଗାଡ଼ି ଧକ୍କା ଦେଇ ଚାଲି ଯାଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତି କରିଥିଲେ। ଜରୁରୀ ଚିକିତ୍ସା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଚିକିତ୍ସାଧିନ ଅବସ୍ଥାରେ ୨୭ ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପକ୍ଷରୁ ଏକ ମାମଲା ରୁଜୁ କରି କୋରାପୁଟ ଟାଉନ୍ ଥାନାକୁ ସୂଚନା ଦେବା ପରେ କୋରାପୁଟ ଟାଉନ ଥାନା ପୋଲିସ ମଧ୍ୟ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତକଙ୍କ ପରିଚୟ ମିଳି ପାରିନାହିଁ ଓ ମୃତକଙ୍କ ଚିହ୍ନଟ ପାଇଁ ମୃତଦେହକୁ ବ୍ରହ୍ମପୁର ବଡ଼ ମେଡିକାଲରେ ରଖାଯାଇ ଥିବା କୋରାପୁଟ ଟାଉନ ଥାନା ସବ ଇନ୍‌ସପେକ୍ଟର ନିରୋଦ କୁମାର ବାଘ ସୂଚନା ଦେଇଛନ୍ତି। ମୃତ ବ୍ୟକ୍ତି ଜଣକଙ୍କ ବୟସ ପ୍ରାୟ ୬୫-୭୦ ବର୍ଷ ହେବ ବୋଲି ପୁଲିସ ସୂଚନା ଦେଇଛି।

ଏରୋନଟିକ୍ସ ମହାବିଦ୍ୟାଳୟରେ କେମିଷ୍ଟ୍ରୀ ଅଲମ୍ପିଆଡ୍ ପରୀକ୍ଷା



ସୁନାବେଡ଼ା,୨।୧୧(ସମିସ): କୋରାପୁଟ ଜିଲ୍ଲା ସୁନାବେଡ଼ା ସହରାଞ୍ଚଳସ୍ଥିତ ଏରୋନୋଟିକ୍ସ ମହାବିଦ୍ୟାଳୟରେ ଓଡିଶା କେମିକାଲ ସୋସାଇଟି ତରଫରୁ କେମିଷ୍ଟ୍ରୀ ଅଲମ୍ପିଆଡ୍ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ଏରୋନୋଟିକ୍ସ ମହାବିଦ୍ୟାଳୟ ଏବଂ ସେମିଲିଗୁଡା ସ୍ଥିତ ମହାବୀର ମଡେଲ ରେସିଡେନ୍ସି କଲେଜର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଅନସୂୟା ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ରସାୟନ ବିଜ୍ଞାନ ବିଭାଗର ଅଧ୍ୟାପକ ଡ. ସ୍ମୃତିରଞ୍ଜନ ରାଉତ, କେନ୍ଦ୍ର ସଂଯୋଜକ ଭାବେ ଦାୟୀତ୍ୱ ତୁଲାଇଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ଦିଲ୍ଲୀପ କୁମାର ସାମଲ, ମଗ୍ନେଶ୍ୱର ନାଗ, ସତ୍ୟବ୍ରତ ସାହୁଙ୍କ ସମେତ କଲେଜ କର୍ମଚାରୀ ଫିରୋଜ କୁମାର ବଡ଼େଇ, ପ୍ରତିଭା ରାଉତ, ପ୍ରଭାସିନୀ ସେନାପତି ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ।

ଶିଶୁ ଦିବସରେ ବିଭିନ୍ନ ପ୍ରତିଯୋଗିତା



ଗୁଣପୁର,୨।୧୧ (ସମିସ): ଶିଶୁ ପ୍ରତିଭା ବିକାଶ ମଞ୍ଚ ପକ୍ଷରୁ ଶିଶୁ ଦିବସ-୨୦୨୬ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଗତ ୩୧ ଅକ୍ଟୋବରରୁ ୨ ନଭେମ୍ବର ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି। ଶିଶୁ ମହୋତ୍ସବ ପରିଚାଳନା କମିଟି, ଗୁଣପୁର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କୁଇଜ୍, ଚିତ୍ରାଙ୍କନ, ସଙ୍ଗୀତ, ବକ୍ତୃତା, ନୃତ୍ୟ ସହ ୫୦ ଓ ୧୦୦ ମିଟର ଦୌଡ଼, ଡିସ୍‌କସ୍ ଥ୍ରୋ ଓ ସଟ୍‌ପୁଟ୍ ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ମହର୍ଷି ଗୁରୁକୁଳ ବିଦ୍ୟାଳୟ, ମିନି ଷ୍ଟାଡିୟମ୍ ଓ ଟାଉନ୍‌ହଲ୍‌ରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବା ଶିଶୁମାନେ ଆଗାମୀ ଜିଲ୍ଲା ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଗୁଣପୁରର ପ୍ରତିନିଧିତ୍ୱ କରିବେ। ଜଗନ୍ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶକ୍ତିଦାସ ଓ କମିଟି ସଦସ୍ୟ ସୂର୍ଯ୍ୟପ୍ରକାଶ ପଟ୍ଟନାୟକ, ସିଦ୍ଧାର୍ଥ ପ୍ରେମ ଦାଶ, ରବି ପାତିକା, ସତ୍ୟନାରାୟଣ ସାହୁ ଓ ବିନୋଦ ଗମାଙ୍ଗଙ୍କ ସମେତ ବହୁ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଅନେକ ବିଚାରକ ଯୋଗ ଦେଇଥିଲେ।

ବାତ୍ୟା 'ମୁରାସୁ' ମୁକାବିଲା ପାଇଁ ପ୍ରଶାସନର ପ୍ରସ୍ତୁତି

ରାୟଗଡ଼,୨।୧୧(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ବାତ୍ୟା "ମୁରାସୁ'ର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ରାୟଗଡ଼ ଜିଲ୍ଲାରେ ପ୍ରଶାସନିକ ପ୍ରସ୍ତୁତି ଜୋରଦାର କରାଯାଇଛି। ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି କହିଛନ୍ତି ଯେ ପୂର୍ବ ବାତ୍ୟା ସମୟରେ ଯେପରି ପ୍ରସ୍ତୁତି କରାଯାଇଥିଲା, ସେଭଳି ଏଥର ମଧ୍ୟ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ରହିଛି। ଜିଲ୍ଲାର ତଳିଆ ଅଞ୍ଚଳ, ନଦୀକୂଳବର୍ତ୍ତୀ ଗ୍ରାମ ଓ ଭୂସ୍ଖଳନ ପ୍ରବଣ ପାହାଡ଼ିଆ ଅଞ୍ଚଳ ଚିହ୍ନଟ କରାଯାଇଛି। ସୋମବାର ସନ୍ଧ୍ୟାରୁ ଲୋକଙ୍କୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ କରି ମଙ୍ଗଳବାର ସକାଳ ସୁଦ୍ଧା ଶେଷ କରିବାକୁ ଯୋଜନା ରହିଛି। ଗର୍ଭବତୀ ମହିଳାଙ୍କୁ ଆଗୁଆ ଡାକ୍ତରଖାନା ଓ ପ୍ରସୂତି ଗୃହକୁ ସ୍ଥାନାନ୍ତର କରାଯାଉଛି। ଭୂସ୍ଖଳନ ଆଶଙ୍କା ଥିବା ରାସ୍ତାଗୁଡ଼ିକରେ ଜେସିବି ମେସିନ୍ ମୁତୟନ କରାଯାଇଛି। ଓଡ୍ରାଫ୍, ଏନ୍‌ଡିଆର୍‌ଏଫ୍ ଓ ଅଗ୍ନିଶମ ବାହିନୀକୁ ସଜାଗ ରଖାଯାଇଛି। ବଂଶଧାରା ନଦୀରେ ଜଳସ୍ତର ନିୟନ୍ତ୍ରଣରେ ରଖିବା ପାଇଁ ବଡ଼ନାଳ ଓ ହରଭଙ୍ଗୀ ଜଳଭଣ୍ଡାରରୁ ଆଗୁଆ ଜଳ ନିଷ୍କାସନ କରାଯାଇ ଜଳସ୍ତର କମାଯାଇଛି। ଉପରମୁଣ୍ଡରେ ବର୍ଷା ହେଲେ ମଧ୍ୟ ବଂଶଧାରାର ଜଳସ୍ତର ନିୟନ୍ତ୍ରଣରେ ରଖିବାକୁ ଏହା ସହାୟକ ହେବ। ନଦୀଘାଟକୁ ନଯିବା

▶ ନୋଡାଲ ଅଧିକାରୀ ଦାୟିତ୍ୱରେ ଜିଲ୍ଲାର ୭ ବରିଷ୍ଠ ଅଧିକାରୀ

▶ ୪ଟି ବ୍ଲକରୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ

ସହ ସତର୍କ ରହିବାକୁ ଜନସାଧାରଣଙ୍କୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି। ଜିଲ୍ଲା ଜରୁରୀକାଳୀନ ଅଧିକାରୀ କଳିଙ୍ଗ ପୁଝାରୀଙ୍କ ସୂଚନା ଅନୁଯାୟୀ,ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ସୋମବାରଠାରୁ ପୁଣି ୨୪ ଘଣ୍ଟିଆ ଜିଲ୍ଲାସ୍ତରୀୟ ନିୟନ୍ତ୍ରଣ କକ୍ଷ ଖୋଲାଯାଇଛି। ଜିଲ୍ଲାର ଗୁଣୁପୁର, ପଦ୍ମପୁର, ଚନ୍ଦ୍ରପୁର ଓ କାଶୀପୁର ବ୍ଲକର ଚିହ୍ନଟ କେତେକ ଗ୍ରାମରୁ ଶହେରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ସୋମବାର ରାତି ସୁଦ୍ଧା ପ୍ରକ୍ରିୟା ଆରମ୍ଭ ହୋଇଛି। ଜିଲ୍ଲାର ୭ ଜଣ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ଜିଲ୍ଲାପାଳ ନୋଡାଲ ଅଧିକାରୀ ଭାବେ ଦାୟିତ୍ୱ ଦେଇଛନ୍ତି। ବାତ୍ୟା ମୁକାବିଲାରେ ଶୂନ୍ୟ ଜୀବନହାନିକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଥିବା କଳିଙ୍ଗ ପୁଝାରୀ କହିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ନଭେମ୍ବର ୩ ଓ ୪ ତାରିଖ ଦୁଇଦିନ ପାଇଁ ବନ୍ଦ ରଖିବାକୁ ଆଦେଶ ଜାରି ହୋଇଛି। ଅନ୍ୟପକ୍ଷରେ, ନଭେମ୍ବର ୨ ତାରିଖ ସକାଳ ୮ଟା ୩୦ ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଜିଲ୍ଲାରେ ମୋଟ ୬୨.୨ ମିଲିମିଟର ବର୍ଷା ହୋଇଥିବା ବେଳେ ହାରାହାରି ବର୍ଷା ପରିମାଣ ୫.୬୫ ମିଲିମିଟର ରହିଛି। ମୁନିଗୁଡ଼ାରେ ୩୦.୬ ମିଲିମିଟର ଓ ଚନ୍ଦ୍ରପୁରରେ ୩୧ ମିଲିମିଟର ବର୍ଷା ହୋଇଛି। ରାୟଗଡ ବ୍ଲକରେ ୦.୬ ମିଲିମିଟର ବର୍ଷା ହୋଇଥିବା ବେଳେ କୋଲନରା, କଲ୍ୟାଣସିଂହପୁର, କାଶୀପୁର, ଗୁଣୁପୁର, ପଦ୍ମପୁର, ଗୁଡ଼ାରି, ରାମନାଗୁଡ଼ା ଓ ବିଷମକଟକ ବ୍ଲକରେ ବର୍ଷା ହୋଇନାହିଁ। ବଡ଼ନାଳ ଜଳସେଚନ ପ୍ରକଳ୍ପର ନଭେମ୍ବର ୨ ତାରିଖ ସକାଳ ୮ଟାରୁ ୯ଟା ମଧ୍ୟରେ ମିଳିଥିବା ତଥ୍ୟ ଅନୁଯାୟୀ, ଜଳଭଣ୍ଡାରର ପୂର୍ଣ୍ଣ ଜଳଧାରଣ ସ୍ତର ୧୭୬ ମିଟର ଥିବାବେଳେ ବର୍ତ୍ତମାନ ଜଳସ୍ତର ୧୭୪.୪୬ ମିଟର ରହିଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧.୪୧ ଘନମିଟର ଜଳ ପ୍ରବେଶ କରୁଥିବା ବେଳେ ସ୍ପିଲୱେ ଦେଇ ୧୬୯.୪୩୦ ଘନମିଟର ଓ କେନାଲ ଦେଇ ୫.୧୨୧ ଘନମିଟର ଜଳ ନିଷ୍କାସିତ ହେଉଛି। ମୋଟ ଜଳ ନିଷ୍କାସନ ପରିମାଣ ପ୍ରତି ସେକେଣ୍ଡରେ ୧୭୪.୫୫ ଘନମିଟର ରହିଛି। ଜଳଭଣ୍ଡାରର ୮ଟି ଗେଟ୍ ମଧ୍ୟରୁ ୨ଟି ଗେଟ୍ ଅଧା ମିଟର ଲେଖାଏଁ ଓ ଗୋଟିଏ ଗେଟ୍ ୦.୭୦ ମିଟର ଖୋଲାଯାଇଛି। ଜଳଭଣ୍ଡାରରେ ଜୀବନ୍ତ ଜଳସଞ୍ଚୟ ୪୪୩୧.୬୦ ହେକ୍ଟର ମିଟର ରହିଥିବା ବେଳେ ଏହା ମୋଟ ଜଳଧାରଣ କ୍ଷମତାର ୬୬.୦୧ ପ୍ରତିଶତ ବୋଲି ଜଣାପଡ଼ିଛି।

ସକାଳ
THE SAKALA

କୋଟିଆରେ ଆନ୍ଧ୍ରର ଚାଉଳ ଟ୍ରକ୍‌କୁ ଅଟକ ରଖିଲା ଓଡ଼ିଶା ପୁଲିସ





ପଟ୍ଟାଙ୍ଗି,୨।୧୧(ସମିସ): ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଦୀର୍ଘଦିନ ଧରି ଲାଗିରହିଥିବା କୋଟିଆ ସୀମା ବିବାଦ ପୁଣିଥରେ ତୀବ୍ର ହେବାରେ ଲାଗିଛି। ବିବାଦୀୟ କୋଟିଆ ଅଞ୍ଚଳରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ଆସନ୍ତା ୫ ତାରିଖରେ ପଞ୍ଚାୟତ ନିର୍ବାଚନ କରାଯିବାକୁ ଥିବାବେଳେ ଏହାକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ପ୍ରଶାସନିକ ତତ୍ପରତା ଓ ରାଜନୈତିକ ଟଣାଓଟରା ଜାରି ରହିଛି। ଆନ୍ଧ୍ରର ଏହି ନିର୍ବାଚନୀ ପ୍ରକ୍ରିୟାକୁ ରୋକିବା ତଥା କୋଟିଆରେ ଓଡ଼ିଶାର ପ୍ରଶାସନିକ ଉପସ୍ଥିତି ବଜାୟ ରଖିବା ପାଇଁ ଓଡ଼ିଶା ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏଭଳି ସମ୍ବେଦନଶୀଳ ପରିସ୍ଥିତି ମଧ୍ୟରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ଏକ ଚାଉଳ ବୋଝେଇ ଟ୍ରକ୍‌କୁ କୋଟିଆ ଅଞ୍ଚଳକୁ ନେଉଥିବା ବେଳେ ଗାଡି ଗୁଡିକୁ ଅଟକ ରଖିଛି ପୁଲିସ।

ନେରେଡିୱାଲାସା ଚେକ୍‌ଗେଟ୍‌ରେ ଉତ୍ତେଜନା

ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶ ପକ୍ଷରୁ ଏକ ଚାଉଳ ବୋଝେଇ ଟ୍ରକ୍ ଗଞ୍ଜେଇପଦର ପଞ୍ଚାୟତ ଅଞ୍ଚଳକୁ ଯାଉଥିଲା। ଟ୍ରକ୍‌ଟି ନେରେଡିୱାଲାସା ଗ୍ରାମ ନିକଟରେ ଓଡ଼ିଶା ପ୍ରଶାସନ ପକ୍ଷରୁ ସ୍ଥାପିତ ପୁଲିସ ଚେକ୍‌ଗେଟ୍ ନିକଟରେ ପହଞ୍ଚିବା ପରେ ଓଡ଼ିଶା ପୁଲିସ ଗାଡ଼ିଟିକୁ ଅଟକାଇଥିଲା। ସୀମାନ୍ତ ଅଞ୍ଚଳରେ ଚାଲିଥିବା ପ୍ରଶାସନିକ ସତର୍କତା ଓ ଯାଞ୍ଚ ବ୍ୟବସ୍ଥା ମଧ୍ୟରେ ଟ୍ରକ୍‌ଟିକୁ ଆଗକୁ ଯିବାକୁ ଅନୁମତି ଦିଆଯାଇନଥିଲା। ପୁଲିସ ପକ୍ଷରୁ ଟ୍ରକ୍‌କୁ ଫେରିଯିବାକୁ କୁହାଯାଇଥିଲା। ଏହି ଘଟଣା ସମ୍ପର୍କରେ ଖବର ପାଇ କିଛି ଆନ୍ଧ୍ର ସମର୍ଥକ ଓ ଏଜେଣ୍ଟ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌ଟିକୁ ଆଗକୁ ଛାଡ଼ିବା ପାଇଁ ଓଡ଼ିଶା ପୁଲିସ ସହ ଯୁକ୍ତିତର୍କ କରିଥିଲେ। ଫଳରେ ଚେକ୍‌ଗେଟ୍ ନିକଟରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା। ତେବେ ଓଡ଼ିଶା ପୁଲିସ ନିଜ ଆଭିମୁଖ୍ୟରେ ଅଟଳ ରହି ଟ୍ରକ୍‌ଟିକୁ ଆଗକୁ ଛାଡ଼ି ନଥିଲେ। ଏହାପରେ ଘଟଣା ସ୍ଥଳରେ ପଟ୍ଟାଙ୍ଗି ତହସିଲଦାର ଦେବେନ୍ଦ୍ର ଧାରୁଆ ଓ ପୁଲିସ ଅଧିକାରୀଗଣ ଉକ୍ତ ପରିସ୍ଥିତିକୁ ଆୟତ କରିବାକୁ ଚେଷ୍ଟା କରିଥିଲେ। ଏହି ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ବିଳମ୍ବିତ ରାତି ସୁଦ୍ଧା ଅପ୍ରୀତିକର ପରିସ୍ଥିତ ଜାରି ରହିଥିବା ସହ ଚାଉଳ ବୋଝେଇ ଟ୍ରକ ଟିକୁ ପୋଲିସ ଅଟକ ରଖିଥିବା ନେଇ ସୂଚନା ମିଳିଛି। ନିର୍ବାଚନ ପ୍ରକ୍ରିୟାକୁ ନେଇ ଓଡ଼ିଶା ପକ୍ଷରୁ ଆପତ୍ତି ଉଠାଯାଉଥିବା ବେଳେ ବିଭିନ୍ନ ପ୍ରବେଶ ପଥରେ ପୁଲିସ ଚେକ୍‌ଗେଟ୍ ସ୍ଥାପନ କରାଯାଇ ଯାନବାହନ ଓ ସନ୍ଦେହଜନକ ଗତିବିଧି ଉପରେ ନଜର ରଖାଯାଉଛି। ନିର୍ବାଚନକୁ ଆଉ ଅଳ୍ପଦିନ ବାକି ଥିବାବେଳେ ଚାଉଳ ବୋଝେଇ ଟ୍ରକ୍ ନେଇ ଆନ୍ଧ୍ରର ଏହି ଗତିବିଧିକୁ ନେଇ ଅନେକ ପ୍ରଶ୍ନ ଉଠିଛି।

ଲାଞ୍ଚୁଆଙ୍କୁ ଗଣଶିକ୍ଷା ବିଭାଗର ଅନୁକମ୍ପା

ଗିରଫର ମାସେ ପରେ ବି ନିଲମ୍ବନ ନାହିଁ

■ ସନ୍ଦେହରେ ଓସେପା ନିର୍ଦ୍ଦେଶକଙ୍କ ଭୂମିକା
■ ୩୦ ହଜାର ଲାଞ୍ଚ ନେବାବେଳେ ବାନ୍ଧିଥିଲା ଭିଜିଲାନ୍ସ

ଭୁବନେଶ୍ୱର, ୨।୧୧(ସମିସ): ଲାଞ୍ଚ ନେଉଥିବାବେଳେ ରଙ୍ଗେହାତ ଧରାପଡ଼ିଲେ। ଭିଜିଲାନ୍ସ ହାତରେ ବନ୍ଧାହୋଇ ଜେଲ୍ ଗଲେ। ଜେଲ୍‌ର ଚାରିକାନ୍ଥ ମଧ୍ୟରେ ଦୀର୍ଘ କାଳ କାଟିଲେ। ହେଲେ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ୪୮ ଘଣ୍ଟାରୁ ଅଧିକ ସମୟ ଜେଲ୍‌ରେ ରହିଥିଲେ ମଧ୍ୟ ନିଲମ୍ବନ କରାଗଲା ନାହିଁ। ଜଗତସିଂହପୁର ଜିଲ୍ଲା ସମଗ୍ର ଶିକ୍ଷା କାର୍ଯ୍ୟାଳୟର ତଥ୍ୟ ଓ ଅନୁସନ୍ଧାନ ବିଭାଗର ସଂଯୋଜକ ଚନ୍ଦ୍ରଜିତ୍ ପରିଜାଙ୍କ କ୍ଷେତ୍ରରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏପରି ଅହେତୁକ ଅନୁକମ୍ପା ଏବେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଥିବାବେଳେ ବିଭାଗର କାର୍ଯ୍ୟଧାରା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗତ ଅକ୍ଟୋବର ୮ ତାରିଖରେ ଲାଞ୍ଚ ନେଉଥିବା ବେଳେ ଚନ୍ଦ୍ରଜିତ୍‌ଙ୍କୁ ବାନ୍ଧିଥିଲା ଭିଜିଲାନ୍ସ। ପ୍ରାୟ ୭ ଦିନରୁ ଅଧିକ ସମୟ ଜେଲ୍‌ରେ ରହିବା ପରେ ବେଲ୍‌ରେ ମୁକୁଳିଥିଲେ। ସରକାରୀ ଚାକିରି କରୁଥିବା ବ୍ୟକ୍ତି ୪୮ ଘଣ୍ଟାରୁ ଅଧିକ ସମୟ ଜେଲ୍‌ରେ ରହିଲେ, ନିଲମ୍ବନ ହେବାର ନିୟମ ରହିଛି; ମାତ୍ର ତାଙ୍କ କ୍ଷେତ୍ରରେ ସରକାର ଆଖି ବନ୍ଦ କରି ଦେଇଛନ୍ତି। ଭିଜିଲାନ୍ସ ଦ୍ୱାରା ଗିରଫ ହେବା ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ତୁରନ୍ତ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ନିର୍ଦ୍ଦେଶକଙ୍କୁ ଅବଗତ କରିଥିଲେ; ମାତ୍ର ଘଟଣାକୁ ପ୍ରାୟ ୧ ମାସ ପୂରିବାକୁ ବସିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ଓସେପାର ନିର୍ଦ୍ଦେଶିକା ଛୁଟିରେ ଥିବାବେଳେ ଭାରପ୍ରାପ୍ତ ଅଧିକାରୀ ହାତବାନ୍ଧି ବସିଛନ୍ତି, ଯାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବାସହ ଗଣଶିକ୍ଷା ବିଭାଗ ଓ ଓସେପାର କାର୍ଯ୍ୟଧାରା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିୟମର ଉର୍ଦ୍ଧ୍ୱକୁ ଯାଇ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ କିଏ ଓ କାହିଁକି ଘଣ୍ଟ ଘୋଡ଼ାଉଛି, ତାହା ପ୍ରଶ୍ନର ପାହାଡ଼ ସୃଷ୍ଟି କରିଛି। ଲାଞ୍ଚୁଆ କର୍ମଚାରୀଙ୍କ ଜାଲିଆତି ଏତିକିରେ ସୀମିତ ନାହିଁ। ସେ ଜେଲ୍‌ରେ ଥିବାବେଳେ ମଧ୍ୟ ସମଗ୍ର ଶିକ୍ଷା କାର୍ଯ୍ୟାଳୟରେ ତାଙ୍କର ଉପସ୍ଥାନ ପଡ଼ିଥିବା ଅଭିଯୋଗ ହୋଇଛି। ଯେଉଁ ବ୍ୟକ୍ତି ଜେଲ୍‌ରେ ଅଛନ୍ତି, ତାଙ୍କର ଉପସ୍ଥାନ କିପରି ଓ କିଏ ପକାଇଲା ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଲାଞ୍ଚ ନେବାରେ ତାଙ୍କୁ ସହଯୋଗ କରୁଥିବା ଅନ୍ୟ କର୍ମଚାରୀ ଓ ଅଧିକାରୀ ତାଙ୍କୁ ନିଲମ୍ବନରୁ ବଞ୍ଚାଇବାକୁ ଏପରି ତଞ୍ଚକତା କରିଥିବା ଅଭିଯୋଗ ହୋଇଛି, ଯାହାକୁ ନେଇ ଶ୍ରୀ ପରିଜା ଓ ସମଗ୍ର ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ସନ୍ଦେହଘେରକୁ ଆସିଛନ୍ତି। ଦୁର୍ନୀତିଗ୍ରସ୍ତଙ୍କ ପ୍ରତି ସରକାରଙ୍କ ଉଦାସୀନତା ଦୁର୍ନୀତି କରିବା ପାଇଁ ଅନ୍ୟଙ୍କୁ ପ୍ରୋତ୍ସାହିତ କରିପାରେ। ଏଣୁ ତାଙ୍କୁ ତ୍ୱରିତ ନିଲମ୍ବନ କରିବା ସହ ତାଙ୍କ ଅନୁପସ୍ଥିତିରେ ଜାଲ୍ ଦସ୍ତଖତ କରିଥିବା ଅଧିକାରୀ ବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଶିକ୍ଷାବିତ୍ ଓ ଆଇନଜ୍ଞମାନେ ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଜିଲ୍ଲାର ୧୧୧ଟି ହାଇସ୍କୁଲରେ ଡିଜିଟାଲ ପ୍ୟାନେଲ ବ୍ଲାକ ବୋର୍ଡ ଲଗାଇବାକୁ ଜି.ଇ.ଏମ୍. ଟେଣ୍ଡର ଦ୍ୱାରା ଭେଣ୍ଡର ବଛାଯାଇଥିଲା। ଜଣେ ଭେଣ୍ଡରଙ୍କ ଅମାନତ ଅର୍ଥ ପାଇଁ ଶ୍ରୀ ପରିଜା ଲାଞ୍ଚ ମାଗିଥିଲେ। ତାଙ୍କର ଦାବି ଅନୁସାରେ ଠିକାଦାର ଜଣକ ୩୦ ହଜାର ଟଙ୍କା ଲାଞ୍ଚ ଦେଉଥିବା ବେଳେ ପୂର୍ବ ଯୋଜନା ଅନୁସାରେ ଭିଜିଲାନ୍ସ ମାଡ଼ି ବସିଥିଲା। ରଶ୍ମି ସିନେମା ହଲ୍ ନିକଟସ୍ଥ ରାସ୍ତା ଉପରୁ ପୂର୍ବରୁ ଜଗି ରହିଥିବା ଭିଜିଲାନ୍ସ ଟିମ୍ ଶ୍ରୀ ପରିଜାଙ୍କୁ ଗିରଫ କରିଥିଲା।

ଆନ୍ଧ୍ରରେ ମିଶିବାକୁ ଓଡ଼ିଶାର ଜୁମଡାଙ୍ଗବାସୀଙ୍କ ଦାବି

ଅଲ୍ଲୁରି ଜିଲ୍ଲାପାଳଙ୍କୁ ଭେଟି ସୁରକ୍ଷା ଲୋଡ଼ିଲେ



ମାଲକାନଗିରି, ୨।୧୧ (ସମିସ): ଓଡ଼ିଶା ଭୂଖଣ୍ଡରେ ଥିବା ଜୁମଡାଙ୍ଗ ଗ୍ରାମବାସୀ ଆନ୍ଧ୍ରପ୍ରଦେଶରେ ମିଶିବାକୁ ଦାବି କରିଛନ୍ତି। ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଧୂଳିପୁଟ ପଞ୍ଚାୟତ ଅନ୍ତର୍ଗତ ଏହି ଗ୍ରାମର ୪୫ଟି ପରିବାର ଆଜି ଅଲ୍ଲୁରି ଜିଲ୍ଲାପାଳଙ୍କୁ ଭେଟି ଆନ୍ଧ୍ରରେ ରହିବା ସହ ଆଗାମୀ ୫ ତାରିଖରେ ସେଠାରେ ହେବାକୁ ଥିବା ନିର୍ବାଚନରେ ଭୋଟ ଦେବାକୁ ଅନୁମତି ନିମନ୍ତେ ଦାବିପତ୍ର ଦେଇଛନ୍ତି। ଗ୍ରାମବାସୀଙ୍କ କହିବାନୁଯାୟୀ, ସେମାନେ ଆନ୍ଧ୍ର ସରକାରଙ୍କଠାରୁ ଆଧାର, ଭୋଟର ଓ ରାସନ କାର୍ଡ ସମେତ ଭତ୍ତା ଏବଂ ଆବାସ ଯୋଜନାର ସୁବିଧା ପାଉଛନ୍ତି। ତେଣୁ ଆନ୍ଧ୍ରପ୍ରଦେଶ ସହ ମିଶିବାକୁ ସେମାନେ ନିଷ୍ପତ୍ତି ନେଇଥିବା ସ୍ପଷ୍ଟ କରିଛନ୍ତି। ଏହି ଘଟଣା ପ୍ରକାଶ ପାଇବା ପରେ ଓଡ଼ିଶାର କଂଗ୍ରେସ, ବିଜେଡି ସମେତ ବିଭିନ୍ନ ଦଳର ନେତା ଗ୍ରାମକୁ ଯାଇ ଆନ୍ଧ୍ର ନିର୍ବାଚନରେ ଭୋଟ ନଦେବାକୁ ବୁଝାଇଥିଲେ। ଅନ୍ୟପକ୍ଷରେ, ଓଡ଼ିଶାର ଅଧିକାରୀମାନେ ଆନ୍ଧ୍ରରେ ଭୋଟ ନଦେଇ ଓଡ଼ିଶାରେ ଭୋଟ ଦେବାକୁ ଚାପ ପକାଉଥିବା ଏବଂ ଆନ୍ଧ୍ରରେ ଭୋଟ ଦେଲେ ଗ୍ରାମ ଜାଳିଦେବାକୁ ଧମକ ଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନିଜ ଗ୍ରାମ ଓ ଜମି ଉପରେ ଅଧିକାର ସହ ସୁରକ୍ଷା ଓ ନ୍ୟାୟ ପ୍ରଦାନ କରିବାକୁ ସେମାନେ ଅଲ୍ଲୁରି ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି।

■ **ବାଲିଅନ୍ତା ଜିଆରପି କନଷ୍ଟେବଲ ହତ୍ୟା ଘଟଣା**

ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ଚାର୍ଜସିଟ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୨।୧୧(ସମିସ): ବାଲିଅନ୍ତାରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ହତ୍ୟା ଘଟଣାରେ ୪ଅଭିଯୁକ୍ତଙ୍କ ନିୟମିତ ଜାମିନ ଆବେଦନର ଆଜି ହାଇକୋର୍ଟ ଶୁଣାଣି କରିଛନ୍ତି। ଏହି ଘଟଣାରେ କେସ୍ ଡାଏରୀ, ପୀଡ଼ିତଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ଚାର୍ଜସିଟର କପି ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବିଭୂତିଭୂଷଣ ପରିଡ଼ା, ଅଶୋକ କୁମାର ଜେନା, ରଣଜିତ ରଣା ଓ ସୁବାସ ଭୋଇଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ଦେଇଛନ୍ତି। ଡିସେମ୍ବର ଦ୍ୱିତୀୟସପ୍ତାହରେ ଏ ସମ୍ପର୍କିତ ଜାମିନ ଆବେଦନ ଗୁଡ଼ିକର ପରବର୍ତ୍ତୀ ଶୁଣାଣି ହେବ। ପ୍ରକାଶଥାଉକି ଖୋର୍ଦ୍ଧା ଦୌରା ଅଦାଲତରେ ଜାମିନ ଖାରଜ ହେବା ପରେ ଏହି ଅଭିଯୁକ୍ତମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୌମ୍ୟରଞ୍ଜନଙ୍କ ହତ୍ୟା ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରି ୧୧ଜଣ ଅଭିଯୁକ୍ତଙ୍କ ବିରୋଧରେ ଗତ ଅଗଷ୍ଟ ମାସରେ ଚାର୍ଜସିଟ ଦାଖଲ କରିଥିଲା। ଅନ୍ୟପକ୍ଷରେ ଉପଯୁକ୍ତ ପ୍ରମାଣ ନ ମିଳିବାରୁ ଘଟଣାରେ ଗିରଫ ୯ଜଣଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରାଯାଇ ନଥିଲା। ଅନ୍ୟପକ୍ଷରେ ଏହି ଘଟଣାରେ ସଂପୃକ୍ତ ଅନ୍ୟ କେତେକ ଅଭିଯୁକ୍ତଙ୍କୁ ଏ ପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ। ଏହି ଘଟଣାର ତଦନ୍ତ ଏବେ ମଧ୍ୟ ଚାଲିଛି।

ଭାରତ ଓ ଗଣତନ୍ତ୍ର ପାଇଁ ରାହୁଲ ଗାନ୍ଧୀ ବଡ଼ ବିପଦ: ବିଜେପି ମୁଖପାତ୍ର

ଭୁବନେଶ୍ୱର, ୨।୧୧ (ସମିସ): ବିଶ୍ୱର ଦ୍ରୁତତମ ଆର୍ଥିକ ଅଭିବୃଦ୍ଧିଶୀଳ ରାଷ୍ଟ୍ର ଭାବେ ଉଭା ହୋଇଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ନେଇ ଦେଶ ଆଗକୁ ବଢୁଥିବାବେଳେ କିଛି ବାହ୍ୟ ଶକ୍ତି ଏହି ପ୍ରଗତିରେ ବାଧା ସୃଷ୍ଟି କରୁଛନ୍ତି। ଏଥିରେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଓ ଏହାର ନେତା ରାହୁଲ ଗାନ୍ଧୀଙ୍କ ଭୂମିକା ଏବଂ ପ୍ରତ୍ୟକ୍ଷ ସମ୍ପୃକ୍ତି ରହିବା ଦୁର୍ଭାଗ୍ୟଜନକ। ରାହୁଲ ଗାନ୍ଧୀ ବିଦେଶୀ ବିଭାଜନକାରୀ ଶକ୍ତିଙ୍କ ଇସାରାରେ କାମ କରୁଥିବା ଅଭିଯୋଗ କରିଛନ୍ତି ବିଜେପିର ରାଜ୍ୟସଭା ସାଂସଦ ତଥା ରାଷ୍ଟ୍ରୀୟ ମୁଖପାତ୍ର ଡ. ସୁଧାଂଶୁ ତ୍ରିବେଦୀ।

ସୋମବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ. ତ୍ରିବେଦୀ କହିଛନ୍ତି ଯେ ଭାରତ ଓ ଏହାର ସଶକ୍ତ ଗଣତନ୍ତ୍ର ପାଇଁ ରାହୁଲ ଗାନ୍ଧୀ ସବୁଠାରୁ ବଡ଼ ବିପଦ। ୨୦୧୨ରୁ ଆଜି ପର୍ଯ୍ୟନ୍ତ ସେ ଦେଶର ବିଭିନ୍ନ ସାମ୍ବିଧାନିକ ସଂସ୍ଥା ଏବଂ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଓ ଏଲ୍‌ଆଇସି ଭଳି ରାଷ୍ଟ୍ରାୟତ୍ତ ଆର୍ଥିକ ସଂସ୍ଥାଗୁଡ଼ିକ ସମ୍ପର୍କରେ ଜନସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି କରିବାକୁ ଉଦ୍ୟମ କରିଆସୁଛନ୍ତି। ଦେଶର ଆର୍ଥିକ ପ୍ରଗତିକୁ ସହ୍ୟ କରିନପାରି



କଂଗ୍ରେସ ଓ କେତେକ ବିରୋଧୀ ଦଳ ଅରାଜକତା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ନିର୍ବାଚନ ପ୍ରକ୍ରିୟାକୁ ନେଇ ଇଭିଏମ୍ ଓ ନିର୍ବାଚନ କମିଶନଙ୍କ ଭଳି ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ବିରୋଧୀ ବଦନାମ କରୁଥିବା ସହ ସୁପ୍ରିମକୋର୍ଟଙ୍କୁ ମଧ୍ୟ ଅସମ୍ମାନ କରୁଛନ୍ତି ବୋଲି ଡ. ତ୍ରିବେଦୀ କହିଛନ୍ତି। ଏସ୍‌ଆଇଆର୍ ପ୍ରକ୍ରିୟାକୁ ନେଇ ବିରୋଧୀଙ୍କ ଅଭିଯୋଗ ଅମୂଳକ ଓ ଭ୍ରମାତ୍ମକ । କଂଗ୍ରେସ ଶାସନ ସମୟରେ ପ୍ରଶାସନିକ ସୁପାରିସ ଆଧାରରେ ମୁଖ୍ୟ ନିର୍ବାଚନ କମିଶନରଙ୍କ ନିଯୁକ୍ତି ହେଉଥିଲା। ମୋଦୀ ସରକାର ଏହି ବ୍ୟବସ୍ଥାରେ ସଂସ୍କାର ଆଣି ତିନିଜଣିଆ ଚୟନ କମିଟିରେ ପ୍ରଧାନମନ୍ତ୍ରୀଙ୍କ ସହ ବିରୋଧୀ ଦଳ ନେତାଙ୍କୁ ସାମିଲ କରିଛନ୍ତି। ତେଣୁ ନିର୍ବାଚନ ପ୍ରକ୍ରିୟା ଓ ନିର୍ବାଚନ କମିଶନଙ୍କୁ ସମାଲୋଚନା କରିବା ପୂର୍ବରୁ କଂଗ୍ରେସ ନିଜର ଅତୀତକୁ ନେଇ ଆତ୍ମସମୀକ୍ଷା କରିବା ଉଚିତ ବୋଲି ଡ. ତ୍ରିବେଦୀ ପରାମର୍ଶ ଦେଇଛନ୍ତି।

ପୁନରୁଦ୍ଧାର ବ୍ୟବସ୍ଥାକୁ ନେଇ ସାଂସଦ ମାନସଙ୍କ ଅସନ୍ତୋଷ

ଭୁବନେଶ୍ୱର,୨।୧୧(ସମିସ): ବାତ୍ୟା 'ଅର୍ଣ୍ଣବ' ଦ୍ୱାରା ସର୍ବାଧିକ ପ୍ରଭାବିତ ଜିଲ୍ଲା ଗଞ୍ଜାମରେ ପୁନରୁଦ୍ଧାର ବ୍ୟବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ବିଜେଡି ସଂସଦୀୟ ଦଳ ନେତା ମାନସ ମଙ୍ଗରାଜ। ସୋମବାର ଏକ୍ସ ଯୋଗେ ଏକ ପୋଷ୍ଟରେ ଶ୍ରୀ ମଙ୍ଗରାଜ ଏହି ପ୍ରସଙ୍ଗରେ ଗଭୀର ଅସନ୍ତୋଷ ପ୍ରକାଶ କରି କହିଛନ୍ତି, ଗଞ୍ଜାମ ଜିଲ୍ଲାର ଭଞ୍ଜନଗରରେ ଭୟାବହ ଭୂସ୍ଖଳନ ଘଟିବାର ଅନେକ ଦିନ ବିତିଯାଇଥିଲେ ମଧ୍ୟ ଏବେ ବି ଅନେକ ଲୋକ ନିଖୋଜ ଅଛନ୍ତି। ସେମାନଙ୍କର କୌଣସି ସନ୍ଧାନ ମିଳିପାରି ନାହିଁ। ଏହାସହ ଗଞ୍ଜାମ ଜିଲ୍ଲାର କିଛି ଅଞ୍ଚଳ ଏବେ ବି ବନ୍ୟାଜଳ ଘେରରେ ରହିଥିବା ବେଳେ, ଅନେକ ବନ୍ୟା ବିପନ୍ନଙ୍କ ପାଖରେ ଏଯାଏଁ ଅତ୍ୟାବଶ୍ୟକ ରିଲିଫ୍ ସାମଗ୍ରୀ ପହଞ୍ଚିପାରି ନାହିଁ। ସମସ୍ତ ପ୍ରଭାବିତ ପରିବାରଙ୍କ ନିକଟରେ ଯଥାଶୀଘ୍ର ରିଲିଫ୍ ସାମଗ୍ରୀ ପହଞ୍ଚାଇବା ପାଇଁ ସରକାର ତୁରନ୍ତ ପଦକ୍ଷେପ ଗ୍ରହଣ କରନ୍ତୁ। ବନ୍ୟା ଓ ଭୂସ୍ଖଳନରେ ପ୍ରଭାବିତ ତଥା ନିଖୋଜ ଥିବା ସମସ୍ତଙ୍କୁ ଶୀଘ୍ର ଏବଂ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ରାଜ୍ୟ ସରକାର ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ମଙ୍ଗରାଜ ଦାବି କରିଛନ୍ତି।

ଏଥିସହିତ ଗଞ୍ଜାମ ଜିଲ୍ଲାର ଶେରଗଡ଼ ବ୍ଲକ୍ ଅନ୍ତର୍ଗତ ବାକିଲିକଣା ଗ୍ରାମର ଜଣେ ଚାଷୀ ବନ୍ୟାଜଳରେ ନିଜର ସମସ୍ତ ଧାନ ଓ ପନିପରିବା ଫସଲ ନଷ୍ଟ ହୋଇଯିବା ପରେ ଆତ୍ମହତ୍ୟା କରିଥିବା ଖବରରେ ଶ୍ରୀ ମଙ୍ଗରାଜ ଦୁଃଖ ପ୍ରକାଶ କରିଛନ୍ତି। ମୃତ ଚାଷୀଙ୍କ ଶୋକସନ୍ତପ୍ତ ପରିବାରକୁ ତୁରନ୍ତ ଆର୍ଥିକ ସହାୟତା ଓ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସେ ଦାବି କରିଛନ୍ତି। ଏହାସହ ବନ୍ୟା ଯୋଗୁଁ ଫସଲ ହାନିର ସମ୍ମୁଖୀନ ହୋଇଥିବା ସମସ୍ତ ଚାଷୀଙ୍କୁ ଅବିଳମ୍ବେ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରାଯାଉ ବୋଲି ଶ୍ରୀ ମଙ୍ଗରାଜ ଦାବି କରିଛନ୍ତି।

ବାତ୍ୟା ପ୍ରଭାବିତ ୩ ଜିଲ୍ଲାରେ ଘରକୁ ଘର ସର୍ଭେ ଅବଧି ବୃଦ୍ଧି

ଗଞ୍ଜାମ ଜିଲ୍ଲାରେ ଆସନ୍ତା ୨୧ ଏବଂ ଗଜପତି ଓ କନ୍ଧମାଳ ଜିଲ୍ଲାରେ ଆସନ୍ତା ୧୪ ଯାଏଁ ଚାଲିବ ସର୍ଭେ

ଭୁବନେଶ୍ୱର,୨।୧୧(ସମିସ): ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନପାଇଁ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଘରକୁ ଘର ସର୍ଭେ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ବାତ୍ୟା 'ଅର୍ଣ୍ଣବ'ର ପ୍ରଭାବରେ ଗଞ୍ଜାମ, ଗଜପତି ଓ କନ୍ଧମାଳ ଜିଲ୍ଲାରେ ସାଧାରଣ ଜନଜୀବନ ବ୍ୟାହତ ହେବା ସହ ପ୍ରବଳ ବର୍ଷା ଓ ପ୍ରତିକୂଳ ପାଣିପାଗ ପରିସ୍ଥିତି ଯୋଗୁଁ ଚାଲୁ ରହିଥିବା ଘରକୁ ଘର ସର୍ଭେ କାର୍ଯ୍ୟ ପ୍ରଭାବିତ ହୋଇଛି। ଏହି ପରିସ୍ଥିତିକୁ ବିଚାରକୁ ନେବା ସହ ସମସ୍ତ ଯୋଗ୍ୟ ପରିବାରଙ୍କୁ ସର୍ଭେ ପରିସରଭୁକ୍ତ କରିବା ଏବଂ ସର୍ଭେ କାର୍ଯ୍ୟରେ ସଠିକତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଉକ୍ତ ୩ଟି ଜିଲ୍ଲାରେ ଘରକୁ ଘର ସର୍ଭେ କାର୍ଯ୍ୟ ସମାପ୍ତିର ସମୟସୀମା ବୃଦ୍ଧି କରାଯାଇଛି। ଏହି ୩ ଜିଲ୍ଲା ହେଲା ଗଜପତି, ଗଞ୍ଜାମ ଓ କନ୍ଧମାଳ। ସଂଶୋଧିତ ସମୟସୀମା ଅନୁଯାୟୀ ଗଞ୍ଜାମ ଜିଲ୍ଲାରେ ନଭେମ୍ବର ୨୧ ଏବଂ ଗଜପତି ଓ କନ୍ଧମାଳ ଜିଲ୍ଲାରେ ନଭେମ୍ବର ୧୪ ତାରିଖ ପର୍ଯ୍ୟନ୍ତ ସର୍ଭେ କାର୍ଯ୍ୟ ଜାରି ରହିବ। ପୂର୍ବରୁ ଏହି ସର୍ଭେ କାର୍ଯ୍ୟ ସମାପ୍ତିର ଶେଷ ତାରିଖ ନଭେମ୍ବର ୭ ତାରିଖ ଧାର୍ଯ୍ୟ ହୋଇଥିଲା। ଏହି ପରିପ୍ରେକ୍ଷୀରେ ସମ୍ପୃକ୍ତ ତିନୋଟି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସର୍ଭେ କାର୍ଯ୍ୟରେ ନିୟୋଜିତ ସମସ୍ତ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେବା ସହ ସର୍ଭେ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବାକୁ କୁହାଯାଇଛି। ଧାର୍ଯ୍ୟ ବର୍ଦ୍ଧିତ ସମୟସୀମା ମଧ୍ୟରେ ସମସ୍ତ ଯୋଗ୍ୟ ପରିବାରଙ୍କୁ ସର୍ଭେ ପରିସରଭୁକ୍ତ କରିବା ସହ କାର୍ଯ୍ୟ ସମାପ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

କଲେଜ ଛାତ୍ରୀଙ୍କ ଗଳାକାଟି ହତ୍ୟା ଘଟଣା

ଥାନା ଅଧିକାରୀଙ୍କୁ ଅଟକ ରଖିଲେ ମହିଳା

ମହାକାଳପଡ଼ା,୨।୧୧ (ସମିସ): ମହାକାଳପଡ଼ା ବ୍ଲକ୍ ତଥା ମାର୍ଶାଘାଇ ଥାନା ଅନ୍ତର୍ଗତ ଯଦୁପୁର ଗ୍ରାମର କଲେଜ ଛାତ୍ରୀ ହତ୍ୟା ଘଟଣାରେ ମାର୍ଶାଘାଇ ପୁଲିସକୁ ସଫଳତା ମିଳିଛି। ଏ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଜଣେ ଯୁବକଙ୍କୁ ସାଲେପୁର ଅଞ୍ଚଳରୁ ଗିରଫ କରି ସିନ୍ ରିକ୍ରିଏସନ କରିବା ପରେ କୋର୍ଟ ଚାଲାଣ କରିଛି ପୁଲିସ। ତେବେ ଗିରଫ ଯୁବକ ମୁଖ୍ୟ ଅଭିଯୁକ୍ତ ନୁହେଁ ବୋଲି ଅଭିଯୋଗ କରି ଶତାଧିକ ମହିଳା ଓ ଗ୍ରାମବାସୀ ହୋହାଲ୍ଲା କରିବା ସହ ଥାନା ଅଧିକାରୀ ଓ ଦୁଇଟି ପୁଲିସ ଗାଡ଼ିକୁ ଅଟକ ରଖିଥିଲେ। ଏହା ଘଟଣାକୁ ନୂଆ ମୋଡ଼ ଦେଇଛି।



ସୂଚନା ମୁତାବକ, ଗତ ୩୦ ତାରିଖ ରାତି ୧୦ଟାରୁ ନିଖୋଜ ଥିବା ଯଦୁପୁର ଗ୍ରାମର ଜଣେ +୩ ଛାତ୍ରୀଙ୍କ ମୃତଦେହ ଘରଠାରୁ କିଛି ଦୂରରେ ଥିବା ଏକ ଯୋରରୁ ଉଦ୍ଧାର ହୋଇଥିଲା। ଏ ନେଇ ପରିବାର ପକ୍ଷରୁ ମାର୍ଶାଘାଇ ଥାନାରେ ଅଭିଯୋଗ ପରେ ପୁଲିସ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା।

ମୁଖ୍ୟ ଅଭିଯୁକ୍ତର ସିନ୍ ରିକ୍ରିଏସନ କଲା ପୁଲିସ

ପ୍ରାଥମିକ ତଦନ୍ତରେ ଏହା ଏକତରଫା ପ୍ରେମଜନିତ ହତ୍ୟାକାଣ୍ଡ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ଥାନା ଅଧିକାରୀ ତିନୋଟି ଟିମ୍ ଗଠନ କରି ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ଗତକାଲି ରାତିରେ ସାଲେପୁର ଅଞ୍ଚଳରୁ ଜଣେ ଯୁବକଙ୍କୁ ଧରି ଥାନାରେ ଅଟକ ରଖିଥିଲା ପୁଲିସ। ଆଜି ଘଟଣାର ସିନ୍ ରିକ୍ରିଏସନ୍ ପାଇଁ ତାଙ୍କୁ ଯଦୁପୁର ଗ୍ରାମକୁ ନିଆଯାଇଥିଲା। ମାତ୍ର ପୁଲିସ ଆଣିଥିବା ଯୁବକ ପ୍ରକୃତ ମୁଖ୍ୟ ଅଭିଯୁକ୍ତ ନୁହେଁ ବୋଲି ସ୍ଥାନୀୟ ଲୋକେ ଦାବି କରିଥିଲେ। ଏହାକୁ ନେଇ ଗ୍ରାମର ୧୦୦ରୁ ଉର୍ଦ୍ଧ୍ୱ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଥାନା ଅଧିକାରୀ ଓ ଦୁଇଟି ପୁଲିସ ଗାଡ଼ିକୁ ଏକ ଘଣ୍ଟାରୁ ଅଧିକ ସମୟ ଅଟକ ରଖିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ପୁଲିସ ଅଭିଯୁକ୍ତଙ୍କୁ ଥାନାକୁ ଫେରାଇ ଆଣିଥିଲା। ପରେ ଡାକ୍ତରୀ ମାଇନା କରାଇ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣେ ଉଚ୍ଚଶିକ୍ଷିତ ହୋଇଥିବାବେଳେ ଏହି ହତ୍ୟାକାଣ୍ଡରେ ଏକାଧିକ ଯୁବକଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରିଛନ୍ତି ବିଜେପି ନେତା ଡଃ ସୌଭାଗ୍ୟ ପରିଡ଼ା। ସେ ମୃତ ଛାତ୍ରୀଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ସମସ୍ତ ଦୋଷୀଙ୍କୁ ଗିରଫ କରିବାକୁ ସେ ଦାବି କରିଛନ୍ତି।

ଅବସର ଦିନ ପଦୋନ୍ନତି

ଭୁବନେଶ୍ୱର,୨।୧୧(ସମିସ): ରାଜ୍ୟ ସରକାରଙ୍କ କାର୍ଯ୍ୟରେ ବିଳମ୍ବ ଓ ପ୍ରଶାସନିକ ନିଷ୍କ୍ରିୟତା ପୁଣି ପଦାରେ ପଡ଼ିଛି। ଜଣେ ଅଧିକାରୀଙ୍କ ଚାକିରି ଜୀବନର ଶେଷ ଦିନରେ ସରକାର ତାଙ୍କୁ ପଦୋନ୍ନତି ଦେବା ଘଟଣା ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଗୋଟିଏ ପଟେ ଅବସରକାଳୀନ ସମ୍ବର୍ଦ୍ଧନା ସଭା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଅନ୍ୟପଟେ ସେହି ଅଧିକାରୀଙ୍କ ନାମରେ ପଦୋନ୍ନତି ଆଦେଶ ଜାରି ହେବା ଘଟଣା ସରକାରଙ୍କ କାର୍ଯ୍ୟଶୈଳୀକୁ କାଠଗଡ଼ାକୁ ଟାଣିଛି। ବଲାଙ୍ଗୀର ସରକାରୀ ଆୟୁର୍ବେଦିକ ଫାର୍ମାସିର ଅଧୀକ୍ଷକ ଡା. କୃପାସିନ୍ଧୁ ଭୋଇଙ୍କୁ ଆୟୁଷ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ (ଆୟୁର୍ବେଦ) ଭାବେ ପଦୋନ୍ନତି କରାଯାଇଥିବା ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗତ ଅକ୍ଟୋବର ୩୧ ରେ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ମାତ୍ର ଆଶ୍ଚର୍ଯ୍ୟର ବିଷୟ ହେଲା ଡା. ଭୋଇ ସେହି ସମାନ ୩୧ ତାରିଖରେ ଅବସର ଗ୍ରହଣ କରିବାର ଥିଲା। ଚାକିରି ଜୀବନର ଶେଷ ଦିନରେ ପଦୋନ୍ନତି ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିବାବେଳେ ପ୍ରଶାସନିକ କାର୍ଯ୍ୟରେ ବ୍ୟାପକ ମନ୍ଥରତାକୁ ପଦାରେ ପକାଇଛି। ବିଶେଷଜ୍ଞଙ୍କ କହିବା କଥା, ରାଜ୍ୟରେ କୌଣସି କାର୍ଯ୍ୟ ହେଉ ନଥିବା ନେଇ ଲୋକଙ୍କ ମଧ୍ୟରେ ଏକ ଧାରଣା ସୃଷ୍ଟି ହୋଇଛି। ଅନୁମୋଦନ ଅପେକ୍ଷାରେ ଅଧିକାରୀଙ୍କ ପାଖରେ ଦୀର୍ଘ ଦିନ ପର୍ଯ୍ୟନ୍ତ ଫାଇଲ୍ ପଡ଼ି ରହୁଛି।

ବନ୍ୟା ବିପନ୍ନଙ୍କ ଆକ୍ରୋଶକୁ ଡରିଗଲେ କି ବିଜେପି ରାଜ୍ୟ ସଭାପତି?

ଚାରିଟି ଗାଁ ବୁଲି ଫେରିଗଲେ; ବାକି ଗଞ୍ଜାମର ଦୁଃଖ ଦେଖିଲେନି !

ବ୍ରହ୍ମପୁର,୨।୧୧(ସମିସ): ବନ୍ୟା ବିପନ୍ନଙ୍କ ଆଖିରେ ଲୁହ, ଘରେ ପାଣି, ଜମିରେ ବାଲି ଓ ପଙ୍କ। ଜୀବନ ଜୀବିକା ଉଜୁଡ଼ି ଯାଇଛି। ସହାୟତା ଅପେକ୍ଷାରେ ହଜାର ହଜାର ପରିବାର। ଏଭଳି ସମୟରେ ଲୋକଙ୍କ ଦୁର୍ଦ୍ଦଶା ବୁଝିବା ଓ ସେମାନଙ୍କ ପାଖରେ ଠିଆ ହେବା ଜନପ୍ରତିନିଧି ଓ ରାଜନୈତିକ ନେତୃତ୍ୱର ପ୍ରଥମ ଦାୟିତ୍ୱ। ମାତ୍ର ଗଞ୍ଜାମ ଜିଲ୍ଲାର ବନ୍ୟାଞ୍ଚଳ ଗସ୍ତରେ ଆସି ନିର୍ଦ୍ଦିଷ୍ଟ କିଛି ଅଞ୍ଚଳ ବୁଲି ଫେରିଯିବା ଘଟଣା ଏବେ ରାଜନୈତିକ ମହଲରେ ଅସନ୍ତୋଷର କାରଣ ପାଲଟିଛି। ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଗଞ୍ଜାମ ଗସ୍ତକୁ ନେଇ ଏଭଳି ପ୍ରଶ୍ନ ଉଠିଛି। ରବିବାର ଶ୍ରୀ ସାମଲ ଛତ୍ରପୁର ଓ ଗଞ୍ଜାମ ବ୍ଲକ ଅନ୍ତର୍ଗତ କେତେକ ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ସମୀକ୍ଷା କରିଥିଲେ। ବରପଲ୍ଲୀ, ଭୁଆଁଭୂଇଁ, ପୋଟଲାମପୁର, ଗଙ୍ଗାପୁର ସମେତ ବିଭିନ୍ନ ଗ୍ରାମକୁ ଯାଇ ସ୍ଥାନୀୟ ଚାଷୀ ଓ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ବନ୍ୟା କ୍ଷୟକ୍ଷତି ସମ୍ପର୍କରେ ଅବଗତ ହୋଇଥିଲେ। ତେବେ ଏହି ଗସ୍ତକୁ ନେଇ ଏବେ ମୁଖ୍ୟ ପ୍ରଶ୍ନ ହେଉଛି, ଜିଲ୍ଲାର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଅଞ୍ଚଳକୁ ଯିବାରୁ ସେ କାହିଁକି ବିରତ ରହିଲେ? ବାତ୍ୟା ଓ ବନ୍ୟାରେ ପାତ୍ରପୁର, ଚିକିଟି, ହିଞ୍ଜିଳି,



ଶେରଗଡ଼, ଧରାକୋଟ, ସାନଖେମୁଣ୍ଡି, ଆସିକା, ଭଞ୍ଜନଗର ଓ ସୋରଡ଼ା ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅନେକ ଗ୍ରାମରେ ଘରଦ୍ୱାର, ଚାଷଜମି, ରାସ୍ତାଘାଟ ଓ ଯୋଗାଯୋଗ ବ୍ୟବସ୍ଥା ପ୍ରଭାବିତ ହୋଇଛି। ଲୋକେ ଏବେ ବି ବିପର୍ଯ୍ୟୟର ଦୁର୍ଦ୍ଦଶାରୁ ମୁକୁଳି ପାରିନାହାନ୍ତି। କ୍ଷତିର ଆକଳନ, ରିଲିଫ୍, କ୍ଷତିପୂରଣ ଓ ପୁନର୍ବାସକୁ ନେଇ ଅନେକ ସ୍ଥାନରେ ଅସନ୍ତୋଷ ରହିଛି। ସରକାରୀ ଅଧିକାରୀ ଓ ଶାସକ ଦଳର ନେତାମାନେ ଲୋକଙ୍କ ପ୍ରଶ୍ନର ସମ୍ମୁଖୀନ ହେଉଥିବା ଏବଂ କେତେକ ସ୍ଥାନରେ ଘେରାଉର ଓ ଆକ୍ରମଣର ଶିକାର ହେଉଥିବା ଘଟଣା ମଧ୍ୟ ସାମ୍ନାକୁ ଆସିଛି। ଏଭଳି ସ୍ଥିତିରେ ରାଜ୍ୟର ଶାସକ ଦଳର ସଭାପତି ଭାବେ ମନମୋହନ ସାମଲଙ୍କଠାରୁ ଜିଲ୍ଲାର ସମସ୍ତ ବିପନ୍ନ ଅଞ୍ଚଳ ପରିଦର୍ଶନ ଏବଂ ଲୋକଙ୍କ ଦୁଃଖ ଶୁଣିବା ଆଶା କରାଯାଉଥିଲା। କିନ୍ତୁ କେବଳ ଛତ୍ରପୁର ଓ ଗଞ୍ଜାମ ବ୍ଲକର କିଛି ଗ୍ରାମ ପରିଦର୍ଶନ କରି ଫେରିଯିବା ତାଙ୍କ ଗସ୍ତର ଉଦ୍ଦେଶ୍ୟ ଓ ଗୁରୁତ୍ୱକୁ ନେଇ ପ୍ରଶ୍ନ ଉଠାଇଛି। ଅତ୍ୟଧିକ କ୍ଷତିଗ୍ରସ୍ତ ଅଞ୍ଚଳକୁ ଯିବାକୁ ରାଜ୍ୟ ସଭାପତି ଭୟ କଲେ କି ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ହେଉଛି। ଅନ୍ୟପକ୍ଷରେ ବାତ୍ୟା ଓ ବନ୍ୟା ମୁକାବିଲାରେ ସରକାରୀ ପ୍ରସ୍ତୁତି, ରିଲିଫ୍ ବଣ୍ଟନ ଓ ପ୍ରଶାସନିକ ସମନ୍ୱୟକୁ ନେଇ ମଧ୍ୟ ଅସନ୍ତୋଷ ବଢ଼ୁଛି। ଲୋକେ ନିଜ ଦୁର୍ଦ୍ଦଶାର କଥା ଶୁଣାଇବାକୁ ଚାହୁଁଥିବା ବେଳେ ନେତାଙ୍କ ଗସ୍ତ ଯଦି କେବଳ ଔପଚାରିକତାରେ ସୀମିତ ରହେ, ତେବେ ତାହାର ଅର୍ଥ କ'ଣ ବୋଲି ପ୍ରଶ୍ନ ଉଠିଛି। ଗୋଟିଏ ଅଞ୍ଚଳ ବୁଲି ଫଟୋ ଉଠାଇବା ଓ ସ୍ଥିତି ସମୀକ୍ଷା କରିବା ଅପେକ୍ଷା ବିପନ୍ନଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟାର ସମାଧାନ ପାଇଁ ଚାପ ପକାଇବା ଅଧିକ ଜରୁରୀ। ଗଞ୍ଜାମବାସୀ ବିପଦରେ ଥିବା ବେଳେ ରାଜ୍ୟ ସଭାପତିଙ୍କ ଏହି ସୀମିତ ଗସ୍ତକୁ ବିଭିନ୍ନ ମହଲରେ ଦାୟିତ୍ୱ ହୀନତାର ପରିଚୟ ବୋଲି ସମାଲୋଚନା କରାଯାଇଛି।

ହାଇକୋର୍ଟରେ ଝାରସୁଗୁଡ଼ା ନିର୍ବାଚନୀ ମାମଲା

ହାଜର ହେଲେ ବ୍ୟାଙ୍କ ଶାଖା ପରିଚାଳକ

କଟକ,୨।୧୧(ସମିସ): ଝାରସୁଗୁଡ଼ା ନିର୍ବାଚନୀ ମାମଲାର ଶୁଣାଣି କରି ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସୁନ୍ଦରଗଡ଼ ଶାଖାର ଶାଖା ପରିଚାଳକଙ୍କୁ ହାଜର କରିବାକୁ ସୁନ୍ଦରଗଡ଼ ଏସ୍‌ପିଙ୍କୁ ହାଇକୋର୍ଟ ଦେଇଥିବା ନିର୍ଦ୍ଦେଶ ପାଳନ କରାଯାଇଛି। ପୂର୍ବ ନିର୍ଦ୍ଦେଶ ଅନୁସାରେ ସୁନ୍ଦରଗଡ଼ ପିଏନ୍‌ବି ବ୍ୟାଙ୍କ ଶାଖାର ଶାଖା ପ୍ରବନ୍ଧକ ଫ୍ରିଡା କୁଜୁରଙ୍କୁ କୋର୍ଟରେ ହାଜର କରାଇଥିଲେ ସୁନ୍ଦରଗଡ଼ ଥାନା ଆଇଆଇସି। ବ୍ୟାଙ୍କରେ ଅଗ୍ନିକାଣ୍ଡ ଘଟି କିଛି ରେକର୍ଡ ନଷ୍ଟ ହୋଇଯିବା ଏବଂ ଅନ୍ୟ ଏକ ଶାଖାକୁ ନୋଟିସ ଯିବା ନିର୍ଦ୍ଦେଶ ସମ୍ପର୍କରେ ଜାଣିପାରି ନ ଥିବା ନେଇ ସେ ସ୍ପଷ୍ଟୀକରଣ ଦେଇଥିଲେ, ଯାହାକୁ କୋର୍ଟ ଗ୍ରହଣ କରିବା ସହ ତାଙ୍କୁ ବ୍ୟକ୍ତିଗତ ହାଜିରାରୁ ହାଇକୋର୍ଟ ମୁକ୍ତ କରିଛନ୍ତି। ଦୀପାଳି ଦାସଙ୍କ ତରଫରୁ ଦାୟର ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶୀକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଏକ ମୋଟର ଗା? ରଣ ଖାତା ସମ୍ପର୍କିତ ନଥିପତ୍ରର ପ୍ରମାଣିକୃତ ନକଲ ଦାଖଲ କରିବାକୁ ପଞ୍ଜାବ ନ୍ୟସନାଲ ବ୍ୟାଙ୍କ ସୁନ୍ଦରଗଡ଼ ଶାଖାର ଶାଖା ପରିଚାଳକଙ୍କୁ ଗତ ଜୁଲାଇ ୩୧ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ପାଳନ ହୋଇନଥିବାରୁ ତାଙ୍କୁ ଅଦାଲତରେ ହାଜର କରାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିଭଳି ପ୍ରତିପକ୍ଷଙ୍କ ଆବେଦନକୁ ଗ୍ରହଣ କରି କୋର୍ଟ ମାମଲାରେ ନୂତନ ଭାବେ ତିନୋଟି ପ୍ରସଙ୍ଗ ଯୋଡ଼ିଛନ୍ତି। ଏଥିରେ ମୁଖ୍ୟତଃ ଦୁର୍ନୀତିମୂଳକ ଆଚରଣ ଅଭିଯୋଗ ଆଣୁଥିବା ସତ୍ୟପାଠଟି 'ଫର୍ମ-୨୫'ର ନିୟମ ଅନୁଯାୟୀ ତ୍ରୁଟିପୂର୍ଣ୍ଣ କି ନାହିଁ, ସେହି ତ୍ରୁଟି ସଂଶୋଧନ ଯୋଗ୍ୟ କି ଏବଂ ସମୟସୀମା ମଧ୍ୟରେ ସତ୍ୟପାଠ ଦାଖଲ ବାଧ୍ୟତାମୂଳକ କି ନାହିଁ ଆଦି ପ୍ରସଙ୍ଗ ଗୁଡ଼ିକୁ ପ୍ରାରମ୍ଭିକ ପ୍ରସଙ୍ଗ ଭାବେ ଗ୍ରହଣ କରାଯାଇ ପ୍ରଥମେ ଶୁଣାଣି କରାଯିବ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର୪କୁ ଧାର୍ଯ୍ୟ କରିଛନ୍ତି। ମାମଲାରୁ ପ୍ରକାଶ ଯେ ଝାରସୁଗୁଡ଼ା ଆସନରୁ ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀଙ୍କ ବିଧାୟକ ଭାବେ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ଏହି ମାମଲା ଦାୟର କରିଥିଲେ।

ଆଜିର ରାଶିଫଳ

ମେଷ: ଦିନଟି ମିଶ୍ରଫଳ ପ୍ରଦାନ କରିବେ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ବିଦେଶ ଭ୍ରମଣର ସୁଯୋଗ ମିଳିବ। ବନ୍ଧୁଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଆଇଟି କ୍ଷେତ୍ରରେ ନୂଆ ସୁଯୋଗ ମିଳିବ।

ବୃଷ: ପୈତୃକ ସମ୍ପତ୍ତିରେ ବିବାଦ ତୁଟିବ। ପ୍ରେମ ଜୀବନରେ ତିକ୍ତତା ଆସିବ। ବ୍ୟବସାୟ ଲାଗି ନୂଆ ଯୋଜନା କରିବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ।

ମିଥୁନ: ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଚାକିରିରୁ ନେଇ ଚିନ୍ତାରେ ରହିବେ। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

କର୍କଟ: ଜମି କିଣାବିକାକୁ ନେଇ ସମସ୍ୟା ଦେଖା ଦେବ। ବନ୍ଧୁ ସମସ୍ୟାରେ ପକାଇ ପାରନ୍ତି। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

ସିଂହ: ଦିନଟି ଚିନ୍ତାଜନକ ରହିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଅଫିସ୍ କାର୍ଯ୍ୟ ପ୍ରଭାବିତ ହେଲେ ବି ନୂତନ ଦାୟିତ୍ୱ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନିବେଶ ଲାଗି ଅନୁକୂଳ ସମୟ।

କନ୍ୟା: ବ୍ୟବସାୟରୁ ଲାଭ ମିଳିବ। ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ପାରିବାରିକ ସମସ୍ୟା ଦୂର ହେବ। ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦ ଦୂର ହେବ। ଅଫିସ୍‌ରେ ପଦୋନ୍ନତି ମିଳିବ।

ତୁଳା: ଦିନଟି ଶୁଭଫଳ ପ୍ରଦାନ କରିବ। ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ପରିବାର ଓ ସାଙ୍ଗସାଥୀଙ୍କ ସହଯୋଗ ମିଳିବ। ଭାବିଚିନ୍ତି କାମ କରିବେ।

ବିଛା: ଘରେ ମାଙ୍ଗଳିକ କାର୍ଯ୍ୟ କରିବେ। ନୂତନ ଚାକିରି ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ପରିବାର ସହିତ ସମୟ ଅତିବାହିତ କରିବେ।

ଧନୁ: ଦିନଟି ହସ ଖୁସିରେ ବିତିବ। ପାରିବାରିକ ଜୀବନ ସୁଖମୟ ହେବ। ଆୟର ନୂତନ ମାର୍ଗ ଉନ୍ମୁକ୍ତ ହେବ। ଚାକିରି ପାଇଁ ଦୂର ସ୍ଥାନକୁ ଯାତ୍ରା କରିବେ।

ମକର: କୌଣସି ଖୁସି ଖବର ମିଳିବ। ପରିବାର ସହ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଭାବିଚିନ୍ତି ନିବେଶ କରିବେ।

କୁମ୍ଭ: ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। କୌଣସି ନୂଆ ବ୍ୟବସାୟ ଆରମ୍ଭ କରିବେ।

ମୀନ: ଦୂର ସ୍ଥାନକୁ ଯାତ୍ରା କରିବେ। ବ୍ୟବସାୟରେ ନୂଆ ନିବେଶ କରିବେ। ଜମିବାଡ଼ି କାର୍ଯ୍ୟରେ ସମସ୍ୟା ଆସିବ। ପ୍ରେମ ଜୀବନରେ ବାଧା ଆସିପାରେ।

ଆଜିର ଇତିହାସ

- ୧୮୩୮ - ଭାରତର ଅନ୍ୟତମ ପ୍ରସିଦ୍ଧ ଓ ପ୍ରତିଷ୍ଠିତ ଇଂରାଜୀ ଦୈନିକ ସମ୍ବାଦପତ୍ର 'ଦ ଟାଇମ୍ସ ଅଫ୍ ଇଣ୍ଡିଆ'ର ପ୍ରତିଷ୍ଠା।
- ୧୯୪୮ - ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ମିଳିତ ଜାତିସଂଘରେ ତାଙ୍କ ପ୍ରଥମ ଅଭିଭାଷଣ ରଖିଲେ।
- ୧୯୫୭ - ସୋଭିଏତ୍ ସଂଘ 'ଲାଇକା' ନାମକ କୁକୁରକୁ ମହାକାଶକୁ ପଠାଇଲା।
- ୧୯୮୪ - ଭାରତରେ ଶିଖ୍ ବିରୋଧୀ ଦଙ୍ଗା ସମୟରେ ସେନା ମୁତୟନ କରାଯାଇଥିଲା।

ଭିନ୍ନ ଏକ ଗାଁ
ବହି ପଢ଼ିଲେ ମିଳୁଛି ଟଙ୍କା, ପ୍ଲାଷ୍ଟିକ୍ ବଦଳରେ ଚିନି



ପଞ୍ଜାବର ମୋଗା ଜିଲ୍ଲାରେ ଅବସ୍ଥିତ ରନସିଂହ କଲାଁ ଗ୍ରାମ ଆଜି ସମଗ୍ର ଦେଶ ପାଇଁ ଏକ ଆଦର୍ଶ ଗାଁ ପାଲଟିଛି। ଆଜିର ଡିଜିଟାଲ ଯୁଗରେ ଯେଉଁଠି ପିଲାଠୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ମୋବାଇଲ୍ ସ୍କ୍ରିନ୍‌ରେ ବ୍ୟସ୍ତ, ସେଭଳି ସମୟରେ ଏହି ଗାଁ ଶିକ୍ଷା ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ସାଧାରଣତଃ ଲୋକେ ଚାକିରି ବା ପରୀକ୍ଷା ପାଇଁ ବହି ପଢ଼ିଥାନ୍ତି, କିନ୍ତୁ ଏହି ଗାଁରେ ଜ୍ଞାନ ଆହରଣକୁ ଏକ ଜୀବନବ୍ୟାପି ପ୍ରକ୍ରିୟା ଭାବେ ଗ୍ରହଣ କରାଯାଇଛି। ଲୋକଙ୍କ ମଧ୍ୟରେ ପଠନ ଅଭ୍ୟାସ ବଢ଼ାଇବା ପାଇଁ ବହି ପଢୁଥିବା ବ୍ୟକ୍ତିଙ୍କୁ ଗାଁ ତରଫରୁ ଟଙ୍କା ଦେଇ ପ୍ରୋତ୍ସାହିତ କରାଯାଉଛି। ଏହା ଯୁବପିଢ଼ିଙ୍କୁ ମୋବାଇଲ୍ ନିଶାରୁ ଦୂରେଇ ରଖିବାରେ ସାହାଯ୍ୟ କରୁଛି। ଗ୍ରାମବାସୀଙ୍କ ସୁବିଧା ପାଇଁ ଗାଁରେ ଏକ ସ୍ୱତନ୍ତ୍ର ଲାଇବ୍ରେରୀ ସ୍ଥାପନା କରାଯାଇଛି। ଏଠାରେ ୧,୦୦୦ରୁ ଅଧିକ ବିଭିନ୍ନ ବିଷୟର ବହି ରହିଛି। ପାଠାଗାରକୁ ଆସି ଗ୍ରାମର ପିଲା, ଯୁବକ ଓ ବୟସ୍କ ବ୍ୟକ୍ତିମାନେ ନିଜ ପସନ୍ଦର ବହି ପଢ଼ି ନିଜ ଜ୍ଞାନର ପରିସୀମାକୁ ବୃଦ୍ଧି କରିପାରୁଛନ୍ତି। ଏଠାରେ ଲୋକମାନେ କେବଳ ବହି ପଢୁନାହାନ୍ତି, ବରଂ ସେଥିରୁ କ'ଣ ଶିଖୁଛନ୍ତି ତାହାର ମଧ୍ୟ ଆକଳନ କରାଯାଉଛି। ଏଥିପାଇଁ ପ୍ରତି ବର୍ଷ ଶେଷରେ ଲିଖିତ ଏବଂ ମୌଖିକ ପରୀକ୍ଷା ଆୟୋଜନ କରାଯାଏ। ଯେଉଁମାନେ ଏହି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି ବା ଭଲ ପ୍ରଦର୍ଶନ କରନ୍ତି, ସେମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥାଏ। କେବଳ ବହି ପଢ଼ିବା ନୁହେଁ, ଏହି ଗାଁ ନିଜର ଅନ୍ୟ ପରିବେଶ ଅନୁକୂଳ କାର୍ଯ୍ୟ ପାଇଁ ମଧ୍ୟ ବେଶ୍ ଚର୍ଚ୍ଚିତ। ଗାଁକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ 'ପ୍ଲାଷ୍ଟିକ୍ ଦିଅ, ଚିନି ନିଅ' ଅଭିଯାନ ଆରମ୍ଭ କରାଯାଇଛି। ଲୋକମାନେ ରାସ୍ତାଘାଟରୁ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ସଂଗ୍ରହ କରି ଜମା କଲେ, ସେମାନଙ୍କୁ ତାହା ବଦଳରେ ଘରୋଇ ବ୍ୟବହାର ପାଇଁ ଚିନି ଦିଆଯାଏ। ଗାଁରେ ଗଛ ଲଗାଇବା ଏବଂ ସେଗୁଡ଼ିକର ସଠିକ୍ ଯତ୍ନ ନେଉଥିବା ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଏ। ଏହି ଛୋଟ ଗ୍ରାମର ଏଭଳି ସାମୂହିକ ପ୍ରୟାସ ଓ ପ୍ରଶଂସନୀୟ ଚିନ୍ତାଧାରା ଆଜି ସାରା ଦେଶ ପାଇଁ ଏକ ପ୍ରେରଣା ପାଲଟିଛି।

'ଖଳନାୟକ ରିଟର୍ଣ୍ଣସ୍'ରେ ସଲମାନ୍



ବଲିଉଡ୍ ଅଭିନେତା ସଞ୍ଜୟ ଦତ୍ତଙ୍କ ଆଗାମୀ ସିନେମା 'ଖଳନାୟକ ରିଟର୍ଣ୍ଣସ୍'ରେ ଦବଙ୍ଗ ଖାନ୍ ସଲମାନ୍‌ଙ୍କ ଏଣ୍ଟ୍ରିକୁ ନେଇ ଏବେ ଜୋରଦାର ଚର୍ଚ୍ଚା ହେଉଛି। ୧୯୯୩ ମସିହାର ସୁପରହିଟ୍ କଲ୍ଟ କ୍ଲାସିକ୍ 'ଖଳନାୟକ'ର ସିକ୍ୱେଲ ଆସିବା କଥା ଘୋଷଣା ହେବା ପରଠାରୁ ଏହାକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ଖବର ଅନୁଯାୟୀ, ଚଳଚ୍ଚିତ୍ରର ଲେଖକ ତଥା କ୍ରିଏଟିଭ୍ କନସଲଟାଣ୍ଟ ସୁଭାଷ ଘାଇ ଏହି ଚଳଚ୍ଚିତ୍ରରେ ଜଣେ ଦବଙ୍ଗ ପୋଲିସ ଅଫିସର ଭୂମିକା ପାଇଁ ସଲମାନଙ୍କ ନାମ ବିଚାର କରୁଛନ୍ତି। ଯଦି ସଲମାନ ଏହି ରୋଲ୍ ପାଇଁ ରାଜି ହୁଅନ୍ତି, ତେବେ ପରଦାରେ 'ଚୁଲବୁଲ ପାଣ୍ଡେ' କିମ୍ବା ସେହିଭଳି ଏକ ଆଇକନିକ୍ ପୋଲିସ ଅଫିସର ଭୂମିକାରେ ସେ ନଜର ଆସିବେ। 'ଖଳନାୟକ'ର ନିର୍ଦ୍ଦେଶକ ସୁଭାଷ ଘାଇ ଏଥର ନିର୍ଦ୍ଦେଶନା ଦେବେ ନାହିଁ ବୋଲି ପ୍ରଥମରୁ ହିଁ ସ୍ପଷ୍ଟ କରି ଦେଇଛନ୍ତି। ସେ କେବଳ କ୍ରିଏଟିଭ୍ ପ୍ରଡ୍ୟୁସର ଭାବେ ଏହି ପ୍ରୋଜେକ୍ଟ ସହ ଜଡ଼ିତ ରହିବେ। ସଞ୍ଜୟ ନିଜେ ଏହି ସିନେମାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ସେ ପ୍ରଥମେ ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀଙ୍କ ସହ ବୈଠକ କରିଥିଲେ। ମାତ୍ର ସନ୍ତୋଷୀ ଅନ୍ୟ ପ୍ରୋଜେକ୍ଟରେ ବ୍ୟସ୍ତ ଥିବାରୁ ଏହାର ଦାୟିତ୍ୱ ନେଇପାରି ନାହାନ୍ତି। ବର୍ତ୍ତମାନ ବଲିଉଡ୍‌ର କିଛି ଆଗଧାଡ଼ିର ଆକ୍ସନ-ଡ୍ରାମା ନିର୍ଦ୍ଦେଶକମାନଙ୍କ ସହ କଥାବାର୍ତ୍ତା ଚାଲିଛି, ଯେଉଁମାନେ ଏହି କଲ୍ଟ ଚଳଚ୍ଚିତ୍ରକୁ ଆଧୁନିକ ଶୈଳୀରେ ବଡ଼ ପରଦାକୁ ଆଣିବେ। ମୂଳ ସିନେମାରେ ଇନ୍ସପେକ୍ଟର ରାମ ଭୂମିକାରେ ଜ୍ୟାକି ଶ୍ରଫ୍ ଏବଂ 'ଗଙ୍ଗା' ଭୂମିକାରେ ମାଧୁରୀ ଦୀକ୍ଷିତ ଥିଲେ। ଜ୍ୟାକି ଶ୍ରଫ୍ ଏହି ଚଳଚ୍ଚିତ୍ରର କାହାଣୀରେ କୌଣସି ନା କୌଣସି ରୂପରେ ଜଡ଼ିତ ରହିବେ। ଫିଲ୍ମର ମୁଖ୍ୟ କାହାଣୀ ସଞ୍ଜୟ ଏବଂ ସଲମାନଙ୍କ ଚାରିପାଖରେ ଘୂରି ବୁଲିବ, କିନ୍ତୁ ଆଜିର ପିଢ଼ିର ଦର୍ଶକଙ୍କୁ ଆକର୍ଷିତ କରିବା ପାଇଁ ଜଣେ ନୂଆପିଢ଼ିର କଳାକାରଙ୍କୁ ଚଳଚ୍ଚିତ୍ରରେ ସାମିଲ କରାଯିବ।

ଗୁରୁଙ୍କୁ ଉପହାରରେ ପରିବା

ପ୍ରାଚୀନ ଚୀନ୍‌ର ଛାତ୍ରମାନେ ନିଜ ଗୁରୁ ବା ଶିକ୍ଷକମାନଙ୍କୁ ସମ୍ମାନ ଜଣାଇବା ପାଇଁ କୌଣସି ଦାମୀ ଉପହାର ନୁହେଁ, ବରଂ ନିଜେ ସଂଗ୍ରହ କରିଥିବା ସ୍ୱତନ୍ତ୍ର 'ଜଙ୍ଗଲୀ ପରିବା' ଭେଟି ଦେଉଥିଲେ। ଆଜିର ସମୟରେ ଶିକ୍ଷକ ଦିବସରେ ଗୁରୁଙ୍କୁ ଫୁଲ, କାର୍ଡ କିମ୍ବା ମିଠା ଦେବାର ଚଳଣି ଥିବାବେଳେ, ହଜାର ହଜାର ବର୍ଷ ତଳେ ଚୀନ୍‌ର 'ଝୋଉ ରାଜବଂଶ' ସମୟରେ ଏହି ନିଆରା ପରମ୍ପରା ପ୍ରଚଳିତ ଥିଲା, ଯାହା ଶିକ୍ଷା ପ୍ରତି ଉତ୍ସର୍ଗୀକୃତ ମନୋଭାବକୁ ଦର୍ଶାଉଥିଲା। ସେହି ସମୟରେ ବିଦ୍ୟାଳୟର ପ୍ରଥମ ଦିନରେ ଏକ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଉଥିଲା। ସବୁ ଛାତ୍ର ନୀଳ ରଙ୍ଗର ପୋଷାକ ପିନ୍ଧି ବିଦ୍ୟାଳୟକୁ ଆସୁଥିଲେ ଏବଂ ନିଜ ସହିତ ଜଙ୍ଗଲରୁ ଆଣିଥିବା କିଛି ନିର୍ଦ୍ଦିଷ୍ଟ ପରିବା ବା ଗଛକୁ ଗୁରୁଙ୍କୁ ଉପହାର ସ୍ୱରୂପ ପ୍ରଦାନ କରୁଥିଲେ। ଛାତ୍ରମାନେ ଗୁରୁଙ୍କୁ ଯେକୌଣସି ପରିବା ଦେଇପାରୁ ନ ଥିଲେ। ଏଥିପାଇଁ ମୁଖ୍ୟତଃ ଦୁଇଟି ସୁଗନ୍ଧିତ ଗଛ ବା ପରିବା ଚୟନ କରାଯାଉଥିଲା। ପ୍ରଥମଟି ୱାଟର ସେଲେରୀ (ଏହା ପାଣି କୂଳରେ ଉଠୁଥିବା ଏକ ସୁଗନ୍ଧିତ ଜଙ୍ଗଲୀ ଉଦ୍ଭିଦ) ଓ ହ୍ୱାଇଟ୍ ୱର୍ମଉଡ୍ (ଏହା ନିଜର ପ୍ରାକୃତିକ ସୁବାସ ପାଇଁ ବେଶ୍ ଜଣାଶୁଣା)। ସେହି ସମୟରେ ଏହି ଦୁଇଟି ଗଛକୁ ପବିତ୍ରତା, ନିର୍ମଳ ମନ ଏବଂ ସୁଗନ୍ଧର ପ୍ରତୀକ ବୋଲି ଧରାଯାଉଥିଲା। ଏହାକୁ ଗୁରୁଙ୍କୁ ଦେବାର ଅର୍ଥ ଥିଲା ଯେ, ଛାତ୍ର ଜଣକ ଏକ ସ୍ୱଚ୍ଛ ମନ ଏବଂ ଉତ୍ତମ ଚିନ୍ତାଧାରା ନେଇ ଶିକ୍ଷା ଗ୍ରହଣ କରିବାକୁ ଆସିଛନ୍ତି। ପରିବା ଭେଟି ଦେବା ପରେ ମଧ୍ୟ ଉତ୍ସବ ଶେଷ ହେଉ ନ ଥିଲା। ଛାତ୍ରମାନେ ଗୁରୁଙ୍କ ଚରଣ ସ୍ପର୍ଶ କରି ପ୍ରଣାମ କରୁଥିଲେ ଏବଂ ପ୍ରାଚୀନ ବିଦ୍ୱାନମାନଙ୍କ ସ୍ମୃତି ଚିହ୍ନ ଆଗରେ ମଥା ନତ କରୁଥିଲେ। ଏହାପରେ ସମସ୍ତ ଛାତ୍ର ମିଶି ଏକ ସାମୂହିକ ନୃତ୍ୟ ପରିବେଷଣ କରୁଥିଲେ, ଯାହା ଶିକ୍ଷା ପ୍ରତି ସେମାନଙ୍କର ଆନନ୍ଦ ଓ ନିଷ୍ଠାକୁ ପ୍ରକଟ କରୁଥିଲା।





ଲାଲ ଆଖୁ ଚାଷ

ଦେଶର ଅନେକ ସ୍ଥାନରେ ବହୁଳ ଭାବେ ଆଖୁ ଚାଷ କରାଯାଏ। ଏବେ ଲୋକଙ୍କ ଦୃଷ୍ଟିଆକର୍ଷଣ କରିଛି ଲାଲ୍ ଆଖୁ। ଏହା ଏକ ଲାଭଜନକ ବ୍ୟବସାୟିକ ଫସଲ ଭାବେ ଲୋକପ୍ରିୟ। ଏହାର ରଙ୍ଗ ଲାଲ୍ ଓ ବାଇଗଣୀ ହୋଇଥିବା ବେଳେ ଏହାର ରସ ପ୍ରଚୁର ମିଠା। ବଜାରରେ ଏହାର ଚାହିଦା ସାଧାରଣ ଆଖୁ ଠାରୁ ଅଧିକ। ତେଣୁ ଚାଷୀ ଲାଲ୍ ଆଖୁରୁ ଅଧିକ ଆୟ କରିବା ଆଶା ରଖୁଛନ୍ତି।




ନାଲି ଆଖୁ ଚାଷ ଲାଗି ଜମିରେ ପାଣି ଯେମିତି ଜମୁ ନ ଥିବ, ତା'ଉପରେ ବିଶେଷ ଧ୍ୟାନ ଦେବା ଆବଶ୍ୟକ। ମାଟି ଉର୍ବର ହେବା ସହ ଜଳ ନିଷ୍କାସନ ହୋଇପାରୁଥିବା ଆବଶ୍ୟକ। ତେବେ ଆଖୁ ଚାଷ ପାଇଁ ନିଗିଡ଼ା ଦୋରସା କିମ୍ବା ମଟାଳ ମାଟି ଉତ୍ତମ। ସେହିପରି ରୋଗ ମୁକ୍ତ ଆଖୁ ଖଣ୍ଡ ବୁଣିବା ଉଚିତ। ଏହାସହିତ ଜୈବିକ ଖତ ଓ ସଢ଼ା ଗୋବର ପକାଇଲେ ମାଟିର ଗୁଣବତ୍ତା ବଢ଼ିଥାଏ। ଆଖୁ ଫସଲ ଲାଗି ପାଣିର ଆବଶ୍ୟକତା ଅଧିକ ଥାଏ। ହେଲେ ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ପାଣି ଜମି ରହିଲେ ଗଛକୁ କ୍ଷତି ପହଞ୍ଚେ। ତେଣୁ ଆବଶ୍ୟକତା ଅନୁସାରେ, ଜଳସେଚନ ଏବଂ ଜମିରୁ ଜଳ ନିଷ୍କାସନର ଉଚିତ ବ୍ୟବସ୍ଥା କରିବା ଆବଶ୍ୟକ। ଅକ୍ଟୋବରରୁ ନଭେମ୍ବର ଏବଂ ଫେବୃଆରୀରୁ ମାର୍ଚ୍ଚ ମଧ୍ୟରେ ଆଖୁ ଲଗାଇବା ପାଇଁ ଉପଯୁକ୍ତ ସମୟ।

ଆଖୁକୁ ମୁଖ୍ୟତଃ ନାଳି ପ୍ରଣାଳି ଏବଂ ରିଙ୍ଗ ପିଟ୍ ପଦ୍ଧତିରେ ଲଗାଯାଏ। ଗଛ ଯେପରି ଭଲଭାବେ ବଢ଼ିବ, ସେଥିପାଇଁ ଖତ ଓ ପୋଷକ ତତ୍ତ୍ୱ ସନ୍ତୁଳିତ ମାତ୍ରାରେ ବ୍ୟବହାର କରିବା ଦରକାର। ନାଇଟ୍ରୋଜେନ, ଫସଫରସ, ପଟାସ ଭଳି ପୋଷକ ତତ୍ତ୍ୱ ଫସଲ ବୃଦ୍ଧିରେ ସାହାଯ୍ୟ କରେ। ସେହିପରି ମଝିରେ ମଝିରେ ଚାଷୀଙ୍କୁ ଜମିରୁ ଅନାବନା ଘାସ ହଟାଇବା ଉପରେ ଗୁରୁତ୍ୱ ଦେବା ଜରୁରି। ଯେମିତି ଗଛକୁ ପାଣି ଏବଂ ପୋଷକ ତତ୍ତ୍ୱ ପର୍ଯ୍ୟାପ୍ତ ପରିମାଣରେ ମିଳିପାରିବ।

ଲାଲ୍ ଆଖୁର ବଡ଼ ବିଶେଷତ୍ୱ ହେଉଛି ଏହାର ରଙ୍ଗ ଓ ସ୍ୱାଦ। ତେଣୁ ବଜାରରେ ସାଧାରଣ ଆଖୁ ତୁଳନାରେ ଏହାର ଚାହିଦା ଅଧିକ ରହିଛି। ଚାଷୀଙ୍କୁ ଲାଲ ଆଖକୁ ପ୍ରଥମେ ଛୋଟ ସ୍ତରରେ ଚାଷ କରି ଉତ୍ପାଦନ ଓ ଏହାର ବଜାର ସ୍ଥିତିକୁ ବୁଝିବା ଦରକାର। ଅନ୍ୟପଟେ ଠିକ୍ କିସମ ଚୟନ, ସଠିକ ସମୟରେ ଜଳସେଚନ, ଖତ ଓ ରୋଗପୋକରୁ ସୁରକ୍ଷିତ ରଖିବା ଉପରେ ଧ୍ୟାନ ଦେଲେ ଚାଷୀ ଭାଇ ଲାଲ ଆଖିରୁ ଭଲ ଉତ୍ପାଦନ ପାଇପାରିବେ।

ଗୁଆ ବ୍ୟବସାୟରେ ଏଆଇ



ଏଗ୍ରି ଟେକ୍ ଷ୍ଟାର୍ଟଅପ୍ ଆଗ୍ରୋଗ୍ରେଡ ଗୁଆ ଗ୍ରେଡିଂ, ସର୍ଟିଂ ପାଇଁ 'ଅପ୍ଟିକାଲ ସର୍ଟିଂ ସିଷ୍ଟମ' ଲଞ୍ଚ୍ କରିଛି। ଏହା ଦେଶର ପ୍ରଥମ ଏଆଇ ଆଧାରିତ ମେସିନ। ଏହି ମେସିନ ଏକ ଘଣ୍ଟାରେ ପ୍ରାୟ ଏକ ଟନ୍ ଗୁଆ ବାଛିପାରିବ। ଏହା ସାହାଯ୍ୟରେ ଖରାପ ଗୁଆକୁ ଚିହ୍ନଟ କରିବା, ଗୁଆର ଗୁଣବତ୍ତା ଯାଞ୍ଚ କରିବା ଏବଂ ଗୁଆ ବାଛିବା ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି।

୮୯ % ସଠିକତା ସହ କାମ କରୁଛି: ଏହାର ପ୍ରଥମ ବାଣିଜ୍ୟିକ ମେସିନ୍ କର୍ଣ୍ଣାଟକର ମାଙ୍ଗାଲୋରର ବିକାଶ ଟ୍ରେଡର୍ସରେ ସ୍ଥାପିତ ହୋଇଛି। ସାଧାରଣ ମେସିନ ତୁଳନାରେ ଏହି ମେସିନ କମ୍ପ୍ୟୁଟର ଭିଜନ, ଏଆଇ ଟେକ୍ନିକର ବ୍ୟବହାର କରି ପ୍ରତ୍ୟେକ ଗୁଆକୁ ଠିକ୍ ଭାବେ ଯାଞ୍ଚ କରିଥାଏ। ସେହିପରି ବାହାର ରଙ୍ଗ ଦେଖି ଖରାପ ଗୁଆ ଜାଣି ହେଉ ନ ଥିବା ବେଳେ ଏହା ମାଧ୍ୟମରେ ଖରାପ ଗୁଆକୁ ଚିହ୍ନଟ କରିବା ସହଜ ହେଉଛି। ପ୍ରଥମେ ୭୫ ପ୍ରତିଶତ ସଠିକତା ସହିତ କାମ କରୁଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ଅପଗ୍ରେଡ୍ କରାଯିବାରୁ ଏହା ଏବେ ୮୯ ପ୍ରତିଶତ ସଠିକତାର ସହ କାର୍ଯ୍ୟ କରୁଛି। ସେହିପରି ମେସିନ ତିଆରିକୁ ୫ ମାସ ଲାଗିଥିଲା।


ଭେକ୍ଟର ଟେକ୍ନିକ୍ ଉପରେ କାମ କରେ: ଗୁଆର ଆକାର, ରଙ୍ଗ ଓ ଗୁଆ ଭିତରର ଗୁଣବତ୍ତାକୁ ଆଧାର କରି ଏହି ମେସିନ ସ୍ୱୟଂଚାଳିତ ଭାବେ ଗୁଆକୁ ବିଭିନ୍ନ ଗ୍ରେଡ୍‌ରେ ବିଭକ୍ତ କରେ। ଏହି ମେସିନ ଭେକ୍ଟର ଟେକ୍ନିକ୍ ଉପରେ କାମ କରେ ଏବଂ ଗୁଆର ୧୦-୨୦ଟି ଫଟୋ ଉତ୍ତୋଳନ କରିଥାଏ। ମେସିନର ଏଆଇ ମଡେଲ କିଛି ମିଲିସେକେଣ୍ଡ ମଧ୍ୟରେ ଏହି ଫଟୋର ଯାଞ୍ଚ କରି ଖରାପ ଗୁଆକୁ ଅଲଗା କରି ଦେଇଥାଏ। ଅବଶ୍ୟ ଏହି ଟେକ୍ନିକୁ ଲକ୍ଷାଧିକ ଗୁଆର ଫଟୋ ମାଧ୍ୟମରେ ପ୍ରଶିକ୍ଷିତ କରାଯାଇଛି। ଏହାସହ ଏହି ସିଷ୍ଟମ ଏନ୍‌ଭିଡିଆର ଉଚ୍ଚ କ୍ଷମତା ଯୁକ୍ତ କମ୍ପ୍ୟୁଟର ସିଷ୍ଟମ ଦ୍ୱାରା ପରିଚାଳିତ।

ଶ୍ରମ ସଞ୍ଚୟ: ଅନ୍ୟପଟେ ଏହି ମେସିନ ଶ୍ରମ ଓ ଶ୍ରମିକ ସଞ୍ଚୟ କରିବ। କାରଣ ପାରମ୍ପରିକ ଭାବେ ହାତରେ ଗୁଆ ବାଛିବା ଅଧିକ ଶ୍ରମିକ ଓ ସମୟ ଲାଗୁଥିବା ବେଳେ ଏହି ମେସିନ କମ୍ ସମୟ ମଧ୍ୟରେ ଏହି କାମକୁ ସହଜ କରିବ। ବିଶେଷକରି ଗୋଦାମଘରେ କମ୍ ସମୟରେ ଅଧିକ କାମ କରିବାକୁ ସକ୍ଷମ। କେବଳ ସେତିକି ନୁହେଁ, ଏଆଇ ଦ୍ୱାରା ପ୍ରସ୍ତୁତ ଗ୍ରେଡିଂ ଯୋଗୁଁ ଚାଷୀ ଓ ବ୍ୟବସାୟୀ ବଜାରରେ ସଠିକ ମୂଲ୍ୟ ପାଇପାରୁଛନ୍ତି।

ଶୀତଦିନେ ମନ୍ଦାର ଗଛ ବଢୁ ନ ଥିଲେ...

ଖରା ଓ ବର୍ଷା ଦିନେ ମନ୍ଦାର ଗଛ ଭଲ ବଢ଼ିଥାଏ। ତେବେ ଶୀତ ଯେମିତି ପାଖେଇ ଆସେ ମନ୍ଦାର ଗଛର ପତ୍ର ଝଡ଼ିବା ଏବଂ ଫୁଲ୍ କମ୍ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା। କାରଣ ଏହି ସମୟରେ ଗଛ ସୁପ୍ତ ଅବସ୍ଥାକୁ ଚାଲିଯାଏ। ହେଲେ ଋତୁରେ ଆସୁଥିବା ପରିବର୍ତ୍ତନ ଏହାର କାରଣ ହୋଇପାରେ। ଶୀତ ଦିନେ ମାଟିର ପାଣି ଶୀଘ୍ର ଶୁଖି ନ ଥାଏ। ତେଣୁ ମୂଳ ପଚିବା ଆଶଙ୍କା ବଢ଼ିଥାଏ। ପାଣି ଦେବା ପୂର୍ବରୁ ମାଟିର ଉପର ପରସ୍ତ ଯାଞ୍ଚ କରିବା ଉଚିତ। କୁଣ୍ଡରୁ ପାଣି ନିଷ୍କାସନ ପାଇଁ ତଳୁ ଛେଦ ରହିବା ଜରୁରି। ମନ୍ଦାର ଗଛକୁ ଏଭଳି ସ୍ଥାନରେ ରଖନ୍ତୁ ଯେମିତି ଏହାକୁ ୫-୬ ଘଣ୍ଟା ସୂର୍ଯ୍ୟକିରଣ ମିଳୁଥିବ। ସେହିପରି ମନ୍ଦାର ଗଛ କୁଣ୍ଡରେ ଥିବାମାଟିର ଉପରି ଭାଗରେ ଶୁଖିଲା ପତ୍ର ବିଛାଇବା ଭଲ। ଏହାକୁ ମଲଚିଂ କୁହାଯାଏ। ଏହା ମାଟିରେ ଆର୍ଦ୍ରତା ବଜାୟ ରଖିବା ଏବଂ ତାପମାତ୍ରାରେ ଆସୁଥିବା ଅଚାନକ ପରିବର୍ତ୍ତନକୁ କିଛି ମାତ୍ରାରେ କମ୍ କରିବାରେ ସାହାଯ୍ୟ କରେ। ମନ୍ଦାର ଗଛ କମ୍ ବଢୁଥିଲେ ଆବଶ୍ୟକତାରୁ ଅଧିକ ଖତ ମୂଳକୁ କ୍ଷତି ପହଞ୍ଚାଇପାରେ। ଏହି ଋତୁରେ ଖତର ବ୍ୟବହାର ଗଛର ଅବସ୍ଥା, ମାଟି ଓ ସ୍ଥାନୀୟ ତାପମାତ୍ରାକୁ ଦେଖି କରିବା ଉଚିତ। ଶୀତଦିନେ ମନ୍ଦାର ଗଛକୁ ଧଳା ପୋକରୁ ରକ୍ଷା କରିବା ପାଇଁ ୧୫ ଦିନରେ ଥରେ ନିମ୍ବ ତେଲକୁ ପାଣିରେ ମିଶାଇ ସ୍ପ୍ରେ କରିବା ଭଲ।

ହ୍ୱାଇଟ୍ ଲେଗହର୍ଣ୍ଣ



ସବୁଠୁ ଲାଭଜନକ କୁକୁଡ଼ା ପ୍ରଜାତି ହେଉଛି ହ୍ୱାଇଟ୍ ଲେଗହର୍ଣ୍ଣ। ଏହି କୁକୁଡ଼ା ସବୁଠୁ ଅଧିକ ଅଣ୍ଡା ଦେଉଥିବାରୁ ଏହା ବିଶ୍ୱରେ ଖୁବ୍ ଲୋକପ୍ରିୟ। ତେବେ ବ୍ୟବସାୟିକ ଭିତ୍ତିରେ ଅଣ୍ଡା ଉତ୍ପାଦନ ଲାଗି ଏହାକୁ ବହୁଳ ଭାବେ ପାଳନ କରାଯାଏ। ଏହି ପ୍ରଜାତିର କୁକୁଡ଼ା ଆକାରରେ ଛୋଟ ହୋଇଥିଲେ ହେଁ ଏହାର ଅଣ୍ଡାର ରଙ୍ଗ ସମ୍ପୂର୍ଣ୍ଣ ଧଳା ଓ ଆକାରରେ ବଡ଼। ଏହି ପ୍ରଜାତି କୁକୁଡ଼ା ପ୍ରାୟ ୫ ମାସରୁ ଅଣ୍ଡା ଦେବା ଆରମ୍ଭ କରନ୍ତି। ଗୋଟିଏ ହ୍ୱାଇଟ୍ ଲେଗହର୍ଣ୍ଣ କୁକୁଡ଼ା ବର୍ଷକୁ ୩୦୦ରୁ ଅଧିକ ଅଣ୍ଡା ଦେଇଥାଏ। ସେହିପରି ଅନ୍ୟ କୁକୁଡ଼ା ତୁଳନାରେ ଏମାନେ କମ୍ ଖାଦ୍ୟ ଖାଆନ୍ତି। ଏହା ସତ୍ତ୍ୱେ ବି ଅଧିକ ଅଣ୍ଡା ଦିଅନ୍ତି। ଏହା ହିଁ ଚାଷୀଙ୍କ ପାଇଁ ଲାଭଦାୟକ ହୋଇଥାଏ।

ତେବେ ଖାଦ୍ୟରେ ସେମାନଙ୍କର କ୍ୟାଲସିୟମ ଓ ଖଣିଜ ଲବଣ ମାତ୍ରା ଠିକ୍ ରହିଲେ ଅଣ୍ଡା ଚୋପା ଶକ୍ତ ହୋଇଥାଏ। କୁକୁଡ଼ାଙ୍କୁ ପରିଷ୍କାର ଓ ଶୁଦ୍ଧ ପାନୀୟ ଜଳ ପ୍ରଦାନ କରିବା ଉଚିତ। ଏହି କୁକୁଡ଼ାର ଓଜନ ପାଖାପାଖି ୧.୫ରୁ ୨.୦ କିଲୋଗ୍ରାମ ହୋଇଥିବା ବେଳେ ଖୁବ୍ ଚଳଚଞ୍ଚଳ ହୋଇଥାନ୍ତି। ଅନ୍ୟପଟେ ଏହି କୁକୁଡ଼ା ମାଂସ ତୁଳନାରେ ଅଧିକ ଅଣ୍ଡା ଉତ୍ପାଦନ ପାଇଁ ଉପଯୁକ୍ତ। ବଜାରରେ ଧଳା ଅଣ୍ଡାର ଚାହିଦା ଅଧିକ ଥିବାରୁ ଏହି କୁକୁଡ଼ା ପ୍ରଜାତିରୁ ଚାଷୀ ନିତିଦିନ ଭଲ ଆୟ କରିପାରିବେ।

କୃଷି ପାଣିପାଗ

ଚଳିତ ସପ୍ତାହର କୃଷି ପାଣିପାଗକୁ ନେଇ କେତେକ କୃଷିଭିତ୍ତିକ ପରାମର୍ଶ ନିମ୍ନରେ ଦିଆଗଲା।

- ଧାନ ଜମି, ପନିପରିବା କ୍ଷେତ ଓ ତଳି ଘେରାରୁ ଅତିରିକ୍ତ ବର୍ଷାଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ।
- ବର୍ଷା ଜଳ ନିଷ୍କାସିତ ହେବା ପରେ ଯଦି ଧାନ ଫସଲ ପଡ଼ି ଯାଇଥାଏ, ତେବେ କେଣ୍ଡା ଗୁଡ଼ିକୁ ଯତ୍ନର ସହ ବିଡ଼ା ବାନ୍ଧି ଧୀରେ ଧୀରେ ସିଧା କରି ଠିଆ କରନ୍ତୁ।
- ଅମଳ ହୋଇ ସାରିଥିବା ଫସଲ ଯଥା ପନିପରିବା ଏବଂ ଶସ୍ୟ ଜାତୀୟ ଫସଲକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଗୃହପାଳିତ ପ୍ରାଣୀଙ୍କୁ ଶୁଖିଲା ଆଶ୍ରୟସ୍ଥଳୀ, ବିଶୁଦ୍ଧ ପାନୀୟ ଜଳ ଓ ଦୂଷଣମୁକ୍ତ ଖାଦ୍ୟ ଯୋଗାଇ ଦିଅନ୍ତୁ। ଏହାସହ ଜଳମଗ୍ନ ଅଞ୍ଚଳରୁ ଚରାଇବାକୁ ବିରତ ରୁହନ୍ତୁ।

ୟୁଥ୍ ଅଲିମ୍ପିକ୍ସରେ ଧୀନିଧିଙ୍କୁ ଐତିହାସିକ ପଦକ



ଡକାର, ୨।୧୧ (ଏଜେନ୍ସି): ସେନେଗାଲ୍‌ର ରାଜଧାନୀ ଡକାରରେ ଚାଲିଥିବା ୟୁଥ୍ ଅଲିମ୍ପିକ୍ସର ଚତୁର୍ଥ ସଂସ୍କରଣରେ ଭାରତକୁ ସନ୍ତରଣରେ ଐତିହାସିକ କାଂସ୍ୟ ପଦକ ମିଳିଛି। ପ୍ରତିଯୋଗିତାର ତୃତୀୟ ଦିବସରେ ସୋମବାର ଭାରତର ଧୀନିଧି ଦେଶିଙ୍ଗୁ ବାଳିକା ସନ୍ତରଣର ୧୦୦ ମିଟର ଫ୍ରିଷ୍ଟାଇଲ ରେସରେ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲେ। ଧୀନିଧି ୫୬.୨୭ ସେକେଣ୍ଡ ସମୟ ନେଇ ଏହି ଦୂରତାକୁ ଅତିକ୍ରମ କରିଥିଲେ। ଯାହାକି ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ଟାଇମିଂ ମଧ୍ୟ ହୋଇଛି। ଏଥିରେ କ୍ରୋଏସିଆର ଆନା ବୋବାନୋଭିକ (୫୫.୮୯ ସେକେଣ୍ଡ) ଓ ନ୍ୟୁଜିଲାଣ୍ଡର ଆଲିସା ଲସନ (୫୬.୧୩ ସେକେଣ୍ଡ) ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଛନ୍ତି। ଧୀନିଧି ଏଥିସହ ଭାରତର ପ୍ରଥମ ସନ୍ତରଣକାରୀ ଭାବରେ ୟୁଥ୍ ଅଲିମ୍ପିକ୍ସରେ ପଦକ ଜିତିବାର ସୌଭାଗ୍ୟ ଲାଭ କରିଛନ୍ତି।

■ ରାଇଜିଂ ଷ୍ଟାର ଏସିଆ କପ୍‌ରେ ତିଳକଙ୍କୁ ନେତୃତ୍ୱ

ଭାରତ-ପାକିସ୍ତାନ ଲଢ଼େଇ ୨୨ରେ

ମୁମ୍ବଇ, ୨।୧୧ (ଏଜେନ୍ସି): ରାଇଜିଂ ଷ୍ଟାର୍ ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସଂସ୍କରଣ ନଭେମ୍ବର ୧୯ ତାରିଖରୁ କାତାରରେ ଆରମ୍ଭ ହେବାକୁଯାଉଛି। ଏହି ଆଠଦଳୀୟ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଲାଗି ସୋମବାର ଭାରତ-ଏ ଦଳ ଘୋଷଣା କରାଯାଇଛି। ତିଳକ ବର୍ମାଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ଭାର ଦିଆଯାଇଛି। ଘୋଷିତ ଦଳରେ ବିଶ୍ୱର ଏକ ନମ୍ବର ଟି-୨୦ ବ୍ୟାଟର୍ ଅଭିଷେକ ଶର୍ମା, ଯୁବ ବିସ୍ଫୋରକ ଓପନର ବୈଭବ ସୂର୍ଯ୍ୟବଂଶୀଙ୍କୁ ସୁଯୋଗ ମିଳିଛି। ପାକିସ୍ତାନ, ନେପାଳ ଓ ୟୁଏଇ ସହ ଭାରତ-ଏ ଦଳ ପ୍ରତିଯୋଗିତାରେ ଗ୍ରୁପ୍-ବି'ରେ ସ୍ଥାନ ପାଇଛି। ନଭେମ୍ବର ୨୦ ତାରିଖରେ ନେପାଳ ବିପକ୍ଷରେ ଖେଳି ଭାରତ ଅଭିଯାନ ଆରମ୍ଭ କରିବ। ଭାରତ-ଏ ଏହାର ଦ୍ୱିତୀୟ ମ୍ୟାଚରେ ୨୨ ତାରିଖରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ। ଏହାପରେ ଶେଷ ମ୍ୟାଚରେ ନଭେମ୍ବର ୨୪ରେ ୟୁଏଇ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ପ୍ରତି ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ।

ଘୋଷିତ ଭାରତ-ଏ ଦଳ

ଅଭିଷେକ ଶର୍ମା, ବୈଭବ ସୂର୍ଯ୍ୟବଂଶୀ, ପ୍ରଭସିମରନ ସିଂହ, କୁମାର କୁଶାଗ୍ର (ଉଭୟ ୱିକେଟକିପର), ତିଲକ ବର୍ମା (ଅଧିନାୟକ), ରଜତ ପାଟିଦାର (ଉପ-ଅଧିନାୟକ), ରିଙ୍କୁ ସିଂ, ସୂର୍ଯ୍ୟାଂଶ ଶେଜଦେ, ଶାହବାଜ ଅହମ୍ମଦ, ବିପରାଜ ନିଗମ, ହର୍ଷ ଦୁବେ, ତନୁଶ କୋଟିଆନ, ହର୍ଷିତ ରାଣା, ପ୍ରିନ୍ସ ଯାଦବ, ଅର୍ଶଦ ଖାନ।

ଗୋଟିଏ ଦିନ ପରେ ଦିନିକିଆ ସିରିଜ୍; ଟେଷ୍ଟ ସିରିଜ୍ ୧୯ରୁ

ଆହତ ସମସ୍ୟାରେ ଭାରତ ଓ ନ୍ୟୁଜିଲାଣ୍ଡ

ଅକ୍‌ଲାଣ୍ଡ,୨।୧୧(ଏଜେନ୍ସି)

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ହାଇଭୋଲେଟଜ ଟି-୨୦ ସିରିଜ୍ ଗତକାଲି ଶେଷ ହୋଇଛି। ଏହା ପରେ ଦୁଇ ଦେଶ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଗୋଟିଏ ଦିନ ପରେ ଅର୍ଥାତ ନଭେମ୍ବର ୪ରୁ ଏବଂ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ନଭେମ୍ବର ୧୯ରୁ ଆରମ୍ଭ ହେବ। କ୍ରମାଗତ କ୍ରିକେଟ ଖେଳିବା ପରେ ଉଭୟ ଦଳର ଏକାଧିକ ଷ୍ଟାର ଖେଳାଳି ଆହତ ସମସ୍ୟାରେ ପଡ଼ିଛନ୍ତି। ଟି-୨୦ ସିରିଜ୍‌ରେ ଘରୋଇ ଦଳର ୩ଜଣ ପ୍ରମୁଖ ଫାଷ୍ଟ ବୋଲର ଆଘାତ ଯୋଗୁଁ ଖେଳି ପାରି ନ ଥିଲେ। ଏବେ ଦିନିକିଆ ଓ ଟେଷ୍ଟ ସିରିଜ୍ ଲାଗି ମନୋନୀତ ହୋଇଥିବା ଦୁଇ ଅଲରାଉଣ୍ଡର ରାଚିନ ରବୀନ୍ଦ୍ର ଓ ମାର୍କ ଚାପମ୍ୟାନ୍ ଦଳରୁ ବାଦ୍ ପଡ଼ିଛନ୍ତି। ଏଣୁ ଗୁରୁତ୍ୱପୂର୍ଣ୍ଣ ଖେଳାଳିଙ୍କ ଅନୁପସ୍ଥିତିରେ ଟିମ୍ ମ୍ୟାନେଜମେଣ୍ଟକୁ ବାରମ୍ବାର ସମୀକରଣ ଓ ରଣନୀତି ପରିବର୍ତ୍ତନ କରିବାକୁ ପଡୁଛି। ଦଳରେ ଯୋଗ୍ୟ ଖେଳାଳିଙ୍କ ବଦଳରେ ଅନ୍ୟମାନଙ୍କୁ ସୁଯୋଗ ମିଳୁଛି। ସେମାନଙ୍କ ମଧ୍ୟରୁ କେହି କ୍ଲିକ୍ କରୁଛନ୍ତି ତ ଆଉ କେହି ରଣନୀତି ସହ ଖାପ୍ ଖୁଆଇ ପାରୁନାହାନ୍ତି।

କ୍ରିଷ୍ଟା ଆଉଟ, ପନ୍ତଙ୍କୁ ନେଇ ସନ୍ଦେହ

ସେହିପରି ଭାରତର ଅବସ୍ଥା ମଧ୍ୟ ସମାନ। ଦିନିକିଆ ସିରିଜ୍ ପୂର୍ବରୁ ଫାଷ୍ଟ ବୋଲର ପ୍ରସିଦ୍ଧ କ୍ରିଷ୍ଣା ଫିଟ ହୋଇପାରିଲେ ନାହିଁ। ଫଳରେ ତାଙ୍କୁ ବାଦ୍ ଦିଆଯାଇ ଆକିବ୍ ନବିଙ୍କୁ ଦଳରେ ସାମିଲ କରାଯାଇଛି। ପୂର୍ବରୁ ନଂ-୧ ଟେଷ୍ଟ ୱିକେଟକିପର ଋଷଭ ପନ୍ତ ଇରାନି କପ୍ ଖେଳିଲାବେଳେ ଆହତ ହୋଇଥିଲେ। ଫିଟ୍ ହେବା ଲାଗି ତାଙ୍କୁ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ରଖାଯାଇଥିଲା। ଏହା ପରେ ତାଙ୍କୁ ନ୍ୟୁଜିଲାଣ୍ଡ-ଏ' ବିପକ୍ଷ ଅନ୍‌ଅଫିସିଆଲ ଟେଷ୍ଟ ସିରିଜ୍ ଲାଗି ଭାରତ-ଏ' ଦଳରେ ଏବଂ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳରେ ଚୟନ କରାଯାଇଥିଲା। କିନ୍ତୁ ଗତକାଲି ହୋଇଥିବା ଫିଟ୍‌ନେସ୍ ଟେଷ୍ଟରେ ସେ ଫେଲ୍ ମାରିଛନ୍ତି। ଅବଶ୍ୟ ତାଙ୍କର ଆଉଥରେ ଫିଟ୍‌ନେସ୍ ଟେଷ୍ଟ ଆସନ୍ତା ଦିନେ କିମ୍ବା ଦୁଇ ଦିନରେ ହେବ। ଏଥିରେ ସେ ଫିଟ୍ ଘୋଷିତ ହେଲେ ନ୍ୟୁଜିଲାଣ୍ଡ ଯିବେ। ସେ ଫିଟ୍ ରହିଲେ ନଭେମ୍ବର ୭ରୁ ଖେଳାଯିବାକୁ ଥିବା ତୃତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଖେଳିବେ। ତାଙ୍କ ବଦଳରେ ଦଳରେ ଥିବା ଧ୍ରୁବ ଜୁରେଲ ଏବେ ଭାରତ-ଏ' ଦଳର ନେତୃତ୍ୱ ନେଉଛନ୍ତି ଓ ଶତକ ହାସଲ କରି ଟେଷ୍ଟ ଦଳରେ ସାମିଲ ହେବାର ଦାବି ଉପସ୍ଥାପନ କରିଛନ୍ତି। ଏହା ମଧ୍ୟରେ ଫିଟ୍ ହୋଇଥିବା ଯଶପ୍ରୀତ୍ ବୁମ୍ରା ନ୍ୟୁଜିଲାଣ୍ଡରେ ପହଞ୍ଚିଛନ୍ତି।




ଅକ୍‌ଲାଣ୍ଡରେ ଅଭ୍ୟାସରତ ଶୁବମନ ଗିଲ୍ ଓ ରୋହିତ ଶର୍ମା

ନ୍ୟୁଜିଲାଣ୍ଡ-ଏ ପ୍ରଥମ ଇନିଂସ ଅଗ୍ରଣୀ

ଲିନକନ୍: ବ୍ୟାଟର ନଂ-୯ ଫ୍ରେଜର ଶିଟ୍‌ଙ୍କ ୪୦, ନଂ-୧୦ ଜେଡେନ ଲେନକ୍ସଙ୍କ ଅପରାଜିତ ୩୨ ଓ ନଂ-୧୧ ଜାରଡ ମ୍ୟାକକୟଙ୍କ ୩୩ ରନ୍ ସହାୟତାରେ ଏଠାରେ ଭାରତ-ଏ' ସହ ଚାଲିଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ନ୍ୟୁଜିଲାଣ୍ଡ -ଏ ପ୍ରଥମ ଇନିଂସ ଅଗ୍ରଣୀ ନେଇଛି। ପୂର୍ବରୁ ନ୍ୟୁଜିଲାଣ୍ଡ ୧୩ ରନ୍‌ରେ ୩ ୱିକେଟ ହରାଇବା ପରେ ମାଥ୍ୟୁ ବୋୟଲ ଓ ଡିନ୍ ଫକ୍ସକ୍ରଫ୍ଟ ଚତୁର୍ଥ ୱିକେଟରେ ୨୦୭ ରନ୍ କରି ଦଳକୁ ବିପର୍ଯ୍ୟୟରୁ ଉଦ୍ଧାର କରିବା ସହ ଇନିଂସ ଅଗ୍ରଣୀର ମୂଳଦୁଆ ପକାଇଥିଲେ। ବୋୟଲ ୧୧୦ ଓ ଫକ୍ସଫୋର୍ଟ ୯୩ ରନ୍ କରିଥିଲେ। ମିଚେଲ ହେ ୩୧ ଓ କ୍ରିଷ୍ଟିଆନ କ୍ଲାର୍କଙ୍କ ୪୧ ରନ୍ ଉପଯୋଗୀ ଯୋଗଦାନ ରହିଥିଲା। ମୁକେଶ କୁମାରଙ୍କ ୫ ୱିକେଟ ଏବଂ ମହମ୍ମଦ ସିରାଜ ୪ଟି ୱିକେଟ ନେବା ସତ୍ତ୍ୱେ ଭାରତ-ଏ' ପଛରେ ପଡ଼ିଯାଇଥିଲା। ୭୮ ରନ୍‌ରେ ପଛୁଆ ଥିବା ଭାରତ-ଏ' ଦ୍ୱିତୀୟ ଇନିଂସରେ କୌଣସି ୱିକେଟ ନ ହରାଇ ୩୨ ରନ୍ ସଂଗ୍ରହ କରିନେଇଛି। ତୃତୀୟ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଯଶସ୍ୱୀ ଜୟସ୍ୱାଲ ୨୦ ଓ ସାଇ ସୁଦର୍ଶନ ୧୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତ-ଏ' ପକ୍ଷରୁ ୩ଟି ଇନିଂସ ଖେଳି ଫେଲ୍ ମାରିଥିବା ଜୟସ୍ୱାଲ ଦ୍ୱିତୀୟ ଇନିଂସରେ ଭଲ ଆରମ୍ଭ କରିଛନ୍ତି। ଏଥର ସେ ବଡ଼ ସ୍କୋର କରିବେ କି ନାହିଁ, ଦେଖିବାକୁ ବାକି ରହିଲା।

● ରାଜ୍ୟ ମହିଳା ଚେସ୍ ଆରମ୍ଭ

ଦ୍ୱିତୀୟ ରାଉଣ୍ଡ ସୁଦ୍ଧା ୧୪ ଅଗ୍ରଣୀ



ଭୁବନେଶ୍ୱର,୨।୧୧(ସମିସ): ଜଗତ୍‌ସିଂହପୁର ଜିଲ୍ଲା ଚେସ୍ ସଂଘ ଏବଂ ଅଲ୍‌ଓଡ଼ିଶା ଚେସ୍ ସଂଘ (ଏଓସିଏ)ର ମିଳିତ ଆନୁକୂଲ୍ୟରେ ରାଜ୍ୟ ସିନିଅର ମହିଳା ଫିଡେ ରେଟେଡ ଚେସ୍ ଚାମ୍ପିଅନସିପ୍ ଆଜି କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ପ୍ରତିଯୋଗିତାରେ ୩୪ଜଣ ରେଟେଡ ଖେଳାଳିଙ୍କ ସମେତ ମୋଟ ୬୬ଜଣ ଖେଳାଳି ଭାଗ ନେଇଛନ୍ତି। ପ୍ରଥମ ଦିନ ୨ ରାଉଣ୍ଡ ଖେଳ ହୋଇଥିଲାବେଳେ ଯଶିତା ରାଉତ, ନୈନିକା ସାହୁ ଓ ସ୍ମାରକୀ ମହାନ୍ତିଙ୍କ ସମେତ ୧୪ଜଣ ଖେଳାଳି ୨ ପଏଣ୍ଟ ପାଇ ଅଗ୍ରଣୀ ରହିଛନ୍ତି। ଟୁର୍ଣ୍ଣାମେଣ୍ଟକୁ ସ୍ୱତନ୍ତ୍ର ଅତିଥି ତଥା ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଆୟୋଜକ ଜଗତ୍‌ସିଂହପୁର ଜିଲ୍ଲା ଚେସ ସଂଘ ସମ୍ପାଦକ ଗଗନେନ୍ଦୁ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଏଓସିଏ କାର୍ଯ୍ୟକାରୀ ସମ୍ପାଦକ ଭବେଶ ମହାନ୍ତି, କୋଷାଧ୍ୟକ୍ଷ ବିବି ମିଶ୍ର, ଏସ୍ ସତ୍ୟକାମଲ ଆଇଏମ୍ ସିଦ୍ଧାନ୍ତଙ୍କ ପିତା ମୁକ୍ତିକାନ୍ତ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

ୱାଇଏମ୍‌ସିଏ'ରେ ସ୍କୁଲ ଓପନ ଚେସ୍

ଭୁବନେଶ୍ୱର,୨।୧୧(ସମିସ): ଓଡ଼ିଶାରେ ଟେବୁଲ ଟେନିସ ଖେଳକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା କଟକର ୟଙ୍ଗ ମେନ୍ସ କ୍ରିଷ୍ଟିଆନ ଆସୋସିଏସନ (ୱାଇଏମ୍‌ସିଏ) ଏବେ ଚେସ୍ ଖେଳ ଉପରେ ନଜର ପକାଇଛି। ଏଥିଲାଗି ପ୍ରଥମ ପଦକ୍ଷେପ ସ୍ୱରୂପ କଟକ ଜିଲ୍ଲା ଚେସ ସଂଘ ସହଯୋଗରେ ଏକ ରାଜ୍ୟସ୍ତରୀୟ ସ୍କୁଲ ଓପନ ଚେସ୍ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି। ଏହି ଟୁର୍ଣ୍ଣାମେଣ୍ଟ ୱାଇଏମ୍‌ସିଏ ପରିସରରେ ନଭେମ୍ବର ୭ରେ ୭ ରାଉଣ୍ଡ ବିଶିଷ୍ଟ ଖେଳାଯିବ। ଗୋଟିଏ ଦିନରେ ଏଭଳି ଏକ ପ୍ରତିଯୋଗିତା ଖେଳାଳିଙ୍କ ଲାଗି କଷ୍ଟକର ହେବ। ଟୁର୍ଣ୍ଣାମେଣ୍ଟରେ ମୋଟ ପୁରସ୍କାର ମାତ୍ର ୨୧,୦୦୦ ଓ ପ୍ରବେଶିକା ଦେୟ ୬୦୦ ଟଙ୍କା ରଖାଯାଇଛି।

ଏସିଆନ ଚାମ୍ପିଅନ୍ସ ଟ୍ରଫି

ଭାରତ-ଦକ୍ଷିଣ କୋରିଆ ସେମିଫାଇନାଲ



ଜଳନ୍ଧର, ୨।୧୧ (ଏଜେନ୍ସି): ପଞ୍ଜାବରେ ଚାଲିଥିବା ଏସିଆନ ଚାମ୍ପିଅନ୍ ଟ୍ରଫି ପୁରୁଷ ହକି ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ ଆୟୋଜକ ଭାରତ ଓ ଦକ୍ଷିଣ କୋରିଆ ସାମ୍ନାସାମ୍ନି ହେବେ। ମୋହାଲି ଇଣ୍ଟରନ୍ୟାସନାଲ ହକି ଷ୍ଟାଡିୟମରେ ବୁଧବାର ଏହି ମ୍ୟାଚ୍ ଖେଳାଯିବ। ସେହିଭଳି ଜାପାନ ଓ ମାଲେସିଆ ଦ୍ୱିତୀୟ ସେମିଫାଇନାଲ ସେହିଦିନ ପରସ୍ପରକୁ ଭେଟିବେ। ରେକର୍ଡ ପାଞ୍ଚଥରର ବିଜେତା ଭାରତ ଏହାର ଶେଷ ରାଉଣ୍ଡ-ରବିନ ମ୍ୟାଚରେ ସୋମବାର ୮-୦ ଗୋଲ୍‌ରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ଭାରତ ପକ୍ଷରୁ ଦିଲପ୍ରୀତ୍ ସିଂହ ସର୍ବାଧିକ ୨ଟି ଗୋଲ୍ ଦେଇଥିଲେ। ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରାଙ୍କୁ ମିଶାଇ ୬ଜଣ ଖେଳାଳି ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଛନ୍ତି। ପୂର୍ବରୁ ବାଂଲାଦେଶ (୧୩-୦ ଗୋଲ୍), ଚାଇନା (୫-୨), ଜାପାନ (୪-୧) ଓ ମାଲେସିଆ (୪-୨)କୁ ପରାସ୍ତ କରିଥିବା ଭାରତର ଏହା କ୍ରମାଗତ ପଞ୍ଚମ ବିଜୟ ଥିଲା। ପାଞ୍ଚଟି ମ୍ୟାଚରୁ ସର୍ବାଧିକ ୧୫ ପଏଣ୍ଟ ପାଇ ଭାରତ ଟେବୁଲର ଶୀର୍ଷ ସ୍ଥାନରେ ରହି ସେମିଫାଇନାଲରେ ପହଞ୍ଚିଛି। ଅପରପକ୍ଷରେ ଦକ୍ଷିଣ କୋରିଆ ସମାନ ସଂଖ୍ୟକ ମ୍ୟାଚରୁ ମାତ୍ର ୨ଟି ବିଜୟ ସହ ୬ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହି ସେମିଫାଇନାଲ ଖେଳିବ। ତେଣୁ ସେମିଫାଇନାଲରେ ପୁଣିଥରେ ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ଲଢ଼େଇ ଦେଖିବାକୁ ମିଳିବ। ଜାପାନ (୧୦ ପଏଣ୍ଟ) ଓ ମାଲେସିଆ (୯) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି।

ବର୍ଷା ବାଧାପ୍ରାପ୍ତ ରଣଜୀ ଟ୍ରଫିରେ ରାଜେଶଙ୍କ ଘାତକ ବୋଲିଂ

୨୫ ଓଭର ଖେଳରେ ଝାଡ଼ଖଣ୍ଡ ୩୭/୩

ଭୁବନେଶ୍ୱର,୨।୧୧ (ସମିସ): ସ୍ଥାନୀୟ କିଟ୍ ଷ୍ଟାଡିୟମ୍‌ରେ ରଣଜୀ ଟ୍ରଫି ଏଲିଟ୍ ଗ୍ରୁପ୍-ସି ମୁକାବିଲାରେ ସୋମବାର ଘରୋଇ ଓଡ଼ିଶା ବନାମ ଝାଡ଼ଖଣ୍ଡ ମୁହାଁମୁହିଁ ହୋଇଛନ୍ତି। ପ୍ରଥମ ଦିନରେ ଓଡ଼ିଶା ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ଯୋଗୁଁ ଝାଡ଼ଖଣ୍ଡର ବ୍ୟାଟିଂ ଲାଇନ୍‌ଅପ୍ ଚାପରେ ରହିଛି। ତେବେ ବର୍ଷା କାରଣରୁ ପ୍ରଥମ ଦିନରେ ମାତ୍ର ୨୫ ଓଭର ଖେଳ ସମ୍ଭବ ହୋଇଛି। ବର୍ଷା ଯୋଗୁଁ ମ୍ୟାଚ୍ ପ୍ରାୟ ସାଢେ ୩ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ୧୨ଟା ୩୮ରେ ଖେଳ ଆରମ୍ଭ ହୋଇଥିଲା। ଚା'ପାନ ବିରତି ପର୍ଯ୍ୟନ୍ତ ଖେଳ ସ୍ୱାଭାବିକ ରହିଥିଲେ ମଧ୍ୟ ପରେ ପୁଣି ବର୍ଷା ଓ ଖରାପ ଆଲୋକ ଯୋଗୁଁ ଖେଳ ବାଧାପ୍ରାପ୍ତ ହୋଇଥିଲା। ଉଭୟ ଦଳ ଚଳିତ ସିଜନରେ ପ୍ରଥମ ମ୍ୟାଚ୍ ଜିତିବାକୁ ଆଶା ରଖିଥିଲାବେଳେ ମୁରାସୁ ବାତ୍ୟାଜନିତ ବର୍ଷା ଏହି ଲକ୍ଷ୍ୟରେ ପ୍ରତିବନ୍ଧକ ସାଜିଛି।

ଟସ୍ ଜିତି ଓଡ଼ିଶା ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଷ୍ଟମ୍ପ ଅପସାରଣ ବେଳକୁ ଝାଡ଼ଖଣ୍ଡ ପ୍ରଥମ ଇନିଂସରେ ୨୫ ଓଭର ଖେଳି ୩ ୱିକେଟ୍ ହରାଇ ୩୭ ରନ୍ ସଂଗ୍ରହ କରିଛି। ଅଧିନାୟକ ବିରାଟ ସିଂହ ୧୪ ଓ ଆଦିତ୍ୟ ଚନ୍ଦ୍ରେଶ ସିଂହ ୧୦ ରନ୍ କରି ଅପରାଜିତ ଅଛନ୍ତି। ଓଡ଼ିଶା ପକ୍ଷରୁ ଡାହାଣହାତୀ ଦ୍ରୁତ ବୋଲର ରାଜେଶ ମହାନ୍ତି ପ୍ରଭାବୀ ସ୍ପେଲ୍ ପକାଇ ୨ଟି ୱିକେଟ୍ ଦଖଲ କରିଛନ୍ତି। ସେ ୯ ଓଭରରେ ୪ଟି ମେଡେନ୍ ସହ ମାତ୍ର ୧୫ ରନ୍ ବ୍ୟୟ କରିଛନ୍ତି। ଆର୍ଯ୍ୟମାନ ସେନ୍ (୧) ଓ ଉତ୍କର୍ଷ ସିଂହ (୬) ତାଙ୍କ ଶିକାର ହୋଇଛନ୍ତି। ଶରଣଦୀପ ସିଂହ (୫) ଅନିଲ ପରିଡ଼ାଙ୍କ ଚମତ୍କାର ଡାଇରେକ୍ଟ ଥ୍ରୋରେ ରନ୍‌ଆଉଟ୍ ହୋଇଥିଲେ। ଲଳିତ ଏମ୍. ଯାଦବ ୯ ଓଭରରେ ୧୪ ରନ୍ ଏବଂ ପ୍ରଶାନ୍ତ ରଣା ୭ ଓଭରରେ ମାତ୍ର ୭ ରନ୍ ବ୍ୟୟ କରିଛନ୍ତି। ଦ୍ୱିତୀୟ ଦିନରେ ଝାଡ଼ଖଣ୍ଡର ଅବଶିଷ୍ଟ ୱିକେଟ୍ ଶୀଘ୍ର ଅକ୍ତିଆର କରିବା ଓଡ଼ିଶା ବୋଲରଙ୍କ ଲକ୍ଷ୍ୟ ରହିଛି। ତେବେ ଦ୍ୱିତୀୟ ଦିନରେ ମଧ୍ୟ ବାତ୍ୟା ମୁରାସୁ ଜନିତ ବର୍ଷା ଯୋଗୁ ଖେଳ ବାଧାପ୍ରାପ୍ତ ହେବାର ଯଥେଷ୍ଟ ଆଶଙ୍କା ରହିଛି।



ସଂକ୍ଷିପ୍ତ ସ୍କୋର

ଝାଡ଼ଖଣ୍ଡ ପ୍ରଥମ ଇନିଂସ: ୩୭/୩,୨୫ ଓଭର (ବିରାଟ ସିଂହ- ଅପରାଜିତ ୧୪, ଆଦିତ୍ୟ ସିଂହ- ଅପରାଜିତ ୧୦, ରାଜେଶ ମହାନ୍ତି ୯-୪-୧୫-୨, ପ୍ରଶାନ୍ତ ରଣା ୭-୫-୭-୦।)

■ ଓସିଏ ନିର୍ବାଚନ ମାମଲା

୨୦ରେ ହାଇକୋର୍ଟଙ୍କ ପରବର୍ତ୍ତୀ ଶୁଣାଣି


ଜାତୀୟ କ୍ରୀଡ଼ା ପରିଚାଳନା ଆଇନର ପ୍ରଯୁଜ୍ୟତା ନେଇ ୧୬ରେ ସୁପ୍ରିମକୋର୍ଟରେ ଶୁଣାଣି

କଟକ,୨।୧୧(ସମିସ): ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ) ନିର୍ବାଚନକୁ ନେଇ ଚାଲିଥିବା ଆଇନଗତ ବିବାଦର ନଭେମ୍ବର ୨୦ ତାରିଖରେ ପରବର୍ତ୍ତୀ ଶୁଣାଣି ହେବ। ସୋମବାର ଓଡ଼ିଶା ହାଇକୋର୍ଟରେ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କ ଖଣ୍ଡପୀଠ ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓସିଏ କାଉନସିଲରେ ନିର୍ବାଚନ କରାଇବା ସମ୍ପର୍କରେ ନିଷ୍ପତ୍ତି ହୋଇଥିବା ନେଇ ଅଦାଲତଙ୍କୁ ଅବଗତ କରାଯାଇଛି। ପରବର୍ତ୍ତୀ ଶୁଣାଣି ପୂର୍ବରୁ ଏହି ସତ୍ୟପାଠ ଦାଖଲ କରିବାକୁ ପଡ଼ିବ। ତେବେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ସୁପ୍ରିମକୋର୍ଟଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବିଚାର ଉପରେ ମଧ୍ୟ ନିର୍ଭର କରୁଛି। ଜାତୀୟ କ୍ରୀଡ଼ା ପରିଚାଳନା ଆଇନ, ୨୦୨୫ କ୍ରିକେଟ୍ ଏବଂ ରାଜ୍ୟ କ୍ରିକେଟ୍ ସଂଘଗୁଡ଼ିକ ପାଇଁ ପ୍ରଯୁଜ୍ୟ କି ନୁହେଁ, ସେନେଇ ନଭେମ୍ବର ୧୬ ତାରିଖରେ ସୁପ୍ରିମକୋର୍ଟରେ ଶୁଣାଣି ହେବ। ଏହାର ରାୟ ଓସିଏ ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଭାବ ପକାଇପାରେ। ଉଲ୍ଲେଖଯୋଗ୍ୟ, ଓସିଏ ନିର୍ବାଚନ ଶୀଘ୍ର କରାଇବା ଦାବିରେ ପୂର୍ବତନ ରଣଜୀ ଖେଳାଳି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଏବଂ କଟକର ସନରାଇଜ୍ କ୍ଲବ୍ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଛି। ଓସିଏର ନିର୍ବାଚିତ କମିଟିର କାର୍ଯ୍ୟକାଳ ଶେଷ ହୋଇଥିବା ଦର୍ଶାଇ ଆବେଦନକାରୀମାନେ ବର୍ତ୍ତମାନର କର୍ମକର୍ତ୍ତାଙ୍କୁ ନୀତିଗତ ଓ ଆର୍ଥିକ ନିଷ୍ପତ୍ତି ନେବାରୁ ବିରତ ରଖିବାକୁ ଦାବି କରିଛନ୍ତି। ଏଥିସହ ଓସିଏର ପରିଚାଳନା ପାଇଁ ଜଣେ ପ୍ରଶାସକ ନିଯୁକ୍ତ କରିବାକୁ ମଧ୍ୟ ସେମାନେ ଅଦାଲତଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

ରାଜ୍ୟ ସବ୍‌ଜୁନିଅର ରଗ୍‌ବୀ ଉଦ୍‌ଯାପିତ

ଫ୍ୟୁଚର ଷ୍ଟାର୍ ଓ କିସ୍ ଚାମ୍ପିଅନ





ଦଶରଥପୁର,୨।୧୧(ସମିସ)

ମୟୁରଭଞ୍ଜର ଫ୍ୟୁଚର ଷ୍ଟାର ଏବଂ ଭୁବନେଶ୍ୱରର କିସ୍ ରାଜ୍ୟ ୧୫ ବର୍ଷରୁ କମ୍ ସବ୍‌ଜୁନିଅର ରଗବୀ ଚାମ୍ପିଅନ ହୋଇଛନ୍ତି। ଓଡ଼ିଶା ଏବଂ ଯାଜପୁର ରଗବୀ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଦଶରଥପୁର ହାଇସ୍କୁଲସ୍ଥିତ ଦିଲୀପ ତିର୍କୀ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ କିସ୍‌କୁ ୧୫-୧୦ରେ ପରାସ୍ତ କରି ମୟୂରଭଞ୍ଜର ଫ୍ୟୁଚର ଷ୍ଟାର ବାଳକ ବିଭାଗରେ ଚାମ୍ପିଅନ ହୋଇଛି। ଯାଜପୁର ଜିଲ୍ଲା ତୃତୀୟ ଓ ଜଗତ୍‌ସିଂହପୁର ଚତୁର୍ଥ ସ୍ଥାନ ଅଧିକାର କରିଛି। ସେହିପରି ଜଗତ୍‌ସିଂହପୁରକୁ ୧୫-୫ରେ ହରାଇ କିସ୍ ବାଳିକା ବିଭାଗରେ ଟାଇଟଲ କବ୍‌ଜା କରିଛି। ଫ୍ୟୁଚର ଷ୍ଟାର ତୃତୀୟ ଓ କେନ୍ଦୁଝର ଚତୁର୍ଥ ସ୍ଥାନରେ ରହିଛି। ବାସୁଦେବ ତରାଇ ଓ ବିଷ୍ଣୁପ୍ରିୟା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଖେଳ ଆୟୋଜିତ ହୋଇଥିଲା।

ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟକୁ ଓଡ଼ିଶା ରାଜ୍ୟ ରଗବୀ ଆସୋସିଏସନର ଉପସଭାପତି ଉପେନ୍ଦ୍ର ମହାନ୍ତି ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଦଶରଥପୁର ଆଇଆଇସି ସୁବ୍ରତ କୁମାର ସାହୁ, ଦଶରଥପୁର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ରଜନୀକାନ୍ତ ମଲିକ, ଉଚ୍ଚତର ବିଦ୍ୟାଳୟର ଅଧ୍ୟକ୍ଷ କୈଳାସ ସେନାପତି ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ସଂଘ ସଭାପତି ନାରାୟଣ ସାହୁ, ସମ୍ପାଦକ ଭରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଅଭିଷେକ, ମିଶାଲ ପରାସ୍ତ

ଭୁବନେଶ୍ୱର,୨।୧୧ (ସମିସ): କଟକ ସିଡିଏସ୍ଥିତ ଜିକେ ସ୍ନୁକର କ୍ଲବ୍ ପରିସରରେ ଚାଲିଥିବା ଅଲଓଡ଼ିଶା ର୍‍ୟାଙ୍କିଙ୍ଗ୍ ସ୍ନୁକର ଚାମ୍ପିଅନସିପର ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ବରିଷ୍ଠ ଖେଳାଳି ମିଶାଲ ସ୍ୱାଇଁ ଓ ଅଭିଷେକ ମହାନନ୍ଦା ପରାଜିତ ହୋଇଛନ୍ତି। ଆଜିର ଖେଳରେ ସାଗର ସ୍ୱାଇଁ ୩-୦ ଫ୍ରେମ୍‌ରେ ଅଭିଷେକଙ୍କୁ ଓ ଋତ୍ୱିକ ମହାନ୍ତି ୩-୧ ଫ୍ରେମ୍‌ରେ ମିଶାଲଙ୍କୁ ପରାସ୍ତ କରି ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଆଜି ଖେଳରେ ଆଦିତ୍ୟ ନାରାୟଣଙ୍କୁ ୩-୧ ହରାଇଥିବା ରାଜବୀର ସିଂ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ। ଅନ୍ୟ ମୁକାବିଲାରେ ଚେତନ୍ ଆନନ୍ଦ ୩-୨ରେ ଶୁଭ୍ରାଂଶୁ କରଙ୍କୁ ଅଲତାଫ ଅଲି ୩-୦ରେ ବନ୍ଦିତ ଆନନ୍ଦଙ୍କୁ, ଇନ୍ଦ୍ରଜିତ ଷଡଙ୍ଗୀ ୩-୦ରେ ଶିବପ୍ରସାଦ ସେଠୀଙ୍କୁ, ଅମିତ ସିଂ ୩-୦ରେ ଧ୍ରୁବ ମେଦ୍‌ଙ୍କୁ, ରାକେଶ ମହାନ୍ତି ୩-୧ରେ ରାହୁ ହାଲିଙ୍କୁ ହରାଇଛନ୍ତି।

ରଣଜୀ ଟ୍ରଫି ଚତୁର୍ଥ ରାଉଣ୍ଡ

ହର୍ଷ ଦୁବେଙ୍କୁ ୯ ୱିକେଟ

ନାଗପୁର, ୨।୧୧ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର ଚତୁର୍ଥ ରାଉଣ୍ଡ ମୁକାବିଲା ସୋମବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ବୋଲରଙ୍କ ପ୍ରାଧାନ୍ୟ ଦେଖିବାକୁ ମିଳିଥିଲା। ନାଗପୁରରେ ଘରୋଇ ବିଦର୍ଭ ବିପକ୍ଷରେ ଅନୁଷ୍ଠିତ ମ୍ୟାଚରେ ରଜତ ପାଟିଦାରଙ୍କ ନେତୃତ୍ୱାଧୀନ ମଧ୍ୟପ୍ରଦେଶ ପ୍ରଥମ ପାଳିରେ ମାତ୍ର ୨୦୯ ରନରେ ଅଲ୍‌ଆଉଟ୍ ହୋଇଯାଇଛି। ବିଦର୍ଭର ବାମହାତୀ ସ୍ପିନର ହର୍ଷ ଦୁବେ ଘାତକ ବୋଲିଂ କରି ଏକାକୀ ୯ଟି ୱିକେଟ ନେଇ ମଧ୍ୟପ୍ରଦେଶର ସର୍ବାଧିକ ବିପର୍ଯ୍ୟୟ ଘଟାଇଥିଲେ। ହର୍ଷ ୨୩.୪ ଓଭର ବୋଲିଂ କରି ୪ ମେଡେନ ସହ ୫୩ ରନ ବ୍ୟୟରେ ଏହି ୯ ୱିକେଟ ସଫଳତା ପାଇଥିଲେ। ଓପନର ଯଶ ଦୁବେଙ୍କ ୱିକେଟଟି ନଚିକେତ ଭୁତେଙ୍କୁ ମିଳିଥିଲା। ଏଥିସହ ରଣଜୀ ଟ୍ରଫି ଇତିହାସରେ ବିଦର୍ଭ ପାଇଁ ହର୍ଷ ଶ୍ରେଷ୍ଠ ବୋଲିଂ ଫିଗର ହାସଲ କରିଛନ୍ତି।

ରାଜସ୍ଥାନ-ହିମାଚଳ ମ୍ୟାଚରେ ୨୦ ୱିକେଟ୍ ପତନ

ଧର୍ମଶାଳାରେ ଘରୋଇ ହିମାଚଳ ପ୍ରଦେଶ ଓ ରାଜସ୍ଥାନ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ପ୍ରଥମ ଦିବସରେ ୨୦ଟି ୱିକେଟ୍‌ର ପତନ ସହ ବୋଲରଙ୍କ ଆଧିପତ୍ୟ ଦେଖିବାକୁ ମିଳିଥିଲା। ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନର ୭୮ ରନ ଜବାବରେ ହିମାଚଳ ୧୫୩ ରନରେ ସୀମିତ ରହିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY